# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୫/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, October 25/2025 | Page 14 | ₹ 7.00

୫୧ଶ ଭାଗ ୩୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 328 | ମୂଲ୍ୟ₹୭/-







# ବସ୍‌ରେ ନିଆଁ ଲାଗି ୨୦ ମୃତ

**କୁର୍ନୁଲ,୨୪।୧୦(ପି.ଟି.)**

ହାଇଦ୍ରାବାଦରୁ ବେଙ୍ଗାଲୁରୁ ଯାଉଥିବା ଏକ ଲକ୍ସୁରି ଘରୋଇ ବସ୍ ଆନ୍ଧ୍ରପ୍ରଦେଶର କୁର୍ନୁଲ ଜିଲାରେ ଗୁରୁବାର ବିଳମ୍ବିତ ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇ ନିଆଁ ଲାଗିଯିବାରୁ ୨୦ ଜଣଙ୍କ ମୃତ୍ୟୁ ଘଟିଛି। ୪୧ ଯାତ୍ରୀଙ୍କୁ ନେଇ ଯାଉଥିବା ଉକ୍ତ ବସ୍ କୁର୍ନୁଲ ଜିଲାର ଚିନ୍ନାଟେକୁର ନିକଟରେ ଏକ ବାଇକ୍‌କୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଅନେକ ମୃତଦେହ ଜଳିଯାଇଥିବାରୁ ଚିହ୍ନଟ କରାଯାଇପାରୁ ନ ଥିବାରୁ ଡିଏନ୍‌ଏ ନମୁନା ସଂଗ୍ରହ କରିବା ଲାଗି ଫୋରେନ୍‌ସିକ୍ ଟିମ୍‌କୁ ଡକାଯାଇଛି। ମର୍ମନ୍ତୁଦ ଦୁର୍ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଏବଂ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ ଦୁଃଖପ୍ରକାଶ କରିଛନ୍ତି।

ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, ବସ୍‌ଟି ମଧ୍ୟରାତ୍ରରେ ହାଇଦ୍ରାବାଦ ଛାଡ଼ିଥିବାବେଳେ ୩ଟା ୩୦ ସମୟରେ ୪୪ ନମ୍ବର ଜାତୀୟ ରାଜପଥର ଚିନ୍ନାଟେକୁର ନିକଟରେ ଏକ ବାଇକ୍‌କୁ ଧକ୍କା ଦେଇଥିଲା। ବାଇକ୍‌ଟି ବସ୍ ତଳେ ରହିଯାଇ ଅନେକ ବାଟ ଘୋଷାଡ଼ି ହେବା ସହ ଏହାର ଫୁଏଲ୍ କ୍ୟାପ୍ ଖୋଲିଯାଇଥିବାରୁ ନିଆଁ ଲାଗିଯାଇଥିଲା। ଘଟଣାସ୍ଥଳରେ ବାଇକ୍ ଚାଳକ ଏବଂ ୧୯ ବସ୍‌ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଶର୍ଟସର୍କିଟ୍ ଯୋଗୁ ବସ୍ ଡୋର୍ ଜାମ୍ ହୋଇଯିବା ସହ ସମ୍ପୂର୍ଣ୍ଣ ଜଳିଯାଇଥିଲା। ଏସି ବସ୍ ହୋଇଥିବାରୁ ୨୧ ଯାତ୍ରୀ କାଚ ଭାଙ୍ଗି ବାହାରି ଆସିଥିଲେ। ତେବେ ବିଳମ୍ବିତ ରାତିରେ ଅଧିକାଂଶ ଯାତ୍ରୀ ଶୋଇଯାଇଥିବାରୁ ସେମାନେ ବାହାରି ନ ପାରି ଜଳିଯାଇଥିଲେ। ବସ୍‌ରେ ଅଗ୍ନି ନିର୍ବାପନ ବ୍ୟବସ୍ଥା ନ ଥିଲା ବୋଲି ଡିଆଇଜି କହିଛନ୍ତି। ମାତ୍ର ୨ରୁ ୩ ମିନିଟ୍ ମଧ୍ୟରେ ବସ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ବିପରୀତ ଦିଗରୁ ଆସୁଥିବା ଜଣେ ପ୍ରତ୍ୟକ୍ଷଦର୍ଶୀ ଲୋକଙ୍କୁ ଉଦ୍ଧାର କରିବାକୁ ଚାହିଁ ମଧ୍ୟ କିଛି କରିପାରି ନ ଥିଲେ ବୋଲି କହିଛନ୍ତି। ବସ୍‌ଟି କେଉଁ ସ୍ଥିତିରେ ଥିଲା, ତାହା ଜାଣିବା ପାଇଁ ରାଜ୍ୟ ପରିବହନ ବିଭାଗ କାଗଜପତ୍ର ଯାଞ୍ଚ କରୁଥିବା ବିଭାଗୀୟ ମନ୍ତ୍ରୀ ରାମପ୍ରସାଦ ରେଡ୍ଡୀ କହିଛନ୍ତି। ଗାଡ଼ି ତଥ୍ୟ ଅନୁଯାୟୀ ବସ୍‌ଟି ୭ ବର୍ଷ ୨ ମାସ ପୂର୍ବେ ଓଡ଼ିଶାରେ ପଞ୍ଜୀକୃତ ହୋଇଥିଲା ଓ ଏହାର ଫିଟ୍‌ନେସ୍ ସାର୍ଟିଫିକେଟ ଅବଧି ୨୦୨୭ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଥିଲା। ପ୍ରଧାନମନ୍ତ୍ରୀ ମୃତକଙ୍କ ପାଇଁ ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଏବଂ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଆନ୍ଧ୍ରପ୍ରଦେଶ ସରକାର ଦୁର୍ଘଟଣାର ତଦନ୍ତ ପାଇଁ ପରିବହନ, ସଡ଼କ ଓ ରାଜସ୍ୱ ବିଭାଗର ଅଧିକାରୀମାନଙ୍କୁ ନେଇ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରିଛନ୍ତି।



ହାଇଦ୍ରାବାଦରୁ ବେଙ୍ଗାଲୁରୁ ଯାଉଥିବା ଘରୋଇ ବସ୍ ଆନ୍ଧ୍ରପ୍ରଦେଶର କୁର୍ନୁଲ ଜିଲାରେ ଦୁର୍ଘଟଣାଗ୍ରସ୍ତ ହୋଇ ହୁତୁହୁତୁ ଜଳୁଛି।

# ଆସୁଛି ବାତ୍ୟା: ଓଡ଼ିଶାରେ ବର୍ଷା

**'ମୋନ୍ଥା'**

- ଆଜି ଅବପାତ, ୨୬ରେ ଗଭୀର ଅବପାତ
- ୨୬ରୁ ୨୯ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଯିବାକୁ ବାରଣ

**ଭୁବନେଶ୍ୱର, ୨୪।୧୦ (ବନ୍ଦନା ସେଠୀ)**

ବଙ୍ଗୋପସାଗରରେ ଆସୁଛି ବାତ୍ୟା। ଏହାର ନାମ ଥାଇ ଭାଷାରେ 'ମୋନ୍ଥା'। ଇତିମଧ୍ୟରେ ଶୁକ୍ରବାର ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବାବେଳେ ଏହା ପଶ୍ଚିମ, ଉତ୍ତର-ପଶ୍ଚିମ ଦିଗକୁ ୩ କି.ମି. ବେଗରେ ଗତି କରୁଛି। ଶନିବାର ସୁଦ୍ଧା ଏହା ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଓ ପାଖାପାଖି କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଅବପାତରେ ପରିଣତ ହେବ। ୨୬ ତାରିଖ ସୁଦ୍ଧା ଅବପାତଟି କ୍ରମଶଃ ଗଭୀର ଅବପାତରେ ପରିଣତ ହୋଇ ୨୭ ତାରିଖ ସକାଳେ ବାତ୍ୟାର ରୂପ ନେଇପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଡ. ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ତେବେ ବାତ୍ୟା କେଉଁଠି ସ୍ଥଳଭାଗ ଛୁଇଁବ ଏବଂ ଓଡ଼ିଶା ଉପରେ ଏହାର ପ୍ରଭାବ କ'ଣ ରହିବ ତାହା ଜଣାପଡି ନାହିଁ। ଲଘୁଚାପଟି ଅବପାତରେ ପରିଣତ ହେବା ପରେ ହିଁ ବାତ୍ୟାର ସ୍ଥିତି ଓ ପ୍ରଭାବ ସ୍ପଷ୍ଟ ହେବ। ମାତ୍ର ଓଡ଼ିଶା ଅପେକ୍ଷା ଆନ୍ଧ୍ରପ୍ରଦେଶ ଉପରେ ବାତ୍ୟାର ପ୍ରଭାବ ଅଧିକ ପଡ଼ିପାରେ। ଏହା ପ୍ରଭାବରେ ୨୭ ତାରିଖରୁ ଓଡ଼ିଶାରେ ବର୍ଷାର ପରିମାଣ ବଢିବ। ବିଶେଷକରି ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ବର୍ଷା ସମ୍ଭାବନା ଅଧିକ ରହିବ। ୨୭ରୁ ୨୯ ତାରିଖ ୩ଦିନ ଯାଏ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ୩୦ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବ ବୋଲି ଡ. ମହାନ୍ତି ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଲଘୁଚାପ, ଅବପାତ ଓ ବାତ୍ୟା ଯୋଗୁ ସମୁଦ୍ର ଅଶାନ୍ତ ରହିବ। ତେଣୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ପ୍ରବେଶ ଉପରେ ବାରଣ କରାଯାଇଛି। ୨୬ ତାରିଖରୁ ପବନ ଆରମ୍ଭ ହେବା ସହ ଓଡ଼ିଶା ଉପକୂଳ ଓ ସଂଲଗ୍ନ ଅଞ୍ଚଳରେ ୩୫-୪୫ କି.ମି.ରୁ ୫୫ କି.ମି. ବେଗରେ ପବନ ବହିବ। ସେହିପରି ୨୭ ତାରିଖରେ ୪୫-୫୫ କି.ମି.ରୁ ୬୫ କି.ମି. ଏବଂ ୨୮ ଓ ୨୯ ତାରିଖରେ ୫୦-୬୦ କି.ମିରୁ ୭୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି। ୨୬ ତାରିଖ ପର୍ଯ୍ୟନ୍ତ ସମୁଦ୍ର ସ୍ଥିତି ମଧ୍ୟମ ଧରଣର ଅଶାନ୍ତ ରହିବ। ୨୭ ତାରିଖରେ ଏହା ଅଶାନ୍ତରୁ ଅତି ଅଶାନ୍ତ ଏବଂ ୨୮ରୁ ☞ପୃଷ୍ଠା-୪

## ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ, କେହି ଆତଙ୍କିତ ହୁଅନ୍ତୁ ନାହିଁ: ରାଜସ୍ୱ ମନ୍ତ୍ରୀ ପୂଜାରୀ

**ଭୁବନେଶ୍ୱର,୨୪।୧୦ (ରବିନାରାୟଣ ଜେନା)**

ସମ୍ଭାବ୍ୟ ବାତ୍ୟାକୁ ନେଇ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଗଣମାଧ୍ୟମକୁ ମନ୍ତ୍ରୀ ପୂଜାରୀ କହିଛନ୍ତି, ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସମ୍ଭାବ୍ୟ ବାତ୍ୟା ନେଇ ଯେଉଁ ଅନୁମାନ କରାଯାଇଛି ସେ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆକଳନ ଅନୁଯାୟୀ, ବାତ୍ୟା ଆସୁ କିମ୍ବା ନ ଆସୁ ସରକାର ସବୁବେଳେ ପ୍ରସ୍ତୁତ ରହିଛନ୍ତି। ଏନେଇ ଜନସାଧାରଣ ଆତଙ୍କିତ ହୁଅନ୍ତୁ ନାହିଁ ବୋଲି ସେ କହିଛନ୍ତି।

ମନ୍ତ୍ରୀ କହିଛନ୍ତି, ବାତ୍ୟା ସମୟରେ ଉଦ୍ଧାର କାର୍ଯ୍ୟଠାରୁ ଆରମ୍ଭ କରି ଲୋକଙ୍କୁ ସ୍ଥାନାନ୍ତର କରିବା ପର୍ଯ୍ୟନ୍ତ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରାଯାଇଛି। ଏନେଇ ସମ୍ପୃକ୍ତ ବିଭାଗ ଓ ସଂସ୍ଥାକୁ ସଜାଗ ରଖାଯାଇଛି। ବାତ୍ୟା ଆଶ୍ରୟସ୍ଥଳ ବି ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ସ୍ଥଳେ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରଣ କରି ଶୁଖିଲା ଖାଦ୍ୟ ଯୋଗାଇ ଦିଆଯିବ। ସରକାରଙ୍କ ପାଖରେ ଶୁଖିଲା ☞ପୃଷ୍ଠା-୪

## ଆଡ୍‌ମ୍ୟାନ୍ ପୀୟୂଷ ପାଣ୍ଡେଙ୍କ ପରଲୋକ



**ମୁମ୍ବାଇ,୨୪।୧୦**

ଭାରତର ଆଡ୍‌ମ୍ୟାନ୍ ଭାବେ ପରିଚିତ ବିଜ୍ଞାପନ ଲିଜେଣ୍ଡ ପୀୟୂଷ ପାଣ୍ଡେଙ୍କର ଶୁକ୍ରବାର ସକାଳେ ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୦ ବର୍ଷ ହୋଇଥିଲା। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଶାସନର ନବୀକରଣ**

# ପୋଲିସ ଏସ୍‌ଆଇ ୪ ଥର ବଳାତ୍କାର କରିଥିଲେ

ମହାରାଷ୍ଟ୍ର ସତାରା ଜିଲାରେ ଜଣେ ମହିଳା ଡାକ୍ତର ଆତ୍ମହତ୍ୟା କରିଛନ୍ତି। ଫଲ୍‌ଟନସ୍ଥିତ ଏକ ହୋଟେଲ ରୁମ୍‌ରୁ ଗୁରୁବାର ରାତିରେ ତାଙ୍କ ଝୁଲନ୍ତା ମୃତଦେହ ଠାବ ହୋଇଛି। ଜୀବନ ହାରିବା ପୂର୍ବରୁ ସେ ନିଜ ବାମହାତ ପାପୁଲିରେ ଲେଖିଥିବା ସୁଇସାଇଡ୍ ନୋଟ୍‌ରେ ଉଲ୍ଲେଖ କରିଛନ୍ତି, ପୋଲିସ ସବ୍-ଇନ୍‌ସ୍ପେକ୍ଟର (ଏସ୍‌ଆଇ) ଗୋପାଳ ବଦ୍‌ନେ ଜୁନ୍ ପରଠୁ ତାଙ୍କୁ ୪ ଥର ବଳାତ୍କାର କରିଥିଲେ। ଏପରି କି ଅନ୍ୟ ଜଣେ ପୋଲିସ ଅଧିକାରୀ ପ୍ରଶାନ୍ତ ବଙ୍କର ତାଙ୍କୁ ମାନସିକ ନିର୍ଯାତନା ଦେଇଥିଲେ। ଏସବୁ ଅସହ୍ୟ ହେବାରୁ ସେ ପୋଲିସ ବିଭାଗର ଉଚ୍ଚ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ସେ ଆତ୍ମହତ୍ୟା କରିବା ଭଳି ଚରମ ପନ୍ଥା ଆପଣାଇଛନ୍ତି। ଏହି ଘଟଣା ସାମ୍ନାକୁ ଆସିବା ପରେ ମହାରାଷ୍ଟ୍ର ରାଜନୀତି ସରଗରମ ହୋଇଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଅଭିଯୁକ୍ତ ଗୋପାଳଙ୍କୁ ନିଲମ୍ବନ କରାଯାଇଛି।

**ମୃତ ମହିଳା ଡାକ୍ତରଙ୍କ ହାତ ପାପୁଲିରେ ସୁଇସାଇଡ୍ ନୋଟ୍**





ଗୋପାଳ ବଦ୍‌ନେ

**ପୁଣେ/ମୁମ୍ବାଇ,୨୪।୧୦ (ପି.ଟି./ଏଜେନ୍ସି)**

ମହାରାଷ୍ଟ୍ର ସତାରା ଜିଲା ଫଲ୍‌ଟନ ସବ୍-ଡିଷ୍ଟ୍ରିକ୍ଟ ହସ୍ପିଟାଲରେ ବିଦ୍ ଜିଲାର ୨୮ ବର୍ଷୀୟା ମହିଳା ଡାକ୍ତର ଜଣକ ୨ ବର୍ଷ ହେଲା ମେଡିକାଲ ଅଫିସର ଭାବେ କାର୍ଯ୍ୟରତ ଥିଲେ। ସେ ଅନ୍ୟ ଜଣେ ପୋଲିସ ଅଧିକାରୀ ପ୍ରଶାନ୍ତ ବଙ୍କରଙ୍କ ବାପାଙ୍କ ମାଲିକାନାରେ ଥିବା ଏକ ଫ୍ଲାଟ୍‌ରେ ଭଡ଼ାରେ ରହୁଥିଲେ। ତାଙ୍କୁ ପୋଲିସ ଏସ୍‌ଆଇ ଗୋପାଳ ବଦ୍‌ନେ ବଳାତ୍କାର କରିଥିବା ନେଇ ସେ ଫଲ୍‌ଟନ ସବ୍-ଡିଭିଜନାଲ ଅଫିସରେ ଗତ ଜୁନ୍ ୧୯ରେ ଡିଏସ୍‌ପିଙ୍କୁ ଲିଖିତ ☞ପୃଷ୍ଠା-୪

# କଟକ କାଳୀମେଢ଼ ଭସାଣିରେ ଉତ୍ତେଜନା, ମୃଦୁ ଲାଠିଚାଳନା

**କଟକ,୨୪।୧୦ (କାର୍ତ୍ତିକ ସାହୁ/ ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ଦୁର୍ଗାପୂଜା ଭସାଣିରେ ଘଟିଥିବା ଗଣ୍ଡଗୋଳ ମନରୁ ନ ଲିଭୁଣୁ ପୁଣି ଦେଖାଦେଇଛି ଗଣ୍ଡଗୋଳ। ଶୁକ୍ରବାର କାଳୀ ମେଢ଼ ଭସାଣି ଶୋଭାଯାତ୍ରାରେ ମହତାପ (ଆଲୋକ ସୃଷ୍ଟିକାରୀ ବାଣ) ଜାଳିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପରିସ୍ଥିତି ସମ୍ଭାଳିବାକୁ ପୋଲିସକୁ ମୃଦୁ ଲାଠିଚାଳନା କରିବାକୁ ପଡ଼ିଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। କାଳୀ ଭସାଣିରେ ଗଣ୍ଡଗୋଳ ରୋକିବାକୁ ପୋଲିସ ଘନଘନ ବୈଠକ କରି ଯୋଜନା ପ୍ରସ୍ତୁତି କରିଥିବା ବେଳେ ପୁଣି ସେହି ଗଣ୍ଡଗୋଳ କମିଶନରେଟ ପୋଲିସର ମୁଣ୍ଡବ୍ୟଥାର କାରଣ ସାଜିଛି।



ଚାନ୍ଦିନୀଚୌକ ରାସ୍ତାରେ ମେଢ଼ ଯିବା ସମୟରେ ଉତ୍ତେଜନା ଦେଖାଇଛି।

ସୂଚନାନୁସାରେ, କାଳୀ ମେଢ଼ ଭସାଣି ପାଇଁ ନିର୍ଦ୍ଧାରିତ ନିଷ୍ପତ୍ତି ମୁତାବକ ଶୋଭାଯାତ୍ରା ବିଭିନ୍ନ ପୂଜା ମଣ୍ଡପରୁ ଦେବୀଗଡ଼ା ଅଭିମୁଖେ ଶୁକ୍ରବାର ସକାଳୁ ବାହାରିଥିଲା। କ୍ରମାନ୍ୱୟରେ ମେଢ଼ଗୁଡ଼ିକ ସକାଳୁ ସନ୍ଧ୍ୟା ଯାଏ ରାସ୍ତାରେ ଅତିକ୍ରମ କରିଚାଲିଥିଲେ। ମାତ୍ର ରାତି ପ୍ରାୟ ୯ଟା ପାଖାପାଖି ସମୟରେ ବାଖରାବାଦ ମେଢ଼ ଚାନ୍ଦିନୀଚୌକ ରାସ୍ତାରେ ଯାଉଥିବା ବେଳେ ଏହି ଉତ୍ତେଜନା ☞ପୃଷ୍ଠା-୪




## ୧ରୁ ସରଳ ଜିଏସ୍‌ଟି ପଞ୍ଜୀକରଣ

ନଭେମ୍ବର ୧ରୁ ନୂଆ ଜିଏସ୍‌ଟି ପଞ୍ଜୀକରଣ ବ୍ୟବସ୍ଥା କାର୍ଯ୍ୟକାରୀ ହେବାକୁ ଯାଉଥିବା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ଘୋଷଣା କରିଛନ୍ତି। କ୍ଷୁଦ୍ର ବ୍ୟବସାୟୀ ଓ ପବ୍ଲିକ୍ ସେକ୍ଟର କମ୍ପାନୀଗୁଡ଼ିକ ପାଇଁ ପଞ୍ଜୀକରଣ ପ୍ରକ୍ରିୟାକୁ ସରଳ କରିବା ଏହାର ଲକ୍ଷ୍ୟ। ଯେଉଁମାନଙ୍କ ମାସିକ ଆଉଟ୍‌ପୁଟ୍ ଟିକସ ଦେୟତା ୨.୫ ଲକ୍ଷ ଟଙ୍କାରୁ କମ୍, ସେମାନେ ୩ ଦିନ ମଧ୍ୟରେ ସ୍ୱତଃ ପଞ୍ଜୀକରଣ ଅନୁମୋଦନ ପାଇବେ।

## ସଂକ୍ଷେପରେ

### ଦିଲ୍ଲୀରେ ଆଇଏସ୍ ଆକ୍ରମଣ ଯୋଜନା ପଣ୍ଡ

#### ୨ ଆତଙ୍କବାଦୀ ଗିରଫ

**ନୂଆଦିଲ୍ଲୀ,୨୪।୧୦**

ଦୀପାବଳିରେ ଦିଲ୍ଲୀରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ପାଇଁ ଆଇଏସ୍ ଅପରେଟିଭ୍‌ମାନେ କରିଥିବା ଯୋଜନାକୁ ପୋଲିସ ପଣ୍ଡ କରିଦେଇଛି। ଦକ୍ଷିଣ ଦିଲ୍ଲୀର ଏକ ଲୋକପ୍ରିୟ ମଲ୍ ଓ ସାଧାରଣ ପାର୍କ ସମେତ ଜାତୀୟ ରାଜଧାନୀର ଗହଳି ଅଞ୍ଚଳରେ ବିସ୍ଫୋରଣ ଘଟାଇବାକୁ ପ୍ରସ୍ତୁତି ଚଳାଇଥିବା ୨ ଆଇଏସ୍ ଅପରେଟିଭ୍‌ଙ୍କୁ ପୋଲିସ ଗିରଫ କରିଛି। ଦିଲ୍ଲୀ ଓ ଭୋପାଳରେ ମିଳିତ ଅଭିଯାନ ପରେ ଆଦନାନ ନାମଧାରୀ ୨ ଜଣଙ୍କୁ ଗିରଫ କରାଯାଇଛି। ଜଣକ ଘର ଦିଲ୍ଲୀର ସାଦିକ୍ ନଗର ହୋଇଥିବାବେଳେ ଅନ୍ୟ ଜଣେ ମଧ୍ୟପ୍ରଦେଶ ରାଜଧାନୀ ଭୋପାଳ ବାସିନ୍ଦା ବୋଲି ଜଣାପଡ଼ିଛି। ସେମାନଙ୍କୁ ଗିରଫ କରାଯିବା ସହ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ଉଦ୍ୟମକୁ ପଣ୍ଡ କରିଦିଆଯାଇଥିବା ଅତିରିକ୍ତ ପୋଲିସ କମିଶନର (ସ୍ପେଶାଲ ସେଲ୍) ପ୍ରମୋଦ କୁଶ୍ୱାହା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

### ପାକିସ୍ତାନକୁ ପାଣି ବନ୍ଦ କରିବ ଆଫଗାନିସ୍ତାନ

**ନୂଆଦିଲ୍ଲୀ,୨୪।୧୦**

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଗତ ଏପ୍ରିଲ୍ ୨୨ରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସିନ୍ଧୁନଦୀ ଜଳ ଚୁକ୍ତିକୁ ସ୍ଥଗିତ ରଖି ପାକିସ୍ତାନକୁ ଜଳପ୍ରବାହ ହ୍ରାସ କରିଥିଲା। ଏବେ ତାଲିବାନ୍ ଶାସିତ ଆଫଗାନିସ୍ତାନ ଅନୁରୂପ ପଦକ୍ଷେପ ନେବାକୁ ଯାଉଛି। ତାଲିବାନ୍ ସରକାର ଯଥାଶୀଘ୍ର ସମ୍ଭବ କୁନାର ନଦୀରେ ଡ୍ୟାମ୍ ନିର୍ମାଣ କରି ପାକିସ୍ତାନକୁ ଜଳପ୍ରବାହ ସୀମିତ କରିବାକୁ ଯୋଜନା କରିଛି। ଆଫଗାନିସ୍ତାନର ସୁପ୍ରିମ ଲିଡର ମାଲାଓ୍ୱି ହିବାତୁଲ୍ଲା ଅଖୁନ୍ଦଜାଦା ଏଭଳି ନିର୍ଦ୍ଦେଶ ଦେଇଥିବା କାର୍ଯ୍ୟକାରୀ ଜଳ ମନ୍ତ୍ରୀ ମୁଲ୍ଲା ଅବଦୁଲ ଲତିଫ୍ ମନ୍‌ସୁର କହିଛନ୍ତି। ସେ Xରେ ଲେଖିଛନ୍ତି, ନିଜ ଦେଶରେ ପ୍ରବାହିତ ନଦୀଜଳକୁ ପରିଚାଳନା କରିବା ଅଧିକାର ଆଫଗାନ୍‌ର ରହିଛି। ନଦୀବନ୍ଧ ନିର୍ମାଣ କୌଣସି ବିଦେଶୀ ସଂସ୍ଥା ନୁହେଁ ଘରୋଇ କମ୍ପାନୀ କରିବ ବୋଲି ସେ ସୂଚନା ଦେଇଛନ୍ତି। ଚଳିତ ମାସରେ ୨ ଦେଶ ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷର ଶତାଧିକ ନିହତ ହୋଇଥିଲେ।

### ନିବେଶ ଦୁର୍ନୀତି: ୧,୫୦୦ କୋଟି ହରାଇଛନ୍ତି ୩୦ ହଜାର ଲୋକ

**ନୂଆଦିଲ୍ଲୀ,୨୪।୧୦**

ଦେଶର ବୃହତ୍ ସହରଗୁଡ଼ିକରେ ୩୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ଗତ ୬ ମାସ ମଧ୍ୟରେ ପୁଞ୍ଜିନିବେଶ ଦୁର୍ନୀତିର ଶିକାର ହୋଇ ୧,୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହରାଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସାଇବର ଶାଖା ରିପୋର୍ଟରୁ ଏହା ଜଣାପଡ଼ିଛି। ବେଙ୍ଗାଲୁରୁ, ଦିଲ୍ଲୀ-ଏନ୍‌ସିଆର୍ ଏବଂ ହାଇଦ୍ରାବାଦରେ ଅଧିକାଂଶଙ୍କ ବୟସ ୩୦ରୁ ୬୦ ବର୍ଷ ବୟସର ଲୋକେ ଠକାମିର ଶିକାର ହୋଇଛନ୍ତି। ଇଣ୍ଡିଆନ୍ ସାଇବର କ୍ରାଇମ୍ କୋ-ଅର୍ଡିନେଶନ ସେଣ୍ଟର ରିପୋର୍ଟ ଅନୁଯାୟୀ ଏହି ଦୁର୍ନୀତିରେ ବେଙ୍ଗାଲୁରୁ ସର୍ବାଧିକ ଆର୍ଥିକ କ୍ଷତି ସହିଛି। ମୋଟ କ୍ଷତିର ୨୬.୩୮ ପ୍ରତିଶତ କେବଳ ଏହି ସହରରେ ହୋଇଛି।

## ଦିଲ୍ଲୀରେ ଆଜି



ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ଶୁକ୍ରବାର ଗିରଫ କରିଥିବା ଆଇଏସ୍‌ର ୨ ସନ୍ଦିଗ୍ଧ ଆତଙ୍କବାଦୀ। (ଫଟୋ- ଚମନ ଗୌତମ)

# ରୁଷୀୟ ତୈଳ: ରିଫାଇନର୍ସଙ୍କ ମୋହଭଙ୍ଗ

**ନୂଆଦିଲ୍ଲୀ,୨୪।୧୦**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଛାଟ ଯୋଗୁ ରୁଷୀୟ ତୈଳ ପ୍ରତି ଭାରତୀୟ ରିଫାଇନର୍ସଙ୍କ ମୋହଭଙ୍ଗ ହୋଇଛି। ରୁଷିଆର ୨ ବଡ଼ ତୈଳ ଉତ୍ପାଦନକାରୀ କମ୍ପାନୀ ରୋସ୍‌ନେଫ୍ଟ ଏବଂ ଲୁକୋଇଲ ପିଜେଏସ୍‌ସି ଉପରେ ଟ୍ରମ୍ପ ଗୁରୁବାର କଟକଣା ଜାରି କରିବା ପରେ ରୁଷୀୟ ତୈଳର ବୃହତ୍ ଆମଦାନୀକାରୀ ରିଲାଏନ୍ସ ମଧ୍ୟପ୍ରାଚ୍ୟ ଓ ଆମେରିକାରୁ ଅନେକ ନିୟୁତ ବ୍ୟାରେଲ କ୍ରୁଡ୍ କିଣିଛି। ଭାରତର ବଡ଼ ବଡ଼ ରିଫାଇନେରିଗୁଡ଼ିକ ଆଗକୁ ରୁଷିଆଠାରୁ ଅଶୋଧିତ ତୈଳ କ୍ରୟ ହ୍ରାସ କରିବା ଏକପ୍ରକାର ନିଶ୍ଚିତ ହୋଇଛି। ଏପରି କି ଚାଇନାର ତୈଳ ରିଫାଇନର୍ସ ମଧ୍ୟ ଟ୍ରମ୍ପଙ୍କ କଟକଣାର ପ୍ରଭାବକୁ ହୃଦୟଙ୍ଗମ କରି ରୁଷିଆଠାରୁ ସାମୟିକ ଭାବେ ତୈଳ ଆମଦାନୀ ବନ୍ଦ କରିଦେଇଛନ୍ତି। ବ୍ଲୁମ୍‌ବର୍ଗରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଚଳିତ ବର୍ଷ ରୁଷିଆଠାରୁ ରିଲାଏନ୍ସ





ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍) ସର୍ବାଧିକ ତୈଳ କ୍ରୟ କରିଥିଲା। ତେବେ ଟ୍ରମ୍ପ ୨ ରୁଷୀୟ କମ୍ପାନୀ ଉପରେ କଟକଣା ଲଗାଇବାର ଦିନକ ପରେ ଆର୍‌ଆଇଏଲ୍ ଆମେରିକା ଓ ମଧ୍ୟପ୍ରାଚ୍ୟରୁ ଅନେକ ନିୟୁତ ବ୍ୟାରେଲ କ୍ରୁଡ୍ କିଣିଛି। ମୁକେଶ ଅମ୍ବାନୀଙ୍କ କମ୍ପାନୀ ସାଉଦି ଆରବର ଖଫ୍‌ଜି, ଇରାକ୍‌ର ବସ୍‌ରାହ ମିଡିୟମ, କାତାରର ଶାହିନ୍ ଓ ଆମେରିକୀୟ ଅଏଲ୍ ସପ୍ଲାୟର ୱେଷ୍ଟ ଟେକ୍ସାସ୍ ଇଣ୍ଟରମିଡିଏଟ୍‌ଠାରୁ ଏହି ତୈଳ ଆମଦାନୀ କରିଛି। କଣ୍ଟ୍ରାକ୍ଟ ଶେଷ ହୋଇଥିବା ଏହି ତୈଳ ଆସନ୍ତା ଡିସେମ୍ବର କିମ୍ବା ଜାନୁଆରୀରେ ଭାରତ ଆସିପାରେ। ନଭେମ୍ବର ୨୨ ସୁଦ୍ଧା ରୁଷୀୟ ତୈଳ କ୍ରୟ ବନ୍ଦ ପାଇଁ ଟ୍ରମ୍ପ ତାଗିଦ କରିଥିବାରୁ ଅନ୍ୟ ଭାରତୀୟ ରିଫାଇନେରିଗୁଡ଼ିକ ମଧ୍ୟ ଆଗକୁ ମଧ୍ୟପ୍ରାଚ୍ୟ, ଲାଟିନ୍ ଆମେରିକା ଓ ଆମେରିକାରୁ ତୈଳ କିଣି ରୁଷିଆ କ୍ରୁଡ୍‌ରୁ ମୁହଁ ଫେରାଇବେ ବୋଲି ସୂତ୍ରରୁ ଜଣାପଡ଼ିଛି।

ବର୍ତ୍ତମାନ ଭାରତର ଏକ-ତୃତୀୟାଂଶ କ୍ରୁଡ୍ ଆମଦାନୀ ଚାହିଦା ରୁଷିଆ ପୂରଣ କରୁଛି। ୨୦୨୫ରେ ଭାରତୀୟ ତୈଳ କମ୍ପାନୀଗୁଡ଼ିକ ରୁଷିଆଠାରୁ ଦୈନିକ ୧.୭ ନିୟୁତ ବ୍ୟାରେଲ କ୍ରୁଡ୍ ଆମଦାନୀ କରିଛନ୍ତି। ସେଥିରୁ ୧.୨ ନିୟୁତ ବ୍ୟାରେଲ କେବଳ ରୋସ୍‌ନେଫ୍ଟ ଓ ଲୁକୋଇଲଠାରୁ ପ୍ରତ୍ୟକ୍ଷ ଭାବେ କିଣିଥିଲେ। କିନ୍ତୁ ନଭେମ୍ବର ୨୧ ପର୍ଯ୍ୟନ୍ତ ରୁଷୀୟ କ୍ରୁଡ୍ ଦୈନିକ ୧.୬-୧.୮ ନିୟୁତ ବ୍ୟାରେଲ ରହିପାରେ।

### ବନ୍ଧୁକ ମୁନରେ ଟ୍ରେଡ୍ ଡିଲ୍ ହେବନାହିଁ: ଗୋୟଲ

**ବର୍ଲିନ୍,୨୪।୧୦**

ଭାରତ ତରବରିଆ ଭାବେ ବାଣିଜ୍ୟିକ ଚୁକ୍ତିରେ ସ୍ୱାକ୍ଷର କରିବ ନାହିଁ। ନିଜ ପସନ୍ଦକୁ ସଙ୍କୁଚିତ କରୁଥିବା କୌଣସି ସର୍ତ୍ତକୁ ମଧ୍ୟ ଗ୍ରହଣ କରିବ ନାହିଁ। ବନ୍ଧୁକ ମୁନରେ ଟ୍ରେଡ୍ ଡିଲ୍ ହେବ ନାହିଁ ବୋଲି କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି। ଜର୍ମାନୀ ଗସ୍ତରେ ଥିବା ଗୋୟଲ ବର୍ଲିନ୍ ଗ୍ଲୋବାଲ୍ ଡାଇଲଗ୍‌ରେ ଆମେରିକା ଓ ୟୁରୋପୀୟ ସଂଘ ସମେତ ବୈଶ୍ୱିକ ସହଯୋଗୀଙ୍କ ପ୍ରତିନିଧିମାନଙ୍କ ସହ ଆଲୋଚନା ବେଳେ ଗୋୟଲ କହିଛନ୍ତି, ବାଣିଜ୍ୟିକ ଆଲୋଚନା ଉପରେ ଭାରତର ଆଭିମୁଖ୍ୟ ଦୀର୍ଘମିଆଦୀ ଦୂରଦୃଷ୍ଟି ଓ ଆସ୍ଥା ଉପରେ ପର୍ଯ୍ୟବସିତ। ଆମ ମୁଣ୍ଡରେ କେହି ବନ୍ଧୁକ ରଖିଲେ ବି ଆମେ ଭୟଭୀତ ହୋଇ ତରବରିଆ ଭାବେ ଟ୍ରେଡ୍ ଡିଲରେ ସ୍ୱାକ୍ଷର କରିବୁ ନାହିଁ। ଅନ୍ୟପକ୍ଷେ ଭାରତ ଓ ଆମେରିକା ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟିକ ଚୁକ୍ତିର ନିକଟତର ହୋଇଥିବା ନୂଆଦିଲ୍ଲୀରେ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଭାରତ-ଆମେରିକା ମଧ୍ୟରେ ଟ୍ରେଡ୍ ଡିଲ୍ ନେଇ ୫ ଥର ଆଲୋଚନା ହେଲାଣି, ଯାହାକୁ ଗୋୟଲ ସକାରାତ୍ମକ କହିଛନ୍ତି।

## ନୀତୀଶଙ୍କ ନେତୃତ୍ୱରେ ଲଢ଼ିବ ଏନ୍‌ଡିଏ



ନିର୍ବାଚନୀ ସଭାରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

**ସମସ୍ତିପୁର,୨୪।୧୦**

### ବିହାର ନିର୍ବାଚନ

ଜେଡିୟୁ ସୁପ୍ରିମୋ ନୀତୀଶ କୁମାରଙ୍କ ନେତୃତ୍ୱରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ବିହାର ବିଧାନସଭା ନିର୍ବାଚନ ଲଢ଼ି ରେକର୍ଡ ବ୍ୟବଧାନରେ ବିଜୟ ହାସଲ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଅପରାହ୍ଣରେ କହିଛନ୍ତି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶଙ୍କୁ ସେ ଲୋକପ୍ରିୟ ସୁଶାସନ ବାବୁ ବୋଲି କହିଛନ୍ତି। ସମସ୍ତିପୁର ସହରରୁ ପ୍ରଧାନମନ୍ତ୍ରୀ ବିହାର ନିର୍ବାଚନ ପ୍ରଚାର ଶୁଭାରମ୍ଭ କରିବା ଅବସରରେ ସମଗ୍ର ବିହାର କହୁଛି ପୁଣିଥରେ ଏନ୍‌ଡିଏ ସରକାର, ପୁଣିଥରେ ସୁଶାସନ ସରକାର ଚାହୁଁଛି ବୋଲି କହିଛନ୍ତି।

ବିରୋଧୀ ମହାମେଣ୍ଟ ଗୁରୁବାର ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ ଚେହେରା ଘୋଷଣା କରିବା ପରେ ଏନ୍‌ଡିଏ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରୁ ବୋଲି ଆହ୍ୱାନ ଦେଇଥିଲା। ନୀତୀଶଙ୍କ ନେତୃତ୍ୱରେ ଏନ୍‌ଡିଏ ବିହାର ନିର୍ବାଚନ ଲଢ଼ିବ ବୋଲି ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ କହିଛନ୍ତି।

## ସୀମାରେ ଚାଇନା ଗଢୁଛି ଏୟାର ଡିଫେନ୍ସ କମ୍ପ୍ଲେକ୍ସ

**ନୂଆଦିଲ୍ଲୀ,୨୪।୧୦**

ତିବ୍ବତର ପଙ୍ଗୋଙ୍ଗ୍ ହ୍ରଦର ପୂର୍ବ ପାର୍ଶ୍ୱ କୂଳରେ ଚାଇନା ନୂଆ ଏୟାର ଡିଫେନ୍ସ କମ୍ପ୍ଲେକ୍ସ ନିର୍ମାଣ କରୁଥିବା ସାଟେଲାଇଟ୍ ଫଟୋରୁ ସ୍ପଷ୍ଟ ହୋଇଛି। ୨୦୨୦ରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ହୋଇଥିବା ସଂଘର୍ଷ ସ୍ଥାନଠାରୁ ଏହା ପ୍ରାୟ ୧୧୦ କିଲୋମିଟର ଦୂରରେ ଅବସ୍ଥିତ। ସେଠାରେ ନିର୍ମାଣ କାର୍ଯ୍ୟ ପୂରା ଦମ୍‌ରେ ଚାଲିଥିବା ଜଣାପଡ଼ିଛି। ଉକ୍ତ କମ୍ପ୍ଲେକ୍ସରେ କମାଣ୍ଡ ଏବଂ କଣ୍ଟ୍ରୋଲ ବିଲ୍ଡିଂ, ବାରାକ୍, ଯାନ ରଖିବା ପାଇଁ ଶେଡ୍, ଗୁଳିଗୋଳା ଭଣ୍ଡାର ଏବଂ ରାଡାର ପୋଜିଶନ୍ ରହିଛି। ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, ଉକ୍ତ ପ୍ରକଳ୍ପରେ ଥିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଫିଚର ହେଲା ଗୁପ୍ତ ମିଶାଇଲ୍ ଲଞ୍ଚ୍ ପୋଜିଶନ୍। ମିଶାଇଲ୍‌କୁ ପରିବହନ କରିବା ସହ ଫାୟାର କରିପାରୁଥିବା ଟ୍ରାନ୍ସପୋର୍ଟର ଇରେକ୍ଟର ଲଞ୍ଚର୍ (ଟିଇଏଲ୍) ଯାନ ପାଇଁ ରିଟ୍ରାକ୍ଟେବଲ୍ ରୁଫ୍ ରହିଛି। ଚାଇନାର ଦୀର୍ଘ ଲକ୍ଷ୍ୟଭେଦ କ୍ଷମତା ବିଶିଷ୍ଟ ଏଚ୍‌କ୍ୟୁ-୯ ସ୍ଥଳରୁ ଆକାଶ ମିଶାଇଲ୍ ସିଷ୍ଟମ୍‌କୁ ଲୁଚାଇ ରଖିବା ଏବଂ ସୁରକ୍ଷା ଦେବା ପାଇଁ ଏଭଳି

### ଭାରତ ପାଇଁ ଚିନ୍ତାଜନକ

ଶେଲ୍ଟର ନିର୍ମାଣ କରାଯାଇଥିବା ଗୋଇନ୍ଦା ବିଶେଷଜ୍ଞମାନେ ବିଶ୍ୱାସ କରୁଛନ୍ତି। ଗତ ସେପ୍ଟେମ୍ବର ୨୯ରେ ଭେଣ୍ଟର ସାଟେଲାଇଟ୍ ଚିତ୍ରରେ ଗାର୍ କଣ୍ଟିଠାରେ ଥିବା ଏଭଳି ଏକ ଲଞ୍ଚ୍ ପୋଜିଶନ୍‌ର ଖୋଲା ଛାତ ଦେଖିବାକୁ ମିଳିଛି। ଏହା ତଳେ ଲଞ୍ଚର୍‌ଗୁଡ଼ିକୁ ଲୁଚାଇ ରଖାଯାଇଥିବା ବିଶ୍ୱାସ କରାଯାଉଛି। ଭାରତ-ତିବ୍ବତ ସୀମାରେ ଚାଇନା ଏଭଳି ସୁରକ୍ଷିତ ଲଞ୍ଚ୍ ପୋଜିଶନ ନିର୍ମାଣ କରୁଥିବାବେଳେ ପୂର୍ବରୁ ବିବାଦୀୟ ଦକ୍ଷିଣ ଚାଇନା ସାଗର ଦ୍ୱୀପପୁଞ୍ଜରେ ଅନୁରୂପ ସାମରିକ ଘାଟି ନିର୍ମାଣ କରିଥିଲା। ଗତ ଜୁଲାଇରେ ଭୂସ୍ଥାନିକ ଗବେଷକ ଡାମିଏନ୍ ସାଇମନ୍ ପ୍ରଥମେ ପଙ୍ଗୋଙ୍ଗ୍ ହ୍ରଦ କୂଳରେ ଚାଇନାର ଦ୍ୱିତୀୟ ସାମରିକ ଭିତ୍ତିଭୂମିର ପ୍ରାରମ୍ଭିକ ପର୍ଯ୍ୟାୟ ନିର୍ମାଣ ଚାଲିଥିବା ଚିହ୍ନଟ କରିଥିଲେ। ସେତେବେଳେ ଉକ୍ତ ଗୁପ୍ତ ମିଶାଇଲ୍ ଲଞ୍ଚ୍ ପୋଜିଶନ୍ ସମ୍ପର୍କରେ ଜଣାପଡ଼ି ନ ଥିଲା।





ନିର୍ମାଣସ୍ଥଳର ସାଟେଲାଇଟ୍ ଚିତ୍ର।

### କଶ୍ମୀରରେ ରାଜ୍ୟ ସଭା ନିର୍ବାଚନ: ଏନ୍‌ସିକୁ ୩, ଭାଜପାକୁ ଗୋଟିଏ ଆସନ

**ଶ୍ରୀନଗର,୨୪।୧୦(ପି.ଟି.)**

ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ହେବା ପରେ ଶୁକ୍ରବାର ପ୍ରଥମ ଥର ପାଇଁ ଅନୁଷ୍ଠିତ ରାଜ୍ୟ ସଭା ନିର୍ବାଚନରେ ଶାସକ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି)କୁ ୩ଟି ଆସନ ମିଳିଥିବାବେଳେ ଶେଷ ଆସନକୁ ବିରୋଧୀ ଦଳ ଭାଜପା ହାତେଇ ନେଇଛି। ପିପୁଲ୍ସ କନ୍‌ଫରେନ୍ସ ଭୋଟଦାନରୁ ବିରତ ରହିଥିଲାବେଳେ କେତେଜଣ ସ୍ୱାଧୀନ ବିଧାୟକ କ୍ରସ୍ ଭୋଟିଂ କରିବାରୁ ଭାଜପା ଗୋଟିଏ ଆସନରେ ଜିତିଥିବା କୁହାଯାଉଛି। ଜମ୍ମୁ-କଶ୍ମୀର ପାଇଁ ରାଜ୍ୟ ସଭାରେ ଖାଲି ପଡ଼ିଥିବା ୪ ଆସନ ନିମନ୍ତେ ଶୁକ୍ରବାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

୨୦୧୯ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ହଟିବା ସହ ଏହାକୁ ଜମ୍ମୁ-କଶ୍ମୀର ଏବଂ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯାଇଥିଲା। ୯୦ ଆସନ ବିଶିଷ୍ଟ କଶ୍ମୀର ବିଧାନସଭାରେ ବର୍ତ୍ତମାନ ୮୮ ବିଧାୟକ ଥିବାବେଳେ ସେମାନଙ୍କ ମଧ୍ୟରୁ ୮୬ ଜଣ ମତଦାନରେ ଭାଗ ନେଇଥିଲେ। ପିପୁଲ୍ସ କନ୍‌ଫରେନ୍ସ ଅଧ୍ୟକ୍ଷ ତଥା ବିଧାୟକ ସାଜଦ ଗନି ଲୋନ୍ ଅନୁପସ୍ଥିତ ରହିଥିବାବେଳେ ପିଏସ୍‌ଏରେ ଗିରଫ ହୋଇ ଜେଲରେ ଥିବା ଆପ୍ ବିଧାୟକ ମେହରାଜ ମଲିକ୍ ପୋଷ୍ଟାଲ ବାଲଟ ଜରିଆରେ ଭୋଟ ଦେଇଥିଲେ। ଏନ୍‌ସି ୪ ଆସନରେ ପ୍ରାର୍ଥୀ ଦେଇଥିବାବେଳେ ଭାଜପା ୩ଟି ଆସନରେ ଲଢ଼ିଥିଲା। ଭାଜପାରୁ କେବଳ ସାଟ୍ ଶର୍ମା ବିଜୟୀ ହୋଇଛନ୍ତି। ଭାଜପାର ୨୮ ଭୋଟ ସମେତ ସେ କେତେକ ଅତିରିକ୍ତ ଭୋଟ ପାଇ ଏନ୍‌ସି ପ୍ରାର୍ଥୀ ଇମ୍ରାନ ନବୀ ଦର୍‌ଙ୍କଠାରୁ ଆସନ ଛଡ଼ାଇ ନେଇଛନ୍ତି।

### ଆମେରିକା ନିୟନ୍ତ୍ରଣରେ ଥିଲା ପାକିସ୍ତାନୀ ଅଣୁଅସ୍ତ୍ର

#### ପୂର୍ବତନ ସିଆଇଏ ଏଜେଣ୍ଟଙ୍କ ସୂଚନା

**ନୂଆଦିଲ୍ଲୀ,୨୪।୧୦**

ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ପର୍ଭେଜ ମୁସାରଫ୍‌ଙ୍କ ସମୟରେ ତାଙ୍କ ସହଯୋଗ କିଣିବା ପାଇଁ ଆମେରିକା ଇସ୍‌ଲାମାବାଦକୁ ଅନେକ ନିୟୁତ ଡଲାର ଯୋଗାଇ ଦେଇଥିଲା। ମୁସାରଫ୍ ପାକିସ୍ତାନର ଅଣୁଅସ୍ତ୍ର ନିୟନ୍ତ୍ରଣ କ୍ଷମତା ଆମେରିକାକୁ ହସ୍ତାନ୍ତର କରିଥିଲେ ବୋଲି ପୂର୍ବତନ ସିଆଇଏ ଅଫିସର ଜନ୍ କିରିଆକୋଉ କହିଛନ୍ତି। ଅଣୁଅସ୍ତ୍ର ଆତଙ୍କବାଦୀଙ୍କ ହାତରେ ପଡ଼ିବା ଆଶଙ୍କାରେ ମୁସାରଫ୍ ଏହାର ନିୟନ୍ତ୍ରଣ କ୍ଷମତା ପେଣ୍ଟାଗନକୁ ହସ୍ତାନ୍ତର କରିଥିଲେ ବୋଲି କିରିଆକୋଉ ୨୦୦୨ରେ ପାକିସ୍ତାନରେ ଅବସ୍ଥାପିତ ଥିବାବେଳେ ତାଙ୍କୁ କୁହାଯାଇଥିଲା।

ସେହିପରି ପାକିସ୍ତାନ ଅଣୁଅସ୍ତ୍ରର ଜନକ କୁହାଯାଉଥିବା ଅବଦୁଲ କାଦିର ଖାନ୍‌ଙ୍କୁ ଆମେରିକା ହତ୍ୟା ଯୋଜନା କରିଥିବାବେଳେ ସାଉଦି ସରକାରଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ପରେ ସେଥିରୁ ବିରତ ରହିଥିଲା ବୋଲି କିରିଆକୋଉ କହିଛନ୍ତି। ୨୦୦୧ରେ ଭାରତୀୟ ପାର୍ଲାମେଣ୍ଟ ଭବନ ଉପରେ ଆତଙ୍କବାଦୀ ଆକ୍ରମଣ ଏବଂ ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପ୍ରତିଆକ୍ରମଣ କରିବ ବୋଲି ଆମେରିକା ଆଶଙ୍କା କରିଥିଲା। ପାକିସ୍ତାନ ଉପରେ ଆକ୍ରମଣ କରି ଜବାବ ଦେବାର ଅଧିକାର ଭାରତର ଥିଲେ ମଧ୍ୟ ସେମାନେ ତାହା କରି ନ ଥିଲେ ବୋଲି ପୂର୍ବତନ ସିଆଇଏ ଅଧିକାରୀ କହିଛନ୍ତି। ସେତେବେଳେ ହ୍ୱାଇଟ୍ ହାଉସ୍‌ରେ ଭାରତୀୟଙ୍କ ପରିପକ୍ୱ ବୈଦେଶିକ ନୀତି ସମ୍ପର୍କରେ ଚର୍ଚ୍ଚା ହୋଇଥିଲା।

# ରଣଜୀ ଟ୍ରଫି ଖେଳାଳିରୁ ବିଜ୍ଞାପନ କିମ୍ବଦନ୍ତୀ



ପୀୟୂଷ ପାଣ୍ଡେ

**ଭା**ରତୀୟ ବିଜ୍ଞାପନ ଶିଳ୍ପର ରୂପରେଖ ବଦଳାଇଥିବା କିମ୍ବଦନ୍ତୀ ପୀୟୂଷ ପାଣ୍ଡେଙ୍କର ଶୁକ୍ରବାର ୭୦ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଭାରତର ଆଡ୍‌ମ୍ୟାନ୍ ଭାବରେ ସେ ପରିଚିତ ଥିଲେ। ମିଡିଆ ଏବଂ ମାର୍କେଟିଂରେ ନିଜ ଛାପ ଛାଡ଼ିବା ପୂର୍ବରୁ ସେ କ୍ରିକେଟ ପଡ଼ିଆରେ ତାଙ୍କ ବୃତ୍ତିଗତ ଯାତ୍ରା ଆରମ୍ଭ କରିଥିଲେ। ରଣଜୀ ଟ୍ରଫି ସିଜନ୍ ୧୯୭୭-୭୮ ଏବଂ ୧୯୭୮-୭୯ରେ ପୀୟୂଷ ରାଜସ୍ଥାନ ପାଇଁ ଖେଳିବାକୁ ସୁଯୋଗ ପାଇଥିଲେ। ଜଣେ ଉଇକେଟ କିପର ବ୍ୟାଟ୍ସମାନ ଭାବେ ୫ଟି ରଣଜୀ ଟ୍ରଫି ମ୍ୟାଚ୍ ଖେଳିବାକୁ ତାଙ୍କୁ ସୁଯୋଗ ମିଳିଥିଲା। ତେବେ ତାଙ୍କ କ୍ରିକେଟ କ୍ୟାରିୟର ଖୁବ୍ ସଂକ୍ଷିପ୍ତ ଥିଲା। ୧୯୮୨ରେ ସେ ଦେଶର ସର୍ବବୃହତ୍ କମ୍ୟୁନିକେଶନ ଏଜେନ୍ସି ଓଗିଲଭି ଇଣ୍ଡିଆରେ କ୍ଲାଇଣ୍ଟ ସର୍ଭିସିଂ ଏକ୍‌ଜିକ୍ୟୁଟିଭ୍ ଭାବେ ଯୋଗଦେଇଥିଲେ। ସେ ଏହି ଏଜେନ୍ସିରେ ୪ ଦଶନ୍ଧିରୁ ଅଧିକ ସମୟ ଧରି କାର୍ଯ୍ୟ କରିଥିଲେ। ପରେ ସେ ଏହାର ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ୍ ଭାବେ କାର୍ଯ୍ୟ କରିଥିଲେ। ସେ ନିଜ ସୃଜନଶୀଳ ପ୍ରତିଭା ମାଧ୍ୟମରେ ଭାରତର ବିଜ୍ଞାପନକୁ ରୂପରେଖ ବଦଳାଇବା ସହ ଏହାକୁ ଲୋକପ୍ରିୟ କରାଇଥିଲେ। ଏହାସହ ସେ ଜଣେ ମହାନ୍ କାହାଣୀକାର ଥିଲେ, ଯିଏ ତାଙ୍କ ବିଭିନ୍ନ ଅଭିଯାନ ମାଧ୍ୟମରେ ଭାରତୀୟଙ୍କ ହୃଦୟ ଜିତିଥିଲେ। ତାଙ୍କ କାର୍ଯ୍ୟରେ ଭାବପ୍ରବଣତା, ହାସ୍ୟରସ ଏବଂ ଗଭୀର ସାଂସ୍କୃତିକ ବୁଝାମଣାର ଏକ ଅନନ୍ୟ ମିଶ୍ରଣ ଥିଲା, ଯାହା ବିଜ୍ଞାପନଗୁଡ଼ିକୁ ସ୍ମରଣୀୟ କରିପାରୁଥିଲା। ସେ ଇଂରାଜୀ କେନ୍ଦ୍ରିକ ବିଜ୍ଞାପନଗୁଡ଼ିକୁ ପରିତ୍ୟାଗ କରି ସ୍ଥାନୀୟ ଏବଂ ଆଞ୍ଚଳିକ କାହାଣୀକୁ ନେଇ ବିଜ୍ଞାପନର ଏକ ନୂତନ ଧାରା ଆରମ୍ଭ କରିଥିଲେ।

ପୀୟୂଷ ଅନେକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଭାରତୀୟ ବିଜ୍ଞାପନର ସବୁଠାରୁ ପ୍ରଭାବଶାଳୀ ବ୍ୟକ୍ତି ଭାବରେ ଲଗାତର ୮ ବର୍ଷ ପାଇଁ 'ଦି ଇକୋନୋମିକ ଟାଇମ୍ସ' ପକ୍ଷରୁ ପୀୟୂଷଙ୍କୁ ନାମିତ କରାଯାଇଥିଲା। ୨୦୧୦ରେ ଆଡଭରଟାଇଜିଂ ଏଜେନ୍ସିସ୍ ଆସୋସିଏଶନ ଅଫ୍ ଇଣ୍ଡିଆ ପକ୍ଷରୁ ତାଙ୍କୁ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ୨୦୧୬ରେ ସେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ।

### ପ୍ରସିଦ୍ଧ ଟିଭି ବିଜ୍ଞାପନ

**ପୀ**ୟୂଷଙ୍କର ଅନେକ ପ୍ରସିଦ୍ଧ ଟିଭି ବିଜ୍ଞାପନ ରହିଛି। ୮୦ ଦଶକରେ ୨ ଚକିଆ ଲୁନାର ବିଜ୍ଞାପନ ପାଇଁ ପୀୟୂଷଙ୍କର ଚଲ୍ ମେରି ଲୁନା ବିଜ୍ଞାପନ ଲୋକଙ୍କର ହୃଦୟକୁ ଛୁଇଁଥିଲା। ୧୯୮୯ରେ ବଜାଜ ସ୍କୁଟର ପାଇଁ ହମାରେ ବଜାଜ ଆଡ୍ ଲୋକଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ହେବା ସହ ସେମାନଙ୍କୁ ଭାବବିହ୍ୱଳ କରାଇଥିଲା। ସେହିପରି ୧୯୯୩ରେ ଚକୋଲେଟ୍ କ୍ୟାଡ୍‌ବରି ଡେରିମିଲ୍କ ପାଇଁ 'କୁଛ୍ ଖାସ୍ ହେ ହମ୍ ସଭି ମେଁ' ବିଜ୍ଞାପନ ଯୁବପିଢ଼ିଙ୍କୁ ଖୁବ୍ ଛୁଇଁଥିଲା। ୨୦୦୨ରେ ଏସିଆନ୍ ପେଣ୍ଟସ୍ ପାଇଁ 'ହର୍ ଘର୍ କୁଛ୍ କେହତା ହେଁ', ୨୦୧୪ରେ ଫେବିକ୍ୱିକ୍ ପାଇଁ ତୋଡ଼ୋ ନେହିଁ ଯୋଡ଼ୋ। ସେହିପରି ୨୦୧୪ ଲୋକ ସଭାରେ ଭାଜପାର ବିଜୟ ପଛରେ ପ୍ରମୁଖ ବିଜ୍ଞାପନ ଅବ୍ କି ବାର୍ ମୋଦି ସରକାର ବିଜ୍ଞାପନକୁ ପୀୟୂଷ ଲେଖିଥିଲେ। ସେହିପରି କେନ୍ଦ୍ର ସରକାର ଏବଂ ବିଭିନ୍ନ ସ୍ୱାସ୍ଥ୍ୟ ସଙ୍ଗଠନର ସହଭାଗିତାରେ ୨୦୧୦ରେ ପୋଲିଓ ଦୂରୀକରଣ ପାଇଁ ଲୋକପ୍ରିୟ ବିଜ୍ଞାପନ ଦୋ ବୁନ୍ଦ ଜିନ୍ଦେଗୀ କେ ବିଜ୍ଞାପନ ମଧ୍ୟ ତାଙ୍କ ନେତୃତ୍ୱରେ ହୋଇଥିଲା।

# ନାଲ୍କୋ ବିରୋଧୀ ଆନ୍ଦୋଳନକୁ ଭଣ୍ଡୁର ଉଦ୍ୟମ



ଆନ୍ଦୋଳନସ୍ଥଳକୁ ଭାଙ୍ଗି ଦିଆଯିବା ପରେ ଉତ୍ତେଜନା ପ୍ରକାଶ ପାଇଛି।

**ଅନୁଗୋଳ,୨୪।୧୦(ମାନସ ବିଶ୍ୱାଳ)**

- **କ୍ଷତିଗ୍ରସ୍ତଙ୍କ ଶେଡ୍ ଭାଙ୍ଗିଦେଲା ପ୍ରଶାସନ**
- **ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତେଜନା**

ଅନୁଗୋଳ ଜିଲା ନାଲ୍କୋରେ ସାଧାରଣ ନିଯୁକ୍ତି ବନ୍ଦକୁ ବିରୋଧ ସହ ଜମିହରା ପ୍ରଜାଙ୍କୁ ସ୍ଥାୟୀ ନିଯୁକ୍ତି ଦାବି ନେଇ କ୍ଷତିଗ୍ରସ୍ତ ପ୍ରଜା ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଶୁକ୍ରବାର ଉଦ୍ୟମ କରାଯାଇଛି। ପ୍ରଶାସନ ପକ୍ଷରୁ ଆନ୍ଦୋଳନକାରୀଙ୍କ ସେଡ୍‌କୁ ଭାଙ୍ଗି ଦିଆଯାଇଛି। ଏହାକୁ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତେଜନା ଦେଖାଦେଇଥିଲା।

ସୂଚନା ଅନୁଯାୟୀ, କ୍ଷତିଗ୍ରସ୍ତ ପ୍ରଜାସଂଘ ପକ୍ଷରୁ ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ଗେଟ୍ ବାମ ପାର୍ଶ୍ୱରେ ୨୮୩ ଦିନ ଧରି ଆନ୍ଦୋଳନ ଜାରି ରହିଛି। ଏ ନେଇ ଏକ ଅସ୍ଥାୟୀ ସେଡ୍ ନିର୍ମାଣ କରି ଆନ୍ଦୋଳନକାରୀ ସେଠାରେ ବିକ୍ଷୋଭ କରିଆସୁଛନ୍ତି। ତେବେ ବିନା ନୋଟିସରେ ଉକ୍ତ ଅସ୍ଥାୟୀ ଶେଡ୍‌କୁ ଭାଙ୍ଗି ଦିଆଯାଇଛି। ଅନୁଗୋଳ ଅତିରିକ୍ତ ତହସିଲଦାର ପ୍ରଶାନ୍ତ ସିଂ, ସଦର ଆର୍‌ଆଇ ସଚିନ୍ଦ୍ର ମଛିନ୍ଦ୍ର ସାହୁ ଓ କେତେଜଣ କର୍ମଚାରୀ ପହଞ୍ଚି ଉକ୍ତ ସେଡ୍‌କୁ ଭାଙ୍ଗି ଦେଇଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ କ୍ଷତିଗ୍ରସ୍ତ ପ୍ରଜା ସଂଘ ସଭାପତି ଦିବ୍ୟରଞ୍ଜନ ଦାସ, ସମ୍ପାଦକ ଶଶାଙ୍କ ଶେଖର ସାମଲ, ଧନଞ୍ଜୟ ବେହେରା, ଜୟନ୍ତ ନାଏକ ଏହାକୁ ତୀବ୍ର ବିରୋଧ କରିଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ପୋଲିସ ପାଟ୍ରୋଲିଂ ଟିମ୍ ପହଞ୍ଚି ବୁଝାଶୁଝା କରିଥିଲେ ହେଁ ଉତ୍ତେଜନା ଥମି ନ ଥିଲା। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର କହିଛନ୍ତି, ଅସ୍ଥାୟୀ ସେଡ୍ ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଜିଲାପାଳ, ଉପଜିଲାପାଳଙ୍କ ନିର୍ଦ୍ଦେଶରେ ସେଡ୍ ଭାଙ୍ଗିଛୁ। ଅନ୍ୟପକ୍ଷରେ ଶେଡ୍‌କୁ ପୁନଃ ନିର୍ମାଣ କରା ନ ଗଲେ କ୍ଷତିଗ୍ରସ୍ତ ଜମିହରା ପ୍ରଜାସଂଘ ପକ୍ଷରୁ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ସଭାପତି ଦିବ୍ୟରଞ୍ଜନ ଚେତାବନୀ ଦେଇଛନ୍ତି।

# ଉଷୁନା ନୁହେଁ, ଅରୁଆକୁ ଦିଆଯିବ ଗୁରୁତ୍ୱ: ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ

**ଭୁବନେଶ୍ୱର,୨୪।୧୦(ରବିନାରାୟଣ ଜେନା)**





ଚଳିତବର୍ଷ ଡିସେମ୍ବର ସୁଦ୍ଧା ରାଜ୍ୟରେ ଥିବା ବଳକା ଚାଉଳକୁ ଭାରତ ସରକାରଙ୍କ ଖାଦ୍ୟ ନିଗମ (ଏଫ୍‌ସିଆଇ) ଉଠାଇବ। କିନ୍ତୁ ପରବର୍ଷଠାରୁ ଏହା ଉପରେ ଅଙ୍କୁଶ ରହିବ। ଦେଶରେ ଅନ୍ୟାନ୍ୟ ରାଜ୍ୟରେ ଉଷୁନା ଚାଉଳର ଚାହିଦା ନ ଥିବାରୁ ଏଣିକି ରାଜ୍ୟ ସରକାର ଅରୁଆକୁ ଗୁରୁତ୍ୱ ଦେବ ବୋଲି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି।

ଶୁକ୍ରବାର କୃଷି ଭବନ ପ୍ରେକ୍ଷାଳୟରେ ରାଜ୍ୟସ୍ତରୀୟ ବାର୍ଷିକ ରବି ସମ୍ମିଳନୀ ୨୦୨୫-୨୬ ଅବସରରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ କହିଛନ୍ତି ଯେ, ରାଜ୍ୟରେ ଥିବା ରାଇସ ମିଲ୍‌ଗୁଡ଼ିକୁ ଅଧିକ ଅରୁଆ ଚାଉଳ କରିବାକୁ ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର ନିର୍ଦ୍ଦେଶନାମା ଜାରି ହେବ। ସେ କହିଥିଲେ ଯେ, ନିକଟରେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନଙ୍କୁ ଏ ସମ୍ପର୍କରେ ସାକ୍ଷାତ ଆଲୋଚନା ହୋଇଛି। ରାଜ୍ୟରେ ଥିବା ବଳକା ଚାଉଳ ଉଠାଇବାକୁ ଅନୁରୋଧ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କେନ୍ଦ୍ର କୃଷିମନ୍ତ୍ରୀ ଉଷୁନା ଅପେକ୍ଷା ଅରୁଆ ଚାଉଳ ଉତ୍ପାଦନ ଉପରେ ଗୁରୁତ୍ୱ ଦେଇଥିଲେ। ଚଳିତ ବର୍ଷ ଏଫ୍‌ସିଆଇ ୨୪ ଲକ୍ଷ ମେଟ୍ରିକ ଟନ ଚାଉଳ ଉଠାଇଥିବା ବେଳେ ୧୫ ଲକ୍ଷ ମେଟ୍ରିକ ଟନ୍ ଚାଉଳ ରହିଛି।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରବି ପରିକଳ୍ପନାକୁ ସାକାର କରିବା ପାଇଁ ସମ୍ପୂର୍ଣ୍ଣ ସରକାରୀ ବ୍ୟବସ୍ଥା ସକ୍ରିୟ ରହିବା ଆବଶ୍ୟକ ଏବଂ ଠିକ୍ ସମୟରେ ଇନପୁଟ୍ ଯୋଗାଣ, ପ୍ରଭାବୀ ଆନ୍ତଃ-ବିଭାଗୀୟ ସମନ୍ୱୟ ଏବଂ ନିରନ୍ତର କ୍ଷେତ୍ରସ୍ତରୀୟ ଅନୁଧ୍ୟାନ ସୁନିଶ୍ଚିତ କରିବା ଆବଶ୍ୟକ। ଏଥିସହିତ ଅବ୍ୟବହୃତ କୃଷିଫାର୍ମଗୁଡ଼ିକୁ ମଧ୍ୟ ଗୋଦାମ ଗୃହ ଭାବେ ବ୍ୟବହାର କରାଯାଇପାରିବ। ଏହି ପଦକ୍ଷେପଗୁଡ଼ିକର ଲାଭ କୃଷକମାନଙ୍କ ନିକଟରେ ପହଞ୍ଚିବା ସୁନିଶ୍ଚିତ କରିବା ପାଇଁ ଦୃଢ଼ ନେତୃତ୍ୱ, ସମର୍ପିତ ତଦାରଖ ଏବଂ ଫଳାଫଳ ଭିତ୍ତିକ କାର୍ଯ୍ୟାନ୍ୱୟନ ଜରୁରୀ।

କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ, ବର୍ତ୍ତମାନ ଆମ ରାଜ୍ୟର ସମସ୍ତ ଡ୍ୟାମ ତଥା ବ୍ୟାରେଜରେ ରବି ଫସଲ ପାଇଁ ପର୍ଯ୍ୟାପ୍ତ ପରିମାଣରେ ପାଣି ମହଜୁଦ ଅଛି। ଆଗାମୀ ଦିନରେ ଆମେ ୯୦% ଚାଷଜମିକୁ ଜଳସେଚନ ବ୍ୟବସ୍ଥାରେ ସଂଯୋଗ ପାଇଁ ଲକ୍ଷ୍ୟ ରଖିଛୁ। କୃଷି ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ କହିଲେ ଯେ, ରବି କାର୍ଯ୍ୟକ୍ରମ ୨୦୨୫-୨୬ରେ ଡାଲି ଓ ତୈଳବୀଜର କ୍ଷେତ୍ରଫଳ ଓ ଉତ୍ପାଦକତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇ ଏହିସବୁ ଫସଲରେ ଆତ୍ମନିର୍ଭରଶୀଳତା ହାସଲ କରିବା ପାଇଁ ଦୀର୍ଘମିଆଦୀ ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ଓ ଆଇକାର୍ଡା ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ସମ୍ମିଳନୀରୁ ଜଣାଯାଇଛି ଯେ, ରବି ଅଭିଯାନ ୨୦୨୫-୨୬କୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ରବି ଅଭିଯାନର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି, ଓଡ଼ିଶାରେ ରବି ଋତୁ ୨୦୨୫-୨୬ ମଧ୍ୟରେ ପ୍ରାୟ ୨୯ ଲକ୍ଷ ୩୦ ହଜାର ହେକ୍ଟର ଜମିରେ ବିଭିନ୍ନ ଫସଲ ଚାଷ କରାଯିବ। ସେଥିମଧ୍ୟରେ ୧୫.୧୩ ଲକ୍ଷ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ, ୩.୭୦ଲକ୍ଷ ହେକ୍ଟର ଜମିରେ ତୈଳବୀଜ, ପରିବା ଚାଷ ପାଇଁ ୪.୯୭ ଲକ୍ଷ ହେକ୍ଟର ଜମିରେ ଚାଷ କରାଯାଇଛି, ଖାଦ୍ୟଶସ୍ୟ ପାଇଁ ୨୩.୨୬ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ମସଲା ଅଧୀନରେ ୧.୧୫ ଲକ୍ଷ ହେକ୍ଟର ଏବଂ ଆଖୁଚାଷ ଅଧୀନରେ ୦.୨୧ ଲକ୍ଷ ହେକ୍ଟର ଜମି ରହିଛି, ୮.୨୦ ଲକ୍ଷ ମେଟ୍ରିକ୍ ଟନ୍ ଡାଲି ଜାତୀୟ ଶସ୍ୟ ଓ ୪.୨୧ ଲକ୍ଷ ମେଟ୍ରିକ୍ ଟନ୍ ତୈଳବୀଜ ପାଇଁ ଲକ୍ଷ୍ୟ ରହିଛି। ଜିଲ୍ଲାର କୃଷି ପରିବେଶ ପରିସ୍ଥିତିକୁ ଦୃଷ୍ଟିରେ ରଖି ଉପଯୁକ୍ତ ରଣନୀତି ସହିତ ରବି ଫସଲକୁ ଆଗେଇ ନେବା ପାଇଁ ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ସମସ୍ତ ଜିଲ୍ଲାପାଳଙ୍କୁ ରବି ସର୍କୁଲାର ଜାରି କରିଛନ୍ତି। କାର୍ଯ୍ୟକ୍ରମରେ ଓୟୁଏଟି କୁଳପତି ଡ଼ ପ୍ରଭାତ କୁମାର ରାଉଳ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ ପ୍ରମୁଖ ଉପସ୍ଥିତ ଥିଲେ।

# ନାବାଳିକାଙ୍କୁ ଗଣବଳାତ୍କାର

## ଅଭିଯୁକ୍ତ ସମ୍ପର୍କୀୟ ଭାଇ, ଦାଦା ଥାନାରେ ଅଟକ

**ପୁରୀ,୨୪।୧୦(ଅଜିତ୍ କୁମାର ମହାନ୍ତି)**

ପୁରୀ ଜିଲା ଚନ୍ଦନପୁର ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ରାତିରେ ଘରେ ଏକାକୀ ଥିବାବେଳେ ଜଣେ ନାବାଳିକା ଗଣବଳାତ୍କାରର ଶିକାର ହୋଇଛନ୍ତି। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଶୁକ୍ରବାର ଚନ୍ଦନପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ୨ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅଭିଯୁକ୍ତଦ୍ୱୟଙ୍କ ମଧ୍ୟରୁ ଜଣେ ନାବାଳିକାଙ୍କ ସମ୍ପର୍କୀୟ ଭାଇ ଏବଂ ଅନ୍ୟ ଜଣେ ସମ୍ପର୍କୀୟ ଦାଦା ବୋଲି ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ୨୨ ତାରିଖ ବୁଧବାର ରାତିରେ କାଳୀପୂଜା ଭସାଣି ଚାଲିଥିଲା। ସମ୍ପୃକ୍ତ ନାବାଳିକାଙ୍କ ପରିବାର ଲୋକେ ଭସାଣି ଦେଖିବାକୁ ଯାଇଥିଲେ। କୌଣସି କାରଣରୁ ନାବାଳିକା ଜଣକ ପରିବାର ଲୋକଙ୍କ ସହ ନ ଯାଇ ଘରେ ଏକୁଟିଆ ଶୋଇଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଦ୍ୱୟ ବିଳମ୍ବିତ ରାତିରେ ତାଙ୍କ ଘରେ ପଶି ନାବାଳିକାଙ୍କୁ ବଳାତ୍କାର କରିଥିଲେ। ପରେ ଘଟଣା ସମ୍ପର୍କରେ ନାବାଳିକା ଜଣଙ୍କ ତାଙ୍କ ମା'ଙ୍କୁ ଜଣାଇଥିଲେ। ସ୍ଥାନୀୟ ଲୋକେ ଘଟଣାକୁ ଚାପିଦେବା ପାଇଁ ସମ୍ପୃକ୍ତ ପରିବାର ଉପରେ ଚାପ ପ୍ରୟୋଗ କରିଥିଲେ। ଏହାସତ୍ତ୍ୱେ ଶୁକ୍ରବାର ନାବାଳିକା ଜଣଙ୍କ ନିଜ ମା'ଙ୍କ ସହ ଚନ୍ଦନପୁର ଥାନାକୁ ଆସି ଅଭିଯୁକ୍ତ ଦ୍ୱୟଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୨୪୬/୨୫) ରୁଜୁ କରିଛି। ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ ଫୋରେନସିକ ଟିମ୍ ଓ ଚନ୍ଦନପୁର ପୋଲିସ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ଶନିବାର ଅଭିଯୁକ୍ତ ଦ୍ୱୟଙ୍କ ଡାକ୍ତରୀ ମାଇନା କରାଯିବ ବୋଲି ପୋଲିସ କହିଛି।

# ଜୈବିକ ଚାଉଳରୁ ପ୍ରସ୍ତୁତ ହେବ କୋଠଭୋଗ: କୃଷି ସଚିବ

**ଭୁବନେଶ୍ୱର,୨୪।୧୦ (ରବିନାରାୟଣ ଜେନା)**

ଆସନ୍ତା ରଥଯାତ୍ରାଠାରୁ ଜୈବିକ ଚାଉଳରୁ କୋଠ ଭୋଗ ପ୍ରସ୍ତୁତ ହେବ ବୋଲି କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି।

ଶୁକ୍ରବାର କୃଷିଭବନରେ ଅନୁଷ୍ଠିତ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଅବସରରେ ଡ. ପାଢ଼ୀ କହିଛନ୍ତି, ଅମୃତ ଅନ୍ନ ଯୋଜନାରେ ଜୈବିକ ଚାଉଳରୁ କୋଠ ଭୋଗ ପ୍ରସ୍ତୁତ ହେବ। ଏଥିପାଇଁ ବରଗଡ଼, କଟକ ଏବଂ କୋରାପୁଟ ଜିଲାରେ ଜୈବିକ ଚାଷ କରାଯାଉଛି। ବଳଭଦ୍ର ଜୈବିକ ଚାଷ ମିଶନରେ ଜୈବିକ ଚାଷ ପାଇଁ ସହାୟତା ଦିଆଯାଇଛି। କୋଠ ଭୋଗ ପାଇଁ ଆବଶ୍ୟକୀୟ ପରିମାଣର ଚାଉଳ ଅମଳ ହେବ। ଯଦି ବଳକା ରୁହେ କିଛି ପରିମାଣର ମହାପ୍ରସାଦ ମଧ୍ୟ ପ୍ରସ୍ତୁତ କରାଯିବ।

ସେ କହିଥିଲେ, ଆନନ୍ଦ ବଜାରରେ ଜୈବିକ ମହାପ୍ରସାଦ ପାଇଁ ସ୍ୱତନ୍ତ୍ର କାଉଣ୍ଟର ଖୋଲିବ। ପରବର୍ତ୍ତୀ ସମୟରେ ମହାପ୍ରଭୁଙ୍କ ରୋଷଶାଳାରେ ଜୈବିକ ପନିପରିବା ମଧ୍ୟ ବ୍ୟବହାର କରାଯିବ। ଗତ ରଥଯାତ୍ରା ବେଳେ ମାଉସୀ ମା' ମନ୍ଦିରରେ ମହାପ୍ରଭୁଙ୍କ ଆଡପ ମଣ୍ଡପ ଭୋଗରେ ମଧ୍ୟ ଜୈବିକ ପରିବା ବ୍ୟବହାର ହୋଇଥିଲା।




# ଆଜି ରାଜ୍ୟ କ୍ୟାବିନେଟ୍

**ଭୁବନେଶ୍ୱର,୨୪।୧୦(ସୁନିତ୍ ମିଶ୍ର)**

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଲୋକସେବା ଭବନର ତୃତୀୟ ମହଲା କନ୍‌ଫରେନ୍ସ ହଲ୍‌ଠାରେ ଅପରାହ୍ନ ୫ଟା ସମୟରେ ହେବାକୁ ଥିବା ଏହି ବୈଠକରେ ୭ଟି ପ୍ରସ୍ତାବ ଉପରେ ମୋହର ବାଜିପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ଆଇନ, ପୂର୍ତ୍ତ, ଜଳ ସମ୍ପଦ, ଗୃହ, ସ୍କୁଲ ଓ ଗଣଶିକ୍ଷା ବିଭାଗର କେତେକ ପ୍ରସ୍ତାବ ଉପରେ ମୋହର ବାଜିପାରେ।





# ୪୨୧୯ କନ୍‌ଷ୍ଟେବଲ ପଦ ସିଧାସଳଖ ପୂରଣ ହେବ: ଗୃହ ବିଭାଗ

**ଭୁବନେଶ୍ୱର,୨୪।୧୦ (ରବିନାରାୟଣ ଜେନା)**

ରାଜ୍ୟରେ ଖାଲି ପଡ଼ିଥିବା ୪୨୧୯ କନଷ୍ଟେବଲ ପଦକୁ ସିଧାସଳଖ ପୂରଣ କରାଯିବ ବୋଲି ଗୃହ ବିଭାଗ ପକ୍ଷରୁ କୁହାଯାଇଛି। ଶୁକ୍ରବାର ଏ ସଂକ୍ରାନ୍ତରେ ଗୃହବିଭାଗ ଉପସଚିବ ତରୁଣ କୁମାର ପଣ୍ଡା ପୋଲିସ ମହାନିର୍ଦ୍ଦେଶକ ଏବଂ ଆଇଜିଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି, ରାଜ୍ୟରେ ଖାଲି ପଡ଼ିଥିବା କନଷ୍ଟେବଲ ପଦ ପୂରଣ ନେଇ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଆସିଥିବା ପ୍ରସ୍ତାବକୁ ସରକାର ବିଚାର କରିବା ପରେ ଖାଲି ପଦ ପୂରଣ ଲାଗି ଏହି ନିଷ୍ପତ୍ତି ନେଇଛନ୍ତି। ତେବେ କନଷ୍ଟେବଲ ର୍ୟାଙ୍କର ଉକ୍ତ ପଦ ପୂରଣ ବେଳେ ବିଭାଗ ପକ୍ଷରୁ ଜାରି ପୃଥକ୍ ପୃଥକ୍ ନିର୍ଦ୍ଦେଶନାମା ସହିତ ଚଳିତବର୍ଷ ସେପ୍ଟେମ୍ବର ୨୨ରେ ଜାରି ହୋଇଥିବା ଏସ୍‌ଓପିକୁ ଅନୁସରଣ କରିବାକୁ ହେବ ବୋଲି ଉପସଚିବ ପତ୍ରରେ ଦର୍ଶାଇଛନ୍ତି।

# କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ପରଲୋକ

**ଭୁବନେଶ୍ୱର,୨୪।୧୦ (ସୌମ୍ୟରଞ୍ଜନ ରାଉତ)**

**ଏମ୍ସକୁ ମରଶରୀର ଦାନ କଲେ ପରିବାର ଲୋକେ**



ଓଡ଼ିଶାର ବିଶିଷ୍ଟ କବି, ଔପନ୍ୟାସିକ ତଥା ପୂର୍ବତନ ପ୍ରଶାସକ ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଶୁକ୍ରବାର ପୂର୍ବାହ୍ନରେ ଭୁବନେଶ୍ୱର ଗଙ୍ଗାନଗରସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ୨ ଝିଅ, ଜ୍ୱାଇଁ, ନାତି ଉପସ୍ଥିତ ଥିଲେ। ପୂର୍ବରୁ ରାଜେନ୍ଦ୍ରଙ୍କ ଶରୀର ଦାନ ହୋଇଥିବାରୁ ପରିବାର ଲୋକେ ତାଙ୍କ ମରଶରୀରକୁ ଏମ୍ସକୁ ହସ୍ତାନ୍ତର କରିଛନ୍ତି। ତାଙ୍କ ପରଲୋକରେ ଓଡ଼ିଶା ସାହିତ୍ୟ ଏକାଡେମୀ ସହ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

ଝାରସୁଗୁଡା ଜିଲା ବଡଲଗା ଗାଁରେ ୧୯୪୪ ମସିହା ଜୁନ୍ ୨୪ରେ ରାଜେନ୍ଦ୍ର ଜନ୍ମଗ୍ରହଣ କରିଥିଲେ। ସେ ୧୬ଟି କବିତା ସଙ୍କଳନ ଓ ୨ଟି ଉପନ୍ୟାସ ଲେଖିଥିବା ବେଳେ ତାଙ୍କର ପ୍ରଥମକ କବିତା ସଂକଳନ ହେଉଛି 'ଗୌଣ ଦେବତା'। ତାଙ୍କ ଲିଖିତ ଅନ୍ୟ ସଂକଳନ ମଧ୍ୟରେ ଅନାବତାର, ଘୁଣାକ୍ଷର, ଶତରୁ ଅନେକ, ନିଜ ପାଇଁ ନାନାବାୟା, ଚଉକାଠରେ ଚିରକାଳ, ଶୈଳକଳ୍ପ, ଅନନ୍ୟା, ବହୁବ୍ରୀହି, ବୋଧି-ନଭ, ଇଶାଖେଳ, ଦ୍ରୋହବାକ୍ୟ, ଦୁଜା ନାରୀ, ବୈରାଗୀ ଭ୍ରମର, ସତ୍ୟୋତ୍ତର, ବାହ୍ୱାରମ୍ଭେ ଆଦି ବେଶ୍ ପାଠକୀୟ ଆଦୃତି ଲାଭ କରିଛି। ତେବେ 'ଶୈଳକଳ୍ପ' ଲାଗି ୧୯୮୫ ମସିହାରେ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ସେହିପରି ୨୦୦୪ରେ ବିଷୁବ ପୁରସ୍କାର, ୨୦୨୧ରେ ଶାରଳା ସମ୍ମାନ, ୨୦୧୨ରେ ଗଙ୍ଗାଧର ଜାତୀୟ ସମ୍ମାନ, ୧୯୯୫ରେ ଶାରଳା ପୁରସ୍କାର, ୧୯୯୪ରେ ଝଙ୍କାର ପୁରସ୍କାର, ୨୦୦୪ରେ ସାହିତ୍ୟ ଭାରତୀ ସମ୍ମାନ, ୨୦୦୫ରେ ସଚ୍ଚି ରାଉତରାୟ ସମ୍ମାନ ଲାଭ କରିଥିଲେ। ସେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଭାବେ ୧୪ ଜୁଲାଇ ୧୯୬୭ ମସିହାରୁ ୩୦ ଜୁନ୍ ୨୦୦୪ ପର୍ଯ୍ୟନ୍ତ ବିଭିନ୍ନ ପଦପଦବୀରେ ରହି କାର୍ଯ୍ୟ କରିଥିଲେ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ସମ୍ମାନ ଉତ୍ସବ-୨୦୨୫, ସ୍ଥନା: ଭଞ୍ଜକଳା ମଣ୍ଡପ, ସମୟ: ସକାଳ ୯ଟା।
- ଜାତୀୟ ଆଲୋଚନାଚକ୍ର ' ଶ୍ରୀଜଗନ୍ନାଥ ଉପାସନାରେ ଦାରୁଦେବତା ଓ ଶାବର ସଂସ୍କୃତି', ସ୍ଥାନ: ବୁଦ୍ଧ ମନ୍ଦିର ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ବାର୍ଷିକ ଜ୍ଞାନବିଜ୍ଞାନ ମେଳା, ସ୍ଥାନ: ଅଲାରପୁର (ରଙ୍ଗ ବଜାର) ସ୍ଥିତ ମା'ଜାଗୁଳାଇ ସରସ୍ୱତୀ ଶିଶୁ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଭାରତ, ଭାରତୀୟ, ଭାରତୀୟତା ଏବଂ ରାଷ୍ଟ୍ରୀୟତା ପୃଷ୍ଠଭୂମିରେ ଓଡ଼ିଆ ଅସ୍ମିତା ସଂକ୍ରାନ୍ତ ଜାତୀୟ ସମ୍ମାନ, ସ୍ଥାନ:ଏମ୍‌କେସିଜି ପ୍ରେକ୍ଷାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ୧୯ତମ ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବ-୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ୨୮ତମ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ, ସ୍ଥାନ: ବାଲିଅନ୍ତା ସ୍ଥିତ ଶ୍ରୀନିକୁଞ୍ଜ ବିହାରୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ୯ମ ବାର୍ଷିକ କାଳୀପୂଜା ମହୋତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ 'ଷ୍ଟାର ନାଇଟ', ସ୍ଥାନ: ରସୁଲଗଡ଼ ଜିଜିପି କଲୋନୀ ସ୍ଥିତ ମା'ଦକ୍ଷିଣ କାଳୀଙ୍କ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା ।

## ପୁରୀ

- ସାଇବର ସଚେତନତା ଶୋଭାଯାତ୍ରା, ସ୍ଥାନ: ଶରଧାବାଲି, ସମୟ: ସକାଳ ୬ଟା।
- ସୁଲେଖାର ବାର୍ଷିକ ଉତ୍ସବ, କବିତା ପାଠ ଓ କବି-ଲେଖକ ସମ୍ମେଳନ, ସ୍ଥାନ: ସଂସ୍କୃତି ଭବନ, ସମୟ: ସକାଳ ୯ଟା।
- ବାଉଁଶ କଳା ଶିବିର, ସ୍ଥାନ: ଚାରୁ ଓ କାରୁକଳା ମହାବିଦ୍ୟାଳୟ, ନୂଆପାଟଣା, ଗୋରୁଆଳ, ସମୟ: ପୂର୍ବାହ୍ନ ୧୦ଟା।
- ମଙ୍ଗଳା ନଦୀ ପୁନରୁଦ୍ଧାର କମିଟିର ଷଷ୍ଠ ସମନ୍ୱୟ ବୈଠକ, ସ୍ଥାନ: କୃପାଳୁଜୀ ଆଶ୍ରମ, ସମୟ: ଅପରାହ୍ନ ୪ଟା।
- ଶହୀଦ ବାଜି ରାଉତଙ୍କ ଶତବାର୍ଷିକୀ ଅବସରରେ ପବିତ୍ର ଜଳ ଓ ମାଟିର ବସର୍ଜନ ଉତ୍ସବ, ସ୍ଥାନ: ପୁରୀ ମହୋଦଧି, ସମୟ: ଅପରାହ୍ନ ୪ଟା।
- ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ପକ୍ଷରୁ ରାଧାଦାମୋଦର ଓ ମହାକାର୍ତ୍ତିକ ସଂକ୍ରାନ୍ତ ଆଲୋଚନା ଚକ୍ର, ସ୍ଥାନ: ରାଣୀସତୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ସାରସ୍ୱତ ବନ୍ଧୁମିଳନ ଉତ୍ସବ, ସ୍ଥାନ: ବାହାର୍ଦ୍ଧା ଡାକବଙ୍ଗଳା, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ୨୬ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଓ କଳାକାରର ୩୫ତମ ବାର୍ଷିକ ଉତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ଷଷ୍ଠ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ମା' ଭଦ୍ରକାଳୀଙ୍କ ସରସ୍ୱତୀ ବେଶ, ସ୍ଥାନ: ଭଦ୍ରକାଳୀ ପୀଠ, ଭଦ୍ରକ, ସମୟ: ସକାଳ ୬ଟା।
- କାଳୀପୂଜାର ୫ମ ଦିନ, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ସକାଳ ୯ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଭଦ୍ରକାଳୀ ପୀଠ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ,ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ଗୋ ବନ୍ଦାଣ ପର୍ବ ଉଦ୍‌ଯାପନୀ ଦିବସ,ସ୍ଥାନ:ମାଟିହୁଡ଼ି ଗ୍ରାମ ମଣ୍ଡପ, ଦଳା,ସମୟ:ଅପରାହ୍ନ ୩ଟା।
- ଆଦିବାସୀ ଯାତ୍ରା ପରିବେଷଣ, ସ୍ଥାନ: ନିତୁଆପଦା, ମୋରଡ଼ା, ସମୟ: ରାତି ୯ଟା।

## ବ୍ରହ୍ମପୁର

- ଜିଲାସ୍ତରୀୟ ବେସ୍‌ବଲ ଓ ସଫ୍ଟବଲ ଚାମ୍ପିୟନଶିପ୍, ସ୍ଥାନ: ବାଲାଜୀ ବିଦ୍ୟାପୀଠ, କନିଷି, ସମୟ: ସକାଳ ୮ଟା।
- ନବାଗତଙ୍କୁ ସ୍ୱାଗତ ଉତ୍ସବ, ସ୍ଥାନ: ଗୋପାଳପୁର କଲେଜ, ସମୟ: ପୂର୍ବାହ୍ନ ୧୧ ଟା ୩୦।

## ଗଞ୍ଜାମ

- ଅସ୍ଥିଶଲ୍ୟ ରୋଗ ନିରୁପଣ ଶିବିର, ସ୍ଥାନ: ଲାୟନ୍ସ କମ୍ୟୁନିଟି ହଲ୍ ଆସିକା, ସମୟ: ପୂର୍ବାହ୍ନ ୧୦ ଟା।
- ହୃଦରୋଗ ପୀଡ଼ିତାଙ୍କ ଜୀବନ ରକ୍ଷା କୌଶଳ ଶିବିର, ସ୍ଥାନ: ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ, ଆସିକା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମଦ୍‌ଭାଗବତ ପାରାୟଣ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବୁଗୁଡ଼ା କଦମ୍ବମଠ, ସମୟ: ସନ୍ଧ୍ୟା ୭ ଟା।

## ଅନୁଗୋଳ

- ଲିପ୍ତିଙ୍ଗା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଆଠମଲ୍ଲିକ ମିନିଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ ଟା।

## ଜଗତ୍‌ସିଂହପୁର

- ପରିବେଶ ସୁରକ୍ଷା ଅଭିଯାନ, ସ୍ଥାନ: ଏରଡ଼ା (୨), ନାଉଗାଁ , ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଶ୍ରୀସିଦ୍ଧ ବଳଦେବଜୀଉ ଗୋତୀର୍ଥ ଗୋ ନବରାତ୍ର ମହୋତ୍ସବ, ସ୍ଥାନଷ: ବସନ୍ତ ବଗିଚା, ଗୁଣ୍ଡିଚା ମନ୍ଦିର ନିକଟ, ନାଗପାଟଣା, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା।
- ମଣ୍ଡଳସ୍ତରୀୟ ସୁରଭ କାର୍ଯ୍ୟକ୍ରମ, ସ୍ଥାନ: ମଧୁସାଗର ବିଦ୍ୟାପୀଠ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ଗହୀରମଥା ମହୋତ୍ସବ, ସ୍ଥାନ: ଜଗରିଜୋର, ମହାକାଳପଡ଼ା, ସମୟ: ଅପରାହ୍ନ ୪ଟା।

## ଯାଜପୁର

- ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲି ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା୩୦।

## ନୟାଗଡ଼

- ଅଗ୍ନିଶମ ବାହିନୀକୁ ଜାଣିବା, ସ୍ଥାନ: ନୂଆଗାଁ ଅଗ୍ନିଶମ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜ୍ୟୋତି କଳସ ରଥଯାତ୍ରା ଓ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ଉଦ୍‌ଯାପନ ଉତ୍ସବ, ସ୍ଥାନ: ଓଡ଼ଗାଁ ବ୍ଲକ ଅଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା।
- ଗିରି ଗୋବର୍ଦ୍ଧନ ପୂଜାର ୪ର୍ଥ ଦିବସରେ ବାଦି ପାଲା ଉଦ୍‌ଯାପିତ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ ପଞ୍ଚାୟତର ପଥରଦ୍ୱାର ପୂର୍ଣ୍ଣବାସୀ ପୀଠ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ମା ଛିନ୍ନମସ୍ତାଙ୍କ ପୂଜାର୍ଚ୍ଚନା ଓ ଆରତୀ, ସ୍ଥାନ: କାଳୀ ମଣ୍ଡପ, ରାୟଗଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

## ନବରଙ୍ଗପୁର

- ଉତ୍ସାହ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ନବରଙ୍ଗପୁର କଲେଜ, ସମୟ: ପୂର୍ବାହ୍ନ ୧୦ଟା।

## ମାଲକାନଗିରି

- ସାମାଜିକ କର୍ମୀଙ୍କ ସ୍ମୃତିଚାରଣ ସଭା, ସ୍ଥାନ: ଶିଶୁ ଗୃହ, ମାଲକାନଗିରି, ସମୟ: ମଧ୍ୟାହ୍ନ ୧୨ଟା।
- ମାଲ୍ୟବନ୍ତ ମହୋତ୍ସବ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର

- ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ବାର୍ଷିକ ବାଣିଜ୍ୟ ସମ୍ମିଳନୀ ମର୍ମଜ୍ଞ ୧୦.୦ କାର୍ଯ୍ୟକ୍ରମ, ସ୍ଥାନ: କୋଣାର୍କ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ଦ୍ୱିତୀୟ ସମ୍ବଲପୁର ଅନ୍ତର୍ଜାତୀୟ ଟ୍ରେଡ ଫେୟାର, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡ଼ିଆ, ସମୟ: ଅପରାହ୍ନ ୨ଟା ୩୦ ରୁ ରାତି ୧୦ଟା।
- ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସମ୍ବଲପୁର ଉପକେନ୍ଦ୍ର ଆୟୋଜନରେ ବକ୍ତୃତାମାଳା, ସ୍ଥାନ: ଭାଲୁପାଲି ଛକ ନିକଟସ୍ଥ ରୟାଲ ରିଟ୍ରିଟ ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ କଥା ଭକ୍ତ ମଣ୍ଡଳର ପ୍ରସ୍ତୁତି ବୈଠକ, ସ୍ଥାନ: କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଓଡିଶା ରାଜ୍ୟ ବାର୍ଷିକ ଦନ୍ତ ସମ୍ମିଳନୀ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ, ବଲାଙ୍ଗୀର, ସମୟ: ଅପରାହ୍ନ ୪ଟା।

## ରାଉରକେଲା

- ଅଲ୍ ଇଣ୍ଡିଆ ଇଣ୍ଟର ଏନ୍‌ଆଇଟି ସ୍ପୋର୍ଟସ ମିଟ୍, ସ୍ଥାନ: ଦିଲ୍ଲୀପ ତିର୍କୀ ଷ୍ଟାଡିୟମ୍, ସମୟ: ସକାଳ ୮ଟା।
- ଛଟ୍ ପୂଜା ନହାୟ ଓ ଖାଏ ବିଧି ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: କୋଏଲ ନଦୀ ଘାଟ, ସମୟ: ସକାଳ ୮ଟା।
- ପୁସ୍ତକ ମେଳା ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୪ ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରେଷ୍ଠ ଓଡିଆଣୀ ପ୍ରତିଯୋଗିତା, ସ୍ଥାନ: ରାଉରକେଲା କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।
- ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: କେଲିଙ୍ଗା ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ସିଏସ୍‌ଇ ଆଥଲାଟିକ୍ ମିଟ୍, ସ୍ଥାନ: ବିର୍ସା ମୁଣ୍ଡା ଆଥ୍‌ଲେଟିକ୍ ଷ୍ଟାଡିୟମ, ବିଶ୍ରା ଛକ, ସମୟ: ପୂର୍ବାହ୍ନ ୧୧ଟା।
- ସଚ୍ଚିଦାନନ୍ଦ ସ୍ମୃତି ବକ୍ତୃତାମାଳା ଓ ସାରସ୍ୱତ ସମାରୋହ, ସ୍ଥାନ: ସଚ୍ଚିଦାନନ୍ଦ ସ୍ମୃତି ସମିତି, ରାଉରକେଲା, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ମାଁ ଶ୍ୟାମାକାଳୀଙ୍କ ବାର୍ଷିକ ପୂଜା ମହୋତ୍ସବ, ସ୍ଥାନ: ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ସକାଳ ୬ଟା
- ମାଁ ଧନଲକ୍ଷ୍ମୀ ଦେବୀଙ୍କ ପୂଜା ମହୋତ୍ସବ, ସ୍ଥାନ: ଗୋବିନ୍ଦପାଲି, ବରଗଡ଼, ସମୟ: ସକାଳ ୭ଟା।
- ୨୭ ତମ ଲକ୍ଷ୍ମୀ ପୂଜା, ସ୍ଥାନ: ବଣିକ ସଂଘ, ଗାଇସିଲେଟ, ସମୟ: ପୂର୍ବାହ୍ନ ୮ଟା।
- ସ୍ତନ କର୍କଟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀ ଭବନ, ବରଗଡ଼, ସମୟ: ଅପରାହ୍ନ ୪ଟା।

## କଳାହାଣ୍ଡି

- ଏନ୍‌ଏଚ୍‌ଏମ୍ ନିର୍ଦ୍ଦେଶିକାଙ୍କ କଳାହାଣ୍ଡି ଗସ୍ତ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଗିରି ଗୋବର୍ଦ୍ଧନ ପୂଜା ତୃତୀୟ ଦିବସରେ ମହିଳା ଗ୍ରୁପ ଦ୍ୱାରା ରାମାୟଣ ଓ ଭଜନ ସମାରୋହ, ସ୍ଥାନ: କେସିଙ୍ଗା ବ୍ଲକ ବାଲସି ଗ୍ରାମ କୁଗୁଲା ଡଙ୍ଗର ନିକଟ ପୂଜା ମଣ୍ଡପ,ସମୟ: ରାତ୍ର ୮ଟା।

## ବୌଦ୍ଧ

- ଆଞ୍ଚଳିକସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା, ସ୍ଥାନ: ଟାଉନ ହଲ ବୌଦ୍ଧ , ସମୟ: ପୂର୍ବାହ୍ନ ୧୦ଟା ।
- ସାଂସ୍କୃତିକ ମିଳନ, ସ୍ଥାନ: ତୁଳସୀ କଲ୍ୟାଣ ମଣ୍ଡପ ବାଉଁଶୁଣୀ, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ଆନ୍ତଃସ୍କୁଲ କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କୃଷି ଉତ୍ପାଦକ ସଂଘ ନିମନ୍ତେ ଜିଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଦେବଗଡ଼ କୃଷିବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁର ସହର ଘୋଡାଘାଟପଡାସ୍ଥିତ ସାର୍ବଜନୀନ କାଳୀପୂଜା ଅବସରରେ ସମ୍ବଲପୁରୀ ଅର୍କେଷ୍ଟ୍ରା, ସ୍ଥାନ: ଘୋଡାଘାଟପଡା ଛକ, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ର ନୀଚ ରାଶିରେ ଥିବା କାରଣରୁ ମାନସିକ ସ୍ଥିତି ବିଶେଷ ଭଲ ରହି ନ ପାରେ। ଭୁଲ୍ ବୁଝାମଣା ହେତୁ ପରିବାରରେ କଳହର ଆଶଙ୍କା ରହିଛି। ଯାନବାହନରେ ତ୍ରୁଟି ଜନିତ ନିର୍ଦ୍ଦିଷ୍ଟ ସମୟରେ ଲକ୍ଷ୍ୟସ୍ଥଳକୁ ଯାଇପାରିବେ ନାହିଁ। ଆଶା କରିଥିବା କାର୍ଯ୍ୟଟିରେ ସଫଳତା ପାଇବା ସକାଶେ ବହୁତ ଶ୍ରମ ସ୍ୱୀକାର କରିବାକୁ ପଡ଼ିପାରେ।

**ବୃଷ** ରାହୁଙ୍କ ପ୍ରଭାବରୁ ବିଭିନ୍ନ ଝମେଲା ଭିତର ଦେଇ ଯିବାକୁ ପଡୁଥିବାରୁ ପାରିବାରିକ ଶାନ୍ତି ହରାଇବେ। ବାକି ପଡ଼ିଥିବା କାମକୁ ଶେଷ କରିବାକୁ ଚିନ୍ତିତ ଥିଲାବେଳେ ନୂଆ କାମଟିଏ ହାତକୁ ନେବାକୁ ପଡ଼ିପାରେ। ଦେଣନେଣ କାରବାରରେ କୌଣସି ବନ୍ଧୁଙ୍କ ସହ ମତାନ୍ତର ତୀବ୍ର ହେବାର ସୂଚନା ରହିଛି।

**ମିଥୁନ** ଅର୍ଥ ସମ୍ବନ୍ଧୀୟ ଆଲୋଚନାକୁ କେନ୍ଦ୍ରକରି ମାନସିକ ଅସ୍ଥିରତା ବୃଦ୍ଧି ପାଇବ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଝଗଡ଼ା କରିବାକୁ ଚାହିଁବସିଥିବା ଲୋକଟିର ସାମ୍ନା କରିବାର ସାହସ ଜୁଟେଇ ପାରିବେ ନାହିଁ। । ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ସହମତିରେ କାମ କଲେ ଉପକୃତ ହେବେ।

**କର୍କଟ** ଆଜି ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ବିବାଦୀୟ ସ୍ଥିତି କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟ ହୋଇପାରେ। କର୍ମକ୍ଷେତ୍ରରେ ସାମୟିକ ବ୍ୟତିକ୍ରମ ଲାଗିରହିଲେ ମଧ କୌଣସି କାମ ଅଟକି ରହିବ ନାହିଁ। ସହକର୍ମୀଙ୍କ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସରକାରୀ ସ୍ତରରୁ ଋଣ ସୂତ୍ରରେ ଅର୍ଥଲାଭ କରିବେ।

**ସିଂହ** ପଡ଼ୋଶୀଙ୍କ ସହାୟତାରେ ପାରିବାରିକ ସମସ୍ୟା ସମାଧାନ କରିପାରନ୍ତି। ଆମଦାନୀ, ଲୌହ ଓ ତୈଳ ବ୍ୟବସାୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। ଆପଣଙ୍କ ସେବାଲାଭ କରି ସହଯାତ୍ରୀଟି କୃତ୍ୟକୃତ୍ୟ ହୋଇଯିବ। ଉଚ୍ଚଶିକ୍ଷା, କର୍ମାରମ୍ଭରେ ସଫଳତା ପାଇବେ କିନ୍ତୁ ବନ୍ଧୁଙ୍କ ବିବାଦରେ ମଧ୍ୟସ୍ଥତା କଲେ ପସ୍ତେଇବେ।

**କନ୍ୟା** କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ। ବନ୍ଧୁ ନିଜର ପୂର୍ବପ୍ରତିଶ୍ରୁତି ଅନୁଯାୟୀ ଠିକ୍ ସମୟରେ ଆସିପାରିବେ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ କିନ୍ତୁ ଆର୍ଥିକ ଦିଗଟି ପୂର୍ବପରି ରହିବ। ପରିସ୍ଥିତି ଓ ପରିବେଶ ସହ ଖାପ ଖୁଆଇ ନ ଚଳିବା ଯୋଗୁ ମୂଲ୍ୟହୀନ କଥାରେ ଝଗଡ଼ାରେ ଲିପ୍ତ ରହିପାରନ୍ତି।

**ତୁଳା** କୌଣସି କଥାରେ ଅଭାବ ନ ଥିଲେ ମଧ ପାରିବାରିକ ବିଶୃଙ୍ଖଳା ଯୋଗୁ ମାନସିକ ସ୍ଥିତି ବିଗିଡ଼ିଯିବ। ପାରସ୍ପରିକ ମତଭେଦ କାରଣରୁ କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମକୁ ସାମ୍ନା କରିବାକୁ ପଡ଼ିପାରେ। ବନ୍ଧୁଙ୍କ ସମ୍ବନ୍ଧରେ କୌଣସି ବିବାଦୀୟ କିମ୍ବା ଦୁଃଖଦ ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି।

**ବିଛା** ପରିସ୍ଥିତି ଓ ପରିବେଶକୁ ଲକ୍ଷ୍ୟରଖି କାମ ନ କଲେ ପରିସ୍ଥିତି ବିଗିଡି ଯିବାର ଆଶଙ୍କା ରହିଛି। କୌଣସି ସଭାସମିତି କିମ୍ବା ଗଠନମୂଳକ କାର୍ଯ୍ୟରେ ଯୋଗଦେଲେ ସମ୍ମାନିତ ହେବାର ସୌଭାଗ୍ୟ ଲାଭ କରିବେ। ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇ ଗୁରୁତ୍ୱପୂର୍ଣ୍ଣ କାମକୁ ପାସୋରି ଦେଇପାରନ୍ତି।

**ଧନୁ** ପାରସ୍ପରିକ ଆପୋସ ମିଳାମିଶାରୁ ବିବାଦର ସମାଧାନର ସୂତ୍ର ବାହାରିପାରେ। ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। କିନ୍ତୁ ଅଫିସିଆଲି ଅବହେଳିତ କାର୍ଯ୍ୟ ସକାଶେ କୈଫିୟତ ତଲବର ଆଶଙ୍କା ରହିଛି। ଲୋଭନୀୟ ପ୍ରତିଶ୍ରୁତି ଦେଇ କାମହାସଲ ସକାଶେ ବନ୍ଧୁଙ୍କ ମନରେ ବିଶ୍ୱାସକୁ ଦୃଢ଼ୀଭୂତ କରିପାରନ୍ତି।

**ମକର** ପାରିବାରିକ ସମସ୍ୟାରେ ମନଟା ଦୋଦୁଲ୍ୟମାନ ଅବସ୍ଥାରେ ରହିବା ଫଳରେ ପ୍ରତ୍ୟେକ କାର୍ଯ୍ୟ ସାଧନରେ ବ୍ୟତିକ୍ରମ ସୃଷ୍ଟିହେବ। ଅଫିସ୍‌ରେ ମଧ ବିବାଦ ବୃଦ୍ଧି ପାଇବାରୁ କୌଣସି ଠିକ୍ ନିଷ୍ପତ୍ତି ନେଇ ପାରିବେ ନାହିଁ। ଏଣେ ନିଜର ଲୋକମାନଙ୍କ ଖାତିର ମନୋଭାବ ଓ ମନଇଚ୍ଛା କାମ ଯୋଗୁ ବିରକ୍ତି ପ୍ରକାଶ କରିପାରନ୍ତି।

**କୁମ୍ଭ** ଆଜିର ଆଲୋଚନା ସମୟରେ ବନ୍ଧୁ ସାଧାରଣ କଥାରେ ବିଗିଡି ଯାଇପାରନ୍ତି। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇପାରେ। ବ୍ୟବସାୟରେ ସଫଳତା ହାସଲ କଲେ ବିଶେଷ ହଇରାଣ ହରକତ ହେବାକୁ ପଡ଼ିପାରେ। ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ହାତକୁ ନେଇଥିବା କାମଟିକୁ ଶେଷ କରିବା ସକାଶେ ବହୁତ ପ୍ରତିରୋଧର ସାମନା କରିବାକୁ ପଡିପାରେ। ଶିଳ୍ପ, ବ୍ୟବସାୟ, ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବ। ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସଂଯମତା ଅବଲମ୍ବନ ନକଲେ ମିତ୍ରମାନେ ମଧ ଶତ୍ରୁ ପାଲଟି ଯାଇପାରନ୍ତି।

ଆଜି ଅକ୍ଟୋବର ୨୫ ତାରିଖ, କାର୍ତ୍ତିକ ଶୁକ୍ଳ ଚତୁର୍ଥୀ, ଶନିବାର, ଛତ୍ରବ୍ରତ ଆରମ୍ଭ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୧୯ ଗତେ ଘ.୦୮।୩୯ ମଧ୍ୟେ, ଘ.୧୧।୫୩ ଗତେ ଘ.୧୨।୨୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୯ ଗତେ ଘ.୧୦।୦୫ ମଧ୍ୟେ ରାହୁକାଳ।

## କଟକକାଳୀ ମେଢ଼ ...

ଦେଖାଦେଇଥିଲା। ସେଠାରେ ମହତାପ ଜାଳିବାରୁ ପୋଲିସ ଏହାକୁ ବିରୋଧ କରିଥିଲା। ଏହାକୁ ନେଇ ପୋଲିସ ଓ ବାଖରାବାଦ ପୂଜା କମିଟି ସଦସ୍ୟ ମୁହାଁମୁହିଁ ହୋଇଥିଲେ। ମହତାପ ଜାଳିବା ବାରଣ କଥା ନ ଶୁଣିବାରୁ ପୋଲିସ ବାଖରାବାଦ ପୂଜା କମିଟିର ୨ଜଣ ସଦସ୍ୟଙ୍କୁ ମାଡ଼ ମାରିଥିଲା। ଫଳରେ ଘଟଣାସ୍ଥଳରେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ବାଖରାବାଦ ପୂଜା କମିଟିର ଅନ୍ୟମାନେ ପୋଲିସର ଏପରି କାର୍ଯ୍ୟକୁ ବିରୋଧ କରିଥିଲେ। ଫଳରେ ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ଘଟଣାସ୍ଥଳରେ ପୋଲିସ ମୃଦୁ ଲାଠିଚାଳନା କରିଥିଲା। ପୋଲିସ ଚାନ୍ଦିନୀଚୌକଠାରେ ବାଖରାବାଦ ମେଢ଼କୁ ଅଟକାଇ ଦେଇଥିଲା। ବେଶ କିଛି ସମୟ ରାସ୍ତାରେ ମେଢ଼ ଅଟକି ଥିଲା। ସେଠାରେ ସମ୍ପୃକ୍ତ ପୂଜା କମିଟି ସଦସ୍ୟ ରାସ୍ତା ଉପରେ ଧାରଣା ଦେଇଥିଲେ। ପରେ ପୋଲିସ ଓ ସମ୍ପୃକ୍ତ ପୂଜା କମିଟି ମଧ୍ୟରେ ଆପୋସ ଆଲୋଚନା ପରେ ସମାଧାନ ହୋଇଥିଲା। ସ୍ଥିତି ସ୍ୱାଭାବିକ ହେବା ପରେ ମେଢ଼ ଭସାଣି ଶୋଭାଯାତ୍ରାରେ ଆଗେଇ ଥିଲା।

## ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକରେ ତପ, ଦୁଇରେ ପାଠ**
**ତିନିରେ ହାଟ, ଚାରିରେ ନାଟ ।**

ଏକୁଟିଆ ନିରୋଳା ସ୍ଥାନରେ ତପସ୍ୟା କଲେ ତପସ୍ୟା ସଫଳ ହୋଇଥାଏ। ଦୁଇଜଣ ପରସ୍ପର ମଧ୍ୟରେ ଆଲୋଚନା କରି ପାଠ ପଢ଼ିଲେ ପାଠ ଅଧିକ ମନେ ରହିଥାଏ। ତିନିଜଣ ମିଶି ହାଟ ସଉଦା କରିବା ଲାଭପ୍ରଦ ହୋଇଥାଏ। ସେହିପରି ଚାରିଜଣ ମିଶି ନାଟ କଲେ ନାଟ ସୁନ୍ଦର ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଏକ ପୁଅ ସୁନା-ଦାନା**
**ପାଞ୍ଚ ପୁଅ ଗାଣ୍ଟି ଟଣା ।**

ଗୋଟିଏ ପୁଅ ବାପା-ମା'ଙ୍କ ଚିନ୍ତା ଦୂର କରିଥାଏ। ମାତ୍ର ଅଧିକ ପୁତ୍ର ସନ୍ତାନ ଥିଲେ ଘରର ଧନ ସମ୍ପତ୍ତି ଉପରେ ଲୋଭ ପରବଶ ହୋଇ ପରସ୍ପର ମଧ୍ୟରେ ଟଣାଓଟରା ହୋଇଥାନ୍ତି। ଅଧିକ ସନ୍ତାନ ଘରେ ଅଶାନ୍ତି ସୃଷ୍ଟି କରାଇବା ନେଇ ବହୁ ସମ୍ଭାବନା ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

## ଆସୁଛି ବାତ୍ୟା ....

୨୯ ପର୍ଯ୍ୟନ୍ତ ଅତ୍ୟନ୍ତ ଅଶାନ୍ତରୁ ଉଚ୍ଚ ହେବାର ସମ୍ଭାବନା ରହିଛି। ଶନିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଏବଂ ନବରଙ୍ଗପୁର ଜିଲାରେ ପ୍ରବଳ ବର୍ଷା ନେଇ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ରବିବାର ଏହିସବୁ ଜିଲା ସମେତ ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ ଓ ବୌଦ୍ଧ ଜିଲା ପାଇଁ ୟେଲୋ ୱାର୍ନିଂ ଦିଆଯାଇଛି। ତେବେ ସୋମବାର ୨୭ତାରିଖରେ ରାଜ୍ୟର ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଏବଂ ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ଏହି ସମୟରେ ବିଜୁଳି ଘଡଘଡି ସହିତ ଝଡ ପବନ ବହିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

### ସତର୍କ କଲେ ଏସ୍‌ଆର୍‌ସି

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି)ଙ୍କ ପକ୍ଷରୁ ରାଜ୍ୟବାସୀଙ୍କ ପାଇଁ ସତର୍କ ସୂଚନା ଜାରି କରାଯାଇଛି। ବାତ୍ୟା ସମୟରେ ସତର୍କ ରହିବାକୁ ଗଞ୍ଜାମ, ପୁରୀ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ ଏବଂ ବାଲେଶ୍ୱର ଜିଲାର ଜିଲାପାଳଙ୍କୁ ଏସ୍‌ଆର୍‌ସି ଚିଠି କରିଛନ୍ତି। ବିଶେଷକରି ଅରେଞ୍ଜ ଏବଂ ୟେଲୋ ୱାର୍ନିଂ ଦିଆଯାଇଥିବା ଜିଲାଗୁଡ଼ିକୁ ଅଧିକ ସତର୍କ ରହିବାକୁ ହେବ। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତ ହେବାକୁ ପଡିବ। କୁଆପଥର ମାଡ଼ ଓ ବଜ୍ରପାତରୁ ନିଜକୁ ରକ୍ଷା କରିବା ପାଇଁ ସୁରକ୍ଷିତ ସ୍ଥାନକୁ ଆଶ୍ରୟସ୍ଥଳୀ ଭାବେ ବାଛିବା ନେବାକୁ ପରାମର୍ଶ ଦିଆଯାଇଛି। ଏଥିସହ ଅକ୍ଟୋବର ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହୁଥିବାରୁ ଏହି ସମୟରେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି ଏବଂ ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବୀଙ୍କୁ ତୁରନ୍ତ ଫେରିଆସିବାକୁ ସୂଚନା ଜାରି କରାଯାଇଛି।

### ବାତ୍ୟା ନାଁ 'ମୋନ୍ଥା'

ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ବାତ୍ୟାର ନାମ ଥାଇ ଭାଷାରେ 'ମୋନ୍ଥା' ରଖାଯିବ। ଥାଇଲାଣ୍ଡରେ ଅର୍ଥାତ୍ ଥାଇ ଭାଷାରେ 'ମୋନ୍ଥା'ର ଅର୍ଥ ସୁଗନ୍ଧିତ ଫୁଲ ବା ସୁନ୍ଦର ଫୁଲ। ବାତ୍ୟାଗୁଡ଼ିକୁ ବିଶ୍ୱ ପାଣିପାଗ ସଂସ୍ଥା ପକ୍ଷରୁ ନାମକରଣ କରାଯାଇଥାଏ। ଟ୍ରପିକାଲ ସ୍ଲାଇକ୍ଲୋନ ପାଇଁ ୧୩ଟି ଦେଶ ନାମକରଣ କରିଥାନ୍ତି। ଏହି ଦେଶଗୁଡ଼ିକ ହେଉଛନ୍ତି ଭାରତ, ବାଂଲାଦେଶ, ଇରାନ, ମାଳଦ୍ୱୀପ, ମ୍ୟାନ୍‌ମାର୍, ଓମାନ, ପାକିସ୍ତାନ, କତାର, ସାଉଦିଆରବ, ଶ୍ରୀଲଙ୍କା, ଥାଇଲାଣ୍ଡ, ୟୁଏଇ ଏବଂ ୟେମେନ। ପ୍ରତି ଦେଶ ବାତ୍ୟାର ନାମକରଣ ପାଇଁ ଏକ ନାମ ତାଲିକା ପ୍ରଦାନ କରିଥାନ୍ତି। ଏହାକୁ ବିଶ୍ୱ ପାଣିପାଗ ସଂସ୍ଥା ବ୍ୟବହାର କରିଥାଏ। ସାଇକ୍ଲୋନକୁ ଚିହ୍ନଟ, ଟ୍ରାକ ଓ ବିପର୍ଯ୍ୟୟ ସଚେତନତା ପାଇଁ ନାମଗୁଡ଼ିକୁ ବ୍ୟବହାର କରାଯାଇଥାଏ। ଓଡ଼ିଶାରେ ମହାବାତ୍ୟା ପରେ ବାତ୍ୟାଗୁଡ଼ିକର ନାମକରଣ କରାଯାଉଛି।

## ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ, ...

ଖାଦ୍ୟ ମହଜୁଦ ଅଛି। ଏହାସହିତ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯେଭଳି ଜାରି ରହିବ ସେନେଇ ଶକ୍ତି ବିଭାଗକୁ ବି ଆଲର୍ଟ କରାଯାଇଛି। ଯଦି ବାତ୍ୟା ଭୟଙ୍କର ରୂପ ନିଏ, ସେନେଇ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍, ଅଗ୍ନିଶମ ବାହିନୀକୁ ସଜାଗ ରହିବାକୁ କୁହାଯାଇଛି। ଲଘୁଚାପଜନିତ ବର୍ଷା ସହିତ ସମ୍ଭାବ୍ୟ ବାତ୍ୟା ସ୍ଥିତି ମୁକାବିଲା ନେଇ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

## ପୋଲିସ ଏସ୍‌ଆଇ ୪ ...

ଭାବେ ଜଣାଇଥିଲେ। ଫଲ୍‌ଟନ ଗ୍ରାମାଞ୍ଚଳ ପୋଲିସ ବିଭାଗରେ କାର୍ଯ୍ୟରତ ୨ ଅଧିକାରୀଙ୍କ ବିରୋଧରେ ବଳାତ୍କାର ଓ ମାନସିକ ନିର୍ଯାତନା ଅଭିଯୋଗ ଆଣି ଉଭୟଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏଥିରେ ସେ ଗୋପାଳଙ୍କ ସହ ପ୍ରଶାନ୍ତଙ୍କ ନାମ ଉଲ୍ଲେଖ କରିଥିଲେ। ସେ ଅତ୍ୟନ୍ତ ଚାପରେ ରହିଛନ୍ତି। ତେଣୁ ଏହି ଗମ୍ଭୀର ମାମଲାର ତଦନ୍ତ କରି ଦୋଷୀ ଅଫିସରମାନଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ମହିଳା ଡାକ୍ତର ଉକ୍ତ ଅଭିଯୋଗପତ୍ରରେ ଅନୁରୋଧ କରିଥିଲେ।

ପୀଡ଼ିତା ଡାକ୍ତର ଗୁରୁବାର ରାତିରେ ଆତ୍ମହତ୍ୟା କରିବା ପୂର୍ବରୁ ପୁଣେରେ ଥିବା ପ୍ରଶାନ୍ତଙ୍କୁ ଫୋନ୍ କରିଥିଲେ। ଉଭୟଙ୍କ ମଧ୍ୟରେ ମୋବାଇଲ୍‌ରେ କିଛି ସମୟ ଧରି ଚାଟିଂ ମଧ ହୋଇଥିବା ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଇତିମଧ୍ୟରେ ପୀଡ଼ିତାଙ୍କ ଜଣେ ସମ୍ପର୍କୀୟ ଭାଇ କହିଛନ୍ତି, ନକଲି ଶବ ବ୍ୟବଚ୍ଛେଦ ରିପୋର୍ଟ ପ୍ରସ୍ତୁତ କରିବାକୁ ଭଉଣୀଙ୍କ ଉପରେ ପ୍ରବଳ ଚାପ ପଡୁଥିଲା। ଉକ୍ତ ହସ୍ପିଟାଲରେ ଚିକିତ୍ସିତ ହେଉ ନ ଥିବା ରୋଗୀଙ୍କ ପାଇଁ ଫିଟ୍‌ନେସ୍ ସାର୍ଟିଫିକେଟ ଦେବାକୁ ମଧ ତାଙ୍କୁ ବାଧ କରାଯାଉଥିଲା। ଫେକ୍ ଫିଟ୍‌ନେସ ସାର୍ଟିଫିକେଟ ଜାରି ପାଇଁ କେବଳ ପୋଲିସ ନୁହେଁ, ଜଣେ ଏମ୍‌ପି ଏବଂ ତାଙ୍କ ୨ ବ୍ୟକ୍ତିଗତ ସହାୟକ ମଧ ମହିଳା ଡାକ୍ତରଙ୍କ ଉପରେ ଚାପ ପକାଉଥିଲେ ବୋଲି ୪ ପୃଷ୍ଠା ସମ୍ବଳିତ ଭିନ୍ନ ଏକ ସୁଇସାଇଡ୍ ନୋଟ୍‌ରେ ସେ ଉଲ୍ଲେଖ କରିଛନ୍ତି। ସେପଟେ ଡାକ୍ତର ଏକ ହୋଟେଲ ରୁମ୍‌ରେ ଆତ୍ମହତ୍ୟା କରିଥିବା ବିଷୟ ଜଣାପଡ଼ିବା ପରେ ଶୁକ୍ରବାର ରାଜ୍ୟରେ ରାଜନୈତିକ ବିବାଦ ସୃଷ୍ଟି ହୋଇଛି। ମହିଳାଙ୍କ ହାତ ପାପୁଲିରେ ସୁଇସାଇଡ୍ ନୋଟ୍‌କୁ ଆଧାରକରି କଂଗ୍ରେସ ନେତା ବିଜୟ ନାମଦେବରାଓ ୱାଡେଟ୍ଟିୱାର ଶାସକ ମହାଯୁତି ସରକାରକୁ ଟାର୍ଗେଟ କରିଛନ୍ତି। ବିଜୟ 'X'ରେ ଲେଖିଛନ୍ତି, ରକ୍ଷକ ଯେବେ ଭକ୍ଷକ ସାଜନ୍ତି! ପୋଲିସର କର୍ତ୍ତବ୍ୟ ହେଉଛି ସୁରକ୍ଷା ଦେବା। କିନ୍ତୁ ସେମାନେ ଯଦି ନିଜେ ଜଣେ ମହିଳା ଡାକ୍ତରଙ୍କୁ ଶୋଷଣ କରୁଛନ୍ତି ନ୍ୟାୟ କେମିତି ମିଳିବ ? ବଳାତ୍କାର ଶିକାର ଯୁବତୀ ପୂର୍ବରୁ ଅଭିଯୋଗ କରିବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ କାହିଁକି ନିଆଯାଇ ନ ଥିଲା ବୋଲି ବିଜୟ ପ୍ରଶ୍ନ କରିଛନ୍ତି। ମହାଯୁତି ସରକାର ପୋଲିସକୁ ବାରମ୍ବାର ସୁରକ୍ଷା ଦେଉଥିବାରୁ ପୋଲିସ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଥିବା ସେ ସୋସିଆଲ ମିଡିଆ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ମହାଯୁତି ସରକାରରେ ଥିବା ଭାଜପା ମହିଳା ଡାକ୍ତରଙ୍କ ଆତ୍ମହତ୍ୟା ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି କହିଛି। ବିଧାନ ପରିଷଦର ଭାଜପା ସଦସ୍ୟା ଓ ରାଜ୍ୟ ମହିଳା ସଭାନେତ୍ରୀ ଚିତ୍ରା ୱାଘ କହିଛନ୍ତି, ଏହି ଘଟଣା ତାଙ୍କୁ ବ୍ୟଥିତ କରିଛି। ସେ ସତାରା ଏସ୍‌ପିଙ୍କ ସହ ଏନେଇ ଆଲୋଚନା କରିଛନ୍ତି। ଏଫ୍‌ଆଇଆର୍ ରୁଜୁ ହୋଇଛି। ଜଣେ ଅଭିଯୁକ୍ତ ସତାରା ବାହାରେ ଅଛନ୍ତି। ତାଙ୍କୁ ଗିରଫ କରିବା ପାଇଁ ଏକ ପୋଲିସ ଟିମ୍ ଗଠନ କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତ ଧରାପଡ଼ିବେ। ସେହିପରି ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କ ନେତୃତ୍ୱାଧୀନ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଏବଂ ଏକନାଥ ଶିନ୍ଦେଙ୍କ ଶିବସେନା ମଧ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଛନ୍ତି। ମହାରାଷ୍ଟ୍ର ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ରୂପାଲୀ ଚକନ୍‌କର ମୃତ ଡାକ୍ତରଙ୍କ ଅଭିଯୋଗକୁ ଭିତ୍ତିକରି ତଦନ୍ତ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଘଟଣାକୁ ସଂଜ୍ଞାନକୁ ନେଇ ସତାରା ଏସ୍‌ପିଙ୍କ ସହ ଆଲୋଚନା କରିଛନ୍ତି। ମହିଳା ଡାକ୍ତର ନିଜ ସୁଇସାଇଡ୍ ନୋଟରେ ଉଲ୍ଲେଖ କରିଥିବା ପୋଲିସ ଅଧିକାରୀମାନଙ୍କୁ ତୁରନ୍ତ ନିଲମ୍ବନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

## ଆଡ୍‌ମ୍ୟାନ୍ ପୀୟୂଷ ...

ଶ୍ୱାସକ୍ରିୟାଜନିତ ସମସ୍ୟା ଯୋଗୁ ସେ କିଛିଦିନ ହେଲା ଉକ୍ତ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଶନିବାର ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ। ପୀୟୂଷଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ସୃଜନଶୀଳତା ପାଇଁ ପୀୟୂଷଜୀ ସବୁବେଳେ ମନେ ରହିବେ। ବିଜ୍ଞାପନ ଓ ଯୋଗାଯୋଗ ଜଗତକୁ ତାଙ୍କୁ ସ୍ମାରକୀୟ ଅବଦାନ ରହିଥିବା ପ୍ରଧାନମନ୍ତ୍ରୀ Xରେ ପୋଷ୍ଟ କରିଛନ୍ତି।

ଫେଭିକଲ୍, କାଡବରି ଏବଂ ଏସିଆନ୍ ପେଣ୍ଟ୍ସର ପ୍ରତିଷ୍ଠିତ ବିଜ୍ଞାପନ ପଛରେ ପୀୟୂଷଙ୍କର ଅବଦାନ ରହିଛି। ୨୦୧୪ ନିର୍ବାଚନ ସମୟରେ 'ଅବ୍ କୀ ବାର, ମୋଦି ସରକାର' ସ୍ଲୋଗାନ୍ ସମେତ ବିଭିନ୍ନ ଲୋକପ୍ରିୟ ବିଜ୍ଞାପନର ସେ ସ୍ରଷ୍ଟା। ୧୯୮୨ରେ ଓଗିଲ୍‌ଭି ଇଣ୍ଡିଆରେ ଯୋଗଦେଇ ସେ ଏହାର ଗ୍ଲୋବାଲ କ୍ରିଏଟିଭ୍ ଚିଫ୍ ହେବା ସହ ଭାରତୀୟ ବିଜ୍ଞାପନକୁ ସ୍ଥାନୀୟ ଭାଷା, ହାସ୍ୟରସ ଓ ଭାବାବେଗ ଆଧାରରେ ନୂତନ ରୂପ ଦେଇଥିଲେ। କାଡ୍‌ବରିର 'କୁଛ୍ ଖାସ୍ ହୈ', ଏସିଆନ୍ ପେଣ୍ଟସ୍ ପାଇଁ 'ହର୍ ଖୁସି ମେ ରଙ୍ଗ୍ ଲାୟେ' ଏବଂ ଫେଭିକଲ୍ ବିଜ୍ଞାପନ ଦେଶର ସାଂସ୍କୃତିକ ଶବ୍ଦକୋଷର ଅଂଶବିଶେଷ ପାଲଟିଥିଲା। ୨୦୧୬ରେ ପୀୟୂଷଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିବାବେଳେ ୨୦୨୪ରେ ଲଣ୍ଡନ ଇଣ୍ଟରନ୍ୟାଶନାଲ ଆୱାର୍ଡର ଲିଜେଣ୍ଡ ଆୱାର୍ଡ ମିଳିଥିଲା। ପୀୟୂଷ ପ୍ରଥମ ଏସୀୟ ଯିଏକି ୨୦୦୪ରେ କାନ୍ସ ଲାଇନ୍ସ ଜୁରିରେ ଅଧ୍ୟକ୍ଷତା କରିଥିଲେ।

**ମୋର କଳାଧନ ଥିଲେ, ସରକାର ବାଣ୍ଟି ଦିଅନ୍ତୁ: ଭକ୍ତ**

ଭୁବନେଶ୍ୱର,୨୪।୧୦(ରବିନାରାୟଣ ଜେନା): ଦାରିଦ୍ର୍ୟର କଷାଘାତରେ ମୋର ଜନ୍ମ, ଜୀବନରେ ବହୁତ ଝଡ଼ଝଞ୍ଜା ସହିଛି। ମୁଁ ଡରିବାର ଲୋକ ନୁହେଁ କି ମୁଣ୍ଡ ନୁଆଁଇବା ବ୍ୟକ୍ତି ନୁହେଁ। ମାତ୍ର ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ମୋର କୁତ୍ସାରଟନା କରାଯାଉଛି। ଯଦି ମୋର କେଉଁଠି କଳାଧନ ରହିଛି ତାହାକୁ ଠାବ କରି ସରକାର ଲୋକଙ୍କୁ ବାଣ୍ଟି ଦିଅନ୍ତୁ ବୋଲି ଶୁକ୍ରବାର ପିସିସି ସଭାପତି ଭକ୍ତ ଚରଣ ଦାସ ଗଣମାଧ୍ୟମକୁ କହିଛନ୍ତି।

# ୧୭୩ କୋଟିରେ ନିର୍ମାଣ ହେଉଛି ବୃହତ୍ ପ୍ରେକ୍ଷାଳୟ 'କଳାମଣ୍ଡଳ'

ଭୁବନେଶ୍ୱର,୨୪।୧୦(ସୁନିତ୍ ମିଶ୍ର)

- ରହିବ ୨୦୦୦ ଆସନ, ୫୦୦ ସିଟ୍ ବିଶିଷ୍ଟ ଓପନ ଏୟାର ଥିଏଟର
- କେନ୍ଦୁଝରର ରାଙ୍କୀ ଓ ରାଇକଳାଠାରେ ନିର୍ମାଣ ହେବ ୨ ଅତ୍ୟାଧୁନିକ ସ୍ପୋର୍ଟସ କମ୍ପ୍ଲେକ୍ସ୍
- ୬ ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ା ପ୍ରକଳ୍ପର ବିକାଶ ସମ୍ପର୍କରେ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ ଶୁକ୍ରବାର ଭୁବନେଶ୍ୱରରେ ନିର୍ମାଣାଧୀନ ପ୍ରେକ୍ଷାଳୟ 'କଳାମଣ୍ଡଳ' ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏଥିସହ କେନ୍ଦୁଝର ଜିଲାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ସମ୍ପର୍କରେ ମଧ୍ୟ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ଭୁବନେଶ୍ୱରର ସୈନିକ ସ୍କୁଲ ନିକଟରେ ୯.୮୫ ଏକର ଜମି ଉପରେ ୧୭୩ କୋଟି ଟଙ୍କା ବ୍ୟୟରେ ଓଡ଼ିଶାର ସର୍ବବୃହତ୍ ଏହି ପ୍ରେକ୍ଷାଳୟ ଇଡ୍‌କୋ ଦ୍ୱାରା ନିର୍ମାଣ କରାଯାଉଛି।

୨୦୦୦ ଆସନ ବିଶିଷ୍ଟ ପ୍ରେକ୍ଷାଳୟ ସହ ୫୦୦ ସିଟ୍ ବିଶିଷ୍ଟ ଏକ ଓପନ ଏୟାର ଥିଏଟର ମଧ୍ୟ ଏହି ପରିସର ମଧ୍ୟରେ ରହିବ। ମୁଖ୍ୟମନ୍ତ୍ରୀ ଏହାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତକରି ୨୦୨୬ ମେ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱରରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ସଭା ସମିତି ଆୟୋଜନ ପାଇଁ ଏହି ପ୍ରେକ୍ଷାଳୟଟି ଅତ୍ୟନ୍ତ ଉପଯୋଗୀ ହେବ। ଭବିଷ୍ୟତକୁ ଦୃଷ୍ଟିରେ ରଖି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଏହି 'କଳାମଣ୍ଡଳ' ପରିସରରେ ଉପଲବ୍ଧ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହ ପର୍ଯ୍ୟାପ୍ତ ପାର୍କିଂ ସୁବିଧା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।

ସେହିପରି କେନ୍ଦୁଝର ଜିଲାରେ ପ୍ରସ୍ତାବିତ ୬ଟି ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ା ପ୍ରକଳ୍ପର ବିକାଶ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। କେନ୍ଦୁଝରର ରାଙ୍କୀ ଓ ରାଇକଳାଠାରେ ୨ଟି ଅତ୍ୟାଧୁନିକ ସ୍ପୋର୍ଟସ କମ୍ପ୍ଲେକ୍ସ, କାଳୀ ପଡ଼ିଆରେ ଏକ ଫୁଟ୍‌ବଲ ଷ୍ଟାଡିୟମ ସହ ଇନ୍‌ଡୋର ଏବଂ ଆଉଟ୍‌ଡୋର ଗେମ୍‌ର ସୁବିଧା, ଡିଏନ୍ ହାଇସ୍କୁଲ ପରିସରରେ ଏକ ଅତ୍ୟାଧୁନିକ ସୁଇମିଂ ପୁଲ୍, ନରଣପୁରରେ ଆର୍ଚେରୀ ଏକାଡେମୀ ଏବଂ କେନ୍ଦୁଝରରେ ୧୦୦ ଶଯ୍ୟା ବିଶିଷ୍ଟ ହ୍ୟାଣ୍ଡବଲ କ୍ରୀଡ଼ା ଛାତ୍ରାବାସ ନିର୍ମାଣ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଛି। ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର, କ୍ରୀଡ଼ା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ସଂସ୍କୃତି ବିଭାଗର ଶାସନ ସଚିବ ବିଜୟ କେତନ ଉପାଧ୍ୟାୟ, କ୍ରୀଡ଼ା ନିର୍ଦ୍ଦେଶକ ଏଦୁଲା ବିଜୟ ଏବଂ ଉଭୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ଭୁବନେଶ୍ୱରସ୍ଥିତ ୟୁନିଟ-୬ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ବାଦ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ।

# ଚିନ୍ତା ବଢ଼ାଉଛି ସ୍କ୍ରବ ଟାଇଫସ୍

ସୁନ୍ଦରଗଡ଼,୨୪।୧୦(ଜୟ ନାରାୟଣ ମେଣ୍ଡୁଲି)

- ୧୦ ମାସରେ ୧୫୬୪ ପଜିଟିଭ ଚିହ୍ନଟ
- ୨ ଜଣଙ୍କର ଗଲାଣି ଜୀବନ
- ପରିସ୍ଥିତି ନିୟନ୍ତ୍ରଣାଧୀନ: ଜିଲା ମୁଖ୍ୟ ଚିକିତ୍ସାଧିକାରୀ

ସୁନ୍ଦରଗଡ ଜିଲାରେ ଏବେ ଚିନ୍ତା ବଢ଼ାଉଛି ସ୍କ୍ରବ ଟାଇଫସ୍। ଜିଲାରେ ୧୦ମାସ ମଧ୍ୟରେ ୧୫୬୪ଜଣଙ୍କ ରକ୍ତ ନମୁନାରେ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୨ଜଣଙ୍କ ମୃତ୍ୟୁ ଘଟିଲାଣି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁରେଶ ଚନ୍ଦ୍ର ମହାନ୍ତିଙ୍କ ସୂଚନା ଅନୁସାରେ, ଜିଲାର ୧୭ଟି ବ୍ଲକ ଓ ୪ଟି ସହରାଞ୍ଚଳରେ ଗତ ଜାନୁଆରୀରୁ ଚଳିତ ଅକ୍ଟୋବର ମାସ ମଧ୍ୟରେ ମୋଟ ୭ହଜାର ୩୫୮ଜଣଙ୍କ ରକ୍ତ ନମୁନା ପରୀକ୍ଷା ପରେ ୧୫୬୪ଜଣଙ୍କ ନମୁନାରେ ସ୍କ୍ରବ ଟାଇଫସ୍ ପଜିଟିଭ ଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ବଡ଼ଗାଁ ଓ ରାଉରକେଲାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ସାଧାରଣରେ ଚିନ୍ତା ବଢ଼ିବା ସ୍ୱାଭାବିକ। କିନ୍ତୁ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଲୋକଙ୍କୁ ସଚେତନ କରିବା ପାଇଁ ଆଶା, ଅଙ୍ଗନୱାଡ଼ି ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଦ୍ୱାରା ସଚେତନ କରାଯାଉଥିବା ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଏକ ଚିଙ୍ଗ ଜାତୀୟ ବିଷାକ୍ତ କୀଟ ଏହି ରୋଗର ବାହକ। ଏହି କୀଟ କାମୁଡୁଥିବା ଓ ଏଥିରେ ଆକ୍ରାନ୍ତ ହେଉଥିବା ଲୋକଙ୍କ ଦେହରେ ପ୍ରଥମେ ଲାଲ ରଙ୍ଗର ଚିହ୍ନ ଦେଖାଦେବା ଓ ପରେ ଦେହହାତ ଗୋଡ ଘୋଳାବିନ୍ଧା ହୋଇ ଜ୍ୱର ହୋଇଥାଏ। ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା ହେଉଥିଲେ ମଧ୍ୟ ଅନେକଙ୍କ ସ୍ଥିତି ଜଟିଳ ହୋଇ ଜୀବନ ଚାଲିଯାଉଛି। ଘର ଚତୁର୍ପାର୍ଶ୍ୱକୁ ସଫାସୁତୁରା ରଖିବା। ଅନାବନା ଘାସରେ ଥିବା ଏହି ଚିଙ୍ଗ ମୂଷାଙ୍କ ଦେହରେ ଆସି ଘରେ ଲୋକଙ୍କୁ କାମୁଡି ଥାଏ। ତେଣୁ ଜନସାଧାରଣ ଏଥିପ୍ରତି ସଚେତନ ହେବା ସହ ଏଭଳି ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଖାନାରେ ଆସି ରକ୍ତ ପରୀକ୍ଷା କରି ଡାକ୍ତରଙ୍କଠାରୁ ଚିକିତ୍ସା ଓ ପରାମର୍ଶ ନେବାକୁ ଅନୁରୋଧ କରିଛନ୍ତି।

## ଜାମିନରେ ମୁକୁଳିଲେ ୨ ଛାତ୍ର

**ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା**

ବାଲେଶ୍ୱର,୨୪।୧୦(ବାଞ୍ଛାନିଧି ଦେ)

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ମାମଲାରେ ଶୁକ୍ରବାର ୨ ଅଭିଯୁକ୍ତ ଛାତ୍ର ଜେଲରୁ ଜାମିନରେ ମୁକୁଳିଛନ୍ତି। ଛାତ୍ର ନେତା ଶୁଭ୍ର ସମ୍ବିତ ନାୟକ ଓ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କୁ ହାଇକୋର୍ଟ ଗତ ୨୨ରେ ଜାମିନ ଦେଇଥିଲେ। ଜିଲା ଜଜ୍ କୋର୍ଟରେ ବେଲ୍ ବଣ୍ଡ ଦାଖଲ ହୋଇଥିଲା। ଏହାକୁ ବିଚାରପତି ଗ୍ରହଣ କରିବା ପରେ ଦୁହିଁଙ୍କୁ ଛଡ଼ାଯାଇଥିଲା। ସୌମ୍ୟାଶ୍ରୀଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଅଗଷ୍ଟ ୩ରେ ଶୁଭ୍ର ଓ ଜ୍ୟୋତିଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଗତ ଅଗଷ୍ଟ ୧୮ ଓ ୧୯ରେ ୪ ଅଭିଯୁକ୍ତଙ୍କ ନିୟମିତ ଜାମିନ ଆବେଦନକୁ ବାଲେଶ୍ୱର ଦୌରାଜଜ୍ ଅଦାଲତ ଖାରଜ କରିଦେଇଥିଲେ

## ମତଦାନ କେନ୍ଦ୍ରରେ ସର୍ବନିମ୍ନ ସୁବିଧା ସୁନିଶ୍ଚିତ କର: ନିର୍ବାଚନ ଆୟୋଗ

ଭୁବନେଶ୍ୱର,୨୪।୧୦(ସୁନିତ୍ ମିଶ୍ର)

ଭାରତର ନିର୍ବାଚନ ଆୟୋଗ ଗତ ୬ ତାରିଖରେ ବିହାର ବିଧାନସଭାର ସାଧାରଣ ନିର୍ବାଚନ ଏବଂ ୮ଟି ନିର୍ବାଚନମଣ୍ଡଳୀରେ ଉପନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା କରିଥିଲେ। ପ୍ରତ୍ୟେକ ମତଦାନ କେନ୍ଦ୍ରରେ ସର୍ବନିମ୍ନ ସୁବିଧା ସୁନିଶ୍ଚିତ କରାଯିବ ଏବଂ ମତଦାନ ଦିନ ଭୋଟରଙ୍କୁ ସହାୟତା କରିବା ପାଇଁ ନିର୍ବାଚନ ଆୟୋଗ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ସର୍ବନିମ୍ନ ସୁବିଧାରେ ପାନୀୟ ଜଳ, ପ୍ରତୀକ୍ଷା କକ୍ଷ, ପାଣି ସୁବିଧା ସହ ଶୌଚାଳୟ, ପର୍ଯ୍ୟାପ୍ତ ଆଲୋକ, ଭିନ୍ନକ୍ଷମ ଭୋଟରଙ୍କ ପାଇଁ ଉପଯୁକ୍ତ ଗ୍ରାଡିଏଣ୍ଟଯୁକ୍ତ ରାମ୍ପ, ଏକ ମାନକ ଭୋଟିଂ କମ୍ପାର୍ଟମେଣ୍ଟ ଏବଂ ଉପଯୁକ୍ତ ଚିହ୍ନଟୀକରଣ ଅନ୍ତର୍ଭୁକ୍ତ ରହିବ। ଭୋଟର ସଚେତନତାକୁ ଦୃଢ଼ କରିବା ପାଇଁ ସମସ୍ତ ମତଦାନ କେନ୍ଦ୍ରରେ ୪ଟି ସମାନ ଆକାର ଏବଂ ଭୋଟରଙ୍କ ସୁବିଧା ପାଇଁ ଉଦ୍ଦିଷ୍ଟ ପୋଷ୍ଟର ପ୍ରମୁଖ ଭାବେ ପ୍ରଦର୍ଶିତ କରାଯିବ। ଯେଉଁଥିରେ ମତଦାନ କେନ୍ଦ୍ର ବିବରଣୀ, ପ୍ରାର୍ଥୀଙ୍କ ତାଲିକା, କ'ଣ କରିବେ ଏବଂ ନ କରିବେ, ଅନୁମୋଦିତ ପରିଚୟ ପତ୍ରର ତାଲିକା ଏବଂ ଭୋଟିଂ ପ୍ରକ୍ରିୟାର ବ୍ୟାଖ୍ୟା ରହିବ। ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଭୋଟର ସହାୟତା କେନ୍ଦ୍ର ସ୍ଥାପନ କରାଯିବ। ମତଦାନ କେନ୍ଦ୍ର ସଂଖ୍ୟା ଏବଂ ସମ୍ପୃକ୍ତ ବୁଥ୍‌ରେ ଭୋଟର ତାଲିକାରେ ସେମାନଙ୍କ କ୍ରମିକ ସଂଖ୍ୟା ଖୋଜିବାରେ ସାହାଯ୍ୟ କରିପାରିବ।

# ୪୦%ରୁ କମ୍ ଖର୍ଚ୍ଚ ୟୁନିଟ୍‌କୁ ମିଳିବନି ସୁଯୋଗ

ଭୁବନେଶ୍ୱର,୨୪।୧୦(ରବିନାରାୟଣ ଜେନା)

**ଅତିରିକ୍ତ ବଜେଟ ପ୍ରସ୍ତାବ**

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ଅତିରିକ୍ତ ବଜେଟ ଅଣାଯିବାକୁ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଛି। ଏହାକୁ ନେଇ ଅର୍ଥ ବିଭାଗ ପକ୍ଷରୁ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ସବୁ ବିଭାଗକୁ ଅକ୍ଟୋବର ୧୫ରେ ପତ୍ର ଲେଖି ପ୍ରସ୍ତାବ ଲୋଡ଼ିଥିଲେ। ସେଥିରେ କେଉଁସବୁ ପ୍ରସ୍ତାବ ସ୍ଥାନ ପାଇବ ତା'ଉପରେ ଅବଗତ କରାଇଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ବୁଧବାର ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ପତ୍ର ଲେଖି ଅତିରିକ୍ତ ବଜେଟ ଲାଗି କିଭଳି ପ୍ରସ୍ତାବ ଆସିବା ଦରକାର ସେ ସଂକ୍ରାନ୍ତରେ ଅବଗତ କରାଇଛନ୍ତି। ସମସ୍ତ ବିଭାଗକୁ ପ୍ରଦାନ କରିଥିବା ପତ୍ରରେ ସେ ଦର୍ଶାଇଛନ୍ତି, ଯେଉଁ ପ୍ରଶାସନିକ ବିଭାଗରେ ୩୦ ସେପ୍ଟେମ୍ବର ସୁଦ୍ଧା କାର୍ଯ୍ୟକାରୀ ହେଉଥିବା ୟୁନିଟ୍‌ରେ ୪୦%ରୁ କମ୍ ଖର୍ଚ୍ଚ ହୋଇଥିବ ସେସବୁକୁ ଅତିରିକ୍ତ ବଜେଟରେ ସ୍ଥାନ ମିଳିବ ନାହିଁ।

ଯେଉଁ ପ୍ରସ୍ତାବଗୁଡ଼ିକର ଖର୍ଚ୍ଚ ପାଇଁ ପ୍ରାଥମିକତା ନ ଥିବ ସେକ୍ଷେତ୍ରରେ ବିଭାଗ ନୂତନ ୟୁନିଟ୍ ଲାଗି ଅତିରିକ୍ତ ବଜେଟ ପାଇଁ ପ୍ରସ୍ତାବ ଦେଇପାରିବ। ଯେପରି କି ନୂତନ ୟୁନିଟ୍‌ରେ ସଫଳତା ହାସଲ ହୋଇପାରିବ। ବିଶେଷକରି ପ୍ରଶାସନିକ ବିଭାଗଗୁଡ଼ିକ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ-୨୦୩୬ ଏବଂ ବିକଶିତ ଭାରତ ୨୦୪୭ରେ ଉଲ୍ଲେଖ ହୋଇଥିବା ପ୍ରଥମ ୨୪ ମାସର ଲକ୍ଷ୍ୟ, ମୁଖ୍ୟ ପଦକ୍ଷେପ, କାର୍ଯ୍ୟକଳାପ ଓ କାର୍ଯ୍ୟସୂଚୀକୁ ନେଇ ପ୍ରସ୍ତାବକୁ ପରିବର୍ତ୍ତନ କରିପାରିବେ। ତେବେ ନୂତନ ପ୍ରସ୍ତାବ ଦେବା ସମୟରେ ସମ୍ପୃକ୍ତ ବିଭାଗକୁ କେତେକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଧ୍ୟାନଦେବାକୁ ହେବ। ଉକ୍ତ ପ୍ରସ୍ତାବକୁ ରାଜ୍ୟ ଅର୍ଥ କମିଟି (ଏସ୍‌ଏଫ୍‌ସି) କିମ୍ବା ଇଏଫ୍‌ସିର ଅନୁମୋଦନ ନିଆଯିବା ଆବଶ୍ୟକ। ଉନ୍ନୟନ ଆୟୁକ୍ତ ଦର୍ଶାଇଛନ୍ତି, ଯଦି ଚାଲୁ ରହିଥିବା ଯୋଜନା ଅଧୀନରେ ଅତିରିକ୍ତ ନିର୍ମାଣ ଆବଶ୍ୟକ ହୁଏ, ତେବେ ସେ କ୍ଷେତ୍ରରେ ସବ୍‌ହେଡ୍ କରି ପ୍ରସ୍ତାବ ଦିଆଯାଇପାରିବ। ସେହିପରି ଯଦି ନୂତନ ଯୋଜନା ପାଇଁ ନିର୍ମାଣ କିମ୍ବା ଭିତ୍ତିଭୂମି ସୁଦୃଢ଼ ଲାଗି କିଛି ଅର୍ଥର ଆବଶ୍ୟକ ହୁଏ, ତେବେ ସେକ୍ଷେତ୍ରରେ ଯୋଜନାକୁ ନୂତନ ଶବ୍ଦ ଲଗାଇବାକୁ ହେବ, ଯାହାଦ୍ୱାରା କି ଉକ୍ତ ପ୍ରସ୍ତାବକୁ ଠିକ୍ ଭାବେ ଚିହ୍ନଟ କରାଯାଇ ତା' ଉପରେ ନିଷ୍ପତ୍ତି ନିଆଯାଇ ପାରିବ।

ଅନୁ ଗର୍ଗ ପତ୍ରରେ ଉଲ୍ଲେଖ କରିଛନ୍ତି, ଅତିରିକ୍ତ ବଜେଟ ଦେବାବେଳେ ବିଭାଗୀୟ ପ୍ରଶାସନିକ ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ସ୍ପଷ୍ଟ ନିର୍ଦ୍ଦେଶନାମାକୁ ଅନୁସରଣ କରିବାକୁ ପଡ଼ିବ। ଯେପରି କି ଅତିରିକ୍ତ ବଜେଟ ପ୍ରସ୍ତାବ କେଉଁ ଆଭିମୁଖ୍ୟ ନେଇ ବ୍ୟବସ୍ଥା କରାଯିବ, ଏହାର ପୂର୍ବ ସଫଳତା କ'ଣ ରହିଛି ଏବଂ ସମ୍ପ୍ରତି ଏହାର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇବାକୁ ହେବ ବୋଲି ସେ ଦର୍ଶାଇଛନ୍ତି।

## ବାଘଛୁଆ ଆକ୍ରମଣରେ ଜଣେ ଗୁରୁତର

ବନ୍ତଲା,୨୪।୧୦(ସୁଶିତ ସାହୁ)

ଅନୁଗୋଳ ବ୍ଲକ ପୁରୁଣାକୋଟ ଥାନା ଟାଇଁସି ଗ୍ରାମ ନିକଟରେ ବାଘ ଆକ୍ରମଣରେ ପୁରେନ୍ଦ୍ର ବେହେରାଙ୍କ ପୁଅ ବସନ୍ତ ବେହେରା (୪୦) ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଜଙ୍ଗଲକୁ ଛେଳି ଚରାଇବା ପାଇଁ ବସନ୍ତ ଯାଇଥିବା ବେଳେ ଦୁଇଟି ବାଘ ଛୁଆ ଆସି ବସନ୍ତଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲେ।

## ନୂଆପଡ଼ା ଉପନିର୍ବାଚନ ମଇଦାନରେ ୧୪ ପ୍ରାର୍ଥୀ

ଭୁବନେଶ୍ୱର,୨୪।୧୦(ସୁନିତ୍ ମିଶ୍ର)

- ସରିଲା ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିନ
- ନିର୍ବାଚନରେ ୮ ସ୍ୱାଧୀନ ପ୍ରାର୍ଥୀ

ନୂଆପଡ଼ା ଉପନିର୍ବାଚନ ପାଇଁ ଶୁକ୍ରବାର ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ତାରିଖ ଥିଲା। ନାମାଙ୍କନ ପତ୍ର ପ୍ରତ୍ୟାହାର ପାଇଁ ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ସମୟ ପ୍ରାର୍ଥୀମାନଙ୍କୁ ପ୍ରଦାନ କରାଯାଇଥିଲା। ଜଣେ ହେଲେ ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିନାହାନ୍ତି। ୧୪ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଭାଜପାରୁ ଜୟ ଢୋଲକିଆ, ବିଜେଡିରୁ ସ୍ନେହାଙ୍ଗିନୀ ଛୁରିଆ, କଂଗ୍ରେସରୁ ଘାସିରାମ ମାଝୀ, ସମାଜବାଦୀ ପାର୍ଟିରୁ ରମାକାନ୍ତ ହାତୀ, ବହୁଜନ ମୁକ୍ତି ପାର୍ଟିରୁ ହେମନ୍ତ ତାଣ୍ଡି, ଓଡ଼ିଶା ଜନତା ଦଳରୁ ଶୁକଧର ଦଣ୍ଡସେନାଙ୍କ ସମେତ ୮ ଜଣ ସ୍ୱାଧୀନ ପ୍ରାର୍ଥୀ ଆଶ୍ରୟ ମହାନନ୍ଦ, ଚକ୍ରାନ୍ତ ଜେନା, ଭୁବନଲାଲ ସାହୁ, କିଶୋର କୁମାର ବାଗ, ନୀତା ବାଗ, ଲକ୍ଷ୍ମୀକାନ୍ତ ତାଣ୍ଡି, ଭକ୍ତବନ୍ଧୁ ଧରୁଆ ଓ ଲୋଚନ ମାଝୀ ପ୍ରମୁଖ ଏହି ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ସୂଚନାଯୋଗ୍ୟ, ପ୍ରାର୍ଥିପତ୍ର ଯାଞ୍ଚ ସମୟରେ ମୋଟ ୫ଟି ନାମାଙ୍କନ ପତ୍ର ନାକଚ କରାଯାଇଥିଲା। ନାକଚ କରାଯାଇଥିବା ବ୍ୟକ୍ତିମାନେ ହେଉଛନ୍ତି ବହୁଜନ ସମାଜ ପାର୍ଟିର ପ୍ରାର୍ଥୀ ରାଜାରାମ ସାହୁ, ରାଷ୍ଟ୍ରୀୟ ପରିବର୍ତ୍ତନ ଦଳର ପ୍ରାର୍ଥୀ ସୀତାରାମ ବେହେରା, ୩ ସ୍ୱାଧୀନ ପ୍ରାର୍ଥୀ କମଳ କୁମାର ଛତ୍ରିଆ, ପୁରୁଷୋତ୍ତମ ବେହେରା ଏବଂ ଭୁଜବଳ ଆଉବଙ୍ଗ।

# ସବୁ ଚର୍ଚ୍ଚାରେ ପ୍ରାର୍ଥୀ

ନୂଆପଡ଼ା,୨୪।୧୦(ପୀତାମ୍ବର ସାହୁ)

ନୂଆପଡ଼ା ଉପନିର୍ବାଚନକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିଛି। କହିବାକୁ ଗଲେ ସବୁ ଦଳର ଶତାଧିକ ରାଜ୍ୟସ୍ତରର ନେତା ନୂଆପଡ଼ାରେ ଡେରା ପକାଇ ରହିଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ପରେ ଏହା ପ୍ରଥମ ଉପନିର୍ବାଚନ ହେବାକୁ ଯାଉଛି। ତେଣୁ ଏଥିରେ ବିଜୟ ହାସଲ କରିବା ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ଭାଜପା, ବିଜେଡି ଏବଂ କଂଗ୍ରେସ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଷୟ ପାଲଟିଛି। ଉକ୍ତ ଉପନିର୍ବାଚନରେ ଉପରୋକ୍ତ ୩ ପ୍ରମୁଖ ଦଳର ପ୍ରାର୍ଥୀ ଚୟନ ହିଁ ସେଠାକାର ରାଜନୈତିକ ବାତାବରଣକୁ ନୂଆ ପ୍ରକାର କରିଦେଇଛି। ୨୦୨୪ରେ ଏହି ଆସନ ବିଜେଡି ଦଖଲରେ ରହିଥିଲା। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ବିଜେଡି ଟିକେଟରେ ନିର୍ବାଚିତ ହୋଇ ବିଧାୟକ ହୋଇଥିଲେ। ହେଲେ ତାଙ୍କ ଅବର୍ତ୍ତମାନରେ ତାଙ୍କ ପୁଅ ଜୟ ଢୋଲକିଆ ଶାସକ ଭାଜପାରେ ଯୋଗଦେଇ ସେହି ଦଳର ପ୍ରାର୍ଥୀ ହୋଇଗଲେ। ଫଳରେ ବିଜେଡି ଆଉ ସ୍ଥାନୀୟ ନେତାଙ୍କୁ ଉପନିର୍ବାଚନରେ ପ୍ରାର୍ଥୀ କରିବାକୁ ସାହସ ଜୁଟାଇ ନ ପାରି ବରଗଡ଼ ଜିଲା ଅନ୍ତର୍ଗତ ଅତାବିରା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ କରିବାକୁ ବାଧ୍ୟହେଲା। ଏବେ ସେଠାରେ ସ୍ନେହାଙ୍ଗିନୀ ବାହାରର ନେତ୍ରୀ ବୋଲି ଚର୍ଚ୍ଚା ହେଉଛି। ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ଏମ୍‌ପି ବସନ୍ତ ପଣ୍ଡାଙ୍କ ପୁଅ ଅଭିନନ୍ଦନ ପଣ୍ଡା ୨୦୨୪ ନିର୍ବାଚନରେ ଏହି ଆସନରୁ ପ୍ରାର୍ଥୀ ହୋଇଥିଲେ। ନୂଆପଡ଼ା ଜିଲାରେ ବସନ୍ତ ଭାଜପାର ଆଗଧାଡ଼ିର କ୍ୟାଡର ନେତା। ସେ ଗତ ନିର୍ବାଚନରେ ପୁଅର ରାଜନୈତିକ ଭବିଷ୍ୟତ ତିଆରି କରିବାକୁ ନିଜେ ନିର୍ବାଚନ ଲଢ଼ି ନ ଥିଲେ। ହେଲେ ଏଥର ଉପନିର୍ବାଚନରେ ଦଳର କ୍ୟାଡରକୁ ଗୁରୁତ୍ୱ ନ ଦେଇ ବିଜୟ ସମ୍ଭାବନା ଉପରେ ବିଶେଷ ଧ୍ୟାନ ଦିଆଗଲା ବୋଲି କୁହାଯାଉଛି। ବସନ୍ତ ଏବଂ ତାଙ୍କ ପୁଅଙ୍କୁ ଉପନିର୍ବାଚନ ପ୍ରାର୍ଥୀ ଭାଜପା କଲା ନାହିଁ। ଆହୁରି ରୋଚକ ହେଉଛି କଂଗ୍ରେସର ପ୍ରାର୍ଥୀ ଚୟନ। ଗତ ନିର୍ବାଚନରେ ଏହି ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ଘାସିରାମ ମାଝୀଙ୍କୁ କଂଗ୍ରେସ ଏବେ ଟିକେଟ ଦେଇଛି। ଘାସିରାମ ଗତ ନିର୍ବାଚନରେ ସ୍ୱାଧୀନ ଭାବେ ଲଢ଼ିଥିଲେ ମଧ୍ୟ ଦୁଇ ନମ୍ବର ସ୍ଥାନରେ ରହିଥିଲେ। ଗତ ନିର୍ବାଚନରେ ତତ୍କାଳୀନ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ନିଜେ ପ୍ରାର୍ଥୀ ହୋଇ ୪ର୍ଥ ସ୍ଥାନରେ ରହିଥିଲେ। ହେଲେ ଘାସିରାମ କଂଗ୍ରେସରେ ମିଶି ଦଳୀୟ ନେତୃତ୍ୱଙ୍କ ଭରସା ଜିତିବା ସହିତ ପ୍ରାର୍ଥୀ ହୋଇଛନ୍ତି। ଏଭଳି ରାଜନୈତିକ ସ୍ଥିତି ଭିତରେ ନୂଆପଡ଼ା ନିର୍ବାଚନମଣ୍ଡଳୀର ତୃଣମୂଳସ୍ତରରେ ଲୋକଙ୍କ ଭିତରେ ଉପନିର୍ବାଚନର ୧୭ ଦିନ ପୂର୍ବରୁ କିଭଳି ଆଲୋଚନା ଚାଲିଛି ତାକୁ ନେଇ ଧରିତ୍ରୀ ପକ୍ଷରୁ ଏକ ରିପୋର୍ଟ ସଂଗ୍ରହ କରିବାକୁ ଚେଷ୍ଟା କରାଯାଇଛି।

ନୂଆପଡ଼ା ନିର୍ବାଚନମଣ୍ଡଳୀର ସାଇପଲା ପଞ୍ଚାୟତରୁ ଆରମ୍ଭକରି ନୂଆପଡ଼ାର ନେତାଜୀ ଛକ ମଧ୍ୟରେ ୮ଟି ସ୍ଥାନରେ ନିଜ ପରିଚୟ ଗୋପନ ରଖି ଜଣେ ସାଧାରଣ ଲୋକ ଭାବେ ଲୋକଙ୍କ ଭିତରେ ଚାଲିଥିବା ଆଲୋଚନାକୁ ଅନୁଶୀଳନ କରିଥିଲୁ। ସାଇପଲା ସମେତ ସୁନସୁନିଆ, ଦର୍ଲିମୁଣ୍ଡା, ମଧୁପୁର, ଗୋଡ଼ଫୁଲା, ନୂଆପଡ଼ା ବସଷ୍ଟାଣ୍ଡ, ଏକତା ଛକ, ନେତାଜୀ ଛକ ଆଦି ସ୍ଥାନରେ ଉପନିର୍ବାଚନକୁ ନେଇ ଲୋକଙ୍କ ଭିତରେ ଚାଲିଥିବା ଆଲୋଚନାକୁ ଭଲ ଭାବେ ଶୁଣିଥିଲୁ। ହେଲେ ବର୍ତ୍ତମାନ ସୁଦ୍ଧା ଏହି ରାସ୍ତା ଅତିକ୍ରମ କରିବା ଭିତରେ କୌଣସି ସ୍ଥାନରେ ରାଜନୈତିକ ଦଳଗୁଡ଼ିକର ବ୍ୟାନର, ପୋଷ୍ଟର, ଦଳୀୟ ପତାକା ଦେଖିବାକୁ ମିଳି ନ ଥିଲା। ସାଇପଲା ଛକରେ ପ୍ରାୟ ୨୦ ମିନିଟ୍ ସମୟ ବିତାଇବା ଭିତରେ ସେଠାରେ ଉପସ୍ଥିତ କେତେଜଣ ବ୍ୟବସାୟୀ ଏବଂ ସାଧାରଣ ଲୋକ ଏକ ଖଟିରେ ବସି ଆଲୋଚନା କରୁଥାଆନ୍ତା। ସେମାନଙ୍କ କହିବା କଥା, ପୂର୍ବତନ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଲୋକପ୍ରିୟତା ଯୋଗୁ ତାଙ୍କ ସମର୍ଥକମାନେ ଜୟଙ୍କ ସହିତ ରହିପାରନ୍ତି। ଯେହେତୁ ଭାଜପା ସରକାରରେ ଅଛି, ତେଣୁ ମତଦାନ ତାଙ୍କ ସପକ୍ଷରେ ଯିବା ସମ୍ଭାବନା ରହିଛି। ଏହାପରେ ଆମେ ଦର୍ଲୀମୁଣ୍ଡା ଓ ମଧୁପୁରର ରାସ୍ତାକଡ଼ରେ ଅଟକି ଥିବା କେତେଜଣ ବ୍ୟକ୍ତିଙ୍କ ଆଲୋଚନା ଶୁଣିଥିଲୁ। ସେଠାରେ କଂଗ୍ରେସ ପ୍ରାର୍ଥୀଙ୍କୁ ନେଇ ବେଶ୍ ଆଲୋଚନା ଚାଲୁଥାଏ। ଯେହେତୁ ଘାସିରାମ ମାଝୀ ଆଦିବାସୀ ସମ୍ପ୍ରଦାୟର ତେଣୁ ଆଦିବାସୀମାନଙ୍କ ଅଧିକାଂଶ ଭୋଟ ତାଙ୍କ ସପକ୍ଷରେ ଯାଇପାରେ। ବିଜେଡିର ସ୍ନେହାଙ୍ଗିନୀ ଛୁରିଆ ବାହାରୁ ପ୍ରାର୍ଥୀ ହୋଇଥିବା ସେମାନେ ଆଲୋଚନା କରୁଥାଆନ୍ତି। ଏବେ ବିଜେଡିର ଦଳୀୟ ନେତା ଓ ସ୍ଥାନୀୟ ନେତୃତ୍ୱଙ୍କ ପ୍ରଚେଷ୍ଟାରେ ହେଉଥିବା ସଭା ସମିତି, ମିଶ୍ରଣ ପର୍ବ ଯୋଗୁ ବିଜେଡି ଧୀରେ ଧୀରେ ବଳ ଗୋଟାଉଥିବା ଆଲୋଚନା ହେଉଛି। ଏହାସହ ଗୋଡ଼ଫୁଲା, ନୂଆପଡ଼ା ବସ୍‌ଷ୍ଟାଣ୍ଡ, ଏକତା ଛକ, ନେତାଜୀ ଛକ ଆଦି ସ୍ଥାନର ଖଟିରେ ଆଦିବାସୀ ଭୋଟ ଭାଗ ଭାଗ ହେଉଥିବା ଚର୍ଚ୍ଚା ହେଉଥିଲା। ଆଦିବାସୀ ନେତାମାନେ ଭାଜପା, କଂଗ୍ରେସ ଓ ବିଜେଡି ପକ୍ଷରୁ ଆଦିବାସୀମାନଙ୍କ ଭୋଟ୍ ହାତେଇବା ଲାଗି ଜୋର୍‌ଦାର କସରତ କରୁଛନ୍ତି। ଏସବୁ ଭିତରେ ୩ ପ୍ରମୁଖ ଦଳ ପ୍ରଚାର ଆରମ୍ଭ କରି ଦେଇଛନ୍ତି। ମତଦାତାଙ୍କୁ ନିଜ ନିଜ ସପକ୍ଷରେ ମତଦାନ ପାଇଁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଉଛନ୍ତି। ଏସବୁ ଭିତରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନୂଆପଡ଼ାରେ ନିର୍ବାଚନ ପ୍ରଚାରକୁ ତାଙ୍କ ଦଳର ନେତାମାନେ ଅପେକ୍ଷାକରି ରହିଛନ୍ତି। ତାଙ୍କ ପ୍ରଚାର ପରେ ବିଜେଡି ସ୍ଥିତିରେ ଅନେକ ପରିବର୍ତ୍ତନ ହୋଇପାରେ ବୋଲି ଆଲୋଚନା ହେଉଛି।

# ଆଦିବାସୀଙ୍କ ଭୋଟକୁ ନଜର

ନୂଆପଡ଼ା,୨୪।୧୦(ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନ ବୈତରଣୀ ପାର୍ ହେବା ପାଇଁ ଏବେ ପ୍ରମୁଖ ଦଳ ପକ୍ଷରୁ ପ୍ରଚାର ଜୋରଦାର କରାଯାଇଛି। ଏହି ନିର୍ବାଚନମଣ୍ଡଳୀରେ ୧ଲକ୍ଷରୁ ଅଧିକ ଆଦିବାସୀ ଭୋଟର ରହିଥିବାରୁ ଏମାନଙ୍କ ଉପରେ ସବୁ ଦଳର ନଜର ରହିଛି। ସର୍ବପ୍ରଥମେ ଜାତୀୟ କଂଗ୍ରେସ ଆଦିବାସୀ ନେତା ଘାସିରାମ ମାଝିଙ୍କୁ ପ୍ରାର୍ଥୀ ଘୋଷଣା କରି ପ୍ରଚାର କାର୍ଯ୍ୟ ଆରମ୍ଭ କରିଥିଲା। ବର୍ତ୍ତମାନର ସ୍ଥିତି ଦେଖିବାକୁ ଗଲେ ୨ ପ୍ରମୁଖ ଦଳ ବିଜେଡି ଓ ଭାଜପା ମଧ୍ୟ ପ୍ରଚାରକୁ ଜୋରଦାର କରିଛନ୍ତି। ଆଦିବାସୀ ଗଡ ଭାଙ୍ଗିବା ପାଇଁ ଭାଜପା ନେତା ବିଭିନ୍ନ ଗାଁକୁ ଯାଇ ପ୍ରଚାର କରୁଛନ୍ତି। ଏଥିରେ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସାମାଜିକ ସୁରକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସାମିଲ ହୋଇଛନ୍ତି। ଅନ୍ୟପଟେ ଜିଲା ଆଦିବାସୀ କଲ୍ୟାଣ ସଂଘ ଜିଲା ସଭାପତି ଭାନୁ ପ୍ରତାପ ସିଂ ମାଝି ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡିରୁ ବହିଷ୍କୃତ ହୋଇଥିବାବେଳେ ଚଳିତ ଉପନିର୍ବାଚନ ପୂର୍ବରୁ ପୁଣି ଦଳରେ ସାମିଲ ହୋଇ ଆଦିବାସୀମାନଙ୍କୁ ପ୍ରବର୍ତ୍ତାଇ ନିଜ ଆଡକୁ ଆଣିବାରେ ଲାଗିଛନ୍ତି। ଆଦିବାସୀ କଲ୍ୟାଣ ସଂଘର ଶ୍ରମିକ ନେତା ଭକ୍ତବନ୍ଧୁ ଧରୁଆ ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନୀ ମଇଦାନକୁ ଓହ୍ଲାଇ ଆଦିବାସୀ ଭୋଟ ଗୋଟାଇବାରେ ଲାଗିଛନ୍ତି। ତାଙ୍କ ସମର୍ଥକଙ୍କ ସହ ସେ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ସେହିପରି ଜିଲାର ଅନ୍ୟ ଜଣେ ବରିଷ୍ଠ ଆଦିବାସୀ ନେତା ହେଉଛନ୍ତି ସୋମନାଥ ଖମାରୀ। ୨୦୨୪ ସାଧାରଣ ନିର୍ବାଚନରେ ଖମାରୀ କଂଗ୍ରେସରୁ ଟିକେଟ ନ ପାଇବାରୁ ସ୍ୱାଧୀନ ପ୍ରାର୍ଥୀ ଭାବରେ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଛିଡା ହୋଇଥିବା ଘାସିରାମ ମାଝିଙ୍କୁ ସମର୍ଥନ କରିଥିଲେ। ବର୍ତ୍ତମାନ କିନ୍ତୁ ସେ ଭାଜପାରେ ଯୋଗଦେଇଛନ୍ତି। ନୂଆପଡା ନିର୍ବାଚନ ମଣ୍ଡଳୀରେ ୨ ଲକ୍ଷ ୫୩ ହଜାର ୬୨୪ ଭୋଟରଙ୍କ ମଧ୍ୟରୁ ଆଦିବାସୀଙ୍କ ସଂଖ୍ୟା ୧ ଲକ୍ଷ ହେବ। ଆଦିବାସୀ କଲ୍ୟାଣ ସଂଘରେ ଥିବା ନେତାମାନେ ଏକତ୍ର ରହିଥିବାରୁ ୨୦୨୪ ସାଧାରଣ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ଛିଡା ହୋଇଥିବା ଘାସିରାମ ମାଝି ୫୦ ହଜାର ୯୪୧ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ବର୍ତ୍ତମାନ ଉପନିର୍ବାଚନ ପୂର୍ବରୁ ଆଦିବାସୀ ନେତାମାନେ ବିଭକ୍ତ ହୋଇ ଅନ୍ୟ ଦଳରେ ଯୋଗ ଦେଇଥିବାରୁ ଭୋଟ ମଧ୍ୟ ୪ ଭାଗରେ ବିଭକ୍ତ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି। ଏଭଳି ସ୍ଥିତିରେ ଆଦିବାସୀ ଭୋଟକୁ ନେଇ ସହଜରେ ବିଜୟୀ ହୋଇଯିବେ ବୋଲି ଭାବୁଥିବା ଆଦିବାସୀ ନେତା କଂଗ୍ରେସ ପ୍ରାର୍ଥୀ ମାଝିଙ୍କୁ ଏହି ଗଣିତ ଭାରି ପଡିବ କି ବୋଲି ଚର୍ଚ୍ଚା ହେଉଛି। ମାଝି କଂଗ୍ରେସରୁ ପ୍ରାର୍ଥୀ ହୋଇ ୨୦୧୪ ନିର୍ବାଚନରେ ୩୯ ହଜାର ୬୫୪, ୨୦୧୯ରେ ୪୫ ହଜାର ୩୧୭ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ୨୦୨୪ ନିର୍ବାଚନରେ ଜିଲା ଆଦିବାସୀ କଲ୍ୟାଣ ସଂଘ କଂଗ୍ରେସରୁ ଆଶାୟୀ ଥିବା ଘାସିରାମ ମାଝିଙ୍କୁ ସ୍ୱାଧୀନ ପ୍ରାର୍ଥୀ କରିଥିଲା। ଜିଲାର ସମସ୍ତ ବର୍ଗର ଆଦିବାସୀ ଏକଜୁଟ ହୋଇ ମାଝିଙ୍କୁ ବିଜୟୀ କରିବା ପାଇଁ ଶପଥ ନେଇଥିଲେ। ହେଲେ ନିର୍ବାଚନରେ ଆଦିବାସୀ କାର୍ଡ କାମ କଲା ନାହିଁ। ବିଜେଡିକୁ ବହୁ ଆଦିବାସୀ ନେତା ସମର୍ଥନ କରିଥିଲେ। ସେମାନେ ଆଦିବାସୀ ପ୍ରାର୍ଥୀଙ୍କ ସଭାକୁ ଯାଇଥିଲେ ମଧ୍ୟ ଗୋପନରେ ବିଜେଡିକୁ ସମର୍ଥନ ଜଣାଇବାରୁ ବିଜୟୀ ହୋଇଥିଲୁ ବୋଲି ବିଜେଡି ଜିଲା ସଭାପତି ଅବନୀ ରଞ୍ଜନ ଜୋଷୀ କହିଛନ୍ତି। ଅନ୍ୟପକ୍ଷରେ ଭାଜପାରେ ଆଦିବାସୀ କର୍ମୀ କିମ୍ବା ନେତା ନ ଥିଲେ। ଦଳର ଚିହ୍ନ ଦେଖି ଲୋକେ ଭୋଟ ଦେଇଥିଲେ ବୋଲି ଜଣେ କର୍ମୀ କହିଛନ୍ତି। ଆସନ୍ତା ନଭେମ୍ବର ୧୪ରେ ଫଳାଫଳ ଘୋଷଣା ପରେ ହାତୀ କାହା ମୁଣ୍ଡରେ ସୁନା କଳସ ଢାଳୁଛି ତାହା ସ୍ପଷ୍ଟ ହେବ।

"ମହାନ୍ ଆତ୍ମାମାନଙ୍କୁ ନିଃସଙ୍ଗ ଜୀବନ ମଧ୍ୟ ବଂଚିବାକୁ ପଡିଥାଏ। ଯେଉଁମାନେ ସାରାବିଶ୍ୱର ପୂଜନୀୟ- ସେମାନେ ଏକୁଟିଆ ବିଚରଣ କରୁଥାନ୍ତି। ସେମାନଙ୍କର ମହତ ଚେଷ୍ଟା ବ୍ୟର୍ଥ ମଧ୍ୟ ହୋଇ ଯାଇପାରେ। କିନ୍ତୁ ଅବିଚଳିତ ରହନ୍ତି ସେମାନେ। ସେମାନଙ୍କ ଅନ୍ତରର ଶକ୍ତି ହିଁ ଏକମାତ୍ର ବନ୍ଧୁ। -ଶ୍ରୀଅରବିନ୍ଦ



# ଶାସନର ନବୀକରଣ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସମସ୍ୟା ସମାଧାନ ହେଉ କିମ୍ବା ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ପ୍ରତିଦିନ ଜଣେ ପ୍ରଧାନମନ୍ତ୍ରୀ ବରିଷ୍ଠ ଅମଲାଙ୍କ ସହ ଘଣ୍ଟା ଘଣ୍ଟା ଆଲୋଚନା କରନ୍ତି ନାହିଁ। କିନ୍ତୁ ନରେନ୍ଦ୍ର ମୋଦି ଏହା କରୁଛନ୍ତି। ନିକଟରେ ମୋଦି ୩.୦ ବ୍ୟାନରରେ ଶାସନର ନବୀକରଣ ପାଇଁ ଲଗାତର ବାବୁମାନଙ୍କ ସହ ଆଲୋଚନା କରୁଥିଲେ। କିନ୍ତୁ ଏବେ ଗତିବିଧି ଅଧିକ ପ୍ରଭାବଶାଳୀ ହୋଇଛି। ତ୍ୱରିତ ନୀତି ନିର୍ଦ୍ଧାରଣଠାରୁ ଆରମ୍ଭକରି ଉତ୍ତରଦାୟିତ୍ୱ ଏବଂ ତୃଣମୂଳସ୍ତରରେ ନୀତିକୁ କାର୍ଯ୍ୟକାରୀ କରାଇବା ପର୍ଯ୍ୟନ୍ତ ସରକାର କିପରି କାମ କରିବେ ତାହା ଉପରେ ପୁନର୍ବିଚାର ହେଉଛି। ମୋଦି ଅନୁଭବ କରିଛନ୍ତି, ଯଦି ବାବୁମାନେ ପୁରୁଣା ଅଭ୍ୟାସରେ ବୁଡ଼ି ରହନ୍ତି, ତେବେ କେବଳ ନୂତନ ଆଇନ ଏବଂ ସ୍ଲୋଗାନ ଦ୍ୱାରା ଆଖିଦୃଶିଆ ପରିବର୍ତ୍ତନ ଆସିପାରିବ ନାହିଁ। ଶାସନ ସଂସ୍କାର ଉପରେ ଗୁରୁତ୍ୱ ଦିଆଯାଇ ଦକ୍ଷତା, ସମନ୍ୱୟ ଏବଂ ଦ୍ରୁତ କାର୍ଯ୍ୟାନ୍ୱୟନକୁ ନେଇ ଆଲୋଚନା ହେଉଛି। ଶାସନ ପ୍ରକ୍ରିୟାରେ କେଉଁସବୁ ତତ୍ତ୍ୱ ବାଧା ଉପୁଯାଉଛି ତାହାକୁ ସରକାର ରୋକିବାକୁ ଚାହାନ୍ତି। ନେହେରୁଙ୍କ ପରଠାରୁ ପ୍ରତ୍ୟେକ ପ୍ରଧାନମନ୍ତ୍ରୀ ଅମଲାତନ୍ତ୍ରକୁ ଆଧୁନିକୀକରଣ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି; କିନ୍ତୁ କେହି କରିପାରିନାହାନ୍ତି। ଭାରତର ପ୍ରଶାସନିକ ସେବା ପ୍ରାୟତଃ କାର୍ଯ୍ୟଦକ୍ଷତା ନୁହେଁ, ବରିଷ୍ଠତାକୁ ନେଇ ଆଗକୁ ବଢ଼ିଛି। ତେଣୁ ଯେପର୍ଯ୍ୟନ୍ତ ମୋଦିଙ୍କ ନବୀକରଣ ପ୍ରକ୍ରିୟା ବ୍ୟବସ୍ଥାରେ ଉତ୍ତରଦାୟିତ୍ୱ ନିଶ୍ଚିତ ନ କରିଛି ଏବଂ ସଚ୍ଚୋଟ ଅଧିକାରୀମାନଙ୍କୁ ରାଜନୈତିକ ପଞ୍ଝାରୁ ରକ୍ଷା ନ କରିଛି, ସେ ପର୍ଯ୍ୟନ୍ତ ଆମେ ପୁନର୍ବାର ସମାନ ସମସ୍ୟାକୁ ସାମ୍ନା କରିବୁ। ବଡ଼ ବଡ଼ କଥା ଶୁଣିବାକୁ ମିଳିବ, ଅଥଚ କମ୍ ପରିବର୍ତ୍ତନ ଆସିବ। ତଥାପି, ଗୁରୁତ୍ୱପୂର୍ଣ୍ଣ ଯେ ପ୍ରଧାନମନ୍ତ୍ରୀ ବାବୁମାନଙ୍କୁ ଭାଷଣ ଶୁଣାଇବା ପରିବର୍ତ୍ତେ ସେମାନଙ୍କୁ ସକ୍ରିୟ କରୁଛନ୍ତି। କହିବାକୁ ଗଲେ ଏକ ଛୋଟ ସଂସ୍କୃତିଗତ ପରିବର୍ତ୍ତନ।

### ଅଜବ ଇସ୍ତଫା ମାମଲା

ଭାରତର ବାବୁସାମ୍ରାଜ୍ୟରେ ନିୟମକୁ କିପରି ସାମାନ୍ୟ ମୋଡ଼ ଦିଆଯାଇପାରେ ତାହା କାନ୍ନନ ଗୋପୀନାଥନ୍‌ଙ୍କ ଘଟଣାରେ ଦେଖିବାକୁ ମିଳେ। ନାଗରିକ ସ୍ୱାଧୀନତା ଉପରେ ମୁହଁଖୋଲି ୨୦୧୯ରେ ଆଇଏଏସ୍‌ରୁ ଇସ୍ତଫା ଦେଇଥିବା ଗୋପୀନାଥନ୍ କହିଛନ୍ତି, ସରକାର ଔପଚାରିକ ଭାବରେ ତାଙ୍କ ଇସ୍ତଫା ଗ୍ରହଣ କରି ନ ଥିଲେ। ଏପରିକି ୬ବର୍ଷ ପରେ ଏବେ ସେ କଂଗ୍ରେସରେ ଯୋଗଦେଇଥିବାବେଳେ ତାଙ୍କୁ ସେବାରୁ ବିରତ କରାଯାଇନାହିଁ। ସେବା ନିୟମ ଅନୁଯାୟୀ, କୌଣସି ଶୃଙ୍ଖଳାଗତ ତଦନ୍ତ କିମ୍ବା ବକେୟା ଦେୟ ନ ଥିଲେ ସାଧାରଣତଃ ଜଣେ ଅଧିକାରୀଙ୍କ ଇସ୍ତଫା ଗ୍ରହଣ କରାଯାଏ। ଯେହେତୁ ଏହି ପ୍ରକ୍ରିୟା ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟ ସୀମା ନାହିଁ, ସେଥିପାଇଁ ସରକାର ସ୍ୱାଧୀନ ଭାବେ ନିଷ୍ପତ୍ତି ନେଉଛନ୍ତି। ଗୋପୀନାଥନ୍‌ଙ୍କ କ୍ଷେତ୍ରରେ, 'ହିଁ' କିମ୍ବା 'ନା' ସ୍ପଷ୍ଟ କରାଯାଇନାହିଁ। ସେ ନା ଜଣେ ସେବାକାରୀ ଅଧିକାରୀ କିମ୍ବା ଜଣେ ମୁକ୍ତ ନାଗରିକ ହୋଇପାରୁଛନ୍ତି। ଅନେକ ବର୍ଷ ଧରି ଅନିଶ୍ଚିତତାରେ ରହିପାରୁଥିବା ଇସ୍ତଫାପତ୍ର ସ୍ପଷ୍ଟ ବାର୍ତ୍ତା ଦିଏ ଯେ, ବ୍ୟବସ୍ଥା ଠକ୍ ଭାବେ ଚାଲୁନାହିଁ। ତେବେ ପ୍ରଶ୍ନ ଉଠୁଛି, ସରକାରଙ୍କ ପାଖରେ ଇସ୍ତଫାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଳମ୍ବ କରିବାର କିମ୍ବା ଅଣଦେଖା କରିବାର ଏକପାଖିଆ କ୍ଷମତା ଅଛି କି? ଯଦି ନିୟମ ପୁସ୍ତକରେ ସାଧାରଣ ଭାବେ ଇସ୍ତଫା ଗୃହୀତ ହେବା କଥା ଉଲ୍ଲେଖ ଅଛି, ତେବେ ଏଥିରେ ହୋଇଥିବା ବ୍ୟତିକ୍ରମର ଯଥାର୍ଥତା ଦର୍ଶାଇବା ଉଚିତ, ଏହାକୁ ସାମାନ୍ୟ ବିଷୟ ଭାବିବା ଅନୁଚିତ। ସିଭିଲ ସର୍ଭିସ୍ ଏକ ଯନ୍ତା ଭଳି କାର୍ଯ୍ୟ କରିବା ଉଚିତ ନୁହେଁ। ଅଧିକାରୀମାନେ ଅସୁବିଧାରେ ପଡୁଥିବାବେଳେ ଏକ ନିୟମ ଆଧାରିତ ବ୍ୟବସ୍ଥାକୁ ତାହାର ନିଜ ନିୟମ ପ୍ରୟୋଗ କରିବାକୁ ପଡ଼ିବ।

### ବ୍ୟବସ୍ଥାରେ ପରିବର୍ତ୍ତନ

ନକ୍ସଲ ବିରୋଧରେ ଲଢୁଥିବା ସିଆର୍‌ପିଏଫ୍ ଅଧିକ ସମନ୍ୱୟ ତଥା ତ୍ୱରିତ ନିଷ୍ପତ୍ତି ନେବା ଲକ୍ଷ୍ୟରେ ଏହାର କମାଣ୍ଡ ବ୍ୟବସ୍ଥାରେ ପରିବର୍ତ୍ତନ କରିଛି। ଏହା ଏପରି ଏକ ସଂସ୍କାର ଯାହା କ୍ଷେତ୍ରରେ ସମସ୍ତ ପରିବର୍ତ୍ତନ ଆଣିପାରିବ। ବାସ୍ତବରେ ଏହା ବହୁ ପୂର୍ବରୁ କରାଯିବା ଉଚିତ ଥିଲା। ଅନେକ ଦଶନ୍ଧି ଧରି, ସିଆର୍‌ପିଏଫ୍ ଭାରତର ଆଭ୍ୟନ୍ତରୀଣ ସୁରକ୍ଷାରେ ପ୍ରମୁଖ ଭୂମିକା ନେଇଆସିଛି। ଏହା ବ୍ୟାପକ ଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ପ୍ରାୟତଃ ଏକ ପୁରୁଣା ପଦାନୁକ୍ରମ ବିଚାରରେ ଫସି ରହିଛି, ଯେଉଁଠାରେ ପ୍ରତ୍ୟେକ ନିଷ୍ପତ୍ତିରେ କିଛି ପରିବର୍ତ୍ତନ କରିବା ପୂର୍ବରୁ ଅନେକ ସ୍ତରର ନିର୍ଦ୍ଦେଶ ଦେଇ ଗତି କରିବାକୁ ପଡ଼େ। ଫଳରେ ତତ୍‌କ୍ଷଣାତ୍ ଆକ୍ରମଣକରି ଅଦୃଶ୍ୟ ହୋଇଯାଉଥିବା ବିଦ୍ରୋହୀମାନଙ୍କୁ ଟ୍ରାକ୍‌କରିବାରେ ବିଳମ୍ବ ହିଁ ସୁଯୋଗକୁ ହାତଛଡ଼ା କରେ। ନୂତନ ବ୍ୟବସ୍ଥାରେ ଏବେ ଜଣେ ସ୍ୱତନ୍ତ୍ର ନିର୍ଦ୍ଦେଶକ କୋବ୍ରା ବାଟାଲିଅନ, ଗୁପ୍ତଚର ୟୁନିଟ୍ ଏବଂ ଟାକ୍‌ଟିକାଲ ୱିଙ୍ଗ୍ ସମେତ ସମସ୍ତ କାର୍ଯ୍ୟ ପରିଚାଳନା କରିବେ। ଅନ୍ୟ ଜଣେ ଲଜିଷ୍ଟିକ୍ସ ଏବଂ ପ୍ରଶାସନ ପରିଚାଳନା କରିବେ, ତୃତୀୟ ଜଣକ ତାଲିମ ଏବଂ କ୍ଷମତା-ବୃଦ୍ଧି ଉପରେ ଧ୍ୟାନ ଦେବେ ଏବଂ ସେମାନଙ୍କୁ ସହଯୋଗ କରିବା ପାଇଁ ଜଣେ ଉତ୍ସର୍ଗୀକୃତ ଅତିରିକ୍ତ ଡିଜି ରହିବେ। ତତ୍ତ୍ୱଗତ ଭାବରେ, ଏହା ଦାୟିତ୍ୱର ଏକ ଉତ୍ତମ ପୁନଃ ଆବଣ୍ଟନ ଯାହା ଉତ୍ତରଦାୟିତ୍ୱକୁ ଉତ୍ସାହିତ କରିବ। ସିଆର୍‌ପିଏଫ୍ ଏହି ପୁନର୍ଗଠନକୁ ଦ୍ରୁତ, ସ୍ମାର୍ଟ ଏବଂ ଅଧିକ ଅନୁକୂଳ ଭାବେ କ୍ଷେତ୍ରରେ କାର୍ଯ୍ୟ କରିପାରିବ କି ନାହିଁ ତାହା ତା' ପାଇଁ ହେଉଛି ପ୍ରକୃତ ପରୀକ୍ଷା। ଯଦି ବ୍ୟବସ୍ଥାଗତ ପରିବର୍ତ୍ତନ ମୃତାହତ ସଂଖ୍ୟା କମ୍ କରିବା ସହ କଠୋର ଅପରେଶନକୁ ଦ୍ରୁତ କରିବ, ତେବେ ବାମପନ୍ଥୀ ଉଗ୍ରବାଦ ବିରୋଧରେ ଜାରି ଦୀର୍ଘ ଯୁଦ୍ଧ ପ୍ରକୃତରେ ଶେଷ ହେବା ଆରମ୍ଭ ହେବ ବୋଲି ଧରିନିଆଯିବ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | 4 | | | | | |
| | 2 | 3 | 5 | | | 9 | | |
| 8 | | | 6 | | | | | |
| 1 | | | | | | | 4 | |
| | 6 | 2 | | | | | | |
| 5 | | 9 | | 8 | | | 1 | |
| | | | | | 7 | | 8 | 3 |
| | | | | 2 | | | | 5 |
| | 1 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 9 | 1 | 2 | 5 | 7 | 8 | 6 | 4 |
| 7 | 6 | 2 | 9 | 4 | 8 | 1 | 3 | 5 |
| 4 | 8 | 5 | 6 | 1 | 3 | 2 | 7 | 9 |
| 9 | 4 | 8 | 3 | 2 | 5 | 6 | 1 | 7 |
| 2 | 1 | 7 | 4 | 6 | 9 | 3 | 5 | 8 |
| 5 | 3 | 6 | 7 | 8 | 1 | 4 | 9 | 2 |
| 1 | 2 | 9 | 5 | 3 | 4 | 7 | 8 | 6 |
| 6 | 7 | 3 | 8 | 9 | 2 | 5 | 4 | 1 |
| 8 | 5 | 4 | 1 | 7 | 6 | 9 | 2 | 3 |

ଗତକାଲିର ଉତ୍ତର

# ସସମ୍ମାନେ ଇଚ୍ଛାମୃତ୍ୟୁ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ଦ୍ୱିତୀୟ ଶତାବ୍ଦୀର ରୋମାନ୍ ଶାସକ ତଥା ପ୍ରଖ୍ୟାତ ଦାର୍ଶନିକ ମାର୍କସ୍ ଆଉରେ ଲିସ୍ (୧୨୧ରୁ ୧୮୦ ମସିହା) ଶିରକୁ ଉନ୍ନତକରି ଦୁନିଆରୁ ବିଦାୟ ନେବା ପ୍ରତ୍ୟେକ ବ୍ୟକ୍ତିର ଜନ୍ମଗତ ଅଧିକାର ବୋଲି ମତ ପୋଷଣକରି ତାଙ୍କ 'ମୃତ୍ୟୁରେ ସ୍ୱାଭିମାନ' କବିତାରେ ସୂଚିତ କରିଥିଲେ "ମୁଁ କିପରି ମୃତ୍ୟୁବରଣ କରିବି ତାହା ମୋର ନିଷ୍ପତ୍ତି, ମୁଁ କିପରି ଧରାପୃଷ୍ଠରୁ ବିଦାୟ ନେବି ତାହା ମୋର ଅନ୍ତିମ ଲକ୍ଷ୍ୟ, ମୋ ଜୀବନ ହେଉଛି ମୋର, ସେହିପରି ମୋର ମୃତ୍ୟୁ, ମୁଁ କିପରି ଏଠାରୁ ଯିବି ତାହା ମୋର ଚିନ୍ତାର ବିଷୟ।"

ତାଙ୍କ ସହିତ ନିଶ୍ଚିତ ଭାବେ ଏକମତ ହେବେ ପ୍ରତ୍ୟେକ ସ୍ୱାଭିମାନୀ ମଣିଷ। କାରଣ ବାର୍ଦ୍ଧକ୍ୟ ବା ରୋଗାକ୍ରାନ୍ତ ହୋଇ ଯନ୍ତ୍ରଣାରେ ମରିବା ଅପେକ୍ଷା ସ୍ୱାଭିମାନର ସହ ମୃତ୍ୟୁବରଣ କରିବା ନିଶ୍ଚିତ ରୂପେ ସ୍ପୃହଣୀୟ। ସରଳ ଭାଷାରେ କହିବାକୁ ଗଲେ ମାର୍କସ୍‌ଙ୍କ ଲକ୍ଷ୍ୟରେ ଥିଲେ ଜଟିଳ ରୋଗବ୍ୟାଧି ଓ ବାର୍ଦ୍ଧକ୍ୟ ପ୍ରପୀଡ଼ିତ ଅକର୍ମଣ୍ୟମାନେ। ଏବେ ପୃଥିବୀର ଅନେକ ଦେଶରେ ଏ ପ୍ରକାର ଇଚ୍ଛାମୃତ୍ୟୁକୁ ଆଇନଗତ ସ୍ୱୀକୃତି ମିଳିଛି - ତେବେ ଏ ଅଧିକାର ଦିଆଯାଇଛି ଭିନ୍ନ ଭିନ୍ନ ରୂପେ।

ଆମ ଦେଶରେ ଏଥିପାଇଁ ଯେଉଁ ଅନୁମତି ମିଳିଛି ତାହା ହେଲା କୌଣସି ଘାତକ ରୋଗ ପ୍ରପୀଡ଼ିତ କିମ୍ବା ବାର୍ଦ୍ଧକ୍ୟଜନିତ ଅକର୍ମଣ୍ୟ ଲୋକ ଅନ୍ତିମକ୍ଷଣର ଅପେକ୍ଷାରେ ଥିଲେ ତାଙ୍କୁ ସାମୟିକ ବଞ୍ଚାଇ ରଖିବା ପାଇଁ ଚିକିତ୍ସା କିମ୍ବା ଜୀବନ ସହାୟକ ଯନ୍ତ୍ରପାତିର ବ୍ୟବହାର ବନ୍ଦ କରିଦେବା। ଏଥିପାଇଁ ବ୍ୟକ୍ତି ଜଣକ ସଚେତନ ଅବସ୍ଥାରେ ଥିଲେ ନିଜେ କିମ୍ବା ସେ ଅଚେତନ ଅବସ୍ଥାକୁ ଆସିଯାଇଥିଲେ ତାଙ୍କର ନିକଟତମ ସମ୍ପର୍କୀୟଙ୍କୁ ଇଚ୍ଛାପତ୍ରଟିଏ ସ୍ୱାକ୍ଷର କରିବାକୁ ପଡ଼େ। ବିଗତ ଜୁନ୍ ମାସରେ (୨୦୨୫) ମୁମ୍ବାଇସ୍ଥିତ ପି.ଡି. ହିନ୍ଦୁଜା ହସ୍ପିଟାଲର 'ଲିଭିଂ ଉଇଲ୍ କ୍ଲିନିକ୍' ଦେଶରେ ପ୍ରଥମେ ଏଥିରେ ସହାୟତା କରିବାର ବ୍ୟବସ୍ଥା ଆରମ୍ଭ କରିଛି। ଯେକୌଣସି ୧୮ ବର୍ଷ ଅତିକ୍ରମ କରିଥିବା ବ୍ୟକ୍ତି ଏଠାରେ ଇଚ୍ଛାପତ୍ରଟିଏ ସ୍ୱାକ୍ଷର କରିପାରିବ, ବର୍ତ୍ତମାନ ସେ ସୁସ୍ଥ ହୋଇ ଥାଉ ବା ନ ଥାଉ। ଏଥିପୂର୍ବରୁ ତାଙ୍କୁ ମ୍ୟୁନିସିପାଲିଟି ଅଫିସରେ ରେଜିଷ୍ଟ୍ରେଶନ କରିବାକୁ ପଡ଼ିବ। ଏହା ଫଳରେ ତାଙ୍କର ଭବିଷ୍ୟତ ପାଇଁ ଅନିଶ୍ଚିତତା ଦୂର ହେବ।

ବର୍ତ୍ତମାନ ଏଥିପାଇଁ ଆସୁଥିବା ଅଧିକାଂଶ ଲୋକ ହେଉଛନ୍ତି କର୍କଟରୋଗ, ସ୍ମୃତିହୀନତା, ପାର୍କିନ୍‌ସନ୍‌ରୋଗ, ହୃଦ୍‌ରୋଗ, ବୃକ୍କ ଓ ଫୁସ୍‌ଫୁସ୍ ଆଦି ରୋଗରେ ପ୍ରପୀଡ଼ିତ। ସେମାନଙ୍କ ବୟସ ୪୦ରୁ ୮୦ ବର୍ଷ। ଏଠାରେ ସେମାନଙ୍କୁ ବୁଝାଇ ଦିଆଯାଉଛି ଯେ, ଦୀର୍ଘକାଳ ଧରି ଭେଣ୍ଟିଲେଟର, ଖାଦ୍ୟନଳୀ ବା ନାନାଦି ଜୀବନ ସହାୟକ ଯନ୍ତ୍ରପାତି ସାହାଯ୍ୟରେ ମୃତବତ୍ ଅବସ୍ଥାରେ ବଞ୍ଚୁଥିବା ଏବଂ ଭଲ ହେବାର କୌଣସି ସମ୍ଭାବନା ନ ଥିବା



ରୋଗୀମାନଙ୍କୁ ହିଁ କେବଳ ଏ ସହାୟତା ଯୋଗାଇ ଦିଆଯାଇ ପାରିବ। ଏହା ଆଇନ ସମ୍ମତ ଏବଂ ଉଚ୍ଚତମ ନ୍ୟାୟାଳୟର ସ୍ୱୀକୃତିପ୍ରାପ୍ତ। ତେବେ ଏଥିପାଇଁ କେତେକ ନିୟମ ପାଳନ କରିବାକୁ ହେବ। ଦୁଇଟି ଅଲଗା ଅଲଗା ଡାକ୍ତର ଟିମ୍ ବ୍ୟକ୍ତିଟିକୁ ପରୀକ୍ଷା କରି ମତଦେବେ ଯେ, ସେ ଜୀବନର ଅନ୍ତିମ କାଳରେ ପହଞ୍ଚି ଯାଇଛି ଏବଂ ଅବସ୍ଥା ଅଣଲେଉଟା। ଏ କାର୍ଯ୍ୟ ସମ୍ପାଦନ ଲାଗି ଦିନକୁ ଦିନ ଅଧିକରୁ ଅଧିକ ଲୋକ ଇଚ୍ଛା ପ୍ରକାଶ କରିବାର ଦେଖାଯାଉଛି। ନିଶ୍ଚିତ ମୃତ୍ୟୁର ସନ୍ନିକଟ ହେଲା ପରେ କୃତ୍ରିମ ବ୍ୟବସ୍ଥାମାନ ବ୍ୟବହାର କରି ବଞ୍ଚିବା ନିଜ ପାଇଁ ତ ଯନ୍ତ୍ରଣାଦାୟକ, ତାହା ପରିବାରବର୍ଗଙ୍କ ଉପରେ ଅଯଥା ଚାପ ବୃଦ୍ଧି କରୁଥିବାର ସେମାନେ ବୁଝିଲେଣି। ସେଥିପାଇଁ ସେମାନେ ମୁମ୍ବାଇର ମ୍ୟୁନିସିପାଲିଟି ଅଫିସକୁ ବହୁ ସଂଖ୍ୟାରେ ଆସିବାକୁ ଲାଗିଲେଣି ରେଜିଷ୍ଟ୍ରେଶନ ଲାଗି। ସେଠାରୁ ସେମାନଙ୍କ ନାମ ପଠାଯାଉଛି 'ଲିଭିଂ ଉଇଲ କ୍ଲିନିକ୍'କୁ।

ଆମ ଦେଶରେ ଏହି ଅଧିକାର ମିଳିବା ପାଇଁ ନ୍ୟାୟିକ ଲଢ଼େଇ ଚାଲି ଆସିଛି ଅନେକ ଦିନରୁ। ପ୍ରଥମେ ଏହା ଆରମ୍ଭ ହୋଇଥିଲା ୧୯୯୪ରେ। ପି. ରାଥିନାମ ବନାମ ଭାରତ ସରକାର ମାମଲା ମାଧ୍ୟମରେ। ଉଚ୍ଚତମ ନ୍ୟାୟାଳୟ ଏହାକୁ ଏକ ଅପରାଧ ବୋଲି ମନେ ନ କରିବା ସପକ୍ଷରେ ମତ ଦେଇଥିଲେ। ତପ୍ରେ ୧୯୯୫ରେ ମୁମ୍ବାଇର ଉଚ୍ଚ ନ୍ୟାୟାଳୟରେ ରୁଜୁ ହେଲା ନରେଶ ମାରୋଟ ରାଓ ବନାମ ଭାରତ ସରକାର ମାମଲା। ଇଚ୍ଛାମୃତ୍ୟୁକୁ ହତ୍ୟା ରୂପେ ଗଣନା ନ କରିବାକୁ ଏହାର ରାୟରେ ମଧ୍ୟ ସୂଚିତ କରାଯାଇଥିଲା। ସେହିପରି ୧୯୯୬ରେ ଉଚ୍ଚତମ ନ୍ୟାୟାଳୟରେ ଜ୍ଞାନ କାଉରଙ୍କ ଦ୍ୱାରା ଏବଂ ୧୯୯୯ରେ ଏନ. ମୁକୁନ୍ଦ ପିଲ୍ଲାଇଙ୍କ ଦ୍ୱାରା ଆଗତ ମାମଲାରେ ଅନୁରୂପ ରାୟମାନ ପ୍ରକାଶ ପାଇଥିଲା। ତେବେ ସରକାର ତାହାକୁ କାର୍ଯ୍ୟକାରୀ କରାଇ ନ ଥିଲେ।

ଇଚ୍ଛାମୃତ୍ୟୁ ସମ୍ପର୍କରେ ଜାତୀୟ ସ୍ତରରେ ବ୍ୟାପକ ଆଲୋଚନା ଆରମ୍ଭ ହେଲା ଆରୁଣା ଶାନ୍ ବାଉଗ୍‌ଙ୍କ ପାଇଁ ଇଚ୍ଛାମୃତ୍ୟୁ ଆବେଦନ ପରେ। ଜଣେ ପୁରୁଣ ସହକର୍ମୀଙ୍କ ଦ୍ୱାରା ଦୁଷ୍କର୍ମର ଶିକାର ହେବା ପରେ ୧୯୭୪ରେ ସମ୍ପୂର୍ଣ୍ଣ ଅଚେତନ ଅବସ୍ଥାରେ ଜୀବନ ସହାୟକ ବ୍ୟବସ୍ଥା ସାହାଯ୍ୟରେ କିଂ ଏଡ୍‌ୱାର୍ଡ ହସ୍ପିଟାଲରେ ୪ ଦଶକରୁ ଅଧିକ କାଳ କଟାଇଥିଲେ। ଏସବୁ କାଢ଼ିନେଇ ତାଙ୍କ ଯନ୍ତ୍ରଣାଦାୟକ ଜୀବନର ପରିସମାପ୍ତି ଘଟାଇବା ଲାଗି ଏକ ସ୍ୱେଚ୍ଛାସେବୀ ସଂସ୍ଥା ଆବେଦନ କରିଥିଲା ଉଚ୍ଚତମ ନ୍ୟାୟାଳୟରେ। ଏହାର ରାୟ ପ୍ରକାଶ ପାଇଥିଲା ୨୦୧୧ରେ। ଏଥିରେ ସୂଚିତ କରାଯାଇଥିଲା ଯେ, କେବଳ ସମ୍ପୂର୍ଣ୍ଣ ଅଚେତନ ଅବସ୍ଥାରେ ଥିବା ମସ୍ତିଷ୍କମୃତ ବ୍ୟକ୍ତିମାନଙ୍କୁ ସେମାନଙ୍କ ନିକଟ ସମ୍ପର୍କୀୟ ଏବଂ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ସ୍ୱୀକୃତି ପରେ ଏହା କରାଯାଇପାରିବ। ତେବେ ଏ ଦିଗରେ ପଦକ୍ଷେପ ନେବା ଆଗରୁ ସେ ଆନ୍ତ୍ରିକ ଜ୍ୱରରେ ମୃତ୍ୟୁବରଣ କଲେ। ପରେ ୨୦୧୮ରେ ଉଚ୍ଚତମ ନ୍ୟାୟାଳୟ ଏଥିସହିତ ସଚେତନ ଥିବା ଅବସ୍ଥାରେ ବ୍ୟକ୍ତିଟି ଇଚ୍ଛାମୃତ୍ୟୁ ଲାଗି ଇଚ୍ଛାପତ୍ରଟିଏ ଲେଖିପାରିବାରକୁ ମଧ୍ୟ ଅନୁମତି ଦେଲେ ଏବଂ ୨୦୨୩ରେ ଏହାକୁ ଅଧିକ ସରଳୀକୃତ କରିଦେଲେ। ତଥାପି ସେଥିରେ କେତେକ ଦ୍ୱନ୍ଦ୍ୱ ରହିଯାଇଥିଲା। ନିକଟରେ ଏପ୍ରିଲ ୨୫ରେ ମୁମ୍ବାଇର ଉଚ୍ଚ ନ୍ୟାୟାଳୟ ତହିଁରେ ପରିବର୍ତ୍ତନ ଆଣି ଏଥିପାଇଁ ରେଜିଷ୍ଟ୍ରେଶନ କରାଇବା ଲାଗି ଦ୍ୱାର ଉନ୍ମୁକ୍ତ କଲେ। ଫଳରେ ପି.ଏଚ. ହିନ୍ଦୁଜା ହସ୍ପିଟାଲ ପ୍ରତିଷ୍ଠା କଲା ତା'ର ଲିଭିଂ ଉଇଲ କ୍ଲିନିକ୍। ଆଶା କରାଯାଏ ଏ ପ୍ରକ୍ରିୟା ସମଗ୍ର ଦେଶରେ ଅଧିକରୁ ଅଧିକ ବ୍ୟାପକ ହେବ ଏବଂ ଏହାର ସବୁପ୍ରାନ୍ତର ଲୋକେ ହାତପାହାନ୍ତାରେ ପାଇପାରିବେ 'ଇଚ୍ଛା ମୃତ୍ୟୁ'ର ସୁଯୋଗ।

ଅନ୍ୟ ଏକ ପ୍ରକାର ଇଚ୍ଛାମୃତ୍ୟୁ ପ୍ରକ୍ରିୟା ପ୍ରଚଳିତ ଅଛି ଅଷ୍ଟ୍ରିଆ, ଜର୍ମାନୀ, ଇଟାଲୀ, ଲକ୍‌ସେମବର୍ଗ, ନେଦରଲ୍ୟାଣ୍ଡସ, ବେଲଜିୟମ, ପର୍ତ୍ତୁଗାଲ, ସ୍ପେନ ଏବଂ ସୁଇଜରଲାଣ୍ଡରେ। ଜୁନ୍ ୨୦୨୫ରେ ଇଂଲଣ୍ଡର ପାର୍ଲାମେଣ୍ଟ ମଧ୍ୟ ଏହାକୁ ସର୍ତ୍ତମୂଳକ ସ୍ୱୀକୃତି ପ୍ରଦାନ କରିଛି। ଏଥି ଅନୁଯାୟୀ ଜଣେ ବ୍ୟକ୍ତି 'ନିଶ୍ଚିତ ମୃତ୍ୟୁ' ଅବଶ୍ୟ ନ ଥିଲେ ମଧ୍ୟ ସେ ବୃଦ୍ଧ କିମ୍ବା ରୁଗ୍‌ଣ ହୋଇଥିଲେ ଡାକ୍ତର ସହାୟତାରେ ଏହା କରିପାରିବେ। ତେବେ, ଏଥିରେ ଡାକ୍ତର କିଛି ନିଜସ୍ୱ ଲାଭ ନ ଥିବା କଥା ପ୍ରମାଣିତ କରିବାକୁ ହେବ। ଏହାକୁ କେତେକେ କହୁଛନ୍ତି 'ଅନୁକମ୍ପା ହତ୍ୟା'।

ଏ ସମସ୍ତ କଥା ବିଚାରକୁ ନେଲେ ଆମ ଦେଶରେ ଏବେ ଆରମ୍ଭ ହୋଇଥିବା ଇଚ୍ଛାମୃତ୍ୟୁ ପ୍ରକ୍ରିୟା ସ୍ୱାଗତଯୋଗ୍ୟ। 'ସଚେତନ ଇଚ୍ଛାମୃତ୍ୟୁ' ବା 'ଅନୁକମ୍ପା ହତ୍ୟା'କୁ ଆମଦେଶରେ ସ୍ୱୀକୃତି ମିଳିବା ଦରକାର। ତା'ହେଲେ ବୃଦ୍ଧ ବା ରୁଗ୍‌ଣ ଲୋକେ ମୃତ୍ୟୁର ସନ୍ନିକଟ ହେବାର ସମ୍ଭାବନା ନ ଥିଲେ ବି ଚାହିଁଲେ ଡାକ୍ତରଙ୍କ ସହାୟତାରେ ଏହା କରିପାରନ୍ତେ। ଅତଏବ ସେମାନଙ୍କୁ ଭାରାକ୍ରାନ୍ତ ଜୀବନରୁ ସସମ୍ମାନେ ମୁକ୍ତି ଲାଭକରିବା ସମ୍ଭବ ନୁହେଁ।

**ଖଣ୍ଡଗିରି ବିହାର, ଭୁବନେଶ୍ୱର,**
**ମୋ:୯୯୩୭୩୦୧୪୬୦**

# ମିଛ ହିଁ ସୁନ୍ଦର



ହରେକୃଷ୍ଣ ଦାସ

"ଜୁଝିଲ ବନ୍ଧୁ, ଆମେମାନେ ଯେତେ ସଚ୍ଚୋଟ, ସ୍ୱଚ୍ଛ ବୋଲି ଦେଖେଇ ହେଉଥିଲେ ମଧ୍ୟ ପ୍ରକୃତରେ ଆମେ ମିଛ ଏବଂ ଛଳନାପୂର୍ଣ୍ଣ ଜୀବନ ବଞ୍ଚୁଛେ। ଆଉ ଏ ଛଳନା ଆମର ପାରିବାରିକ ଜୀବନରେ ସବୁଠୁ ଅଧିକ ବୋଲି ମୁଁ ଭାବେ। ପାରିବାରିକ ସମ୍ପର୍କ ପୋଡ଼ି ଛାରଖାର ହୋଇଯାଇଥିଲେ ବି ବାହାରକୁ ସମସ୍ତେ ଏମିତି ଅଭିନୟ କରନ୍ତି ସତେ ଯେମିତି ସେମାନେ ହେଉଛନ୍ତି ଏ ସୃଷ୍ଟିର ସବୁଠୁ ସୁଖୀ ପରିବାର। ସାମାଜିକ ଲଜ୍ଜା ଭୟରେ ଅଧିକାଂଶ ଲୋକ ନିଜର ପୋଡ଼ା ହୃଦୟକୁ ଗୋଟେ ଅଜାଗା ଘାଆ ଭଳି ଲୁଚେଇ ରଖିବାକୁ ଇଚ୍ଛା କରନ୍ତି। ଖାଲି ସେତିକି ନୁହଁ, ମାତ୍ରାଧିକ ସତ୍ୟକୁ ମଧ୍ୟ ମଣିଷ ବରଦାସ୍ତ କରିପାରେନି। ତେଣୁ ଅନେକ ସମୟରେ ମିଛ ଶୁଣିବାକୁ ଓ ମିଛ ଭିତରେ ବଞ୍ଚିବାକୁ ଭଲପାଏ। ମିଛର ଚାଦରଟେ ଢାଙ୍କି ହୋଇଥିବାରୁ ବାହାର ଲୋକଙ୍କ ଆଖିରେ ଲୋକମାନେ ଜହ୍ନ ପରି ସୁନ୍ଦର ଦେଖାଯାନ୍ତି।"

ବନ୍ଧୁଙ୍କର ଏ ପ୍ରକାର ହତାଶାଭରା ଦାର୍ଶନିକତାରେ ଟିକେ ଅସହଜ ଅନୁଭବ କରି କହିଲି, " ତମ ପରିବାର ତ ଗୋଟେ ସୁଖୀ ପରିବାର। ତମ ଦୁହିଁଙ୍କୁ ସମସ୍ତେ ଗୋଟେ ଆଦର୍ଶ ଦମ୍ପତି ଭାବରେ ବିଚାର କରି ଈର୍ଷା କରନ୍ତି, ଅନ୍ୟମାନଙ୍କ ପାଖରେ ଉଦାହରଣ ଦିଅନ୍ତି। ସତ କହିବାକୁ ଗଲେ ତମମାନଙ୍କର ଦାମ୍ପତ୍ୟ ମାଧୁର୍ଯ୍ୟ ଦେଖି ମୁଁ ଈର୍ଷାନ୍ୱିତ। ତେବେ ଆଜି ଏମିତିଆ ପ୍ରବଚନ ଦେବାର ତାତ୍ପର୍ଯ୍ୟ ?" ବନ୍ଧୁ କହିଲେ, "ମୋ କଥା ଛାଡ଼। ମୁଁ ଯାହା କହିଲି ସେକଥାରେ ତ ଭୁଲ୍ ନାହିଁ । ସମସ୍ତେ ନିଜ ପାଇଁ ଆଦର୍ଶ ପରିଚୟଟେ ତିଆରି କରିବାକୁ ବ୍ୟାକୁଳ। ସେଥିପାଇଁ ସତ୍ୟ ଉପରେ ଆକର୍ଷଣୀୟ ମିଛର ପ୍ରଲେପ ଦେଇ ସମସ୍ତେ ପ୍ରଚାର ପ୍ରସାର କରନ୍ତି। ଆମ ଅଫିସରେ କାମ କରୁଥିବା ରାୟ ବାବୁଙ୍କ କଥା ଜାଣିଛ ? "

"ହଁ, ଖୁବ୍ ଭଲ ଲୋକ। ତାଙ୍କ ସ୍ତ୍ରୀ ମଧ୍ୟ ସ୍ନେହୀ, ମିଷ୍ଟଭାଷୀ। ଏତେ ସୁନ୍ଦର ଯୋଡ଼ି ତାଙ୍କର ; ସତରେ ଈଶ୍ୱର ହିଁ ଯୋଡ଼ିଛନ୍ତି ସେ ଦୁହିଁଙ୍କୁ।" ମୋ ଉତ୍ତର ଶୁଣି ବନ୍ଧୁ କହିଲେ, "ଜାଣିଛ, ଗତ ମାସରେ ମୁଁ ତାଙ୍କ ଘରକୁ ଯାଉଥିଲି। ଘର ପାହାଚ ଉଠିଲା ବେଳକୁ ଶୁଣିଲି ରାୟ ବାବୁଙ୍କୁ ଗାଳି ଦେଉଥାନ୍ତି ତାଙ୍କ ସ୍ତ୍ରୀ। ତାଙ୍କୁ ଖରାପ ନ ଲାଗୁ ବୋଲି ସେଇଠୁ ଚୁପଚାପ୍ ଫେରିଆସିଥିଲି। କିନ୍ତୁ ତା' ପରେ ସେମାନଙ୍କୁ ଲକ୍ଷ୍ୟ କରିଛି। କେହି କାହାର ମୁହଁ ଚାହିଁବାକୁ ବି ଇଚ୍ଛା କରୁ ନ ଥିବେ, ଅଥଚ ବାହାରକୁ କେଡ଼େ ସୁନ୍ଦର ସେମାନଙ୍କ ପରିଚୟ! ସେଥିପାଇଁ ସମସ୍ତେ ଭାବନ୍ତି ଯେ ସେମାନେ ଗୋଟେ ସୁଖୀ ପରିବାର।"

ମୋର ବନ୍ଧୁ ପୁଣି ବଖାଣ ଆରମ୍ଭ କଲେ। "ଆମ ଘର ପାଖ ରଥ ମଉସାଙ୍କ କଥା ଶୁଣ। ତାଙ୍କ ଦି' ପୁଅ ଯାକ ବାହାରେ ଚାକିରି କରନ୍ତି



ବୋଲି ମଉସାଙ୍କ ମନ ଗଗନ ପବନରେ ଉଡ଼େ। ଏମିତି ଦେଖିଲେ, ଆମେ ସମସ୍ତ ପିଲା ଜନ୍ମ କରିଛେ କେବଳ ଅନ୍ୟ ଦେଶଗୁଡ଼ିକ ପାଇଁ । ଇଂଲଣ୍ଡ, ଆମେରିକା, ଜର୍ମାନୀ କି ଅଷ୍ଟ୍ରେଲିଆ ଭଳି ଦେଶରେ ଯଦି ଆମ ପିଲା ଚାକିରି ନ କରି ପାରିଲେ ତେବେ ଆମ ମା'ବାପାପଣିଆକୁ ଧିକ୍। ଏବେ ସେ ବୁଢ଼ାବୁଢ଼ୀଙ୍କ ଅବସ୍ଥା ଦେଖିବା କଷ୍ଟକର। ତାଙ୍କୁ ନିଜର ଜନ୍ମ ଜନ୍ମର ଶତ୍ରୁ ଭାବୁଥିବା ବଡ଼ବୋହୂ ଚାରିବର୍ଷ ପରେ ଦି ଦିନ ପାଇଁ ଆସିଥିଲା। ଦି' ଦିନ ଭିତରେ ଦି' ମିନିଟ୍ ମଧ୍ୟ ଶାଶୁ ଶ୍ୱଶୁରଙ୍କ ପାଖେ ରହି ନ ଥିବ, ତାଙ୍କ ଭଲମନ୍ଦରେ କାମରେ ଆସିବା ଦୂର କଥା। ବୋହୂର କଥାରେ ବସଉଠ ହେଉଥିବା ପୁଅ ମଧ୍ୟ ମା'ବାପାଙ୍କର ସମସ୍ୟାକୁ ଶୁଣେ, କିନ୍ତୁ କିଛି ପ୍ରତିକ୍ରିୟା ଦେଖାଏନି। ସାନ ପୁଅବୋହୂଙ୍କ କଥା ୟାଠାରୁ ବେଶି। ପୁଅ ସିନା ଓଡ଼ିଶା ବାହାରେ ରହେ, ବୋହୂ ତ ଏଇ ଭୁବନେଶ୍ୱରରେ ରହୁଛି। ଶାଶୁ ଶ୍ୱଶୁରଙ୍କ ପାଖରେ ରହିବନି ବୋଲି ନାନା ବାହାନା ଦେଖେଇ ଅଲଗା ଜାଗାରେ ଘର ନେଇ ରହୁଛି। ବୁଢ଼ାବୁଢ଼ୀଙ୍କୁ ଦେଖିବାକୁ ଆସିବାର ନାଁ ବି ଧରୁନି। କିଛିଦିନ ତଳେ ମଉସାଙ୍କର ହାର୍ଟ ଅପରେଶନ ହେଲା। ପୁଅବୋହୂଙ୍କ ଭିତରୁ କେହି ଜଣେ ହେଲେ ଆସିଲେନି! ଆମେମାନେ ଥିଲୁ ବୋଲି ସେ ବଞ୍ଚିଗଲେ। କିନ୍ତୁ ମାଉସୀ ତାଙ୍କ ପିଲାମାନଙ୍କ ସପକ୍ଷରେ ସଫେଇ ଦେଇ କଥା କହନ୍ତି। ପିଲାମାନେ ୟାଙ୍କ ପାଇଁ ବହୁତ ବ୍ୟସ୍ତ ହେଉଛନ୍ତି - ଏକଥା ମିଛ ବୋଲି ସେ ଜାଣନ୍ତି, କିନ୍ତୁ ବାହାରକୁ ଅଲଗା କଥା କହନ୍ତି। ମିଶ୍ର ବାବୁଙ୍କ ପିଲାମାନେ ସମସ୍ତେ ବାହାରେ ରହନ୍ତି। ଏ ଦୁହେଁ କେବେ କେମିତି ପିଲାଙ୍କ ପାଖକୁ ବୁଲିଗଲେ ସେଠି ଏମିତି ପରିସ୍ଥିତି ହୁଏ ଯେ ଦିନ କେତେଟାରେ ଫେରି ଆସିବାକୁ ବାଧ୍ୟ ହୁଅନ୍ତି। କିନ୍ତୁ ଆମ ଆଗରେ ଦେଖେଇ ହୁଅନ୍ତି ଯେ, ଏମାନେ ଗଲେ କାଳେ ପିଲାମାନେ ଅଫିସରୁ ଛୁଟି ନେଇ ୟାଙ୍କ ସେବା କରନ୍ତି। ଭିତରେ କାନ୍ଦୁଥିଲେ ବି ଉପରକୁ ଦେଖେଇହୋଇ ଏ ସମସ୍ତେ ଏମିତି ମିଛ କାହିଁକି କହନ୍ତି ଭାବିଲ ? ସବୁ ସତ କହି ହୁଏନି କି ସବୁ ମିଛ ସହି ହୁଏନି। ଅନେକ ସମୟରେ ମିଛ ହିଁ ସୁନ୍ଦର।

ଆମର ପ୍ରାୟ ଘଣ୍ଟାଏ ଧରି ଆଲୋଚନା ଶେଷ ହେବା ବେଳକୁ ବନ୍ଧୁଙ୍କ ଧର୍ମପତ୍ନୀ ଘର ଭିତରକୁ ପଶି ଆସୁଆସୁ ମତେ ଦେଖିଦେଇ ସ୍ୱତଃ ଭ୍ରୁକୁଞ୍ଚନ କରିପକେଇଲେ। ସଙ୍ଗେସଙ୍ଗେ ମୁହଁର ଭାବ ସଜାଡ଼ିନେଇ ମତେ ନମସ୍କାରଟେ ପକେଇ ମୋ ପଛପଟେ ଛିଡ଼ାହେଇ ତାଙ୍କ ସ୍ୱାମୀଙ୍କୁ କି ପ୍ରକାର ଇଙ୍ଗିତ ଦେଖେଇଲେ ଯେ ବିଚରା ବନ୍ଧୁଙ୍କ ମୁହଁ ଶୁଖିଗଲା। କିନ୍ତୁ କଥା ବଙ୍ଚେଇ ସେ କହିଲେ, "ଏତେ ସମୟ ଧରି ଘରେ ନ ଥିଲେ ବୋଲି ତମ ଭାଉଜଙ୍କ ମନ ଦୁଃଖ। ସେ ପଚାରୁଛନ୍ତି ତମ ପାଇଁ ଚା' କରିବେ କି ନାହିଁ।" ବନ୍ଧୁଙ୍କ ଅବସ୍ଥା ଦେଖି ବହୁତ ବିକଳ ଲାଗିଲା। କାଳବିଳମ୍ବ ନ କରି ଫେରିବାକୁ ଉଦ୍ୟତ ହେଲାବେଳେ କହିଲି, "ତମେ ଠିକ୍ କହୁଥିଲ, ମିଛ ହିଁ ସୁନ୍ଦର।"

**ଅଧ୍ୟାପକ, ଇଂଲିଶ ବିଭାଗ**
**ନିଆଳି କଲେଜ, ନିଆଳି, କଟକ**
**ମୋ: ୯୮୬୧୩୪୫୬୫୮**

## ଏଇ ଭାରତରେ

ସମାଜର ସବୁ କ୍ଷେତ୍ରରେ ନିଜର ଅଧିକାର ସାବ୍ୟସ୍ତ କରିଥିବା ତଥା ନିଜକୁ ସଶକ୍ତ ବୋଲି ଦର୍ଶାଇଥିବା ମହିଳା ଗଭୀର ସମୁଦ୍ରରେ ମାଛ ଧରିବାରେ ପଛଘୁଞ୍ଚା ଦେବ କାହିଁକି? ସେ କ୍ଷେତ୍ରଟି ବି ତା' ହାତମୁଠାରେ, ଯାହା ପ୍ରମାଣ କରିଛନ୍ତି କେରଳର ରେଖା କାର୍ତ୍ତିକେୟନ। ଏବେ ସେ ସାମାଜିକ କଟକଣାକୁ ଭାଙ୍ଗି ଜଣେ ଦକ୍ଷ ଫିଶର ଓମ୍ୟାନ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ସମୁଦ୍ର ମଧ୍ୟ ତାଙ୍କ ଅଧୀନରେ ବୋଲି ପ୍ରତିପାଦିତ କରିଛନ୍ତି। ରେଖା ହେଉଛନ୍ତି ଗଭୀର ସମୁଦ୍ରରେ ମାଛଧରା ଲାଇସେନ୍ସ ପାଇବାରେ ଭାରତରେ ପ୍ରଥମ ମହିଳା। ପୁରୁଷଙ୍କ ଭଳି ମାଛଧରିବାରେ ସମସ୍ତ କୌଶଳ ସେ ହାସଲ କରିପାରିଛନ୍ତି। ଏପରି କି ବିନା କମ୍ପାସ ଓ ଜିପିଏସ୍‌ରେ ରେଖା ମାଛଧରିବାକୁ ଗଭୀର ସମୁଦ୍ରକୁ ଚାଲିଯାଇଥାନ୍ତି। ଆରମ୍ଭରୁ ଏହି କାର୍ଯ୍ୟ କରିବାକୁ ତାଙ୍କ ସ୍ୱାମୀ କାର୍ତ୍ତିକେୟନ ରେଖାଙ୍କୁ ଉତ୍ସାହିତ କରିଥିଲେ। କେବଳ ଏତିକି ନୁହେଁ, ରେଖା ମାଛମାରିବା ପରେ ତାଙ୍କ ପରିବାରର ଆର୍ଥିକ ସ୍ଥିତି ବଦଳିଯାଇଛି। ତାଙ୍କର ଏହି ସାହସିକ ପଦକ୍ଷେପ ଏବେ ଅନେକ ମହିଳାଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ରାସ୍ତା ଦେଖାଇଛି। ସେଣ୍ଟ୍ରାଲ ମେରାଇନ ଫିଶରିଜ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ରେଖାଙ୍କୁ ସବୁ ପ୍ରକାର ସହଯୋଗ କରିବା ସହ ତାଙ୍କ ଜୀବନ ଜୀବିକା ଯାତ୍ରାକୁ ନେଇ ଏକ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରିଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୫ ଅକ୍ଟୋବର ୧୯୭୬**

- ସମ୍ବିଧାନ ସଂଶୋଧନ ବିଲ୍‌ର ମୁଖ୍ୟ ପ୍ରସ୍ତାବଗୁଡ଼ିକ ଉପରେ ଭାରତୀୟ କମ୍ୟୁନିଷ୍ଟ ସମର୍ଥନ ଜ୍ଞାପନ କରିଛି।
- ପାକିସ୍ତାନରେ ଚାକିରି ପାଇବା ଉଦ୍ଦେଶ୍ୟରେ ବିଦେଶ ରାଷ୍ଟ୍ରରୁ ଆସୁଥିବା ଲୋକଙ୍କ ଉପରେ କଠୋର କଟକଣା ଜାରି।

## ପାଠକ ଶ୍ରେଷ୍ଠ ବିଚାରକ

### ଅମାନିଆ ବଢ଼ାଇଲେ ପ୍ରଦୂଷଣ

ମହାଶୟ,

ଦୀପାବଳିରେ ଗଲା ବର୍ଷ ଯାହା ଘଟିଥିଲା ତା'ର ପୁନରାବୃତ୍ତି ହେଲା। କଟକଣାକୁ ଫୁ କରି ଅମାନିଆମାନେ ବାଣ ଫୁଟାଇଲେ, ତାହା ଅଦାଲତ ଓ ପ୍ରଶାସନ ପ୍ରତି ଚ୍ୟାଲେଞ୍ଜ ହେବା ସହ ଜୀବନ ପ୍ରତି ବିପଦକୁ ଆମନ୍ତ୍ରଣ କରିଛନ୍ତି ବୋଲି କୁହାଯାଇପାରିବ। ପରିଣତି ସ୍ୱରୂପ ଦିଲ୍ଲୀ ଓ ଭୁବନେଶ୍ୱର ବାୟୁ ପ୍ରଦୂଷଣ ଅତ୍ୟଧିକ ବୃଦ୍ଧି ପାଇଛି। ଦିଲ୍ଲୀ ଏନ୍‌ସିଆର୍ ଏବଂ ଏହାର ଆଖପାଖ ଅଞ୍ଚଳରେ ଦୀପାବଳିରେ ବାଣଫୁଟା ଉପରେ ୨୦୧୮ରୁ ବଳବତ୍ତର ଥିବା ନିଷେଧାଦେଶକୁ ସୁପ୍ରିମକୋର୍ଟ ସାମାନ୍ୟ କୋହଳ କରି ସବୁଜ ବାଣ ବିକ୍ରି ଓ ଫୁଟାକୁ ଅନୁମତି ଦେଇଥିଲେ। ସେହିପରି ଆମ ରାଜ୍ୟରେ ରାଜ୍ୟ ପ୍ରଦୂଷଣ ବୋର୍ଡ ଏବଂ କମିଶନରେଟ ପୋଲିସ ସନ୍ଧ୍ୟା ୭ଟାରୁ ୯ଟା ଯାଏ ବାଣ ଫୁଟାଇବା ଲାଗି କଟକଣା ଜାରି କରିଥିଲେ। ମାତ୍ର ରାତି ତମାମ ବାଣ ଫୁଟିବା ଫଳରେ ବାୟୁମଣ୍ଡଳ ବିଷାକ୍ତ ଗ୍ୟାସରେ ଭରିଯାଇଛି। ଏହା ନିଃସନ୍ଦେହ ଯେ, ବାଣର ବିଷାକ୍ତ ଗ୍ୟାସ ଯୋଗୁଁ ଲୋକେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଏହା ସତ୍ୟ ଯେ, ଅମାନିଆଙ୍କ ଯୋଗୁଁ ଜୀବନ ଏବେ ବିପଦରେ। ବାୟୁ ଜୀବନ ରକ୍ଷକ ହୋଇଥିବା ବେଳେ ପ୍ରଦୂଷିତ ବାୟୁ ଜୀବନ ନେବାର କାରଣ ପାଲଟିଛି। ସ୍ୱଚ୍ଛ ବାୟୁ ପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି।

**-ସୌଭାଗ୍ୟ ରଞ୍ଜନ ମହାନ୍ତି, ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ହଜିଗଲା କେତେ କାହିଁ ଆଜି ସବୁ ଅଜଣା
ଲୋଡ଼ି ନାହିଁ ଅତୀତର କରିବାକୁ ମାଜଣା
ନବ ନବ ତାଳେ କେତେ ନାଚିଥିଲା ପରାଣ
ବିରହର ଗୀତ କେତେ ମିଳନର ବାଜଣା !

-(ପଥର ପ୍ରେମିକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ସଂକ୍ଷେପରେ**

## ଏମ୍ସ ଭୁବନେଶ୍ୱରରେ ହ୍ୟାଣ୍ଡ୍ ଫ୍ରାକ୍ଚର ଫିକ୍ସେଶନ କର୍ମଶାଳା

ଭୁବନେଶ୍ୱର, ୨୪।୧୦ (ବନ୍ଦନା ସେଠୀ)

ଏମ୍ସ ଭୁବନେଶ୍ୱର ବର୍ନସ ଆଣ୍ଡ୍ ପ୍ଲାଷ୍ଟିକ୍ ସର୍ଜରି ବିଭାଗ ପକ୍ଷରୁ ହ୍ୟାଣ୍ଡ୍ ଫ୍ରାକ୍ଚର ଫିକ୍ସେଶନ ଉପରେ ଏକ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ କଙ୍କାଳ ସ୍ଥିରୀକରଣଠାରୁ ସୌନ୍ଦର୍ଯ୍ୟ ଏବଂ କାର୍ଯ୍ୟକ୍ଷମ ପୁନରୁଦ୍ଧାର ପର୍ଯ୍ୟନ୍ତ ହାତଭଙ୍ଗାର ବ୍ୟାପକ ପରିଚାଳନାରେ ପ୍ଲାଷ୍ଟିକ୍ ସର୍ଜନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ବିଶେଷଜ୍ଞମାନେ ଆଲୋକପାତ କରିଥିଲେ। ଏନେଇ ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ କହିଛନ୍ତି, ହାତ ଭଙ୍ଗା ପରିଚାଳନା ଏବଂ ସ୍ଥିରୀକରଣରେ ପ୍ଲାଷ୍ଟିକ୍ ସର୍ଜନମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସେମାନେ ମାଇକ୍ରୋସର୍ଜରି, ନରମ ଟିସୁ ଓ ରକ୍ତବାହୀ ନଳୀଗୁଡ଼ିକର ପୁନର୍ନିର୍ମାଣ ଏବଂ ହାଡ଼ ସ୍ଥିରୀକରଣରେ ବିଶେଷଜ୍ଞତାକୁ ମିଶ୍ରଣକରି ଆହତ ହାତର ରୂପ ଏବଂ କାର୍ଯ୍ୟକୁ ପୁନଃ ସ୍ଥାପିତ କରନ୍ତି। ବିଭାଗ ମୁଖ୍ୟ ଡା. ସଞ୍ଜୟ କୁମାର ଗିରି ପ୍ଲାଷ୍ଟିକ୍ ସର୍ଜନମାନଙ୍କ ଦ୍ୱାରା ସ୍ଥାୟୀ ହାଡ଼ ସଂଲଗ୍ନତା ହାସଲ କରିବା ପାଇଁ ବ୍ୟବହୃତ ପିନ୍, ପ୍ଲେଟ୍, ସ୍କ୍ରୁ ଏବଂ ତାର ସମେତ ବିଭିନ୍ନ ସ୍ଥିରୀକରଣ ପଦ୍ଧତି ବିଷୟରେ ବର୍ଣ୍ଣନା କରିଥିଲେ। ଦେଶର ବହୁ ବିଶିଷ୍ଟ ବିଶେଷଜ୍ଞମାନେ ଯୋଗଦେଇ ଜରୁରିକାଳୀନ, ପ୍ଲାଷ୍ଟିକ୍ ସର୍ଜନ, ଅର୍ଥୋପେଡିକ ସର୍ଜନ, ଟ୍ରମା ବିଶେଷଜ୍ଞ ପ୍ରମୁଖଙ୍କ ମଧ୍ୟରେ ବହୁମୁଖୀ ସହଯୋଗର ଗୁରୁତ୍ୱ ଉପରେ କହିଥିଲେ। ଏମ୍ସ ଭୁବନେଶ୍ୱରର ମେଡିକାଲ ଅଧୀକ୍ଷକ ଡ. ଦିଲୀପ କୁମାର ପରିଡାଙ୍କ ସମେତ ଅଧ୍ୟାପିକାଅଧ୍ୟାପକ, ଛାତ୍ରୀଛାତ୍ର କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।

# କେନ୍ଦ୍ରୀୟ, ଆଦର୍ଶ ବିଦ୍ୟାଳୟ ଢାଞ୍ଚାରେ ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତ ହେଉ

## ତ୍ରୁଟିଶୂନ୍ୟ ଭାବେ ଶିକ୍ଷକ ଚୟନ ଓ ନିଯୁକ୍ତି କରିବାକୁ ନିବେଦନ

ଭୁବନେଶ୍ୱର, ୨୪।୧୦ (ସୁଚିସ୍ମିତା ସାହୁ)

ଓଡ଼ିଆ ଭାଷା ଶିକ୍ଷକ ଚୟନ ପ୍ରକ୍ରିୟାରେ ତ୍ରୁଟି ହୋଇଛି। ଏନେଇ ଭାଷା ଆନ୍ଦୋଳନ ପକ୍ଷରୁ ଅଭିଯୋଗ ହୋଇଛି। ଆନ୍ଦେଳନର ସଭାପତି ଜାନକୀଶ ବଡ଼ପଣ୍ଡା କହିଛନ୍ତି, ରାଜ୍ୟ ସରକାର ନିଜ ଲୋକଙ୍କୁ ଚାକିରି ଦେବା ପାଇଁ ନିଯୁକ୍ତି ପ୍ରକ୍ରିୟାକୁ ପରିବର୍ତ୍ତନ କରିଛନ୍ତି। ଓଡ଼ିଆ ଭାଷା ଶିକ୍ଷକମାନେ ଅତିକମ୍‌ରେ ସ୍ନାତକରେ ୬୦୦ ମାର୍କ ପଢ଼ିବାକୁ ପଡୁଥିଲା। ହେଲେ ରାଜ୍ୟ ସରକାର ଏହି ନିୟମକୁ ପରିବର୍ତ୍ତନ କରିଛନ୍ତି। ଯେଉଁମାନେ ଓଡ଼ିଆ ବିଷୟକୁ ଇଲେକ୍ଟିଭ ବା ଅର୍ନସ ଭାବେ ୨ଶହ ମାର୍କର ପାଠପଢ଼ିଥିବେ ସେମାନେ ମଧ୍ୟ ଓଡ଼ିଆ ଶିକ୍ଷକ ନିଯୁକ୍ତି ପାଇଁ ଯୋଗ୍ୟ ହୋଇପାରିବେ। ରାଜ୍ୟ ସରକାର ଏହି ବ୍ୟବସ୍ଥା ମାଧ୍ୟମରେ କିଛି ନିଜ ଲୋକଙ୍କୁ ନିଯୁକ୍ତି ଦେବାକୁ ଯୋଜନା କରିଥିବା ସନ୍ଦେହ ହେଉଛି। ଏହି ନିଯୁକ୍ତି ପ୍ରକ୍ରିୟାରେ ମଧ୍ୟ ବିଭିନ୍ନ ପ୍ରକାରର ତ୍ରୁଟି ରହିଛି। ଏ ସଂକ୍ରାନ୍ତରେ ବହୁ ତଥ୍ୟ ରଖିବା ସହ କେନ୍ଦ୍ରୀୟ ଓ ଆଦର୍ଶ ବିଦ୍ୟାଳୟ ଢାଞ୍ଚାରେ ଓଡ଼ିଆ ଭାଷା ଶିକ୍ଷକଙ୍କ ନିଯୁକ୍ତି କରିବାକୁ ସେ ଶୁକ୍ରବାର ଉତ୍କଳ ସାମ୍ବାଦିକ ସଂଘଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି।

ଆହୁରି ମଧ୍ୟ ସେ କହିଛନ୍ତି, ୨୦୨୫ ଜାନୁଆରୀରେ କଳା ଶିକ୍ଷକ (ଟିଜିଟି) ପଦବୀର ୨୫%କୁ ଓଡ଼ିଆ ଶିକ୍ଷକର ମାନ୍ୟତା ଦେଇ ନିଯୁକ୍ତି ଦିଆଯିବ ବୋଲି ବିଜ୍ଞାପନ ବାହାରିଲା। ହେଲେ ଓଡିଆ ଶିକ୍ଷକ ନିଯୁକ୍ତି ପାଇଁ ନିର୍ଦ୍ଧାରିତ ଶିକ୍ଷାଗତ ଯୋଗ୍ୟତା ସ୍ୱାଗତ ଯୋଗ୍ୟ ନ ଥିଲା। ଯଦି ଟିଜିଟି ଓଡ଼ିଆ ଶିକ୍ଷକ ନିଯୁକ୍ତିରେ ସ୍ନାତକସ୍ତରରେ ଓଡ଼ିଆ ବିଷୟକୁ ଇଲେକ୍ଟିଭ ଭାବେ ନେଇ ୨୦୦ ମାର୍କ ପଢ଼ିଥିବା ପ୍ରାର୍ଥୀଙ୍କୁ ସୁଯୋଗ ଦିଆଯାଏ ତେବେ ଯୋଗ୍ୟ ଏବଂ ଗୁଣାତ୍ମକ ଓଡ଼ିଆ ଭାଷା ଶିକ୍ଷକ ଓଡ଼ିଶା ପାଇପାରିବ ନାହିଁ। ତେବେ ରାଜ୍ୟ ସରକାର ଏ ଦିଗରେ ପୁଣି ଥରେ ବିଚାର କରିବାର ଆବଶ୍ୟକତା ରହିଛି। ଆଦର୍ଶ ବିଦ୍ୟାଳୟର ଭାଷା ଶିକ୍ଷକ ନିଯୁକ୍ତିର ଚୟନ ପ୍ରକ୍ରିୟାର ବିଧି ଅନୁଯାୟୀ ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି କରାଯାଉ ବୋଲି ଭାଷା ଆନ୍ଦୋଳନର ଆବାହକ ପବିତ୍ର ମହାରଥା ନିବେଦନ କରିଛନ୍ତି। ରାଜ୍ୟ ସରକାର ନିବେଦନକୁ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ନୀଳମଣି ମିଶ୍ର, ଶାରଦା ପ୍ରସାଦ ମହାପାତ୍ର ପ୍ରମୁଖ କହିଛନ୍ତି।

# ସରିଲା ରାଜ୍ୟସ୍ତରୀୟ ବାଦ୍ୟ ପ୍ରତିଯୋଗିତା

ଭୁବନେଶ୍ୱର, ୨୪।୧୦ (ସୁଚିସ୍ମିତା ସାହୁ)

ରାଜ୍ୟସ୍ତରୀୟ ବାଦ୍ୟ ପ୍ରତିଯୋଗିତା-୨୦୨୫ ଶୁକ୍ରବାର ୟୁନିଟ-୬ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ପିଲାମାନଙ୍କୁ ବାଦ୍ୟ ପ୍ରତିଯୋଗିତାର ଉଦ୍ଦେଶ୍ୟ ଏବଂ ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବୀରେନ୍ଦ୍ର କର୍କରା ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତାବାଳା ଦାସ ସ୍ୱାଗତ ଭାଷଣ ଏବଂ ଓସେପାର ଯୁଗ୍ମ ନିର୍ଦ୍ଦେଶକ ହିମାଂଶୁ ଭୂଷଣ ସାମର୍ଥ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ନିର୍ଦ୍ଦେଶିକା ସ୍ମିତା ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟସ୍ତରୀୟ ବାଦ୍ୟ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହିତ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ପିଲାମାନେ ଅଭ୍ୟାସ ଜାରି ରଖିବା ସହିତ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ମଧ୍ୟ ଆହ୍ୱାନ ଦେଇଥିଲେ। ପିଏମ-ପୋଷଣର ରାଜ୍ୟ ନୋଡାଲ ଅଧିକାରୀ ଭବାନୀ ପ୍ରସାଦ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ଓସେପା ଯୁଗ୍ମ ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ରାଉତ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଓସେପାର ଯୁଗ୍ମ ନିର୍ଦ୍ଦେଶକ ପ୍ରାଚୀ ତନୟା ଗିରି, ଉପନିର୍ଦ୍ଦେଶକ ପ୍ରଦୋଷ କୁମାର ନାୟକ ଓ ତନ୍ମୟ ବେହେରା, ପ୍ରଶିକ୍ଷଣ ସହାୟିକା ଜୟା ବାନାର୍ଜୀ ଓ ଶିକ୍ଷକ ମୁରଲୀଧର ପରିଡ଼ା ସହଯୋଗ କରିଥିଲେ।

# ବିଏମ୍‌ସି ପକ୍ଷରୁ ଗଣସଫେଇ



ଭୁବନେଶ୍ୱର, ୨୪।୧୦ (ବନ୍ଦନା ସେଠୀ)

ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ପକ୍ଷରୁ ଗଣ ସଫେଇ ଓ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଶୁକ୍ରବାର ୧ ନଂ. ହାଟ ଅଞ୍ଚଳରେ ବ୍ୟାପକ ଗଣସଫେଇ ଓ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହିଳା ଥାନାଠାରୁ ଆରମ୍ଭ କରି ହାଟ ଅଞ୍ଚଳରେ ଗଣ ସଫେଇ, ଗଛଡାଳ କଟା, ଡ୍ରେନ ସଫା, କବାଡି ସାମଗ୍ରୀ ପରିଷ୍କାର, ଜବରଦଖଲ ଉଚ୍ଛେଦ ଆଦି କାର୍ଯ୍ୟ କରାଯାଇଥିଲା। ମେୟର ସୁଲୋଚନା ଦାସ ଯୋଗଦେଇ ଗଣସଫେଇରେ ସ୍ଥାନୀୟ ଲୋକେ ସାମିଲ ହେଉଥିବାରୁ ଖୁସି ବ୍ୟକ୍ତ କରିଥିଲେ। ତେବେ କେବଳ ଗଣ ସଫେଇ ନୁହେଁ, ଭୁବନେଶ୍ୱରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ସ୍ତରରେ ଉଦ୍ୟମ କରିବା ପାଇଁ ମେୟର ଆହ୍ୱାନ ଦେଇଥିଲେ। ସହରର ପ୍ରତ୍ୟେକ ୱାର୍ଡରେ ଏହି ଗଣସଫେଇ କାର୍ଯ୍ୟ ଜାରି ରହିବ। ଏଥିପାଇଁ ସମସ୍ତ ସାମାଜିକ ଅନୁଷ୍ଠାନ ଓ ବାସିନ୍ଦାମାନେ ଆଗେଇ ଆସିବାକୁ କମିଶନର ଚଞ୍ଚଳ ରାଣା ଆହ୍ୱାନ ଦେଇଥିଲେ। ସ୍ଥାନୀୟ କର୍ପୋରେଟର ଆସିଆ ବେଗମଙ୍କ ସମେତ ବିଏମସିର ବରିଷ୍ଠ ଅଧିକାରୀ ଓ କର୍ମଚାରୀ, ସଫେଇ କର୍ମୀ, ୟୁନିଟ-୧ ହାଟ ଆସୋସିଏଶନ କର୍ମକର୍ତ୍ତା ପ୍ରମୁଖ ସାମିଲ ହୋଇଥିଲେ। ଗଣସଫେଇରେ ପ୍ରାୟ ୮ଟନ୍ ବର୍ଜ୍ୟ ସଂଗ୍ରହ କରାଯାଇଥିଲା।

# ଭୁବନେଶ୍ୱରରେ ଝାଡ଼ଖଣ୍ଡ ଶିଶୁ ସୁରକ୍ଷା ଆୟୋଗ ଟିମ୍

## ଝାଡ଼ଖଣ୍ଡ ନାବାଳିକାଙ୍କୁ ନେଇ ସେକ୍ସ ର୍‌ୟାକେଟ ଘଟଣା

ଭୁବନେଶ୍ୱର, ୨୪।୧୦ (ସତ୍ୟଜିତ ରାଉତ)

ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଝାଡ଼ଖଣ୍ଡ ନାବାଳିକାଙ୍କୁ ନେଇ ସେକ୍ସ ର୍‌ୟାକେଟ ଚାଲିବା ଘଟଣାରେ କ୍ୟାପିଟାଲ ଥାନା ପୋଲିସ ଅଧିକ ଛାନ୍‌ଭିନ୍ ଚଳାଇଛି। ତେବେ ଏହି ଘଟଣାର ଅନୁଧ୍ୟାନ କରିବାକୁ ଝାଡ଼ଖଣ୍ଡ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ଏକ ସ୍ୱତନ୍ତ୍ର ଟିମ୍ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିଛି। ଏହି ଟିମ୍ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍)ଙ୍କୁ ଭେଟିବା ସହ ଘଟଣା ସଂକ୍ରାନ୍ତରେ ବୁଝିଛି। ପୀଡ଼ିତା ଜଣକ ଅନାଥ ହୋଇଥିବା ବେଳେ ସେ କାହା ସହଯୋଗରେ ଓଡ଼ିଶା ଆସି ସେକ୍ସ ର୍‌ୟାକେଟ୍‌ରେ ଫସିଥିଲେ ସେନେଇ ଜାଣିବାକୁ ଏହି ଟିମ୍ ପଚରାଉଚରା କରିଛି। ଅପରପକ୍ଷରେ ପୀଡ଼ିତା ଜଣକ ସିଡବ୍ଲ୍ୟୁସିଙ୍କ ନିର୍ଦ୍ଦେଶକ୍ରମେ ଏକ ଷ୍ଟେ ହୋମ୍‌ରେ ଥିବାବେଳେ ତାଙ୍କୁ ମଧ୍ୟ ଝାଡ଼ଖଣ୍ଡ ଟିମ୍ ଭେଟି ପଚରାଉଚରା କରିବ। ଏଥିସହ କ୍ୟାପିଟାଲ ଥାନା ପକ୍ଷରୁ ମଧ୍ୟ ତଦନ୍ତ ବିଷୟରେ ଏହି ଟିମ୍ ତଥ୍ୟ ନେଇଛି।

ସୂଚନାଯୋଗ୍ୟ, ଏହି ମାମଲାରେ ୨ ଦଲାଲ ମଞ୍ଜୁ ସେଠୀ, ମମତା ସାହୁ, ଘର ମାଲିକ ବାପି ଓରଫ ସଞ୍ଜୀବ କୁମାର ଦାସ ଓ ଗ୍ରାହକ ଅବିନାଶ ମୁଦୁଲି ଗିରଫ ହୋଇ ଜେଲରେ ଅଛନ୍ତି। ସେକ୍ସ ର୍‌ୟାକେଟ ପଛରେ ଥିବା ମାଷ୍ଟରମାଇଣ୍ଡ୍ ଫେରାର ଥିବାରୁ ପୋଲିସ ତାଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। କିଛିଦିନ ତଳେ ଏକାଧିକ ଜଣ ଶାରୀରିକ ସମ୍ପର୍କ ରଖିବାରୁ ପୀଡ଼ିତା ଗୁରୁତର ହୋଇପଡ଼ିଥିଲେ। ଦଲାଲଦ୍ୱୟ ଅକ୍ଟୋବର ୧୬ ସନ୍ଧ୍ୟାରେ ଏକ ଅଟୋରେ ପୀଡ଼ିତାଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇଦେଇଥିଲେ। ଚିକିତ୍ସା ସମୟରେ ନାବାଳିକା ଜଣକ ଯୌନ ନିର୍ଯାତନାର ଶିକାର ହୋଇଥିବା ଡାକ୍ତର ଜାଣିବାକୁ ପାଇ ପୋଲିସକୁ ଖବର ଦେବାରୁ ଘଟଣା ଜଣାପଡିଥିଲା।

# ଏବର୍ଷ ଡେଙ୍ଗୁରୋଗୀ ସଂଖ୍ୟା ୪ଗୁଣା କମିଲା

ଭୁବନେଶ୍ୱର, ୨୪।୧୦ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଡେଙ୍ଗୁ ଦମନ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଫଳରେ ଚଳିତବର୍ଷ ଦୀର୍ଘଦିନ ଧରି ବର୍ଷା ଲାଗି ରହିଥିଲେ ମଧ୍ୟ ଡେଙ୍ଗୁ ରୋଗୀ ସଂଖ୍ୟା ୪ଗୁଣା ହ୍ରାସ ପାଇଛି। ଗତବର୍ଷ ଭୁବନେଶ୍ୱରରେ ଅକ୍ଟୋବର ଶେଷ ସୁଦ୍ଧା ୧୨୩୫ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ ଚଳିତ ଅକ୍ଟୋବର ୨୪ ଶୁକ୍ରବାର ସୁଦ୍ଧା ମାତ୍ର ୩୧୧ଜଣ ଡେଙ୍ଗୁ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ଆଶା, ଅଙ୍ଗନୱାଡି କର୍ମୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ସ୍ୱେଚ୍ଛାସେବୀ ପ୍ରମୁଖଙ୍କ ମାଧ୍ୟମରେ ଘର ଘର ଜନ ସଚେତନତା ସୃଷ୍ଟି କରାଯାଉଛି। ଏଥିସହ ପ୍ରତି ୱାର୍ଡରେ ଅଧିକାରୀ ଓ କର୍ପୋରେଟରଙ୍କ ସଂଯୋଜନାରେ ସଭା, ଶୋଭାଯାତ୍ରା, ଲିଫ୍‌ଲେଟ୍ ବଣ୍ଟନ, ପ୍ରଚାରପ୍ରସାର, ଡ୍ରାଏ ଡେ' ପାଳନ, ୨୯୬ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇବା ଆଦି କାର୍ଯ୍ୟକ୍ରମ କରାଯାଇଛି। ସ୍ୱେଚ୍ଛାସେବୀମାନେ ଡେଙ୍ଗୁ ବାବଦରେ ୩ ଲକ୍ଷ ୮୧ ହଜାର ୮ପରିବାରଙ୍କୁ ଭେଟି ସେମାନଙ୍କୁ ସଚେତନ କରାଇଛନ୍ତି। ସେହିପରି ବିଏମ୍‌ସି ପକ୍ଷରୁ ୯୧ହଜାର ୮୨୫ଟି ମଶା ଅଣ୍ଡାଦେବା ସ୍ଥାନକୁ ନଷ୍ଟକରିବା, ମଶାଧୂଆଁ ଦେବା, ଘାସ କାଟିବା, ବାହାରେ ପଡିଥିବା ଟାୟାର ଓ ପାଣି ଜମି ରହୁଥିବା ବିଭିନ୍ନ ପାତ୍ର ହଟାଇବା ଆଦି କାର୍ଯ୍ୟକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ଦ୍ୱାରା ଚଳିତ ବର୍ଷ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା କମ୍ ରହିଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

# ଫଳ ବଦଳରେ ପିଲାଙ୍କୁ ପନିର, ଗୁଣ୍ଡକ୍ଷୀର ଦିଆଯାଉ

## ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘର ଚିଠି

ଭୁବନେଶ୍ୱର, ୨୪।୧୦ (ସୁଚିସ୍ମିତା ସାହୁ)

ରାଜ୍ୟ ସରକାର ପିଏମ୍ ପୋଷଣ ଯୋଜନା ମାଧ୍ୟମରେ ଯେଉଁ ପିଲାମାନେ ଅଣ୍ଡା ଖାଉନାହାନ୍ତି ସେମାନଙ୍କୁ ଫଳ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ସେହି ପିଲାଙ୍କୁ ଫଳ ବଦଳରେ ପନିର କିମ୍ବା ଗୁଣ୍ଡ କ୍ଷୀର ଦେବା ପାଇଁ ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘ ଦାବି କରିଛି। ମହାସଂଘ ପକ୍ଷରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଲେଖାଯାଇଛି। ସେଥିରେ ଉଲ୍ଲେଖ ରହିଛି ଯେ, ମଧ୍ୟାହ୍ନ ଭୋଜନରେ ଛାତ୍ରୀଛାତ୍ରଙ୍କୁ ପନିର ଓ ଗୁଣ୍ଡ କ୍ଷୀର ଦେଲେ କୁପୋଷଣ ଦୂର କରିବା ପାଇଁ ଏକ ବଳିଷ୍ଠ ପଦକ୍ଷେପ ହେବ। ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇବା ସହିତ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ବ୍ୟାପକ ହେବ। ଗ୍ରାମାଞ୍ଚଳ ଅର୍ଥନୀତି ସୁଦୃଢ଼ ହେବା ସହିତ ଗ୍ରାମ୍ୟ ମହିଳାମାନେ ମଧ୍ୟ ସ୍ୱାବଲମ୍ବୀ ହୋଇପାରିବେ। ରାଜ୍ୟରେ ଓମ୍‌ଫେଡର ବ୍ୟବସାୟ ବୃଦ୍ଧି ପାଇବ। କିନ୍ତୁ ଫଳ ଦେଲେ ଆମ ରାଜ୍ୟର ପଇସା ଆନ୍ଧ୍ର, ବେଙ୍ଗଲ ଓ ବାହାର ରାଜ୍ୟକୁ ଚାଲିଯିବ। ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ମଧ୍ୟାହ୍ନ ଭୋଜନରେ ଛାତ୍ରୀଛାତ୍ରଙ୍କୁ ପନିର କିମ୍ବା ଗୁଣ୍ଡ କ୍ଷୀର ଦେବା ପାଇଁ ସରକାର ପଦକ୍ଷେପ ନେବାକୁ ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘର ଅଧ୍ୟକ୍ଷ ରବି ବେହେରା, ଉପାଧ୍ୟକ୍ଷ ଦୁଃଶାସନ ମହାପାତ୍ର, ସମ୍ପାଦକ ନାରାୟଣ ଡାଲୁଆ, ଗୌରାଙ୍ଗ ରାଉତ ପ୍ରମୁଖ ଦାବି କରିଛନ୍ତି।

## ପୋଲିସ ଗାଡ଼ି ଚୋରି: ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

ଭୁବନେଶ୍ୱର, ୨୪।୧୦ (ସତ୍ୟଜିତ ରାଉତ)

ଭୁବନେଶ୍ୱର କୋର୍ଟ ପରିସରରୁ ପୋଲିସ ଗାଡ଼ି ଚୋରି ମାମଲାରେ ଅଭିଯୁକ୍ତଙ୍କୁ ଶୁକ୍ରବାର ୩ବର୍ଷ ଜେଲଦଣ୍ଡ ହୋଇଛି। ଅଭିଯୁକ୍ତ ଜଣକ ହେଲେ ସାଜିଦ୍ ଖାନ ଓରଫ ଟୁକୁନା। ତାଙ୍କୁ ୧୨ ହଜାର ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଏହି ଜରିମାନା ଅନାଦାୟେ ଅଧିକ ୪ ମାସ ଜେଲରେ ରହିବାକୁ ହେବ ବୋଲି ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୪ କୋର୍ଟ ବିଚାରପତି ସୋମେଶ ସୌମ୍ୟଜିତ୍ ପଣ୍ଡା ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଜୁନ୍ ୨୮ରେ ଭରତପୁର ଥାନାରେ କାର୍ଯ୍ୟରତ ଓଏପିଏଫ୍‌ର ଗୁରୁ ନାୟକ ଜରୁରୀ କାଗଜପତ୍ର ଦେବା ପାଇଁ କୋର୍ଟ ଯାଇଥିଲେ। ସେ କୋର୍ଟ ପାର୍କିଂ ସ୍ଥାନରେ ତାଙ୍କ ହିରୋ ସ୍ପ୍ଲେଣ୍ଡର ପ୍ଲସ୍ ବାଇକ୍ (ଓଡିଶା୩ଏଫ୍‌୫୯୫୨)କୁ ରଖି କାମରେ ଯାଇଥିଲେ। ଏହି ସମୟରେ ସାଜିଦ୍ ତାଙ୍କ ବାଇକକୁ ଚୋରି କରିନେଇଥିଲେ। ଗୁରୁଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୩୫୯/୨୦୨୫) ରୁଜୁ କରି ତଦନ୍ତ କରିଥିଲା। କୋର୍ଟ ୬ଜଣ ସାକ୍ଷୀଙ୍କ ବୟାନ ଓ ୧୯ଟି ଦସ୍ତାବିଜ ଗ୍ରହଣ କରି ରାୟ ଶୁଣାଇଥିଲେ। ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ନିରଞ୍ଜନ ବେହେରା ମାମଲା ପରିଚଳନା କରୁଥିଲେ।


**SUSHREE INSTITUTE OF TECHNICAL EDUCATION (SITE)**
**PALLISHREE VIHAR, SADAIPALI, BALANGIR**
Estd. 2005 (1st Pvt. Nursing College of Odisha)
Approved by INC & Govt. of Odisha, ONMRC.
Affiliated to OUHS & ONMEB, Bhubaneswar

**NOTICE ON ADMISSION & STARTING OF CLASSES**

Admission into ANM, GNM, B.Sc.(N) & M.Sc. (Nursing) is going on and the Classes will be started from 01.11.2025. Admitted students for the year 2025-26 are instructed to attend their class positively on the 1st day i.e. 01.11.2025 for which messages have been sent to them. Few seats are lying vacant. Interested eligible students can take their admission directly in the SITE College by 31.10.2025. No donation. Only Govt. prescribed fee.

**Contact Mob. No.91787 83142** **Principal**



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNDARGARH**
AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com
No.O-1093

**No. Tender Online - RWCCESNG - 16 of 2025-26, Letter No. 2426 / Dtd. 09.10.2025**

**e-Procurement NOTICE**

1. Type of the Work : Road (MMSY), 2. Class of Contractor : As specified in the column-6 of the Annexure, 3. Time of Completion : As specified in the column-5 of the Annexure, 4. Detail Projects : As per Annexure attached, 5. Estimated Cost : As specified in the column-4 of the Annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 16 of 2025-26 | 27.10.2025 11:00 A.M. | 10.11.2025 5:00 P.M. | 07.11.2025 5:00 P.M. | 11.11.2025 11:00 A.M. | Will be intimated separately |

Further details can be seen from the website www.tendersodisha.gov.in
Sd./- Chief Construction Engineer
Rural Works Circle, Sundargarh
OIPR-25133/11/0073/2526



**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

**ଆବଶ୍ୟକ**
ଘରୋଇ କାର୍ଯ୍ୟ ନିମନ୍ତେ ସଚ୍ଚୋଟ, ଦାୟିତ୍ୱବାନ ଗୃହ କର୍ମଚାରୀ ଆବଶ୍ୟକ। କାର୍ଯ୍ୟ ସମୟ ସକାଳ ୯ଟାରୁ ରାତି ୮ଟା ପର୍ଯ୍ୟନ୍ତ। ଅଭିଜ୍ଞତା ଅନୁଯାୟୀ ଦରମା। ମାତୃଭାଷା ଓଡ଼ିଆ ହୋଇଥିବା ଆବଶ୍ୟକ। ରହିବା ସୁବିଧା ଉପଲବ୍ଧ। ତୁରନ୍ତ ଯୋଗାଯୋଗ କରନ୍ତୁ। ସ୍ଥାନ: ଭୁବନେଶ୍ୱର।
ଆସନ୍ତା ପର୍ଯ୍ୟଟନ ଋତୁକୁ ଦୃଷ୍ଟିରେ ରଖି ପୁରୀ ସହର ଓ ସମୁଦ୍ରତଟ ଅଞ୍ଚଳରେ ପୋଲିସ ପକ୍ଷରୁ ସମସ୍ତ ହୋଟେଲ ମାଲିକ, ପରିଚାଳକ ଓ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ପାଇଁ ଏକ ବୈଠକ ଶୁକ୍ରବାର ସଦ୍ଭାବନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟକ ସୁରକ୍ଷା, ହୋଟେଲ ଶୃଙ୍ଖଳା ସହ ଅନୁଚିତ ଘଟଣା ରୋକିବା ଉଦ୍ଦେଶ୍ୟରେ ଏସ୍ପି ପ୍ରତୀକ ସିଂହ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିଲା। ପ୍ରତ୍ୟେକ ହୋଟେଲରେ ପ୍ରବେଶଦ୍ୱାର, ପ୍ରତ୍ୟେକ ତଳ, କରିଡର, କାର୍ଯ୍ୟାଳୟ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଇବା ସହ ଫୁଟେଜ୍‌କୁ ଅତିକମ୍‌ରେ ୩୦ ଦିନ ପର୍ଯ୍ୟନ୍ତ ସଂରକ୍ଷିତ କରି ରଖିବା ପାଇଁ କୁହାଯାଇଛି। ସମସ୍ତ ହୋଟେଲରେ ବୈଧ ଅଗ୍ନି ନିର୍ବାପକ ସୁରକ୍ଷା ଓ ବୈଦ୍ୟୁତିକ ସୁରକ୍ଷା ସାର୍ଟିଫିକେଟ ରଖିବାକୁ କୁହାଯାଇଛି। ହୋଟେଲ କର୍ମଚାରୀଙ୍କ ନିରୀକ୍ଷଣ କରିବାକୁ କୁହାଯାଇଛି। ପ୍ରତିଦିନ ଅତିଥି ତାଲିକା ବା ଲଗ୍ ବୁକ୍ ରଖିବା ସହ ଆଧାର ଓ ଯୋଗାଯୋଗ ନମ୍ବର ଲେଖିବା ଆବଶ୍ୟକ। ଅଭିଭାବକଙ୍କ ଅନୁମତି ବିନା କୌଣସିଅପ୍ରାପ୍ତବୟସ୍କ ବା ମାଇନର ଅତିଥିଙ୍କୁ ରଖାଯିବନାହିଁ। ଚେକ୍-ଇନ୍ ସମୟରେ ଯଦି କୌଣସି ଅତିଥିଙ୍କ ଉପରେ ସନ୍ଦେହ ଆସେ, ତୁରନ୍ତ ସ୍ଥାନୀୟ ଥାନା ଅଧିକାରୀଙ୍କୁ ସୂଚନା ଦେବାକୁ କୁହାଯାଇଛି। ଯଦି କୌଣସି ବିଦେଶୀ ନାଗରିକ ହୋଟେଲରେ ରହନ୍ତି, ତେବେ ତାଙ୍କ ସୂଚନା ଏଫ୍‌ଆରଓ ମାଧ୍ୟମରେ ଏସ୍ପି ପୁରୀ କାର୍ଯ୍ୟାଳୟକୁ ପଠାଇବା ବାଧ୍ୟତାମୂଳକ। ପ୍ରତ୍ୟେକ ହୋଟେଲ ମାଲିକ ନିଜ ହୋଟେଲ ନାମରେ ନକଲି ୱେବ୍‌ସାଇଟ କିମ୍ବା ଅନ୍‌ଲାଇନ୍ ଲିଙ୍କ୍ ସମ୍ପର୍କରେ ନିୟମିତ ଭାବେ ଯାଞ୍ଚ କରିବେ। କୌଣସି ଠକେଇ ୱେବ୍‌ସାଇଟ ଚିହ୍ନଟ ହେଲେ, ତୁରନ୍ତ ପୁରୀ ସାଇବର ଥାନାର ୮୨୮୦୪୯୧୩୦୦ ନମ୍ବରକୁ ଜଣାଇବେ। ସମୁଦ୍ରତଟ ସୀମାରେ ଥିବା ହୋଟେଲଗୁଡ଼ିକରେ ପର୍ଯ୍ୟଟକଙ୍କୁ ସମୁଦ୍ର ସ୍ନାନ ପାଇଁ ସତର୍କ କରାଇବେ। ହୋଟେଲ ଆଖପାଖରେ ଯଦି କୌଣସି ଅସାମାଜିକ କାର୍ଯ୍ୟ ହୁଏ, ସ୍ଥାନୀୟ ଥାନା କିମ୍ବା ୧୧୨ ନମ୍ବରକୁ ଖବର ଦେବାକୁ ପରାମର୍ଶ ଦିଆଯାଇଛି। ଏଥିସହ ପୋଲିସ ପର୍ଯ୍ୟଟକ ସହାୟତା ନମ୍ବର ୬୩୭୦୦୬୭୧୦୦ ଏବଂ ସ୍ଥାନୀୟ ଥାନା ଯୋଗାଯୋଗ ନମ୍ବର ପ୍ରତ୍ୟେକ ରୁମ୍‌ରେ ଲଗାଇବା ପାଇଁ କୁହାଯାଇଛି। ପର୍ଯ୍ୟଟକଙ୍କ ସୁରକ୍ଷା ଓ ପୁରୀର ସକାରାତ୍ମକ ପର୍ଯ୍ୟଟନ ପରିଚୟ ରକ୍ଷା ପାଇଁ ହୋଟେଲ ମାଲିକ, ପରିଚାଳକ ଓ କର୍ମଚାରୀମାନେ ନିର୍ଦ୍ଦେଶର ଅନୁପାଳନ କରିବାକୁ ଅନୁରୋଧ କରାଯାଇଛି। ବୈଠକରେ ବରିଷ୍ଠ ପୋଲିସ ଅଧିକାରୀ, ହୋଟେଲ ଆସୋସିଏସନର କର୍ମକର୍ତ୍ତା ଏବଂ ହୋଟେଲ ମାଲିକମାନେ ଉପସ୍ଥିତ ଥିଲେ।

# 'ପ୍ରତିଭା ସୃଷ୍ଟି କରିବାରେ ସହାୟକ ହୁଏ ପ୍ରତିଯୋଗିତା'

ଗୋପ,୨୪।୧୦(ଭାରତୀ ଭୂଷଣ ଉପାଧ୍ୟାୟ)



ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ପ୍ରତିଯୋଗୀଙ୍କ ସହ ଅତିଥି ।

ପ୍ରତିଯୋଗିତା ହିଁ ପ୍ରତିଭା ସୃଷ୍ଟି କରିବାରେ ସହାୟକ ହେବା ସହ ଛାତ୍ରୀଛାତ୍ରଙ୍କ ମନୋବଳ ଦୃଢ଼ କରି ଆଗକୁ ଯିବାକୁ ବାଟ ଦେଖାଇଥାଏ। ଗୁରୁବାର ନିଗମାନନ୍ଦ ସ୍ମାର୍ଟ ସ୍କୁଲରେ ଅନୁଷ୍ଠିତ ଗୋପ ବ୍ଲକସ୍ତରୀୟ ସୁରଭି ମହୋତ୍ସବର ଉଦ୍‌ଯାପନ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଏହି ସୁରଭିରେ ଗୋପ ବ୍ଲକର ୨୦ଟି ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ବିଭିନ୍ନ ବିଦ୍ୟାଳୟର ୪୮୦ ଜଣ ଛାତ୍ରୀଛାତ୍ର ୧୭ଟି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପୂର୍ବାହ୍ନରେ ବ୍ଲକ ଶିକ୍ଷାଧିକାରୀ ପ୍ରମୋଦ କୁମାର କରଙ୍କ ସହ ଅନ୍ୟ ଅତିଥିମାନେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ବ୍ଲକ ଶିକ୍ଷାଧିକାରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ନିଗମାନନ୍ଦ ସ୍ମାର୍ଟ ସ୍କୁଲର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ଶିକ୍ଷାଧିକାରୀ ବିନୋଦିନୀ ମହାପାତ୍ର, ଦେବେନ୍ଦ୍ର କାଣ୍ଡି, ସମ୍ରାଟ ଭଞ୍ଜ ଭୋଇ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନଭେମ୍ବର ୧୨ରୁ ୧୪ ପର୍ଯ୍ୟନ୍ତ ଜିଲାସ୍ତରୀୟ ସୁରଭିରେ ଗୋପ ବ୍ଲକରେ ପ୍ରଥମ ହୋଇଥିବା ଛାତ୍ରୀଛାତ୍ର ଭାଗନେବେ ବୋଲି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତଥା ବରିଷ୍ଠ ଶିକ୍ଷକ ଦୀପକ କୁମାର ସେନାପତି କହିଛନ୍ତି। କାର୍ଯ୍ୟକ୍ରମକୁ ରାମକୃଷ୍ଣ ମହାନ୍ତି, ତ୍ରିଲୋଚନ ବେଜ, ସୁବ୍ରଜିତ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଏ-୧ ଆକାଂକ୍ଷୀ ବିଦ୍ୟାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର

ଚାରିଛକ,୨୪।୧୦(ଶିଶିର କୁମାର ସ୍ୱାଇଁ)

ଚାରିଛକସ୍ଥିତ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପ୍ରଧାନ ଶିକ୍ଷୟିତ୍ରୀ ମନୋସ୍ୱିନୀ ଲେଙ୍କାଙ୍କ ତତ୍ତ୍ୱାବଧାନରେ ଏବଂ ନୋଡାଲ ପ୍ରଧାନ ଶିକ୍ଷକ ତ୍ରିଲୋଚନ ପ୍ରଧାନଙ୍କ ସହାୟତାରେ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ୨୦୨୫-୨୬ ଶିକ୍ଷାବର୍ଷ ନିମନ୍ତେ ଜୋନ୍ ୧ର ୧୨ଟି ବିଦ୍ୟାଳୟର ପ୍ରାୟ ୨୨ଜଣ ଆକାଂକ୍ଷୀ ବିଦ୍ୟାର୍ଥୀଙ୍କ ପାଇଁ ଜୋନାଲସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ୨ଦିନିଆ ଶିବିରର ପ୍ରଥମ ଦିନରେ ବିଷୟଭିତ୍ତିକ ପ୍ରବୀଣ ଶିକ୍ଷକ ମନୋରଞ୍ଜନ ସ୍ୱାଇଁ, ପ୍ରଦୀପ୍ତ ବେହେରା, ସୁଧୀର କୁମାର ବେହେରା, ଜଗନ୍ନାଥ ଭୋଳ, ଶଶିଭୂଷଣ ରଥ, ମଙ୍ଗରାଜ ରଥ ପ୍ରମୁଖ ବିଭିନ୍ନ ପରାମର୍ଶ ଏବଂ ଉପଦେଶ ମାଧ୍ୟମରେ ଏ୧ ଗ୍ରେଡ୍ ରଖିବା ନିମନ୍ତେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ରମାକାନ୍ତ ଓଝା, ଅଂଶୁମାନ ଚମ୍ପତିରାୟ ଏବଂ ବିଭିନ୍ନ ବିଦ୍ୟାଳୟର ଗାଇଡ୍ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରଦୀପ୍ତ ଚନ୍ଦ୍ର ସାହୁ, ପ୍ରକାଶ ଚନ୍ଦ୍ର ପାତ୍ର, ବାବାଜୀ ଚରଣ ସେନାପତି, ଶିକ୍ଷୟିତ୍ରୀ କ୍ରିଷ୍ଣା ମହାପାତ୍ର, ଆଦ୍ୟାଶା ପ୍ରିୟଦର୍ଶିନୀ, ରାନୀ ବସ୍ତିଆ, ବିଭୁପ୍ରସାଦ ଦାସ, ଶିବବ୍ରତ ମଲ, ଅଭିଭାବିକା ରଶ୍ମିତା ସାହୁ ଓ ଟିକି ସ୍ୱାଇଁ ଏବଂ ଏସ୍ଏମ୍‌ଡିସିର ସଭ୍ୟ ରଞ୍ଜନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

### ଗୋଟିଏ ରାତିରେ ୨ ସ୍ଥାନରୁ ଚୋରି

ବଲଙ୍ଗା,୨୪।୧୦(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ଅରେଇ ସାହି ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ବଳରାମ ରାଉତଙ୍କ କୁକୁଡ଼ା ଫାର୍ମରୁ ୪ଶହ କୁକୁଡ଼ା ଚୋରି ହୋଇଥିବା ନେଇ ସେ ବଲଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଅରେଇ ସାହି ଗ୍ରାମର ବଳରାମ ରାଉତ ସବୁଦିନ ଭଳି ଗୁରୁବାର ରାତିରେ ଫାର୍ମ ବୁଲି ଦେଖିବା ସହ ଘରକୁ ଯାଇଥିଲେ। ରାତି ୨ଟାରେ ବଳରାମ ଯାଇ ଫାର୍ମ ଦେଖିବା ବେଳକୁ ଫାର୍ମର କବାଟ ଖୋଲା ହୋଇଛି। ଭିତରକୁ ଯାଇ ଦେଖିଲା ବେଳକୁ ୨ ଜଣ ଲୋକ ଫାର୍ମରେ ଥିବା କୁକୁଡ଼ା ଚୋରି କରି ନେଉଛନ୍ତି। ବଳରାମ ଏମାନଙ୍କୁ ଦେଖି ନିଜ ମୋବାଇଲରେ ଫଟୋ ଉଠାଉଥିବା ସମୟରେ ସେମାନେ ଦୌଡ଼ି ପଳାଇବାରେ ତାଙ୍କ ପଛେ ପଛେ ଗଲାବେଳକୁ ସେମାନେ ସାଙ୍ଗରେ ଆଣିଥିବା ଗୋଟିଏ ଅଟୋ ଓ ଗୋଟିଏ ବାଇକ୍ ଯୋଗେ ଦ୍ରୁତଗତିରେ ବଲଙ୍ଗା ପଟ ରାସ୍ତାରେ ଚାଲିଗଲେ। ଘଟଣାସ୍ଥଳରେ ଦୁଇଟି ବରଫ ଅଖା ଛାଡ଼ି ଯାଇଥିଲେ। ସେହିପରି ଅରେଇସାହି ଗ୍ରାମ ପାଖକୁ ଲାଗି ଗଡ଼ଚାନ୍ଦପୁର ଗ୍ରାମର କୋଠ ପୋଖରୀରୁ ମାଛ ଚୋରି କରିଥିବା ନେଇ ପବିତ୍ର ପରିଡ଼ା ଅଭିଯୋଗ କରିଛନ୍ତି। ପବିତ୍ରଙ୍କର ଏକ ବରଫ କଳ ଅଛି, ତାଙ୍କଠାରୁ ସେମାନେ ଦୁଇ ଅଖା ବରଫ କିଣିଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।

# ମଦ ଦୋକାନକୁ ଧସେଇ ପଶିଲେ ମହିଳା




ମଦଦୋକାନ ସମ୍ମୁଖରେ ଶତାଧିକ ମହିଳାଙ୍କ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ।

## ଦୋକାନ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ

ନିମାପଡ଼ା,୨୪।୧୦(ବିଚିତ୍ରାନନ୍ଦ ସାହୁ)

ଅଲ୍ ଇଣ୍ଡିଆ ମୂଳନିଭାଷୀ ସଂଘ ପକ୍ଷରୁ ୨ଶହରୁ ଊର୍ଦ୍ଧ୍ୱ ମହିଳା ନିମାପଡ଼ା ବନ୍ଧେ ହୋଟେଲ ନିକଟରେ ଥିବା ଠିପିଖୋଲା ମଦ ଦୋକାନ ଭିତରେ ଧସେଇ ପଶିବା ସହ ଦୋକାନ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଆନ୍ଦୋଳନକାରୀ ମହିଳାମାନେ ମଦ ଦୋକାନ ସମ୍ମୁଖରେ ବିଭିନ୍ନ ନାରାବାଜି କରି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଗଣଧାରଣା ଚଳାଇଥିଲେ। ଏହି ମଦ ଦୋକାନର ମାଲିକ ପିପିଲି ଥାନା ଅଞ୍ଚଳର ସୌମ୍ୟରଞ୍ଜନ ସ୍ୱାଇଁ ନାମକ ଜଣେ ବ୍ୟକ୍ତିଙ୍କୁ ଲିଜ୍‌ରେ ଦେବାପାଇଁ ଚୁକ୍ତିପତ୍ର କରି ତାଙ୍କଠାରୁ ୧୩ଲକ୍ଷ ଟଙ୍କା ନେଇଥିବା ସେ ଅଭିଯୋଗ କରିଛନ୍ତି।

ନିମାପଡ଼ାର ମଦଦୋକାନ ମାଲିକ ତୁରନ୍ତ ଲିଜ୍‌ଧାରୀ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ଲିଜ୍ ବାବଦରେ ଦେଇଥିବା ୧୩ଲକ୍ଷ ଟଙ୍କା ଫେରସ୍ତ କରିବା, ମଦ ଦୋକାନ ଭିତରେ ସୌମ୍ୟରଞ୍ଜନଙ୍କୁ ଦୁର୍ବ୍ୟବହାର କରି ଧମକ ଚମକ ଦେଇଥିବା ଗୁଣ୍ଡା ଶ୍ରେଣୀର ବ୍ୟକ୍ତିଙ୍କୁ ଗିରଫ କରାଯିବା ଦାବିରେ ମହିଳାଙ୍କ ପକ୍ଷରୁ ଏହି ଆନ୍ଦୋଳନ ହୋଇଥିଲା। ଅଲ୍ ଇଣ୍ଡିଆ ମୂଳନିଭାଷୀ ସଂଘ (ଏଆଇଏମଏସ)ର ରାଜ୍ୟ ସଭାପତି ବିଜୟ ସେଠୀ, ସମ୍ପାଦିକା ସ୍ୱର୍ଣ୍ଣଲତା ସେଠୀ, ମହିଳାନେତ୍ରୀ ମଞ୍ଜୁ ଭୋଇ, ଶୁଭଲକ୍ଷ୍ମୀ ବେହେରା, ପାର୍ବତୀ ମଲ୍ଲିକ, ମମତା ବେହେରା, ସୌଦାମିନୀ ମଲ୍ଲିକ, ରଞ୍ଜନ ବେହେରା ପ୍ରମୁଖଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହିଳାଙ୍କର ଏକ ଶୋଭାଯାତ୍ରା ଜୟଶ୍ରୀ ଛକରୁ ବାହାରି ସହର ପରିକ୍ରମା କରି ମଦ ଦୋକାନଠାରେ ପହଞ୍ଚିଥିଲା। ଆଗାମୀ ୧୦ଦିନ ମଧ୍ୟରେ ଦାବିପୂରଣ ନ ହେଲେ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ଆନ୍ଦୋଳନକାରୀ ନେତୃବୃନ୍ଦମାନେ କହିଛନ୍ତି। ଏ ସମ୍ପର୍କରେ ସଂଘ ପକ୍ଷରୁ ଏକ ଦାବିପତ୍ର ନିମାପଡ଼ା ଏସ୍‌ଡିପିଓଙ୍କ ଜରିଆରେ ଓଡ଼ିଶା ଅବକାରୀ କମିଶନଙ୍କୁ ପ୍ରଦାନ କରାଯାଇଥିବା ସଂଘ ପକ୍ଷରୁ କୁହାଯାଇଛି। ସରକାରୀ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନ ଭିତରକୁ ପୋଲିସ ଉପସ୍ଥିତିରେ ଶତାଧିକ ମହିଳା ଧସେଇ ପଶିବା ଓ ମଦ ଦୋକାନ ଫାଟକରେ ତାଲା ପକାଇବା ନିମାପଡ଼ା ପାଇଁ ଏକ ବିରଳ ଘଟଣା ପାଲଟିଛି।

## ତମାଖୁ ଦୋକାନରେ ଚଢ଼ାଉ

ପୁରୀ,୨୪।୧୦(ଅଜିତ୍ କୁମାର ମହାନ୍ତି)

ବାରମ୍ବାର ତାଗିଦ୍ ସତ୍ତ୍ୱେ କୋଟପା ଆଇନର ଧାରା ୬(ଖ) ଉଲ୍ଲଂଘନ କରି ଶିକ୍ଷାନୁଷ୍ଠାନ ନିକଟରେ ତମାଖୁ ବିକ୍ରି କରୁଥିବାରୁ ଶୁକ୍ରବାର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମର ସହକାରୀ ପରିଚାଳିକା ଅନିତା ଦାସ, ଡ୍ରଗ୍ସ ଇନ୍ସପେକ୍ଟର ଜ୍ଞାନଦା ଶଙ୍କର ନନ୍ଦ, ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ବେଦଶ୍ରୀ ସାହୁ, ଅବକାରୀ ବିଭାଗ ଅଧିକାରୀ ସୟଦ ନୁମାନ ରହିମ, ମାନସ ରଞ୍ଜନ ମିଶ୍ର ଓ ଜଗନ୍ନାଥ ଦାସ, ପୋଲିସ ବିଭାଗ ଅଧିକାରୀ ପୁନମ୍ ଲରାଙ୍ଗ ଏବଂ ସୁବ୍ରତ ସାହୁ ପୁରୀର ବିଭିନ୍ନ ଶିକ୍ଷାନୁଷ୍ଠାନ ନିକଟ ଦୋକାନ ଉପରେ ମିଳିତ ଚଢ଼ାଉ କରି ଜରିମାନା ଆଦାୟ କରିଛନ୍ତି। ଏହି ଅବସରରେ ଯୁବଗୋଷ୍ଠୀଙ୍କୁ ତମାଖୁଠାରୁ ଦୂରେଇ ରହିବାକୁ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଆଗାମୀ ଦିନରେ ପୁରୀ ଜିଲାର ବିଭିନ୍ନ ଅଞ୍ଚଳରେ ଏହି ଚଢ଼ାଉକୁ ତ୍ୱରାନ୍ୱିତ କରାଯିବା ସହ ବିଭିନ୍ନ ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସଦସ୍ୟ ତଥା ମିଶନ ଓଡ଼ିଶା ପକ୍ଷରୁ ମଧୁସୂଦନ ମିଶ୍ର ଏବଂ ବଦ୍ରି ମିଶ୍ର ସୂଚନା ଦେଇଛନ୍ତି।

## ୨ ନାବାଳକଙ୍କ ନିଖୋଜକୁ ୨୫ ଦିନ ବିତିଲା: ପତ୍ତା ପାଉନି ପୋଲିସ

ଡେଲାଙ୍ଗ,୨୪।୧୦(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା କୁଞ୍ଜର ଗ୍ରାମର ଦୁଇ ନାବାଳକ ନିଖୋଜ ଘଟଣାକୁ ୨୫ଦିନ ବିତିବାକୁ ବସିଲାଣି। ହେଲେ ଏପର୍ଯ୍ୟନ୍ତ ପୋଲିସ ସେମାନଙ୍କ ପତ୍ତା ପାଇପାରୁନାହିଁ। ନିଖୋଜ ନାବାଳକ ଦ୍ୱୟଙ୍କୁ ତୁରନ୍ତ ଖୋଜିଆଣି ଦେବାକୁ ପରିବାର ଲୋକେ ନିବେଦନ କରି ଗୁରୁବାର ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ସେଠାରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସଚ୍ଚିନ ପଟେଲ, ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ଓ ଥାନା ଅଧିକାରୀ ଶ୍ୟାମଘନ ବାରିକ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ପୋଲିସ ଟିମ୍ ନିଶ୍ଚିନ୍ତକୋଇଲି, ହାଇଦ୍ରାବାଦ ଓ କୋଲକାତା ଯାଇ ନିଖୋଜ ଦୁଇ ନାବାଳକଙ୍କୁ ଖୋଜାଖୋଜି କରିବ ବୋଲି ପୋଲିସ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୩୦ରେ କୁଞ୍ଜର ଗ୍ରାମର ଦୁଇଜଣ ଦଶମ ଶ୍ରେଣୀ ଛାତ୍ର ଘରୁ କେଉଁଆଡ଼େ ଚାଲିଯାଇଥିଲେ। ପରିବାର ଲୋକ ଖୋଜାଖୋଜି କରି ମଧ୍ୟ ସେମାନଙ୍କ ସନ୍ଧାନ ପାଇଲେ ନାହିଁ। ଏନେଇ ଉଭୟଙ୍କ ମା' ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୩୭୯/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣା ପରଦିନ ନାବାଳକ ଦ୍ୱୟ ଘରୁ ଆଣିଥିବା ସାଇକେଲ ଦୁଇଟିକୁ ଡେଲାଙ୍ଗ ଷ୍ଟେଶନ ବଜାରରୁ ପୋଲିସ ଉଦ୍ଧାର କରିଥିବା ବେଳେ ବିଭିନ୍ନ ସ୍ଥାନର ସିସିଟିଭି ଫୁଟେଜ ଯାଞ୍ଚ ସହ ସାଙ୍ଗସାଥୀଙ୍କୁ ପଚରାଉଚରା କରିଥିଲା। ନାବାଳକ ଦ୍ୱୟ ଇନ୍ଦିପୁରସ୍ଥିତ ଏକ ଗହଣା ଦୋକାନରେ ସୁନା ଜିନିଷ ବିକି ୩୫ଶହ ଟଙ୍କା ନେଇଥିବା ପୋଲିସ ଜାଣିବାକୁ ପାଇବା ପରେ ସମସ୍ତ ସୁନା ଜିନିଷ ଜବତ କରିଛି। ବିଭିନ୍ନ ଥାନାକୁ ନାବାଳକ ଦ୍ୱୟଙ୍କ ନିଖୋଜ ସମ୍ପର୍କରେ ଖବର ଦିଆଯାଇଥିବା ପୋଲିସ କହିଛି।

**SUSHREE INSTITUTE OF TECHNICAL EDUCATION (SITE)**
**PALLISHREE VIHAR, SADAIPALI, BALANGIR**
Estd. 2005 (1st Pvt. Nursing College of Odisha)
Approved by INC & Govt. of Odisha, ONMRC.
Affiliated to OUHS & ONMEB, Bhubaneswar

**NOTICE ON ADMISSION & STARTING OF CLASSES**

Admission into ANM, GNM, B.Sc.(N) & M.Sc.(Nursing) is going on and the Classes will be started from 01.11.2025. Admitted students for the year 2025-26 are instructed to attend their class positively on the 1st day i.e. 01.11.2025 for which messages have been sent to them. Few seats are lying vacant. Interested eligible students can take their admission directly in the SITE College by 31.10.2025. No donation. Only Govt. prescribed fee.

**Contact Mob. No.91787 83142** **Principal**

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

**ଆବଶ୍ୟକ**
ଘରୋଇ କାର୍ଯ୍ୟ ନିମନ୍ତେ ସଚ୍ଚୋଟ, ଦାୟିତ୍ୱବାନ ଗୃହ କର୍ମଚାରୀ ଆବଶ୍ୟକ। କାର୍ଯ୍ୟ ସମୟ ସକାଳ ୯ଟାରୁ ରାତି ୮ଟା ପର୍ଯ୍ୟନ୍ତ। ଅଭିଜ୍ଞତା ଅନୁଯାୟୀ ଦରମା। ମାତୃଭାଷା ଓଡ଼ିଆ ହୋଇଥିବା ଆବଶ୍ୟକ। ରହିବା ସୁବିଧା ଉପଲବ୍ଧ। ତୁରନ୍ତ ଯୋଗାଯୋଗ କରନ୍ତୁ। ସ୍ଥାନ: ଭୁବନେଶ୍ୱର।
**9438128790କୁ ବାୟୋଡ଼ାଟା ପଠାନ୍ତୁ।**

**WALK-IN-INTERVIEW**
**MANPOWER REQUIREMENT ON ROLL**

| Sl No | Department | Positions | Experience |
| --- | --- | --- | --- |
| 1) | CPP | **Operation:** Shift Incharge, Turbine DCS/Field Operator, Boiler DCS/Field Operator, MHS Engineer/Operator, Fireman, Chemist, RO/DM Operator, Silo Operator. **Mechanical:** Engineer, Sr. Fitter, **Electrical:** Deputy/ Asst. Manager, Engineer/Sr.Engineer, Electrician, **Instrument:** Deputy / Asst. Manager, Engineer / Sr. Engineer, Technician. | 5-10 Years |
| 2) | FA | **Operation:** Shift Manager, Shift Incharge, Control Room Operator, Batch Operator, Tapper, Forklift/Crane Operator, RMHS Shift Incharge, BQT manager, QC head, Chemist, QC Sampler, Cast House Supervisor, **Mechanical:** Engineer, Sr. Engineer, Sr. Fitter, **Electrical:** Deputy / Asst. Manager, Engineer/ Sr.Engineer, Electrician | 5-10 Years |
| 3) | DRI | **Operation:** Sr. Manager, Shift Manager, Control Room Operator, Field Operator, QRT Operator, Port Loading Supervisor, Chemist, Lab attendant, **Mechanical/RMP:** Manager, Engineer, Foreman, Sr. Fitter, Belt Jointer, RMP Operator / Supervisor, **Electrical:** Engineer / Sr. Engineer, Electrician. | 5-10 Years |
| 4) | CIVIL | Asst. Manager / Sr. Engineer, Quality Engineer, Supervisor | 5-10 Years |
| 5) | F&S | Safety Patroller | 5-10 yrs |
| 6) | Pollution Control | Asst. Manager / Sr. Engineer | 5-10 Years |
| 7) | Commercial | Accountants, Engineering Store Manager | 5-10 yrs |

**SREE METALIKS AND SAL STEEL LTD JOINT VENTURE**
Interested candidate may walk in with their updated CV, Photo & proof of present salary on date: 26/10/2025, Time 10.00 am to 04.00 pm Contact Person: Mr. SK Ray, Mob. 9937222002. Interview Location: Plot No. K-8/552, Kalinga Nagar, Near Sum Ultimate Hospital, Bhubaneswar
Job Location: Vill- Bharapur, Tal- Gandhidham, Dist- Kutch, Gujurat

**GOVERNMENT OF CHHATTISGARH, WATER RESOURCES DEPARTMENT**
**OFFICE OF THE CHIEF ENGINEER**
**MAHANADI PROJECT, RAIPUR (CHHATTISGARH)**
**e-PROCUREMENT TENDER NOTICE**
**eProcurement Portal: https://eproc.cgstate.gov.in**
**(First Call)**

System Tender No. 177899/ NIT No.: 12/SAC/25-26 Dated: 23.10.2025
**Online Tenders are invited for the following work up to 13.11.2025 at 17.30 Hours.**
**Name of work - Construction of Village Road Bridge on Sejbahar Local Nalla in Block Dharsiwa, District Raipur.**
Probable Amount of Contract: - **Rs. 208.15 Lakhs**
**(As per S.O.R dated 01.08.2010 and amended upto dated 22.08.2022).**

The details can be viewed and downloaded online directly from the Government of Chhattisgarh Integrated e-Procurement Portal (**https://eproc.cgstate.gov.in**) **from Date 30.10.2025, at 17.31 Hours.** (IST) onwards.
**NOTE** :- All eligible/interested contractors/bidders are mandated to get enrolled on the Integrated e-procurement portal (**https://eproc.cgstate.gov.in**) and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process. All Prequalification Certificates issued by Water Resources Department from dated 01.10.2024 till date is valid in this tender (As per Engineer-in-Chief, W.R.D. Raipur's Letter No. 425001/TC/2016/**IdwZ**-/9210 Raipur Dtd. 23/09/2025).

Sd./- Executive Engineer
Water Management Division No.I, Raipur
for, Chief Engineer, Mahanadi Project
Raipur (C.G)
G-252604328/6

**କର୍ମଚାରୀ ଭବିଷ୍ୟନିଧି ସଂଗଠନ**
(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର )
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ୍, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼

**ପ୍ରେସ୍ ବିଜ୍ଞପ୍ତି**

ଆଞ୍ଚଳିକ ଇ.ପି.ଏଫ୍. କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ନଭେମ୍ବର ମାସ ପାଇଁ ''ନିଧି ଆପ୍ କେ ନିକଟ'' ଏବଂ ''ପେନ୍ସନ ଅଦାଲତ'' ତା.୧୦.୧୧.୨୦୨୫ରିଖ (ସୋମବାର) ଦିନ ଆୟୋଜିତ ହେବାକୁ ଯାଉଛି। ଏହି ଅବସରରେ ପି.ଏଫ ଏବଂ ପେନ୍ସନ୍ ସଂପର୍କିତ ସମସ୍ୟାଗୁଡ଼ିକର ଶୁଣାଣି ଏବଂ ସମାଧାନ କରାଯିବ। ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗନେବାପାଇଁ, ଆପତ୍ତି ଅଭିଯୋଗଥିବା ସମସ୍ତ ପେନ୍ସନଧାରୀ ତଥା ଇ.ପି.ଏଫ୍. ଅଂଶୀଦାରମାନେ ସେମାନଙ୍କ ସମସ୍ୟାର ପଞ୍ଜିକରଣ ନିଜର ଠିକଣା ଏବଂ ଫୋନ୍ ନମ୍ବର ସହ ଲିଖିତ ଭାବେ ପୋଷ୍ଟ ମାଧ୍ୟମରେ କିମ୍ବା ଅଫିସ୍‌ରେ ଥିବା ଡ୍ରପ୍ ବକ୍ସରେ ଦାଖଲ କରିବାକୁ ନିବେଦନ କରାଯାଇଛି। ଏଥିସହିତ ପ୍ରୋଭିଡେଣ୍ଟ ଫଣ୍ଡ ଆକାଉଣ୍ଟର ସବିଶେଷ ବିବରଣୀ କିମ୍ବା ପି.ପି.ଓ ନମ୍ବର ଇତ୍ୟାଦି ଆସନ୍ତା ୩୧.୧୦.୨୦୨୫ ତାରିଖ ପୂର୍ବରୁ ଦାଖଲ କରିବାକୁ ହେବ ବୋଲି ଆଞ୍ଚଳିକ ପି.ଏଫ୍. କମିଶନର୍ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ
ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ, ରାଉରକେଲା
SAI/RKL/0171/25

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNDARGARH**
AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com
No.O-1093

**No. Tender Online - RWCCESNG - 16 of 2025-26, Letter No. 2426 / Dtd. 09.10.2025**
**e-Procurement NOTICE**

1. Type of the Work : Road (MMSY), 2. Class of Contractor : As specified in the column-6 of the Annexure, 3. Time of Completion : As specified in the column-5 of the Annexure, 4. Detail Projects : As per Annexure attached, 5. Estimated Cost : As specified in the column-4 of the Annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
| --- | --- | --- | --- | --- | --- | --- |
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 16 of 2025-26 | 27.10.2025 11:00 A.M. | 10.11.2025 5:00 P.M. | 07.11.2025 5:00 P.M. | 11.11.2025 11:00 A.M. | Will be intimated separately |

Further details can be seen from the website www.tendersodisha.gov.in
Sd./- Chief Construction Engineer
Rural Works Circle, Sundargarh
OIPR-25133/11/0073/2526

**ଦ.ପୂ. ରେଳପଥ – ଇ-ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍ଏମ୍/ଜିଇଏନ୍ଏଲ୍/ଟିପି/୨୦୨୫/୩୯, ତାରିଖ: ୨୪।୧୦।୨୦୨୫

**''ଇ'' ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ନିମ୍ନ ଅନୁଯାୟୀ ୱେବ୍‌ସାଇଟ୍ **www.ireps.gov.in**ରେ ଅପଲୋଡ୍ ହୋଇଛି । ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ ।

| କ୍ର. ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି ପରିମାଣ (ଟଙ୍କାରେ ) |
| --- | --- | --- | --- | --- | --- |
| ୧. | ୫୬୨୫୫୧୮୪ଏ | ୨୫।୧୧।୨୫ | ଭିଡିୟୁ (୪୨-୮୫ ଇଞ୍ଚ) ପାଇଁ ଏସ୍ଏମ୍‌ପିଏସ୍-ଆଧାରିତ ମଡ୍ୟୁଲାର ପାୱାର ସପ୍ଲାଏ ଆରେଞ୍ଜମେଣ୍ଟ ଆଦି | ୩୫ ସେଟ୍ | ୧,୬୧,୦୭୦/- |
| ୨. | ୨୫୨୫୩୫୬୫ଏ | ୦୩।୧୧।୨୫ | ୧୫୦୦ ଆମ୍ପସ୍ କ୍ଷମତାର ରିଭର୍ସର ନିମନ୍ତେ କଣ୍ଟାକ୍ଟ ସେଗମେଣ୍ଟ | ୩୭୭ ଗୋଟି | ୧,୪୮,୭୩୦/- |
| ୩. | ୨୯୨୫୩୭୮ଏ | ୦୭।୧୧।୨୫ | ଏଲଆରୟୁ, କଣ୍ଟ୍ରୋଲ ପୋର୍ସନ୍ ପାଇଁ ଓଭରହଲିଂ କିଟ୍ | ୧୩୯ ସେଟ୍ | ୩,୯୦,୩୭୦/- |
| ୪. | ୨୯୨୫୩୨୮୧ଏ | ୦୭।୧୧।୨୫ | ଲକ୍ ନଟ୍ ଏଫ୍.ଏସ୍. ଅଲ୍ ଷ୍ଟିଲ୍ ସେଟ୍ ଆଦି | ୨୬୨ ସେଟ୍ | ୬,୮୦,୧୫୦/- |
| ୫. | ୨୯୨୫୩୧୫୧ | ୧୪।୧୧।୨୫ | ଡବ୍ଲ୍ୟୁଏଜି-୯ ଲୋକୋ ପାଇଁ ଏକ୍ସିଲ ବକ୍ସ ବେରିଂ କମ୍ପୋନେଣ୍ଟର ସେଟ୍ | ୧୦୩ ସେଟ୍ | ୧,୯୨,୪୦୦/- |
| ୬. | ୧୮୨୫୩୦୩୧ | ୨୧।୧୧।୨୫ | ଜିପି ରିଲେ, ୩ ଏନ୍.ଓ+୩ ଏନ୍.ସି. ଇଣ୍ଟରଲକ୍ କଣ୍ଟାକ୍ଟସ୍ | ୪୨୨ ଗୋଟି | ୧,୪୫,୮୯୦/- |
| ୭. | ୨୯୨୫୫୦୯୫ | ୦୬।୧୧।୨୫ | ସିଲିଣ୍ଡରିକାଲ ରୋଲର୍ ବେରିଂ ସେଟ୍ | ୨୦୦ ସେଟ୍ | ୨,୮୦,୬୦୦/- |
| ୮. | ୨୯୨୫୫୧୦୫ | ୦୬।୧୧।୨୫ | ଅତିରିକ୍ତ ହାର୍ଡୱେର୍‌ର ଯୋଗାଣ, ସ୍ଥାପନ ଓ କମିଶନିଂ | ୯୦୦ ଗୋଟି | ୭,୮୪,୯୯୦/- |
| ୯. | ୨୯୨୫୩୨୮୧ଏ | ୦୭।୧୧।୨୫ | ଲକ୍ ନଟ୍ ଏଫ୍.ଏସ୍. ଅଲ୍ ଷ୍ଟିଲ୍ ସେଟ୍ ଆଦି | ୨୬୨ ସେଟ୍ | ୬,୮୦,୧୫୦/- |
| ୧୦. | ୨୫୨୫୩୬୦୯ | ୧୦।୧୧।୨୫ | ସିଲିକନ୍ ରବର୍ କମ୍ପାଉଣ୍ଡ ସିଲାଣ୍ଟ | ୧୩୨୮୦ କିଗ୍ରା | ୧,୩୩,୨୭୦/- |
| ୧୧. | ୨୫୨୫୧୨୨୫ | ୨୪।୧୧।୨୫ | ଏମ୍ଏନ୍ ଷ୍ଟିଲ୍ ପିନ୍ ଓ ବୁଶ୍‌ଗୁଡ଼ିକର ସେଟ୍ | ୫୫ ସେଟ୍ | ୧,୦୯,୦୩୦/- |
| ୧୨. | ୩୮୨୫୫୦୧୫ | ୦୪।୧୨।୨୫ | ବିଓଏକ୍ସଏନ୍ଏଚ୍ଏଲ୍ ୱାଗନ୍ ପାଇଁ ଫ୍ଲାପ୍ ଡୋର୍ ଆରେଞ୍ଜମେଣ୍ଟ କମ୍ପ୍ଲିଟ୍ । | ୫୦୦୦ ଗୋଟି | ୪,୧୦,୦୫୦/- |
| ୧୩. | ୮୩୨୫୧୮୮୩ଏ | ୧୦।୧୧।୨୫ | କମ୍ପ୍ୟୁଟରୀକୃତ ଅଣସଂରକ୍ଷିତ ଟିକେଟ୍ ଆକାର ୧୦.୩ ସେମି x ୬.୪ ସେମି ଆଦି | ୧୦୦୦୦୦ ଗୋଟି | ୧,୫୩,୪୦୦/- |
| ୧୪. | ୬୫୨୫୫୦୨୧ | ୨୫।୧୧।୨୫ | "ବଣ୍ଡମୁଣ୍ଡା, ହଳଦିଆ ଓ ଆଦିତ୍ୟପୁର ପାଇଁ ସିଏନ୍‌ସି ଏସ୍‌ଡବ୍ଲ୍ୟୁଏଲ୍"ର ଯୋଗାଣ ଓ ସ୍ଥାପନ ଏବଂ କମିଶନ୍ (ପ୍ରାକ୍ ବିଡ୍ ବୈଠକ ତା୦୪।୧୧।୨୫ରିଖ ୧୨.୦୦ ଘଟିକା ପିସିଏମ୍ଏମ୍ ମିଟିଂ ରୁମ୍/ଏସଇଆର/ଜିଆରସି/କୋଲକାତା-୪୩ରେ) | ୦୩ ଗୋଟି | ୨୦,୦୦,୦୦୦/- |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି ।
(PR-769)

## ସଂକ୍ଷେପରେ

### ବିଜ୍ଞାନମେଳାରେ ୫୩୫ ପ୍ରକଳ୍ପ

**ଟାଙ୍ଗୀ,୨୪।୧୦(ରଘୁନାଥ ସାହୁ):** କାଲୁପଡ଼ା ଘାଟ ମାତୃବିହାର ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନମେଳାରେ ସାହିତ୍ୟ, ବିଜ୍ଞାନ, ଗଣିତ, ଇତିହାସ, ଭୁଗୋଳ, ପୁଷ୍ପ, ସଙ୍ଗୀତ, ହସ୍ତକଳାର ୫୩୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ପ୍ରାରମ୍ଭ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ବିଦ୍ୟାଳୟର ଅଧକ୍ଷ ସଞ୍ଜୟ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପୁରୀ ସର୍କଲ ସଂଯୋଜକ ଆନନ୍ଦ ଚନ୍ଦ୍ର ପ୍ରଧାନ, ସୁକାନ୍ତ କୁମାର ଜେନା, ପୂର୍ବତନ ଛାତ୍ର ତଥା ଓଡ଼ିଶା ପ୍ରଶାସନିକ ଅଧିକାରୀ ଆଶିଷ କୁମାର ଦାସ, ଶୁଭଶ୍ରୀ ଅଙ୍କିତା ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ରକଳ୍ପ ବୁଲି ଦେଖିବା ସହ କୁନି ପ୍ରତିଭାମାନଙ୍କୁ ଉତ୍ସାହିତ କରିଥିଲେ।

### ଖବରଦାତାଙ୍କ ବାଇକ୍ ଚୋରି

**ଖୋର୍ଦ୍ଧା,୨୪।୧୦(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଉପକଣ୍ଠ ଉଇଲକିଶନ ନଗରସ୍ଥିତ ଏକ ଖବରକାଗଜର ଜିଲ୍ଲା କାର୍ଯ୍ୟାଳୟ ଆଗରୁ ଏକ ବାଇକ୍‌କୁ ଦୁର୍ବୃତ୍ତ ଚୋରି କରିନେଇଛନ୍ତି। ଏନେଇ ଗାଡ଼ି ମାଲିକ ତଥା ଖବରଦାତା ମନୋରଞ୍ଜନ ପ୍ରଧାନ ଶିଳ୍ପାଞ୍ଚଳ ଥାନାରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ମନୋରଞ୍ଜନ ଏକ ଦୈନିକ ଖବରକାଗଜରେ କାମ କରୁଛନ୍ତି। ଗୁରୁବାର ରାତିରେ ନିଜ ଗ୍ରାମରେ କରିଥିବା ଅଫିସ ଆଗରେ ବାଇକ୍ (ଓଆର ୦୨ବିୟୁ ୯୨୧୨)ରଖି ଭିତରେ କାମ କରିବା ପରେ ଶୋଇପଡିଥିଲେ। ସକାଳେ ଅଫିସ ଆଗରେ ତାଙ୍କ ବାଇକ୍ ନ ଥିବା ଦେଖିବାକୁ ପାଇଥିଲେ। ସବୁଆଡ଼େ ଖୋଜି ନିରାଶ ହେବା ପରେ ଥାନାରେ ଏନେଇ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ପୋଲିଓ ନିରାକରଣ ପାଇଁ ସଚେତନତା ପଦଯାତ୍ରା

**ଭୁବନେଶ୍ୱର,୨୪।୧୦(ବନ୍ଦନା ସେଠୀ):** ବିଶ୍ୱ ପୋଲିଓ ଦିବସ ଅବସରରେ ଭୁବନେଶ୍ୱରର ରୋଟାରି କ୍ଲବ ପକ୍ଷରୁ ପୋଲିଓ ନିରାକରଣ ପାଇଁ ଚାଲିଥିବା ଲଢ଼େଇ ବିଷୟରେ ସଚେତନତା ସୃଷ୍ଟିକରିବା ନିମନ୍ତେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ରୋଟାରି ଭବନରୁ ଆରମ୍ଭହୋଇ ରାମମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ରୋଟାରି ନିରନ୍ତର ଟିକାକରଣ ଅଭିଯାନ, ସଚେତନତା ଅଭିଯାନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହିତ ସହଭାଗିତା ମାଧ୍ୟମରେ ପୋଲିଓ ନିରାକରଣ ପାଇଁ ବିଶ୍ୱବ୍ୟାପୀ ୩ ଦଶନ୍ଧିରୁ ଅଧିକ ସମୟ ଧରି କାର୍ଯ୍ୟ କରିଆସୁଛି।

# ଡିସେମ୍ବର ୧୫ଯାଏ ଅସ୍ଥାୟୀ କମିଟି ଉପରେ ସ୍ଥଗିତାଦେଶ

**ହାଇକୋର୍ଟରେ ଧବଳେଶ୍ୱର ମନ୍ଦିର କମିଟି ବିବାଦ ମାମଲା**

**ଖୋର୍ଦ୍ଧା,୨୪।୧୦(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧାର ପ୍ରସିଦ୍ଧ ଶୈବପୀଠ ଗୁରୁଜଙ୍ଗସ୍ଥିତ ଶ୍ରୀଧବଳେଶ୍ୱର ପୀଠର ଅସ୍ଥାୟୀ ଓ ସ୍ଥାୟୀ(ଟ୍ରଷ୍ଟ ବୋର୍ଡ) କମିଟିକୁ ନେଇ ଲାଗିରହିଥିବା ବିବାଦର ଶୁଣାଣି ଶୁକ୍ରବାର ହାଇକୋର୍ଟରେ ହୋଇଛି। ଖୋର୍ଦ୍ଧା ଉପଜିଲାପାଳଙ୍କ ଦ୍ୱାରା ଗଠିତ ଅସ୍ଥାୟୀ କମିଟି ଉପରେ ପରବର୍ତ୍ତୀ ତାରିଖ ପର୍ଯ୍ୟନ୍ତ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିଛନ୍ତି ହାଇକୋର୍ଟ। ଏଥିସହିତ ଏହି କମିଟିର ସଦସ୍ୟମାନେ ସେପର୍ଯ୍ୟନ୍ତ ଦୈନନ୍ଦିନ ନୀତିକାନ୍ତି, ବଡ଼ଓଷା ଏବଂ କାର୍ତ୍ତିକ ପୂର୍ଣ୍ଣିମା ପାଳନରେ ହସ୍ତକ୍ଷେପ କରିବେ ନାହିଁ। ହାଇକୋର୍ଟର ଦୁଇଜଣିଆ ଖଣ୍ଡପୀଠ ଉପରୋକ୍ତ ରାୟ ଶୁଣାଇଛନ୍ତି। ଡିସେମ୍ବର ୧୫ରେ ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ ହୋଇଛି।

ସୂଚନା ମୁତାବକ, ପୂର୍ବରୁ ମନ୍ଦିର ପରିଚାଳନା ପାଇଁ ଏଣ୍ଡାଓମେଣ୍ଟ କମିଶନରଙ୍କ ଦ୍ୱାରା ନିଯୁକ୍ତି ଅନୁଯାୟୀ ଏକ କମିଟି ଗଠନ କରାଯାଇଥିଲା। ଏହି କମିଟି ସୁରୁଖୁରୁରେ କାର୍ଯ୍ୟ କରୁଥିଲା ଏବଂ ମନ୍ଦିର ଦୈନିକ ନୀତିକାନ୍ତି ଶୃଙ୍ଖଳିତ ଭାବେ ଚାଲିଥିବା ବେଳେ ଉପଜିଲାପାଳ ୨୦୨୪ ନଭେମ୍ବର ୧୧ରେ ବଡ଼ଓଷା ଏବଂ କାର୍ତ୍ତିକ ପୂର୍ଣ୍ଣିମା ଏବଂ ମନ୍ଦିର ପରିଚାଳନା ପାଇଁ ଏକ ଅସ୍ଥାୟୀ କମିଟି ଗଠନ କରିଥିଲେ। ଏହା ଉପରେ ସ୍ଥାୟୀ ମନ୍ଦିର ପରିଚାଳନା କମିଟି ହାଇକୋର୍ଟରେ ଏହି ରିଟ୍ ପିଟଶନ ଦାଖଲ କରିଥିଲେ। ଏଥିରେ ଏଣ୍ଡାଓମେଣ୍ଟ କମିଶନରଙ୍କୁ ପକ୍ଷଭୁକ୍ତ କରିଥିଲେ। ହାଇକୋର୍ଟ ଏହାକୁ ଗ୍ରହଣ କରି ଏଣ୍ଡାଓମେଣ୍ଟ କମିଶନରଙ୍କୁ ଏହାର ସବିଶେଷ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଶୁକ୍ରବାର ହାଇବ୍ରିଡ ମୋଡ୍‌ରେ ଏହାର ଶୁଣାଣି ହୋଇଥିଲା। ହାଇକୋର୍ଟ ଶୁଣାଣି କରି ଅସ୍ଥାୟୀ କମିଟିକୁ ବେଆଇନ ଦର୍ଶାଇଛନ୍ତି। ଧବଳେଶ୍ୱର ମହାଦେବଙ୍କ ଦୈନିକ ରୀତିନୀତି ସହ ସ୍ୱତନ୍ତ୍ର ପର୍ବପର୍ବାଣି ପାଳନ ପାଇଁ ଦେବୋତ୍ତର କମିଟି ଦ୍ୱାରା ଗଠିତ ଟ୍ରଷ୍ଟ ଏହାକୁ ପରିଚାଳନା କରିବ ବୋଲି ରାୟରେ ନିର୍ଦ୍ଦେଶ ଦିଆଯାଇଛି।

ପ୍ରକାଶ ଯେ, ରାଜ୍ୟ ସରକାରଙ୍କ ଦେବୋତ୍ତର କମିଶନରଙ୍କ ଅଧୀନରେ ଏହି ପରିଚାଳନା କମିଟି କାର୍ଯ୍ୟ କରୁଛି। ୨୦୨୪ ଜୁଲାଇ ୫ରେ ଏହି ଟ୍ରଷ୍ଟ ବୋର୍ଡ ଗଠନ ହୋଇଥିଲା। ସରକାରଙ୍କ ନିୟମାନୁଯାୟୀ ଦେବୋତ୍ତର କମିଶନର ଏହି ଟ୍ରଷ୍ଟ ଗଠନ କରିଥିଲେ। ଏହି ଟ୍ରଷ୍ଟ ଅଧୀନରେ ୧୦ଜଣ ସଭ୍ୟ ରହି ମନ୍ଦିର ପରିଚାଳନା କରିଆସୁଥିଲେ। ଗତବର୍ଷ ଧବଳେଶ୍ୱରଙ୍କ ବଡ଼ଓଷା ପର୍ବ ପୂର୍ବରୁ ଏକ ବୈଠକ ଉପଜିଲାପାଳଙ୍କ ଆବାହକତ୍ୱରେ ବସିଥିଲା। ଏଥିରେ ଖୋର୍ଦ୍ଧା ବିଧାୟକ, ଟ୍ରଷ୍ଟ ସଭ୍ୟ ଏବଂ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଉପସ୍ଥିତ ରହି ବଡ଼ଓଷା ପର୍ବ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ବିଧାୟକଙ୍କ ପରାମର୍ଶକ୍ରମେ ଟ୍ରଷ୍ଟକୁ ଅଗ୍ରାହ୍ୟ କରି ଅନ୍ୟ ଏକ କମିଟି ଉପଜିଲାପାଳ ଗଠନ କରି ବଡ଼ଓଷା ପର୍ବ ପାଳନ ଲାଗି ଚିଠା ଜାରି କରିଥିଲେ। ଉକ୍ତ କମିଟି ମନ୍ଦିରର ସମସ୍ତ ପର୍ବପର୍ବାଣି ପାଳନ କରିବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲା। ରାଜ୍ୟ ସରକାରଙ୍କ ଦେବୋତ୍ତର କମିଶନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଟ୍ରଷ୍ଟ ବୋର୍ଡ ଏ ସଂକ୍ରାନ୍ତରେ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କର୍ତ୍ତୃପକ୍ଷ ଏଥିପ୍ରତି ଭ୍ରୂକ୍ଷେପ କରି ନ ଥିଲେ। ଟ୍ରଷ୍ଟ ପକ୍ଷରୁ ଦେବୋତ୍ତର କମିଶନରଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା। ଅନ୍ୟପକ୍ଷରେ ସମାନ୍ତରାଳ ଭାବେ ଦୁଇଟି ପରିଚାଳନା କମିଟି ଚାଲୁଥିବାରୁ ମନ୍ଦିରର ରୀତିନୀତିରେ ବାରମ୍ବାର ବିଭ୍ରାଟ ସୃଷ୍ଟି ହେଉଥିଲା। ଇତି ମଧ୍ୟରେ କମିଶନରଙ୍କ ପକ୍ଷରୁ ଏକ କମିଟି ଆସି ସ୍ଥାନୀୟ ଲୋକଙ୍କୁ ପଚାରି ସମସ୍ତ ତଥ୍ୟ ମଧ୍ୟ ସଂଗ୍ରହ କରିଛନ୍ତି। ଅନ୍ୟପକ୍ଷରେ ଟ୍ରଷ୍ଟ ପକ୍ଷରୁ ହାଇକୋର୍ଟଙ୍କ ନିକଟରେ ଏ ସଂକ୍ରାନ୍ତରେ ଏକ ପିଟିଶନ ଆଗତ ହୋଇଥିଲା। ହାଇକୋର୍ଟ ଏହାର ଶୁଣାଣି କରି ମନ୍ଦିରର ରୀତିନୀତି ବଡ଼ଓଷା, କାର୍ତ୍ତିକ ପୂର୍ଣ୍ଣିମା ପର୍ବ ଟ୍ରଷ୍ଟ ଦ୍ୱାରା ପରିଚାଳନା କରିବାକୁ ଦେବୋତ୍ତର ବିଭାଗ ଏବଂ ଖୋର୍ଦ୍ଧା ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୫କୁ ରହିଥିବା ବେଳେ କମିଶନରଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଏମ୍‌ସ ଭୁବନେଶ୍ୱରରେ ହ୍ୟାଣ୍ଡ୍ ଫ୍ରାକ୍ଚର ଫିକ୍ସେଶନ କର୍ମଶାଳା



**ଭୁବନେଶ୍ୱର, ୨୪।୧୦ (ବନ୍ଦନା ସେଠୀ)**

ଏମ୍‌ସ ଭୁବନେଶ୍ୱର ବର୍ଣ୍ସ ଆଣ୍ଡ୍ ପ୍ଲାଷ୍ଟିକ ସର୍ଜରୀ ବିଭାଗ ପକ୍ଷରୁ ହ୍ୟାଣ୍ଡ୍ ଫ୍ରାକ୍ଚର ଫିକ୍ସେସନ ଉପରେ ଏକ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ କଙ୍କାଳ ସ୍ଥିରୀକରଣଠାରୁ ସୌନ୍ଦର୍ଯ୍ୟ ଏବଂ କାର୍ଯ୍ୟକ୍ଷମ ପୁନରୁଦ୍ଧାର ପର୍ଯ୍ୟନ୍ତ ହାତ ଭଙ୍ଗାର ବ୍ୟାପକ ପରିଚାଳନାରେ ପ୍ଲାଷ୍ଟିକ ସର୍ଜନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ବିଶେଷଜ୍ଞମାନେ ଆଲୋକପାତ କରିଥିଲେ। ଏନେଇ ଏମ୍‌ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ କହିଛନ୍ତି, ହାତ ଭଙ୍ଗା ପରିଚାଳନା ଏବଂ ସ୍ଥିରୀକରଣରେ ପ୍ଲାଷ୍ଟିକ ସର୍ଜନମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସେମାନେ ମାଇକ୍ରୋସର୍ଜରୀ, ନରମ ଟିସୁ ଓ ରକ୍ତବାହୀ ନଳୀଗୁଡିକର ପୁନଃନିର୍ମାଣ ଏବଂ ହାଡ଼ ସ୍ଥିରୀକରଣରେ ବିଶେଷଜ୍ଞତାକୁ ମିଶ୍ରଣ କରି ଆହତ ହାତର ରୂପ ଏବଂ କାର୍ଯ୍ୟକୁ ପୁନଃସ୍ଥାପିତ କରନ୍ତି। ବିଭାଗ ମୁଖ୍ୟ ଡା. ସଞ୍ଜୟ କୁମାର ଗିରି ପ୍ଲାଷ୍ଟିକ ସର୍ଜନମାନଙ୍କ ଦ୍ୱାରା ସ୍ଥାୟୀ ହାଡ଼ ସଂଲଗ୍ନତା ହାସଲ କରିବା ପାଇଁ ବ୍ୟବହୃତ ପିନ୍, ପ୍ଲେଟ, ସ୍କ୍ରୁ ଏବଂ ତାର ସମେତ ବିଭିନ୍ନ ସ୍ଥିରୀକରଣ ପଦ୍ଧତି ବିଷୟରେ ବର୍ଣ୍ଣନା କରିଥିଲେ। ଦେଶର ବହୁ ବିଶିଷ୍ଟ ବିଶେଷଜ୍ଞମାନେ ଯୋଗଦେଇ ଜରୁରୀକାଳୀନ, ପ୍ଲାଷ୍ଟିକ ସର୍ଜନ, ଅର୍ଥୋପେଡିକ ସର୍ଜନ, ଟ୍ରମା ବିଶେଷଜ୍ଞ ପ୍ରମୁଖଙ୍କ ମଧ୍ୟରେ ବହୁମୁଖୀ ସହଯୋଗର ଗୁରୁତ୍ୱ ଉପରେ କହିଥିଲେ। ଏମ୍‌ସ ଭୁବନେଶ୍ୱରର ମେଡିକାଲ ଅଧୀକ୍ଷକ ଡ. ଦିଲୀପ କୁମାର ପରିଡାଙ୍କ ସମେତ ଅଧ୍ୟାପିକାଅଧ୍ୟାପକ, ଛାତ୍ରୀଛାତ୍ର କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।

# ପିଲାଙ୍କୁ ଜାଗ୍ରତକରେ ପୁସ୍ତକ, ପରିବେଶ



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

**ଖୋର୍ଦ୍ଧା,୨୪।୧୦(ପ୍ରଭାତ ପାଣିଗ୍ରାହୀ)**

**ମଣ୍ଡଳସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଖୋର୍ଦ୍ଧା ପକ୍ଷରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳ ସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ବ୍ଲକର ୧୩ଟି କ୍ଲଷ୍ଟରରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରତିଭା ଦେଖାଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯାଜ୍ଞସେନୀ ସାହୁ ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ ମୁଖ୍ୟ ଅତିଥି, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଖୋର୍ଦ୍ଧାର ଅଧକ୍ଷ ଡ. ତାପସ କୁମାର ନାୟକ ମୁଖ୍ୟବକ୍ତା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିଜୟ ବେହେରା, ଡ.ପ୍ରଜ୍ଞାପାରମିତା ଜେନା, ରଶ୍ମିବାଳା ପରିଡ଼ା, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ରଥ, ମଣ୍ଡଳ ସାଧନକେନ୍ଦ୍ର ସଂଯୋଜିକା ସନ୍ଧ୍ୟାବତୀ ଲେଙ୍କା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଖୋର୍ଦ୍ଧାର ଭରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭା, ସୃଜନଶୀଳତାର ବିକାଶ ଉପରେ ମତ ରଖିଥିଲେ। ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ବିଧାୟକ ପ୍ରଶାନ୍ତ ଜଗଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ପିଲାମାନଙ୍କ ସ୍ୱତନ୍ତ୍ର ପରିଚୟ ସୁଯୋଗ ଆଣିଛି ସୁରଭି। ପିଲାମାନେ ପାଠପଢ଼ା ସହ ଖେଳକୁଦ କର, ପ୍ରତିଭା ଦେଖାଅ, ଜୀବନ ସ୍ରୋତରେ ଆଗକୁ ବଢ଼ି ନିଜ ପରିଚୟ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ପୁସ୍ତକ, ପରିବେଶ ଓ ପରିବାର ପିଲାଙ୍କୁ ଜାଗ୍ରତ କରିଥାଏ। ସମୟକୁ ନେଇ ସ୍ୱପ୍ନ ଦେଖ, ସାକାର ନ ହେବା ପର୍ଯ୍ୟନ୍ତ ପରିଶ୍ରମ କର। ପଞ୍ଚାୟତ ସମିତି ଖୋର୍ଦ୍ଧା ଉପାଧକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ,ମଖଙ୍କ ପ୍ରତିନିଧି ଦିଲୀପ କୁମାର ହୋତା, ପି ଟି ଆସୋସିଏଶନ ରାଜ୍ୟ ସଭାପତି ନିକୁଞ୍ଜ ପଟ୍ଟନାୟକ ପିଲାମାନଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀମାନେ ଜିଲାସ୍ତରୀୟ ଶିଶୁ ମହୋତ୍ସବରେ ଭାଗନେବାର ସୁଯୋଗ ପାଇବେ। ସମସ୍ତ ସିଆର୍‌ସିସି, ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଖୋର୍ଦ୍ଧା ବ୍ଲକର ସମସ୍ତ ଗାଇଡ୍ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଜଳଭଣ୍ଡାର ସ୍ଥିତି ଅନୁଧ୍ୟାନ କରିବାକୁ ଉନ୍ନୟନ କମିଶନରଙ୍କ ନିର୍ଦ୍ଦେଶ

■ ସମ୍ଭାବ୍ୟ ବାତ୍ୟାଜନିତ ଲଗାଣବର୍ଷା ନେଇ ଜଳ ସମ୍ପଦ ବିଭାଗର ପ୍ରସ୍ତୁତି

**ଭୁବନେଶ୍ୱର, ୨୪।୧୦ (ବନ୍ଦନା ସେଠୀ)**

ସମ୍ଭାବ୍ୟ ବାତ୍ୟାଜନିତ ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରସ୍ତୁତି ନେଇ ଉନ୍ନୟନ କମିଶନର ଅନୁ ଗର୍ଗ ଶୁକ୍ରବାର ସମୀକ୍ଷା କରିଛନ୍ତି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏନେଇ ଆୟୋଜିତ ବୈଠକରେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ରାଜ୍ୟର ବିଭିନ୍ନ ଅବବାହିକାରେ ଥିବା ଜଳଭଣ୍ଡାର ସ୍ଥିତିକୁ ନିକଟରୁ ଅନୁଧ୍ୟାନ କରିବାକୁ ଉନ୍ନୟନ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ସମ୍ଭାବ୍ୟ ଲଗାଣ ବର୍ଷା ଫଳରେ ବିଭିନ୍ନ ଜଳଭଣ୍ଡାରରେ ଜଳପତନ ପରିମାଣ କେତେ ବୃଦ୍ଧି ଘଟୁଛି, ଏହାର ବାସ୍ତବତାକୁ ଦେଖି ଠିକ୍ ଆକଳନ କରି ଯୋଜନା ଓ ସୁନିୟନ୍ତ୍ରିତ ଭାବେ ଜଳ ନିଷ୍କାସନ ତଥା ଜଳ ପରିଚାଳନା କରିବାକୁ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନ ସ୍ଥିତିରେ ସମସ୍ତ ନଦୀରେ ଜଳସ୍ତର କମ୍ ରହିଛି। ତେଣୁ ବନ୍ୟା ପରିସ୍ଥିତି ହେବାର ଆଶଙ୍କା ନାହିଁ ବୋଲି ବୈଠକରେ ସୂଚନା ଦିଆଯାଇଛି। ତେବେ ସ୍ଥିତିକୁ ଦେଖି ବିଭାଗ ତଥା କ୍ଷେତ୍ରସ୍ତରରେ ଥିବା ସମସ୍ତ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ସତର୍କ ରହି କାର୍ଯ୍ୟ କରିବାକୁ ଉନ୍ନୟନ କମିଶନର ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।

## ମଣ୍ଡଳସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା

**ବୋଲଗଡ଼,୨୪।୧୦(ଦେବବ୍ରତ ହୋତା)**

ବୋଲଗଡ଼ ଶିକ୍ଷା ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ଦେଉଳି ଗ୍ରାମସ୍ଥିତ ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ରବୀନ୍ଦ୍ର କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ମଣ୍ଡଳସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବୋଲଗଡ଼ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି କ୍ରୀଡ଼ା ବିଦ୍ୟାର୍ଥୀଙ୍କୁ ଶୃଙ୍ଖଳିତ କରିଥାଏ ବୋଲି କହିଥିଲେ। ଏହି ମଣ୍ଡଳସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତାରେ ୨୮ଟି ଉଚ୍ଚ ବିଦ୍ୟାଳୟର ୨୫୦ ଜଣ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲାବେଳେ ସେମାନଙ୍କ ମଧ୍ୟରୁ ୨୮ଜଣ କୃତୀ ପ୍ରତିଯୋଗୀ ଖୋର୍ଦ୍ଧା ଜିଲା ସମୂହ କ୍ରୀଡ଼ା ପ୍ରତିଯୋଗିତାକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଆୟୋଜିତ ପୁରସ୍କାର ବିତରଣ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ଦେଈଙ୍କ ସଭାପତିତ୍ୱରେ ମୁଖ୍ୟ ବକ୍ତାଭାବେ ବ୍ଲକ ଉପାଧକ୍ଷ ରମେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ପ୍ରଦୀପ କୁମାର ବାରିକ, ପୂର୍ବତନ ସହଗୋଷ୍ଠୀ ଶିକ୍ଷାଧିକାରୀ ପଦ୍ମ ଚରଣ ବେହେରା, ପୂର୍ବତନ କ୍ରୀଡା ଶିକ୍ଷକ ଜୟରାମ ଦାସ, ପୂର୍ବତନ କ୍ରୀଡ଼ା କମିଟିର ଉପଦେଷ୍ଟା ଗୋପାଳ ମହାନ୍ତି, ପଞ୍ଚସଖା ଶିକ୍ଷା ସେତୁ ସଙ୍ଗଠନ ଅଧକ୍ଷ ପ୍ରଶାନ୍ତ ଚନ୍ଦ୍ର ନାୟକ, ବ୍ଲକ କ୍ରୀଡ଼ା ସମ୍ପାଦକ ଅଭିଷେକ ମହାନ୍ତି, କ୍ରୀଡ଼ା ଶିକ୍ଷକ ମାନସ କୁମାର ବେହେରା, ସୁବାସ ଚନ୍ଦ୍ର ମହାପାତ୍ର, ପ୍ରଭାତ କୁମାର ଦାସ, ସୁରେନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ପରେ ସଂଯୋଜକ ସୀତାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଏବଂ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାକୁ ଖେଳ ଶିକ୍ଷକ ଭାଗବତ ପ୍ରସାଦ ପାଣ୍ଡେ, ସତ୍ୟବ୍ରତ ନାୟକ, ଦେବାଶିଷ ସାମନ୍ତ, ଅକ୍ଷୟ କୁମାର ପ୍ରଧାନ, ସୁଶାନ୍ତ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଭାସ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ଫାଇନାଲରେ ଗୁଡୁମ

**ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ କ୍ରିକେଟ**

**ଖୋର୍ଦ୍ଧା,୨୪।୧୦(ପ୍ରଭାତ ପାଣିଗ୍ରାହୀ)**

ଗୁରୁଜଙ୍ଗ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ୍ ସପ୍ତମ ଦିବସରେ ମିନି ଆଧାର (ସ୍ଥାନୀୟ କ୍ରିକେଟ ଟିମକୁ ନେଇ ଆୟୋଜିତ)ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍ ଅରାଙ୍ଗ ଏବଂ କୋଣାର୍କ ନଗର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଅରାଙ୍ଗ ଟିମ୍ ବ୍ୟାଟିଂ କରି ୧୦ ଓଭରରେ ୧୦୩ ରନ ସଂଗ୍ରହ କରିଥିଲା। ଜବାବରେ କୋଣାର୍କ ନଗର ଟିମ୍ ୧୦ ଓଭରରେ ୩ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ସୁଜିତ ମଙ୍ଗରାଜ ଶ୍ରେଷ୍ଠ ଖେଳାଳିଭାବେ ଅତିଥି ଅକ୍ଷୟ ଜେନାଙ୍କଠାରୁ ପୁରସ୍କୃତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଗୁଡୁମ ଏବଂ ପାଇକତିଗିରିଆ ଟିମ୍ ମଧ୍ୟରେ ହୋଇଥିଲା। ଗୁଡୁମ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୩ ଉଇକେଟ ବିନିମୟରେ ୧୨୯ ରନ ସଂଗ୍ରହ କରିଥିଲା। ଜବାବରେ ପାଇକତିଗିରିଆ ଟିମ୍ ୧୦ଓଭରରେ ୧୧୦ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଅତିଥି ତ୍ରିନାଥ ପରଡ଼ା ଶ୍ରେଷ୍ଠ ଖେଳାଳିଭାବେ ରତି ରଞ୍ଜନଙ୍କୁ ପୁରସ୍କୃତ କରିଥିଲେ।

ପରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଗୁଡୁମ ଏବଂ କୋଣାର୍କ ନଗର ଟିମ୍ ମଧ୍ୟରେ ହୋଇଥିଲା। ଗୁଡୁମ ଟିମ୍ ପ୍ରଥମେ ବ୍ୟାଟିଂ କରି ମନୋଜଙ୍କ ୬୮ରନ ସହାୟତାରେ ୧୦ ଓଭରରେ ୬ ଉଇକେଟ ବିନିମୟରେ ୧୩୪ ରନ ସଂଗ୍ରହ କରିଥିଲା। ଜବାବରେ କୋଣାର୍କ ନଗର ଟିମ୍ ଆୟୁଷ ଦାସଙ୍କ ୩୨ରନ ସହାୟତାରେ ୧୦ ଓଭରରେ ୧୨୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଗୁଡୁମ୍ ଟିମ୍ ମ୍ୟାଚ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଶ୍ରେଷ୍ଠ ଖେଳାଳିଭାବେ ରାକେଶଙ୍କୁ ଅତିଥି ଅସିତ୍ ପରିଡା ପୁରସ୍କୃତ କରିଥିଲେ। ସୁର୍ଯ୍ୟକାନ୍ତ ଗୁମାନସିଂ, ରାଜଦୀପ ରାଜପ୍ରସାଦ ରଥ, ଅମିତ ବେହେରା, ପ୍ରକାଶ ପାଇକରାୟ, ପ୍ରକାଶ ସାହୁ, ସାନୁଜ ବିଶ୍ୱାଳ ମ୍ୟାଚ୍ ପରିଚାଳନା କରିଥିଲେ। ଶନିବାର ମିନି ଆଧାର ମ୍ୟାଚ୍ ନୂଆଗାଁ ଏବଂ କୁରାଢ଼ମଲ, ଦ୍ୱିତୀୟ ମ୍ୟାଚ ଗୁରୁଜଙ୍ଗ ଏବଂ ଅରିସଲ ମଧ୍ୟରେ ଅନୁଷ୍ଠିତ ହେବ। ତୃତୀୟ ମ୍ୟାଚ ପ୍ରଥମ ଓ ଦ୍ୱିତୀୟ ମ୍ୟାଚର ବିଜେତାଙ୍କ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ସୂଚନା ଦେଇଛନ୍ତି।

# ଜଟଣୀରେ ବଢୁଛି ବାଂଲାଦେଶୀ, ରୋହିଙ୍ଗ୍ୟାଙ୍କ ସଂଖ୍ୟା

**ଚିହ୍ନଟ କରି ବିତାଡ଼ିତ କରାଯାଉ**

**ଖୋର୍ଦ୍ଧା,୨୪।୧୦(ପ୍ରଭାତ ପାଣିଗ୍ରାହୀ)**




ଜଟଣୀ ସହରରେ ବାଂଲାଦେଶୀ ଏବଂ ରୋହିଙ୍ଗ୍ୟାଙ୍କ ସଂଖ୍ୟା ବଢ଼ିଚାଲିଛି। ଏମାନଙ୍କୁ ଚିହ୍ନଟ କରାଯାଇ ବିହିତ ପଦକ୍ଷେପ ନେବାକୁ ଉତ୍କଳ ଭାରତୀୟ ଶ୍ରମିକ ସଙ୍ଗଠନ ଦାବି କରିଛି। ଏନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ, ନିର୍ମାଣାଧୀନ ବିଭିନ୍ନ କୋଠାଘର, ଆପାର୍ଟମେଣ୍ଟ, ବହୁତଳ ବିଶିଷ୍ଟ ଗୃହ ନିର୍ମାଣରେ କୁଶଳୀ, ଅର୍ଦ୍ଧ କୁଶଳୀ, ଅଣକୁଶଳୀ ଭାବେ ବାଂଲାଦେଶୀ ଏବଂ ରୋହିଙ୍ଗ୍ୟାମାନେ କାର୍ଯ୍ୟ କରୁଛନ୍ତି। ଏମାନଙ୍କୁ ଆଶ୍ରୟ ଦେଉଛନ୍ତି ସହରରେ ନିର୍ମାଣାଧୀନ ହେଉଥିବା ସରକାରୀ ଓ ବେସରକାରୀ ଆପାର୍ଟମେଣ୍ଟ ଏବଂ ମାର୍କେଟ କମ୍ପ୍ଲେକ୍ସର ମାଲିକ ତଥା ନିର୍ମାଣ ଦାୟିତ୍ୱ ନେଇଥିବା ଠିକାଦାର। ଏପରିକି ସେମାନଙ୍କ ନାମରେ ଡୁପ୍ଲିକେଟ ଆଧାର କାର୍ଡ ମଧ୍ୟ କରାଇଥାନ୍ତି। ଏମାନଙ୍କୁ ସାଧାରଣତଃ ଲୋକେ ବଙ୍ଗାଳି ମିସ୍ତ୍ରୀ ବୋଲି କହିଥାନ୍ତି। କିନ୍ତୁ ପ୍ରକୃତରେ ଏମାନେ ବାଂଲାଦେଶୀ ଓ ରୋହିଙ୍ଗ୍ୟା ବୋଲି ଜଣାପଡ଼ିଛି। ଏମାନେ ଏଠାରେ କାମ କରିବା ଦ୍ୱାରା ଜଟଣୀ ଅଞ୍ଚଳର ବହୁ ଲୋକ ବୃତ୍ତି ହରାଉଛନ୍ତି ବୋଲି ସଂଘ ଦାବି କରିଛି। ଏମାନଙ୍କୁ ଚିହ୍ନଟ କରାଯାଇ ରାଜ୍ୟରୁ ବିତାଡ଼ିତ କରାଯିବାକୁ ଦାବି କରିଛନ୍ତି। କେତେଜଣ ଦଲାଲଙ୍କ ପାଇଁ ସେମାନେ ସ୍ଥାନୀୟ ପରିଚୟପତ୍ର କରି ଜଟଣୀ ଆଖପାଖରେ ଥିବା ଜଗନ୍ନାଥ ଓ ସରକାର ଜମିରେ ଘର କରି ଖାଉଟିକାର୍ଡ ହାତେଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି।

# ଭାଲିଆବାଡ଼ି କପ୍ କ୍ରିକେଟ ଟୁର୍ନାମେଣ୍ଟ: ସେମିରେ ପଳାସପୁର



**ଖୋର୍ଦ୍ଧା,୨୪।୧୦(ପ୍ରଭାତ ପାଣିଗ୍ରାହୀ)**

ସ୍ଥାନୀୟ ଭାଲିଆବାଡ଼ି ଖେଳପଡ଼ିଆରେ ଚାଲିଥିବା ୪୮ତମ ଭାଲିଆବାଡ଼ି କପ୍ କ୍ରିକେଟ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶୁକ୍ରବାର ଅରିଶଲ ଏବଂ ପଳାସପୁର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ପଳାସପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ଗୋଟିଏ ଉଇକେଟ ବିନିମୟରେ ୧୯୭ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବସନ୍ତ ସାହୁ ୯୨ରନ ଏବଂ ବିଶ୍ୱରଞ୍ଜନ ସାହୁ ୯୭ରନ କରିଥିଲେ। ଜବାବରେ ଅରିଶଲ ଟିମ୍ ୧୦ଓଭରରେ ୫ ଉଇକେଟ ବିନିମୟରେ ୧୬୯ରନ ସଂଗ୍ରହ କରିଥିଲା। ଫଳରେ ପଳାସପୁର ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଅରିଶଲ ଟିମ୍‌ର ଶୁଭେନ୍ଦୁ ପ୍ରଧାନ ୮୮ରନ କରିଥିଲେ। ପଳାସପୁର ଟିମ୍‌ର ଚନ୍ଦନ ୪ଟି ଉଇକେଟ ନେଇଥିଲେ। ଅରିଶଲ ଟିମ୍‌ର ଶୁଭେନ୍ଦୁ ପ୍ରଧାନଙ୍କୁ ଶ୍ରେଷ୍ଠ ଖେଳାଳିଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ଛବି ନାରାୟଣ ସାହୁ, ଭବେଶ ସାହାଣୀ ଏବଂ ଦୀନବନ୍ଧୁ ବିଶ୍ୱାଳ ମ୍ୟାଚ୍ ପରିଚାଳନା କରିଥିଲେ।

ଇଣ୍ଡିୟନ ବୈଙ୍କ Indian Bank | इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ. ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତନଗର, କଟକ-୭୫୩୦୧୪, zocuttack@indianbank.co.in

ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା/ବନ୍ଧକଦାତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତାଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ବନ୍ଧକଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ବନ୍ଧକଦାତାଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
| --- | --- | --- | --- |
| **କଟକ ବାଲିଚନ୍ଦ୍ରପୁର ଶାଖା /** **ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀଦତ୍ତ ଦାସ,** ପିତା: ସୁରେଶ ଚନ୍ଦ୍ର ଦାସ, **ଠିକଣା-** ସା: ନେଉଳା (ନୂଆଗାଁ), ପୋ: ବରୀକଟକ, ଥାନା: ବରୀ ରାମଚନ୍ଦ୍ରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୦୩ | ୧୬.୦୮.୨୦୨୫ ସୁଦ୍ଧା ଟ.୧୨,୦୬,୫୪୦.୦୦ ଏବଂ ସେବାବଦ ସୁଧ | ୧୬.୦୮.୨୦୨୫ / ୨୩.୧୦.୨୦୨୫ | **ଶ୍ରୀଦତ୍ତ ଦାସ,** ପିତା: ସୁରେଶ ଚନ୍ଦ୍ର ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୦୯, ପ୍ଲଟ୍ ନଂ.: ୧୩୮୬, କ୍ଷେତ୍ର: ଏକର୦.୧୭ ଡିସିମିଲି, ପ୍ରକାର: ଘରବାରି, ମୌଜା: ନେଉଳା, ତହସିଲ: ବରୀ, ଥାନା: ବିଂଝାରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ଏହାର ଚଉପାର୍ଶ୍ୱରେ- ଉତ୍ତର: ପୋଖରୀ (ପ୍ଲଟ୍ ନଂ. ୧୬୪୯), ଦକ୍ଷିଣ: ରାସ୍ତା, ପୂର୍ବ: କ୍ଷୀରୋଦ ଚନ୍ଦ୍ର ଦାସ (ପ୍ଲଟ୍ ନଂ. ୧୩୮୨), ପଶ୍ଚିମ: ଲକ୍ଷ୍ମଣ ମଲ୍ଲିକ ଏବଂ ଅନ୍ୟମାନେ (ପ୍ଲଟ୍ ନଂ. ୧୩୮୪ ଏବଂ ୧୩୮୫) |

**ସ୍ଥାନ: କଟକ, ତାରିଖ: ୨୪.୧୦.୨୦୨୫** — ସ୍ୱା/- **କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**

# ପ୍ରତି ନିର୍ମାଣକୁ ଅନ୍ତର୍ଜାତୀୟ ମାନର କରାଯିବ: ପୂର୍ତ୍ତମନ୍ତ୍ରୀ

■କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ଅଗ୍ରଗତି ନେଇ ସମୀକ୍ଷା
■ତୃଣମୂଳସ୍ତରରେ ମିଳିବ ବିଶ୍ୱସ୍ତରୀୟ କ୍ରୀଡ଼ା ସୁବିଧା: କ୍ରୀଡ଼ାମନ୍ତ୍ରୀ

ଭୁବନେଶ୍ୱର,୨୪।୧୦(ସୁନିତ୍ ମିଶ୍ର)

କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼କରି ତୃଣମୂଳସ୍ତରରୁ କ୍ରୀଡ଼ାକୁ ଆଗେଇନେବା ଦରକାର। ଏଥିପାଇଁ ରାଜ୍ୟ ସରକାର ରଖିଥିବା ଲକ୍ଷ୍ୟ ପୂରଣ କରିବାକୁ ଅଧିକାରୀ ତଥା ଇଞ୍ଜିନିୟରମାନଙ୍କୁ ଆଗଭର ହୋଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉପସ୍ଥିତିରେ ଶୁକ୍ରବାର ଲୋକସେବା ଭବନଠାରେ ବିଭିନ୍ନ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ଯୋଗଦେଇ ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି, କେବଳ ରାଜ୍ୟ କିମ୍ବା ଜିଲାସ୍ତରରେ ନୁହେଁ, କ୍ରୀଡ଼ାର ସାମଗ୍ରିକ ବିକାଶ କରିବାକୁ ହେଲେ ଆମକୁ ତୃଣମୂଳସ୍ତରକୁ ଯିବାକୁ ହେବ। ଓଡ଼ିଶାର ଗ୍ରାମାଞ୍ଚଳରେ ଅନେକ ପ୍ରତିଭା ଭରି ରହିଛନ୍ତି । ସେମାନଙ୍କୁ ବିଶ୍ୱସ୍ତରୀୟ ଭିତ୍ତିଭୂମିରେ ତାଲିମ ସୁବିଧା ଯୋଗାଇଦେଇପାରିଲେ ଆମେ ଓଡ଼ିଶାକୁ କ୍ରୀଡ଼ା କ୍ଷେତ୍ରରେ ଗର୍ବିତ କରିପାରିବା। ତେଣୁ ରାଜ୍ୟ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ଉନ୍ନତି ନେଇ ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହାକୁ ପୂରା କରିବାକୁ ସମସ୍ତଙ୍କୁ ଏକାଠି ହୋଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ବୈଠକରେ ରାଜ୍ୟରେ ନିର୍ମାଣାଧୀନ ବିଭିନ୍ନ ସୁଇମିଂ ପୁଲ୍ କମ୍ପ୍ଲେକ୍ସ, ଯାଜପୁର ସ୍ପୋର୍ଟସ କମ୍ପ୍ଲେକ୍ସ, ସମ୍ବଲପୁର ଓ ଝାରସୁଗୁଡ଼ା ଆଇକନିକ୍ ସ୍ପୋର୍ଟସ କମ୍ପ୍ଲେକ୍ସ ସହ ଇନ୍‌ଡୋର ହଲ୍ ସବୁର ନିର୍ମାଣ ଡିଜାଇନ, ଫୁଟ୍‌ବଲ ଟ୍ରେନିଂ ସେଣ୍ଟର ସମ୍ବଲପୁର ନିର୍ମାଣ ବିଷୟରେ ଆଲୋଚନା ହୋଇଥିଲା। ଏଥିସହ ଆଗାମୀ ଦିନରେ ପ୍ରସ୍ତାବିତ ଝାରସୁଗୁଡ଼ା ଓ ଭଦ୍ରକଠାରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ନେଇ ମଧ୍ୟ ଆଲୋଚନା ହୋଇଛି। ଭବିଷ୍ୟତକୁ ଦୃଷ୍ଟିରେ ରଖି ଏବଂ ଖେଳାଳିମାନଙ୍କୁ ବିଶ୍ୱସ୍ତରୀୟ ତାଲିମ ସୁବିଧା ଦେବା ପାଇଁ ପ୍ରତ୍ୟେକ ନିର୍ମାଣ ଭିତ୍ତିଭୂମିକୁ ଅନ୍ତର୍ଜାତୀୟ ମାନର କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଡିପିଆର୍ ପ୍ରସ୍ତୁତି ସମୟରେ ସବୁଦିଗକୁ ଗୁରୁତ୍ୱ ଦେବା ସହିତ ନିର୍ମାଣ ସମୟରେ ଆଧୁନିକ ଜ୍ଞାନକୌଶଳ ଓ ଉନ୍ନତ ଯନ୍ତ୍ରପାତିର ବ୍ୟବହାର କରିବା ନେଇ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଗୁରୁତ୍ୱ ଦେଇଥିଲେ। ବୈଠକରେ କ୍ରୀଡ଼ା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଇଆଇସି (ସିଭିଲ) ସତ୍ୟବ୍ରତ ବେହେରା, ଓବିସିସି ଏମ୍‌ଡି ସମୀର ହୋତା, ମୁଖ୍ୟଯନ୍ତ୍ରୀ (ବିଲ୍ଡିଂ) ପ୍ରିୟବ୍ରତ ସାମନ୍ତରାୟ, କ୍ରୀଡ଼ା ବିଭାଗର ଅତିରିକ୍ତ ଶାସନ ସଚିବ ବିଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଜଳଭଣ୍ଡାର ସ୍ଥିତି ଅନୁଧ୍ୟାନ କରିବାକୁ ଉନ୍ନୟନ କମିଶନରଙ୍କ ନିର୍ଦ୍ଦେଶ


ସମୀକ୍ଷା ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ ଜଳ ସମ୍ପଦ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**ସମ୍ଭାବ୍ୟ ବାତ୍ୟାଜନିତ ଲଗାଣବର୍ଷା ନେଇ ଜଳ ସମ୍ପଦ ବିଭାଗର ପ୍ରସ୍ତୁତି**

ଭୁବନେଶ୍ୱର, ୨୪।୧୦ (ବନ୍ଦନା ସେଠୀ)

ସମ୍ଭାବ୍ୟ ବାତ୍ୟାଜନିତ ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରସ୍ତୁତି ନେଇ ଉନ୍ନୟନ କମିଶନର ଅନୁ ଗର୍ଗ ଶୁକ୍ରବାର ସମୀକ୍ଷା କରିଛନ୍ତି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏନେଇ ଆୟୋଜିତ ବୈଠକରେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ରାଜ୍ୟର ବିଭିନ୍ନ ଅବବାହିକାରେ ଥିବା ଜଳଭଣ୍ଡାର ସ୍ଥିତିକୁ ନିକଟରୁ ଅନୁଧ୍ୟାନ କରିବାକୁ ଉନ୍ନୟନ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ସମ୍ଭାବ୍ୟ ଲଗାଣ ବର୍ଷା ଫଳରେ ବିଭିନ୍ନ ଜଳଭଣ୍ଡାରରେ ଜଳପତନ ପରିମାଣ କେତେ ବୃଦ୍ଧି ଘଟୁଛି, ଏହାର ବାସ୍ତବତାକୁ ଦେଖି ଠିକ୍ ଆକଳନ କରି ଯୋଜନା ଓ ସୁନିୟନ୍ତ୍ରିତ ଭାବେ ଜଳ ନିଷ୍କାସନ ତଥା ଜଳ ପରିଚାଳନା କରିବାକୁ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନ ସ୍ଥିତିରେ ସମସ୍ତ ନଦୀରେ ଜଳସ୍ତର କମ୍ ରହିଛି। ତେଣୁ ବନ୍ୟା ପରିସ୍ଥିତି ହେବାର ଆଶଙ୍କା ନାହିଁ ବୋଲି ବୈଠକରେ ସୂଚନା ଦିଆଯାଇଛି। ତେବେ ସ୍ଥିତିକୁ ଦେଖି ବିଭାଗ ତଥା କ୍ଷେତ୍ରସ୍ତରରେ ଥିବା ସମସ୍ତ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ସତର୍କ ରହି କାର୍ଯ୍ୟ କରିବାକୁ ଉନ୍ନୟନ କମିଶନର ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।

# ଚୂଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ଫୁଟ୍‌ବଲ କପ୍ ଉଦ୍‌ଘାଟିତ

ବାରଙ୍ଗ,୨୪।୧୦(ଲିଙ୍ଗରାଜ ରାଉତ)

ଚୂଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ କମିଟି ତରଫରୁ ଶୁକ୍ରବାର ଚୂଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ଫୁଟ୍‌ବଲ କପ୍ ଆରମ୍ଭ ହୋଇଛି। ୨୪ରୁ ୨୬ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଚାଲିବାକୁ ଥିବା ଏହି ଫୁଟ୍‌ବଲ ଟୁର୍ନାମେଣ୍ଟକୁ ଆନୁଷ୍ଠାନିକ ଭାବେ ବାରଙ୍ଗ ତହସିଲଦାର ଡ. ତୁଷାର ଜ୍ୟୋତିରଞ୍ଜନ ଉଦ୍‌ଘାଟନ କରିଛନ୍ତି। ଉତ୍ସବରେ ଭାଜପା ନେତା ତୁଷାର ଚକ୍ରବର୍ତ୍ତୀ, ଏମ୍‌ପିଙ୍କ ପ୍ରତିନିଧି ଭୂପତି ପାଣି, ସମିତିସଭ୍ୟ ଦୀପକ ସ୍ୱାଇଁ, ରାମଚନ୍ଦ୍ର ରାଉତ, ତପନ ସେଠୀ,ପ୍ରମୋଦ ରାଉତ, ମଳୟ ଦାସ, ଅଶ୍ୱିନୀ ସାହୁ, ସୁନୀଲ ସ୍ୱାଇଁ, ମଧୁସୂଦନ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ଲୁକ୍କାୟିତ ଥିବା କ୍ରୀଡ଼ା ପ୍ରତିଭାମାନଙ୍କୁ ଅନ୍ୱେଷଣ କରିବା ପାଇଁ ମହୋତ୍ସବ କମିଟି ତରଫରୁ କରାଯାଇଥିବା ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଟୁର୍ନାମେଣ୍ଟରେ ସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରିବାର ରହିଛି। ୮ଟି ଦଳକୁ ନେଇ ଗଠିତ ଗ୍ରୁପ ଏ ବିଭାଗର ଖେଳ ନରଣପୁର ମହାବୀର ସ୍ପୋର୍ଟିଂ କ୍ଲବ ଖେଳପଡ଼ିଆରେ ହେବାକୁ ଥିବାବେଳେ ଅନ୍ୟ ୮ଟି ଦଳକୁ ନେଇ ଗଠିତ ଗ୍ରୁପ ବି' ବିଭାଗର ଖେଳ ମରଚିଆ ୟୁଥ୍ କ୍ଲବ ଖେଳପଡ଼ିଆରେ ଅନୁଷ୍ଠିତ ହେବ। ସେମିଫାଇନାଲ ଓ ଫାଇନାଲ ମ୍ୟାଚ ଗୋବିନ୍ଦପୁର ଖେଳପଡ଼ିଆରେ ହେବ। ବିଜେତାମାନଙ୍କୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରାଯିବ ବୋଲି ମହୋତ୍ସବ କମିଟିର ସଭାପତି ତୁଷାରକାନ୍ତ ଚକ୍ରବର୍ତ୍ତୀ କହିଛନ୍ତି। ଆଜି ନରଣପୁର ମହାବୀର ସ୍ପୋର୍ଟିଂ କ୍ଲବ ଖେଳପଡ଼ିଆରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବର ପ୍ରଥମ ଫୁଟ୍‌ବଲ୍ ମ୍ୟାଚ୍ ଚନ୍ଦକା ଫିଙ୍ଗିନାଳି ଏମ୍ ବିଏମ୍ ଫୁଟବଲ କ୍ଲବ ସହ ନରଣପୁର ମହାବୀର ସ୍ପୋର୍ଟିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହାପରେ ଅନ୍ୟ ୩ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୟପୁର ବନମାହାରି ସ୍ପୋର୍ଟିଂ କ୍ଲବ, ଭାଲୁଙ୍କା ଏଫ୍‌ସି ଫୁଟ୍‌ବଲ କ୍ଲବ, ଗଣ୍ଡରପୁର ୟୁନାଇଟେଡ୍ ସ୍ପୋର୍ଟିଂ କ୍ଲବ, କୁଜିମହଲ ଗାଦୀଶ୍ୱର କ୍ଲବ, ମୁଣ୍ଡଳୀ ଫୁଟ୍‌ବଲ୍ କ୍ଲବ, କୁହ୍ନେଇପଡ଼ା ପଞ୍ଚାୟତ ଫୁଟବଲ କ୍ଲବ ପ୍ରତିଯୋଗିତାରେ ସାମିଲ ହୋଇଥିଲେ। ଚୂଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ପକ୍ଷରୁ ଆୟୋଜିତ ହୋଇଥିବା କ୍ରିକେଟ୍ ଓ ଫୁଟ୍‌ବଲ ଟୁର୍ନାମେଣ୍ଟ ଟ୍ରଫିକୁ ୧୯ ତାରିଖରେ କ୍ରୀଡ଼ାବିତ୍ ଦୂତୀଚାନ୍ଦ ଉନ୍ମୋଚନ କରିଥିଲେ। ଏହାପରେ ଆସନ୍ତା ୨୬ତାରିଖରୁ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ୩ଟି ଜାଗାରେ ହେବାକୁ ଥିବା ଏହି ଖେଳରେ ସମୁଦାୟ ୩୨ଟି ଦଳକୁ ନେଇ ୩ଦିନ ଧରି ପ୍ରତିଯୋଗିତା କରାଯିବ ବୋଲି ଆୟୋଜକ ମହୋତ୍ସବ କମିଟି ପକ୍ଷରୁ କୁହାଯାଇଛି।

# ଶ୍ରୀଜଗନ୍ନାଥଙ୍କ ନାଗାର୍ଜୁନ ବେଶ ପ୍ରଦର୍ଶନ


କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଏମ୍‌ପି ସୁଲତା ଦେଓଙ୍କ ସମେତ ଅତିଥିମାନେ 'ନାଗାର୍ଜୁନ ବେଶ ଗ୍ରନ୍ଥ' ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୨୪।୧୦(ସୌମ୍ୟରଞ୍ଜନ ରାଉତ)

ନୀଳାଦ୍ରି ଆଧ୍ୟାତ୍ମିକ ଟ୍ରଷ୍ଟ ଆନୁକୂଲ୍ୟରେ ଶୁକ୍ରବାର ଉତ୍କଳ ମଣ୍ଡପଠାରେ ଶ୍ରୀ ଜଗନ୍ନାଥଙ୍କ ନାଗାର୍ଜୁନ ବେଶ ପ୍ରଦର୍ଶନ ଏବଂ ଶ୍ରୀ ଜଗନ୍ନାଥ ଉପାସନାରେ ଦାରୁଦେବତା ଓ ଶାବର ସଂସ୍କୃତି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଏମ୍‌ପି ସୁଲତା ଦେଓ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ମହନ୍ତ ଡ. ରାମଚରଣ ଦାସ, ଶ୍ରୀକ୍ଷେତ୍ରର ପୂଜ୍ୟ ମଠାଧୀଶ ରାମକୃଷ୍ଣ ଦାସ ମହାରାଜ, ବାବାଜୀ ସତ୍ୟାନନ୍ଦ ଦାସ ଓ ଶ୍ରୀମନ୍ଦିରର ବରିଷ୍ଠ ସେବକ ବୃନ୍ଦଙ୍କ ପ୍ରମୁଖ ଯୋଗଦେଇ ଦିବ୍ୟ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ, ଆଳତି ଓ ରମର ସେବା ମଧ୍ୟରେ ମହାପ୍ରଭୁଙ୍କ ଦୁର୍ଲଭ ବେଶ ପ୍ରଦର୍ଶନକୁ ଶ୍ରଦ୍ଧାଳୁମାନେ ଦର୍ଶନ କରି ଆତ୍ମ ବିଭୋର ହୋଇଉଠିଥିଲେ। ଏଥିସହ ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀର ସେବକମାନେ ଶ୍ରୀଜଗନ୍ନାଥ ଚେତନାଭିତ୍ତିକ ଗ୍ରନ୍ଥ ଓ ଫଟୋଚିତ୍ର ଷ୍ଟଲରେ ରହି ଭକ୍ତମାନଙ୍କୁ ନୂତନ ଭାବେ ସଂକଳିତ 'ନାଗାର୍ଜୁନ ବେଶ ଗ୍ରନ୍ଥ'କୁ ଉପଲବ୍ଧ କରାଇଥିଲେ। ସନ୍ଧ୍ୟାରେ ଜୟ କିରଣ ଟ୍ରଷ୍ଟ ଆନୁକୂଲ୍ୟରେ ବରିଷ୍ଠ ସଭ୍ୟା ସୁମିତ୍ରା ଜେନାଙ୍କ ମାର୍ଗଦର୍ଶନରେ ଶିଳ୍ପୀମାନେ ଭକ୍ତିସଙ୍ଗୀତ ଏବଂ ଓଡ଼ିଶୀ ନୃତ୍ୟାଭିନୟ ପରିବେଷଣ କରିଥିଲେ। ଟ୍ରଷ୍ଟ ସଭାପତି ଦଇତାପତି ରାମଚନ୍ଦ୍ର ଦାସ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଡ. ଭାସ୍କର ମିଶ୍ର, ସମ୍ପାଦକ ନନ୍ଦ କିଶୋର ଜେନା, ସାଙ୍ଗଠନିକ ସମ୍ପାଦକ ବିଶ୍ୱନାଥ ସାମନ୍ତରା ପ୍ରମୁଖ ଅତିଥିଙ୍କୁ ଅଭ୍ୟର୍ଥନା ଜଣାଇଥିଲେ। ଟ୍ରଷ୍ଟ ପକ୍ଷରୁ ସମସ୍ତ କଳାକାର ଓ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସନ୍ତା ୨୬ ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ସୂଚନା ଦିଆଯାଇଛି।

# ଶିଳ୍ପ ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୨୪।୧୦(ସୁଚିସ୍ମିତା ସାହୁ)

ଶିଳ୍ପ ବିଭାଗ ସାଂସ୍କୃତିକ ପରିଷଦର ୪୫ତମ ବାର୍ଷିକ ଉତ୍ସବ ଶୁକ୍ରବାର ଓଡ଼ିଶୀ ଗବେଷଣାକେନ୍ଦ୍ରସ୍ଥିତ ଉତ୍କଳ ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶିଳ୍ପ, ଦକ୍ଷତା ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଛନ୍ତି, କର୍ମମୟ ଜୀବନରେ ପ୍ରତ୍ୟେକ ମଣିଷ ଅଣନିଃଶ୍ୱାସୀ ହୋଇଯାଇଛି। ସେଥିରୁ କିଛି ସମୟ ବାହାର କରି ନିଜର କଳା, ସଂସ୍କୃତି ଏବଂ ଐତିହ୍ୟ ଜରିଆରେ ମନକୁ ହାଲ୍‌କା କରିପାରେ। ଚାକିରି ଜୀବନର ବ୍ୟସ୍ତତା ମଧ୍ୟରେ ମାନସିକ ଚାପକୁ ଲାଘବ କରିବାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହଯୋଗ କରେ। ବିଭାଗର କର୍ମଚାରୀମାନେ ସେମାନଙ୍କ କଳାତ୍ମକ ପ୍ରତିଭାର ପ୍ରଦର୍ଶନର ସୁଯୋଗ ପାଇବେ। ଏହା ଅନ୍ୟମାନଙ୍କୁ ନିଶ୍ଚିତ ଭାବରେ ଆମୋଦ ପ୍ରମୋଦର ଖୋରାକ ଯୋଗାଇବ ବୋଲି ମନ୍ତ୍ରୀ କହିଛନ୍ତି। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ବିଭାଗୀୟ କର୍ମଚାରୀଙ୍କ ଏଭଳି ଅଭିନବ ଉଦ୍ୟମର ଭୂୟସୀ ପ୍ରଶଂସା କରିଥିଲେ। ସାଧାରଣ ସମ୍ପାଦକ ସାଦିକୁର୍ ରେହମାନ ଖାଁ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭାଗୀୟ ସ୍ୱତନ୍ତ୍ର ସଚିବ ଜ୍ୟୋତି ରଞ୍ଜନ ମିଶ୍ର ଉପସ୍ଥିତ ଥିଲେ।

# କାଳିଗାଡ଼ିଆ, ଗରାବନ୍ଧୁ ଶ୍ମଶାନର ପୁନର୍ବିକାଶ କରିବ ବିଡିଏ


କାଳିଗାଡ଼ିଆ ଶ୍ମଶାନର ପୁନର୍ବିକାଶ କାର୍ଯ୍ୟ ପାଇଁ ବିଧାୟକ ବାବୁ ସିଂ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

**ଖର୍ଚ୍ଚ ହେବ ୪.୬ କୋଟି ଟଙ୍କା**

ଭୁବନେଶ୍ୱର, ୨୪।୧୦ (ବନ୍ଦନା ସେଠୀ)

ଭୁବନେଶ୍ୱରରେ ଦୁଇଟି ପ୍ରମୁଖ ଶ୍ମଶାନର ପୁନର୍ବିକାଶ କରିବ ବିଡିଏ। ଏନେଇ ଶୁକ୍ରବାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏକାମ୍ର ବିଧାୟକ ବାବୁ ସିଂ ପୁରୁଣା ଭୁବନେଶ୍ୱର ଅଞ୍ଚଳର କାଳିଗାଡ଼ିଆ ଏବଂ ଗରାବନ୍ଧୁ ଶ୍ମଶାନର ପୁନରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସହରର ଶ୍ମଶାନଗୁଡିକରେ ଆଧୁନିକ ସୁବିଧା ଯୋଗାଇଦେବା ସହ ଶେଷକୃତ୍ୟ ପାଇଁ ସମ୍ମାନଜନକ ଓ ଶାନ୍ତିପୂର୍ଣ୍ଣ ପରିବେଶ ନିଶ୍ଚିତ କରିବା ଲକ୍ଷ୍ୟରେ ବିଡିଏ ପୁନର୍ବିକାଶ କାର୍ଯ୍ୟ ହାତକୁ ନେଇଛି। କାଳିଗାଡ଼ିଆ ଶ୍ମଶାନ ୨.୨୧ କୋଟି ଟଙ୍କା ବ୍ୟୟ ଅଟକଳରେ ବିକଶିତ ହେବାକୁ ଧାର୍ଯ୍ୟ ହୋଇଥିବାବେଳେ ଗରାବନ୍ଧୁ ଶ୍ମଶାନ ୧.୮୫କୋଟି ଟଙ୍କା ବ୍ୟୟରେ ପୁନଃ ବିକଶିତ ହେବ। ପ୍ରକଳ୍ପ ଅନ୍ତର୍ଗତ ଉଭୟ ସ୍ଥାନରେ ପାର୍କିଂ ଅଞ୍ଚଳ, ପରିଷ୍କାର ସୀମା, ସୁରକ୍ଷା ଏବଂ କିଓସ୍କ ନିର୍ମାଣ ହେବ। ସେହିପରି ପ୍ରତ୍ୟେକ ଶ୍ମଶାନରେ ଷ୍ଟାଫ୍ ରୁମ୍, କେୟାରଟେକର୍ ରୁମ, ପୁରୁଷ ଓ ମହିଳାଙ୍କ ପାଇଁ ପୃଥକ୍ ପୋଷାକ ବଦଳି କକ୍ଷ, ଅପେକ୍ଷା ଗୃହ, ଚିତା କାଠ ସଂରକ୍ଷଣ ଅଞ୍ଚଳ ଏବଂ ଶବଦାହ ପ୍ଲାଟ୍‌ଫର୍ମ (ପିଣ୍ଡି), ଜଳାଶୟ, ଆଭ୍ୟନ୍ତରୀଣ ପଥ, ପାର୍ଶ୍ୱବର୍ତ୍ତୀ ଡ୍ରେନ୍ ରହିବ ବୋଲି ସୂଚନା ଦିଆଯାଇଛି। ଅପରପକ୍ଷେ ଡୁମୁଡୁମାରେ ଆଉ ଏକ ଆଧୁନିକ ଶ୍ମଶାନ ନିର୍ମାଣ କରାଯାଉଥିବା ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା କହିଛନ୍ତି। ଏହି ପୁନର୍ବିକାଶ ପ୍ରକଳ୍ପଗୁଡ଼ିକ ମୃତକ ଏବଂ ସେମାନଙ୍କ ପରିବାର ପାଇଁ ମର୍ଯ୍ୟାଦାଜନକ, ସୁଗମ ଏବଂ ସୁବିଧା ଯୋଗାଇବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀ, ସ୍ଥାନୀୟ କର୍ପୋରେଟର ପ୍ରମୁଖ ଉପସ୍ଥିତ ଥିଲେ।

# ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ପରଲୋକରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶୋକ

ଭୁବନେଶ୍ୱର,୨୪।୧୦ (ସୌମ୍ୟରଞ୍ଜନ ରାଉତ)– କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଶାରଳା ପୁରସ୍କାରପ୍ରାପ୍ତ ସାହିତ୍ୟିକ ରାଜେନ୍ଦ୍ର କିଶୋର ପଣ୍ଡାଙ୍କର ଗଙ୍ଗନଗର ବନଜା ଆପାର୍ଟମେଣ୍ଟସ୍ଥିତ ବାସଭବନରେ ଶୁକ୍ରବାର ପରଲୋକ ହୋଇଯାଇଛି। ଏହି ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଶେଷ ଦର୍ଶନ କରିଥିଲେ। ଖବର ପାଇ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ମରଶରୀରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ପରେ ଏକାଡେମୀ କାର୍ଯ୍ୟାଳୟରେ ସ୍ୱର୍ଗତ ପଣ୍ଡାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ।

# ଶିଶୁ ପ୍ରତିଭାର ବିକାଶ ଶିକ୍ଷକ, ଅଭିଭାବକଙ୍କ ଦାୟିତ୍ୱ

**ଭୁବନେଶ୍ୱର ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି**

ଭୁବନେଶ୍ୱର, ୨୪।୧୦(ସୁଚିସ୍ମିତା ସାହୁ)

ଭୁବନେଶ୍ୱର ମଣ୍ଡଳସ୍ତରୀୟ ସୁରଭି ମହୋତ୍ସବ ଶୁକ୍ରବାର ୟୁନିଟ–୩ସ୍ଥିତ କ୍ୟାପିଟାଲ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ବିଏମ୍‌ସି ମେୟର ସୁଲୋଚନା ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ଶିଶୁ ପ୍ରତିଭାର ବିକାଶରେ ଶିକ୍ଷକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଉଦଯାପନୀ ଉତ୍ସବରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ ଶିଶୁ ପ୍ରତିଭାର ବିକାଶରେ ଉଭୟ ଶିକ୍ଷକ ଓ ଅଭିଭାବକଙ୍କର ସମ ଦାୟିତ୍ୱ ରହିଛି ବୋଲି କହିଥିଲେ। ଏଥିସହ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ସେ ପୁରସ୍କୃତ କରିଥିଲେ। ଭୁବନେଶ୍ୱର ବ୍ଲକ ଓ ମହାନଗର ନିଗମ ଅନ୍ତର୍ଗତ ୨୫୨ ବିଦ୍ୟାଳୟର ହଜାରରୁ ଅଧିକ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଓଡ଼ିଆ ତର୍କ, ପ୍ରବନ୍ଧ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା, ଚିତ୍ରାଙ୍କନ, ଚିତ୍ରକଳା ଓ ହସ୍ତକଳା, ସଙ୍ଗୀତ, ସୁନ୍ଦର ହସ୍ତାକ୍ଷର, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକ ଓ ବିଏମସିର ସିଆରସିସି ଏବଂ ଗାଇଡ଼ ଶିକ୍ଷୟିତ୍ରୀଶିକ୍ଷକମାନେ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ଭାଗନେଇ ପ୍ରଥମ ପୁରସ୍କାର ପାଇଥିବା ପ୍ରତିଯୋଗୀମାନେ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହେଲେ ବୋଲି ମଣ୍ଡଳ ଶିକ୍ଷା ଅଧିକାରୀ ରାଉତ ସୂଚନା ଦେଇଥିଲେ।


ସୁରଭି ପ୍ରତିଯୋଗିତାରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଛାତ୍ରବୃତ୍ତି ଆବେଦନର ଶେଷଦିନରେ ଖୋଲିଲାନି ୱେବ୍‌ସାଇଟ

## ଆବେଦନ ଅବଧି ବୃଦ୍ଧି କରିବାକୁ ଛାତ୍ରୀଛାତ୍ରଙ୍କ ନିବେଦନ

ଭୁବନେଶ୍ୱର, ୨୪।୧୦(ସୁଚିସ୍ମିତା ସାହୁ)

ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା, ସ୍ନାତକ ଓ ବୈଷୟିକ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ୟୁଜି ମେରିଟ୍ ସମେତ ବିଭିନ୍ନ ଛାତ୍ରବୃତ୍ତି ଆବେଦନ ପାଇଁ ଶୁକ୍ରବାର ଶେଷଦିନ ଥିଲା। ହେଲେ ଗୁରୁବାର ୱେବ୍‌ସାଇଟ୍ ଠିକ ଭାବେ ଖୋଲି ନ ଥିଲା। ଏମିତିକି ଆବେଦନ କରିବା ପାଇଁ ପିଲାଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡିଥିଲା। ସେହିଭଳି ଶୁକ୍ରବାର ସକାଳଠାରୁ ରାତି ପର୍ଯ୍ୟନ୍ତ ମଧ୍ୟ ୱେବ୍‌ସାଇଟ୍ ଖୋଲି ନ ଥିଲା। ଫଳରେ ଆବେଦନ କରିବାକୁ ଅପେକ୍ଷା କରିଥିବା ବହୁ ଛାତ୍ରୀଛାତ୍ର ଛାତ୍ରବୃତ୍ତି ଆବେଦନ କରିବାକୁ ବଞ୍ଚିତ ହୋଇଛନ୍ତି। ଆବେଦନ କରିବାର ଶେଷ ଦିନ ୱେବସାଇଟ୍ ଖୋଲୁ ନ ଥିବା ବହୁ ଛାତ୍ରୀଛାତ୍ର ସ୍କ୍ରିନ୍‌ସଟ୍ ସହିତ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ତେଣୁ ଛାତ୍ରବୃତ୍ତି ଆବେଦନ ଅବଧିକୁ ବଢ଼ାଇବା ପାଇଁ ଉଚ୍ଚଶିକ୍ଷା ବିଭାଗ, ଗଣଶିକ୍ଷା ବିଭାଗ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗକୁ ସେମାନେ ଅନୁରୋଧ କରିଛନ୍ତି।

ଇଣ୍ଡିଆନ ବୈଙ୍କ Indian Bank ଇଲାହାବାଦ ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ. ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତନଗର, କଟକ-୭୫୩୦୧୪, zocuttack@indianbank.co.in

ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା/ବନ୍ଧକଦାତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତାଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ବନ୍ଧକଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ବନ୍ଧକଦାତାଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| କଟକ ବାଲିଚନ୍ଦ୍ରପୁର ଶାଖା / ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀଦତ୍ତ ଦାସ, ପିତା: ସୁରେଶ ଚନ୍ଦ୍ର ଦାସ, ଠିକଣା- ସା: ନେଉଳା (ନୂଆଗାଁ), ପୋ: ବରୀକଟକ, ଥାନା: ବରୀ ରାମଚନ୍ଦ୍ରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୦୩ | ୧୬.୦୮.୨୦୨୫ ସୁଦ୍ଧା ଟ.୧୨,୦୬,୫୪୦.୦୦ ଏବଂ ସେବାବଦ ସୁଧ | ୧୬.୦୮.୨୦୨୫ / ୨୩.୧୦.୨୦୨୫ | ଶ୍ରୀଦତ୍ତ ଦାସ, ପିତା: ସୁରେଶ ଚନ୍ଦ୍ର ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୦୯, ପ୍ଲଟ୍ ନଂ.: ୧୩୮୬, କ୍ଷେତ୍ର: ଏକର୦.୧୭ ଡିସିମିଲି, ପ୍ରକାର: ଘରବାରି, ମୌଜା: ନେଉଳା, ତହସିଲ: ବରୀ, ଥାନା: ବିଂଝାରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ଏହାର ଚତୁପାର୍ଶ୍ୱରେ- ଉତ୍ତର: ପୋଖରୀ (ପ୍ଲଟ୍ ନଂ. ୧୬୪୯), ଦକ୍ଷିଣ: ରାସ୍ତା, ପୂର୍ବ: କ୍ଷୀରୋଦ ଚନ୍ଦ୍ର ଦାସ (ପ୍ଲଟ୍ ନଂ. ୧୩୮୨), ପଶ୍ଚିମ: ଲକ୍ଷ୍ମଣ ମଲ୍ଲିକ ଏବଂ ଅନ୍ୟମାନେ (ପ୍ଲଟ୍ ନଂ. ୧୩୮୪ ଏବଂ ୧୩୮୫) |

ସ୍ଥାନ: କଟକ, ତାରିଖ: ୨୪.୧୦.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ




୨୪।୧୦।୨୦୨୫

| | |
|---|---|
| ୬,୨୯,୮୧୧ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### କାଠ ଚୋରାଚାଲାଣ, ୨ ଗିରଫ

କୋଣାର୍କ,୨୪।୧୦(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲର ବାଲିବୋକାନ ସଂରକ୍ଷିତ ଜଙ୍ଗଲରୁ ବେଆଇନ ଭାବେ କାଠ ଚୋରାଚାଲାଣ ହେଉଥିବା ବେଳେ ଗୁରୁବାର ବିଳମ୍ବିତ ରାତିରେ କୋଣାର୍କ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ୬ କୁଇଣ୍ଟାଲ କାଠ, ବ୍ୟବହୃତ ଟାଟା ଏସିଇ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ କୋଣାର୍କ ବନ ବିଭାଗ ନିକଟରେ ଅଭିଯୋଗ ହେବା ପରେ କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ନେତୃତ୍ୱରେ ଫରେଷ୍ଟର ସବୀର ସାହୁ, ତପନ କୁମାର ନାୟକ ଓ ଫରେଷ୍ଟ ଗାର୍ଡ ଶଶିକାନ୍ତ ସେଠୀଙ୍କ ସମେତ ବିଭାଗର ଏକ ସତନ୍ତ୍ର ଟିମ୍ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଏହି ବେଆଇନ କାଠ ଚୋରାଚାଲାଣ କରୁଥିବା କୋଣାର୍କ ଥାନା ଅଧୀନ ନୂଆଗାଁ ଗ୍ରାମର ପ୍ରତାପ ଚନ୍ଦ୍ର ମଲ୍ଲିକ ଓ ରାଉଳପାଟଣା ଗ୍ରାମର ବାବୁ କାଣ୍ଡିଙ୍କୁ କୋଣାର୍କ ବନ ବିଭାଗର ସ୍ୱତନ୍ତ୍ର ଟିମ ଘଟଣାସ୍ଥଳରୁ ଗିରଫ କରିଥିଲା। ଏହି ଘଟଣାକୁ ନେଇ କୋଣାର୍କ ବନ ବିଭାଗ ପକ୍ଷରୁ ୧୯/୨୫ ରେ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

### ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶିକାଙ୍କ କଣାସ ଗସ୍ତ

କଣାସ,୨୪।୧୦(ବିଭୂତି ଭୂଷଣ ତ୍ରିପାଠୀ)

ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶିକା ପ୍ରଜ୍ଞାପରମିତା ଜେନା ଶୁକ୍ରବାର ଅଚାନକ କଣାସ ବ୍ଲକ ପରିଦର୍ଶନରେ ଆସି କଣାସ ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟ ଓ କଣାସ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିବା ଜଣାପଡ଼ିଛି। ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କର ମାସିକ ସମୀକ୍ଷା ବୈଠକ ଚାଲିଥିବା ବେଳେ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଉପନିର୍ଦ୍ଦେଶିକା ପ୍ରଜ୍ଞାପରମିତା ଜେନା ହଠାତ୍ ବୈଠକରେ ଉପସ୍ଥିତ ହୋଇଥିଲେ। କଣାସ ବ୍ଲକରେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମର କାର୍ଯ୍ୟକାରିତାର ଉପନିର୍ଦ୍ଦେଶିକା ତଦାରଖ କରିବା ସହ ଉପସ୍ଥିତ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକମାନଙ୍କ ସହିତ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଉପନିର୍ଦ୍ଦେଶିକା ପାଖରେ ଥିବା କଣାସ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ଏଫ୍.ଏଲ୍.ଏନ୍ ଶ୍ରେଣୀ ଗୃହ ବୁଲି ଦେଖିଥିଲେ। ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଉଥିବା ମଧ୍ୟାହ୍ନ ଭୋଜନର ଗୁଣବତ୍ତା ସମ୍ପର୍କରେ ତଦାରଖ କରିବା ସହିତ ତତ୍ ସମ୍ପର୍କୀୟ କାଗଜପତ୍ର ଉପନିର୍ଦ୍ଦେଶିକା ଯାଞ୍ଚ କରିଥିଲେ। ତାଙ୍କ ସହିତ କଣାସ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ଉପନିର୍ଦ୍ଦେଶିକା କଣାସ ବ୍ଲକର ଦୁଇଟି ମହାବିଦ୍ୟାଳୟ ମଧ୍ୟ ପରିଦର୍ଶନ କରିଥିବା ଜଣାପଡ଼ିଛି।

# ସତର୍କ, ସଚେତନତା ଦ୍ୱାରା ସାଇବର ଅପରାଧ ରୋକିହେବ

## ଗତବର୍ଷ ସାଇବର ଅପରାଧୀ ଲୁଟିଥିଲେ ୨୨,୮୪୫ କୋଟି

ପୁରୀ,୨୪।୧୦(ଅଜିତ୍ କୁମାର ମହାନ୍ତି)



ଅତିଥିମାନେ ସଚେତନତା ବାର୍ତ୍ତାର ଲିଫଲେଟ୍ ଉନ୍ମୋଚନ କରୁଛନ୍ତି।

ପୂର୍ବରୁ ଚୋରି, ଡକାୟତି ବା ଅପରାଧ ପାଇଁ ଘଟଣାସ୍ଥଳରେ ଅପରାଧୀମାନଙ୍କୁ ଉପସ୍ଥିତ ରହିବାକୁ ପଡୁଥିଲା। କିନ୍ତୁ ବର୍ତ୍ତମାନ ସାଇବର କ୍ରାଇମ ମାଧ୍ୟମରେ ବିଶ୍ୱର ଯେକୌଣସି ସ୍ଥାନରୁ ଆଖିପିଛୁଳାକେ ଅପରାଧ ସଂଘଟିତ ହେଉଛି। କେବଳ ବ୍ୟାପକ ସଚେତନତା ହିଁ ଏହାକୁ ରୋକିପାରିବ ବୋଲି ପୁରୀ ଏସ୍‌ପି ଡା. ସମିତ୍ ପାତ୍ର କହିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ପୁରୀ ଜିଲା ପୋଲିସ ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ଡା. ପାତ୍ର କହିଥିଲେ, ସାଇବର ଅପରାଧୀମାନେ ପ୍ରତି ମୁହୂର୍ତ୍ତରେ ସେମାନଙ୍କ ଜାଲ ବିଛାଉ, ମିଥ୍ୟା ପ୍ରଲୋଭନ ଦେଖାଇ ବ୍ୟକ୍ତିବିଶେଷଙ୍କୁ ଲୁଟିନେବାର ପ୍ରୟାସ କରୁଛନ୍ତି। ଏଥିପାଇଁ ସରକାର ଓ ପୋଲିସ ପ୍ରଶାସନ ଲୋକଙ୍କୁ ସଚେତନ କରାଉଛନ୍ତି। ତେବେ କମ୍ ସମୟରେ ଅଧିକ ଲାଭବାନ୍ ଲୋଭରେ ଲୋକେ ଲୁଟର ଶିକାର ହେଉଛନ୍ତି। ସରକାର ସଚେତନ କରିବା ସହ ୧୯୩୦ ହେଲ୍ପଲାଇନ ନମ୍ବର ମାଧ୍ୟମରେ ସତର୍କ କରାଉଛନ୍ତି। ତେଣୁ କୌଣସି ଲୋଭର ବଶବର୍ତ୍ତୀ ନ ହୋଇ ବା ଅଜଣା ଆପ୍, ଫ୍ରଡ୍ କଲ, ମେସେଜକୁ ଗ୍ରହଣ ନ କରି ତାହାର ସତ୍ୟାସତ୍ୟ ଯାଞ୍ଚକରି ପଦକ୍ଷେପ ନେବାକୁ ସେ ଅନୁରୋଧ କରିଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ ସଚେତନ ହିଁ ସତର୍କତା ବୋଲି କହିବା ସହ ସାଇବର ଅପରାଧ ଦ୍ରୁତଗତିରେ ଘଟୁଥିବାରୁ ଇଣ୍ଟରନେଟ ବ୍ୟବହାର କରୁଥିବା ପ୍ରତ୍ୟେକ ବ୍ୟକ୍ତି ଅତ୍ୟନ୍ତ ସତର୍କ ଭାବେ ଏହାକୁ ପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ। ଏସ୍‌ପି ପ୍ରତୀକ ସିଂ, ଉପଜିଲାପାଳ ରାଜକିଶୋର ଜେନା ସାଇବର ଅପରାଧ । ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ। ତେଣୁ ସତର୍କ ଓ ସଚେତନ ରହିବା ସହ କିଛି ଘଟିଗଲେ ତୁରନ୍ତ ପୋଲିସ ଓ ସାଇବର ଥାନାର ସହାୟତା ନେବାକୁ ଅନୁରୋଧ କରିଥିଲେ। ଅତିରିକ୍ତ ଜିଲାପାଳ(ରାଜସ୍ୱ) ଡା. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ ସାଇବର ଅପରାଧ ସମ୍ପର୍କରେ ସୂଚନା ଦେଇଥିଲେ। ବିଗତ ବର୍ଷ ସାଇବର ଅପରାଧୀମାନେ ୨୨,୮୪୫ କୋଟି ଟଙ୍କା ଲୋକଙ୍କଠାରୁ ଲୁଟି ନେଇଥିଲେ। ଜନସାଧାରଣଙ୍କୁ ସଚେତନ କରାଇବାକୁ ସରକାର ୨୨ ହଜାର କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରିଛନ୍ତି। ରାଜ୍ୟରେ ବର୍ତ୍ତମାନ ୧୪ଟି ସାଇବର ଥାନା କାର୍ଯ୍ୟକ୍ଷମ ଥିବା ବେଳେ ଆଉ ୨୨ଟି ଖୋଲାଯିବ ବୋଲି ସେ କହିଥିଲେ। ଅତିଥିମାନେ ସମସ୍ତଙ୍କୁ ସାଇବର ସଚେତନତା ଶପଥ ପାଠ କରାଇଥିବା ବେଳେ ସଚେତନତା ବାର୍ତ୍ତାର ଲିଫଲେଟ୍ ଉନ୍ମୋଚନ କରିଥିଲେ। ଏହି ସଚେତନତା ରଥ ଜିଲା ପରିକ୍ରମା କରିବାର ବ୍ୟବସ୍ଥା ହୋଇଥିବା ସୂଚନା ଦିଆଯାଇଥିଲା। କାନରା ବ୍ୟାଙ୍କ ଡିଜିଏମ୍ ଶରତ ଚନ୍ଦ୍ର ଭୋଇ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ଦେବୀ ଶଙ୍କର ପ୍ରତାପ, ସଚିନ ପଟେଲଙ୍କ ସମେତ ବିଭିନ୍ନ ଥାନାର ଆଇଆଇସି ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମିଳିଲାନି ହୁଇଲ ଚେୟାର, ପାନୀୟଜଳ

ଗୋପ,୨୪।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

## ଭୀମ ଭୋଇ ସାମର୍ଥ୍ୟ ଶିବିରରେ ଅବ୍ୟବସ୍ଥା ଅଭିଯୋଗ

ଭୀମ ଭୋଇ ସାମର୍ଥ୍ୟ ଶିବିରରେ ଶୁକ୍ରବାର ବ୍ୟାପକ ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିବା ବେଳେ ଅଧିକାଂଶ ଭିନ୍ନକ୍ଷମ ଫେରିଥିବା ଭଳି ଅଭିଯୋଗ ହୋଇଛି। ଗୋପ ବ୍ଲକର ନିଗମାନନ୍ଦ ସ୍ମାର୍ଟ ସ୍କୁଲ ପରିସରରେ ଆୟୋଜିତ ଏହି ଶିବିରରେ ଆବଶ୍ୟକତା ଅନୁସାରେ ହୁଇଲ ଚେୟାର, ପାନୀୟ ଜଳ ଏପରିକି ଅନ୍ୟାନ୍ୟ ସୁବିଧା ନ ଥିବାରୁ ଦୂରଦୂରାନ୍ତରୁ ଆସିଥିବା ଭିନ୍ନକ୍ଷମ ଓ ତାଙ୍କ ସାଙ୍ଗରେ ଆସିଥିବା ପରିବାର ସଦସ୍ୟମାନେ ନାନାଦି ଅସୁବିଧାର ସମ୍ମୁଖୀନ ହୋଇଥିବା କହିଥିଲେ। ପୂର୍ବ ସୂଚନା ଅନୁସାରେ ଗୋପ ବ୍ଲକର ୩୧ଟି ପଞ୍ଚାୟତରୁ ଭିନ୍ନକ୍ଷମଙ୍କୁ ପରିବାର ସଦସ୍ୟ ଅଟୋ ରିକ୍ସା ସହିତ ଆଉ କେତେକଣ ଗାଡ଼ି ଭଡ଼ା କରି ଆଣିଥିବା ବେଳେ ଆବଶ୍ୟକତା ଅନୁସାରେ ହୁଇଲ ଚେୟାର ନ ଥିବାରୁ ପରିବାର ସଦସ୍ୟ ସେମାନଙ୍କୁ ଟେକି କରି ନେଉଥିବା ଦେଖିବାକୁ ମିଳିଥିଲା। ସ୍କୁଲ ବାରଣ୍ଡାରେ ଏହି ଭିନ୍ନକ୍ଷମମାନେ ବସି ରହିବା ସହ ସେମାନଙ୍କୁ ପିଇବା ପାଣି ମିଳି ନ ଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ସ୍କୁଲ ଏନ୍‌ସିସି ଛାତ୍ରମାନେ ଭିନ୍ନକ୍ଷମଙ୍କୁ ନେବା ଆଣିବା ଦାୟିତ୍ୱ ଦିଆଯାଇଥିବା ବେଳେ ଠିକ୍ ଭାବରେ ଏହାକୁ ତଦାରଖ କରିବା ପାଇଁ କେହି ନ ଥିବାରୁ ଏପରି ହୋଇଥିଲା। ନିଗମାନନ୍ଦ ସ୍ମାର୍ଟ ସ୍କୁଲଟି ରାସ୍ତାକଡ଼ରେ ଥିବା ଯୋଗୁ ଶିବିରକୁ ଆସିଥିବା ଗାଡ଼ି ଯୋଗୁ ଟ୍ରାଫିକ୍ ସମସ୍ୟା ମଧ୍ୟ ଉପୁଜିଥିବା ବେଳେ ଘଣ୍ଟା ଘଣ୍ଟା ଧରି କୋଣାର୍କ, ପୁରୀ ଯାଉଥିବା ଦେଶ ବିଦେଶର ପର୍ଯ୍ୟଟକଙ୍କ ଗାଡ଼ି ମଧ୍ୟ ଅଟକି ରହିଥିଲା। ଶିବିରରେ ଦୃଷ୍ଟିହୀନ ୧୨୬, ମାନସିକ ଅନଗ୍ରସର ୧୩୧, ଅସ୍ଥିଜନିତ ୩୭୩ ସହିତ ଅନ୍ୟାନ୍ୟ ବିଭାଗରେ ୩୯ ଜଣ ଯୋଗ ଦେଇଥିବା ସୂଚନା ମିଳିଥିବା ବେଳେ ଅଧିକ ମାତ୍ରାରେ ଭିନ୍ନକ୍ଷମ ଆସିଥିବା ଯୋଗୁ ଏପରି ଅବ୍ୟବସ୍ଥା ଦେଖାଦେଇଥିଲା। ଭୀମ ଭୋଇ ସାମର୍ଥ୍ୟ ଶିବିରରେ ବ୍ୟାପକ ଅବ୍ୟବସ୍ଥା ପରିଲକ୍ଷିତ ହେବାକୁ ନେଇ ଗୋପ ବ୍ଲକ ଅଧ୍ୟକ୍ଷ ଖୁନୁ ମଲ୍ଲିକଙ୍କୁ ପଚାରିବାରେ ବ୍ଲକ ପ୍ରଶାସନ ପକ୍ଷରୁ ଆବଶ୍ୟକତା ଅନୁସାରେ ବ୍ୟବସ୍ଥା କରାଯାଇ ନ ଥିଲା। କାହା ସହିତ କାହାର ତାଳମେଳ ନ ଥିବାରୁ ସରକାରଙ୍କ ଏହି ଯୋଜନା କାର୍ଯ୍ୟକ୍ରମରେ ଅବ୍ୟବସ୍ଥା ଦେଖାଦେଇଥିଲା ବୋଲି କହିଥିଲେ।

# 'କିଶୋରୀଙ୍କ ସାମଗ୍ରିକ ବିକାଶ ଆମର ମୂଳମନ୍ତ୍ର'



ସମାରୋହରେ ମଞ୍ଚାସୀନ ଅତିଥି।

ନିମାପଡ଼ା,୨୪।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ବିଭାଗ ପକ୍ଷରୁ କିଶୋରୀଙ୍କ ଉଚ୍ଚ କାର୍ଯ୍ୟ କୌଶଳ ଶୀର୍ଷକ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ପଞ୍ଚାୟତ ସମିତି ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ତନୁପ୍ରଭା ବେଉରା, ଜିଲା କାର୍ଯ୍ୟାଳୟର ସୁପରଭାଇଜର ବାଲ୍ୟବତୀ ମହାନ୍ତି, ନିମାପଡ଼ା ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ଏନ୍‌ଏସିର ସାଂସଦ ପ୍ରତିନିଧି ମିନଲତା ମହାନ୍ତି, ସିଡିପିଓ ମାଧବୀ ମହାପାତ୍ର, ପରିଦର୍ଶିକା ସୁଶ୍ରୀ ଗୀତା ଗୌତମୀ, ନମିତା ନନ୍ଦ, ସୀତାଂଶୁବାଳା ମହାନ୍ତି, ବନପ୍ରିୟା ନନ୍ଦ, ମିନାକ୍ଷୀ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। କିଶୋରୀଙ୍କ ଅନ୍ତଃର୍ନିହିତ ଗୁଣର ପରିପ୍ରକାଶ ଓ ସାମଗ୍ରିକ ବିକାଶ ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ 'ସ୍ୱପ୍ନର ଓଡ଼ିଶା ସମୃଦ୍ଧ ଓଡ଼ିଶା' ଗଠନ, ନାରୀଶକ୍ତିକୁ ସଶକ୍ତ ଓ ସୁଦୃଢ଼ କରିବା, ନିଶାମୁକ୍ତ ଓଡ଼ିଶା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଉନ୍ନତି, ଦାରିଦ୍ର୍ୟ ଓ ବେକାରି ଦୂରୀକରଣ, ଲୋକକଳାର ବିକାଶ ଦିଗରେ କିଶୋରୀମାନେ ନୃତ୍ୟ ସଂଗୀତ ମାଧ୍ୟମରେ ସଚେତନତାଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ଖାଦ୍ୟ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। କିଶୋରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୮୦ ଜଣ ଭାଗନେଇଥିଲେ। ୧୮ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ବିଭାଗର ସୁପରଭାଇଜର ଏବଂ ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ଥିଲେ।

# ୭୮ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

ପିପିଲି,୨୪।୧୦(ଦୁର୍ଗା ମାଧବ ମିଶ୍ର)

ମଙ୍ଗଳପୁରସ୍ଥିତ ଆଦର୍ଶ ଶିଶୁ ଶିକ୍ଷାମନ୍ଦିରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ୭୮ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବିଜ୍ଞାନ ମେଳାରେ ବିଚାରକ ଭାବେ ତେଇଶିପୁର ହାଇସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ଶ୍ୱେତପଦ୍ମା ପଟ୍ଟନାୟକ ଓ ଡେଲାଙ୍ଗ ବାନାମ୍ବର ଉଚ୍ଚ ପ୍ରାଥମିକ ବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ ଦେବାଶିଷ ପଣ୍ଡା, ବରୋଦା ବ୍ୟାଙ୍କ ଶାଖା ପରିଚାଳକ ଶକ୍ତି ପ୍ରସନ୍ନ ସେଠୀ, ବରିଷ୍ଠ ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ପ୍ରକଳ୍ପଗୁଡ଼ିକ ବୁଲି ଦେଖିବା ସହ ତା'ର ମୂଲ୍ୟାଙ୍କନ କରିଥିଲେ। ଆଦର୍ଶ ଶିଶୁ ଶିକ୍ଷା ମନ୍ଦିରର ସମ୍ପାଦକ ତଥା ମୁଖ୍ୟ ଗୁରୁଜୀ ସାରଦା ପ୍ରସାଦ ସାହୁ , ଶିକ୍ଷକ ମୀନକେତନ ମହାପାତ୍ର, ହେମନ୍ତ କୁମାର ସାହୁ, ଅନନ୍ତ କୁମାର ସାହୁ, ସାର୍ଥକ ମହାପାତ୍ର, ଶିକ୍ଷୟିତ୍ରୀ ସଙ୍ଗିତା ବେହେରା, ସବିତା ସାହୁ, ମମତା ମିଶ୍ର, ମାମଲି ସେଠୀ, ମିଲି ଘୋଷ, ସସ୍ମିତା ପରିଡ଼ା, ମାମୁନି ଗୁରୁ, ରାଜଲକ୍ଷ୍ମୀ ଦଳାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମା' ଦକ୍ଷିଣକାଳୀଙ୍କ ଯାତ୍ରା ପାଳିତ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ ।

ଚାରିଛକ,୨୪।୧୦(ଶିଶିର କୁମାର ସ୍ୱାଇଁ)

ଚାରିଛକ ନିକଟସ୍ଥ ରତନପୁର ପଞ୍ଚାୟତ ପୋଡ଼ପଡ଼ା ଗ୍ରାମରେ ପ୍ରତିବର୍ଷ ଭଳି ଚଳିତବର୍ଷ ମା' ଦକ୍ଷିଣକାଳୀଙ୍କ ଯାତ୍ରା ମହାସମାରୋହରେ ପାଳିତ ହୋଇଛି। ଗୁରୁବାର ଉଦ୍‌ଯାପନୀ ଦିବସରେ ମା' ଦକ୍ଷିଣକାଳୀ ପୂଜା କମିଟି ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଡ. କେଦାରନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମା' କାଳୀଙ୍କ ମୁଖ୍ୟ ପୂଜକ ପଣ୍ଡିତ ରବୀନ୍ଦ୍ର କୁମାର ବାନାର୍ଜୀ, ମୁଖ୍ୟବକ୍ତା ଭାବେ ପୋଡ଼ପୋଡ଼ା ଗ୍ରାମ ମୁରବି କେଦାରନାଥ ସାହୁ, ଚାରିଛକ ପ୍ରେସ କ୍ଲବର ସଭାପତି ପ୍ରଫୁଲ୍ଲ କୁମାର କର, କାର୍ଯ୍ୟକାରୀ ସଭାପତି ଶିଶିର କୁମାର ସ୍ୱାଇଁ, ସହ-ସମ୍ପାଦକ ସନ୍ତୋଷ ଦାସ, ପ୍ରଫୁଲ୍ଲ କୁମାର ସାହୁ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ଚଳିତବର୍ଷ ମା' କାଳୀଙ୍କ ଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଥିବାରୁ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀଙ୍କୁ ଅତିଥିମାନେ ସାଧୁବାଦ ଜଣାଇଛନ୍ତି। ପରେ ଭୁବନେଶ୍ୱରରୁ ଆସିଥିବା ମେଲୋଡି ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମା' ଦକ୍ଷିଣକାଳୀ ପୂଜା କମିଟିର ସଭାପତି ସ୍ମୃତି ରଞ୍ଜନ ବାନାର୍ଜୀ ଧନ୍ୟବାଦ ଦେଇଥିଲେ।

# ରଶ୍ମିରେଖାଙ୍କ ପରିବାରକୁ ନ୍ୟାୟ ଦାବିରେ କ୍ୟାଣ୍ଡେଲ ଶୋଭାଯାତ୍ରା

ନିମାପଡ଼ା,୨୪।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅନ୍ତର୍ଗତ ଛତାହାର ଗ୍ରାମର ମୃତା ମହିଳା ରଶ୍ମିରେଖା ପରିଡ଼ାଙ୍କ ପରିବାରକୁ ଉପଯୁକ୍ତ ନ୍ୟାୟ ପ୍ରଦାନ, ମହିଳା ଡାକ୍ତର ଓ କ୍ଲିନିକର ମାଲିକଙ୍କୁ ତୁରନ୍ତ ଗିରଫ କରାଯିବା ଦାବିରେ ଏକ ବିଶାଳ କ୍ୟାଣ୍ଡେଲ ଶୋଭାଯାତ୍ରା ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ୟାଣ୍ଡେଲ ଶୋଭାଯାତ୍ରାରେ ଡେଣୁଅ, ଚଅଁରପଦା ପଞ୍ଚାୟତ ଓ ନିମାପଡ଼ା ଏନ୍‌ଏସିର ଶତାଧିକ ମହିଳା, ଯୁବଛାତ୍ର, ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍‌ଙ୍କ ସମେତ ୨ଶହରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ଏହି କ୍ୟାଣ୍ଡେଲ ଶୋଭାଯାତ୍ରାରେ ସାମିଲ ହୋଇ ମୃତା ରଶ୍ମିରେଖା ପରିଡ଼ାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବି କରିବା ସହ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କ୍ୟାଣ୍ଡେଲ ଶୋଭାଯାତ୍ରା ଥାନା ସମ୍ମୁଖରେ ପହଞ୍ଚିବା ପରେ ମୃତା ରଶ୍ମିରେଖାଙ୍କ ପରିବାରକୁ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ନ୍ୟାୟ ପ୍ରଦାନ କରାଯିବା ଦାବିରେ ଶତାଧିକ ମହିଳାଙ୍କ ସମେତ ବହୁ ପଞ୍ଚାୟତବାସୀ ଓ ସ୍ଥାନୀୟ ଜନ ସାଧାରଣ ଥାନା ଠାରେ ବିକ୍ଷୋଭ ପ୍ରଦର୍ଶନ କରି ଗଣଧାରଣାରେ ବସିଛନ୍ତି। ଏହିଅବସରରେ ବିକ୍ଷୋଭକାରୀମାନେ ଏକ ଦାବିପତ୍ର ନିମାପଡ଼ା ଆଇଆଇସି ସମରେନ୍ଦ୍ର ପାଇକରାୟଙ୍କୁ ପ୍ରଦାନ କରିଥିଲେ।



ପଞ୍ଚାୟତବାସୀଙ୍କ ପକ୍ଷରୁ ଆୟୋଜିତ କ୍ୟାଣ୍ଡେଲ ଶୋଭାଯାତ୍ରା ।

# ପୁରୀରେ ଭକ୍ତ ମନେଇଙ୍କ ମୂର୍ତ୍ତି ସ୍ଥାପନ କରାଯାଉ

ପୁରୀ,୨୪।୧୦(ଅଜିତ୍ କୁମାର ମହାନ୍ତି)



ଶ୍ରୀବିଗ୍ରହଙ୍କ ମନ୍ଦିର । ଭକ୍ତ ମନେଇଙ୍କ ପ୍ରତିମୂର୍ତ୍ତି ନିକଟରେ ଡ. ସୁରେନ୍ଦ୍ର କୁମାର ମିଶ୍ର ।

## ବ୍ରହ୍ମଗିରି -ଡେଲାଙ୍ଗ ରାସ୍ତା ଭକ୍ତ ମନେଇ ମାର୍ଗ ହେଉ

ଅତିବଡ଼ି ଜଗନ୍ନାଥ ଦାସଙ୍କ ସମସାମୟିକ ୫୩୨ ବର୍ଷ ତଳେ ଜନ୍ମଲାଭ କରିଥିବା ଭକ୍ତ ମନେଇ ସାହୁଙ୍କୁ ଆମେ ଉପଯୁକ୍ତ ସମ୍ମାନ ଦେବାରେ ଅବହେଳା କରିଛେ ବୋଲି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କ୍ଷୋଭର ସହ ପ୍ରକାଶ କରିଛନ୍ତି। ଭକ୍ତ ମନେଇଙ୍କ ଜନ୍ମମାଟି ବ୍ରହ୍ମଗିରିର କାଣ୍ଡଗୋଦା ଗ୍ରାମରେ। ବ୍ରହ୍ମଗିରି ଐତିହ୍ୟ ପରିଷଦ ପକ୍ଷରୁ ଆଲୋଚନାଚକ୍ରରେ ଯୋଗଦେଇ ଗ୍ରାମବାସୀ କହିଥିଲେ ଯେ, ମନେଇଙ୍କ ଲିଖିତ ମନେଇ ଭାଗବତ ଏପର୍ଯ୍ୟନ୍ତ ସାର୍ବଜନୀନ ହୋଇପାରିଲାନାହିଁ। ଗାଁରୁ ଚାଲି ଚାଲି ପ୍ରତିଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନକରି ଫେରିବା ପରେ ଦିନେ ମନର କଥା ତାଙ୍କୁ କହିଥିଲେ। 'ଜୀବନସାରା ଆସୁଥିଲି, ଆଉ ସମ୍ଭବ ହେଉନାହିଁ।' ଆଉ ଦି ଟୋପା ଲୁହ ବଦଳାଇ ଦେଇଥିଲା ସବୁକିଛି। ସ୍ୱପ୍ନାଦେଶ ହେଲା, ତୋ ଗାଁ ନଈକୂଳରେ ଦାରୁ ଲାଗିବ। ଗଜପତିଙ୍କୁ ନିର୍ଦ୍ଦେଶ ହେଲା ମୁଁ କାଣ୍ଡଗୋଦାରେ ମନେଇ ଗାଁରେ ଅଛି। ପୂଜା ବ୍ୟବସ୍ଥା କରେ। ଦଶଏକର ଜମି ଗଜପତି ଖଞ୍ଜିଦେଇଥିଲେ। ସେହି ଦାରୁରେ ନିର୍ମିତ ଚତୁର୍ଦ୍ଧା ବିଗ୍ରହ ଏବେ ପୂଜା ପାଉଛନ୍ତି। ମନେଇଙ୍କ ସମ୍ବନ୍ଧରେ ବିଶେଷ ଆଲୋଚନା ନ ହେବାରୁ ତାଙ୍କର ମୂର୍ତ୍ତି ବ୍ରହ୍ମଗିରି କିମ୍ବା ପୁରୀରେ ସ୍ଥାପନ ହୋଇପାରିନାହିଁ। ବ୍ରହ୍ମଗିରି -ଡେଲାଙ୍ଗ ରାସ୍ତା ମନେଇ ମାର୍ଗ ହେବା ପାଇଁ ଡ. ମିଶ୍ର ଦୃଷ୍ଟି ଆକର୍ଷଣ କରିଥିଲେ। ଅଧ୍ୟାପକ କାଶୀନାଥ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଶ୍ରୀଶଙ୍କରାନନ୍ଦ ମଠ ଟ୍ରଷ୍ଟ ବୋର୍ଡର ସଭାପତି ଡାକ୍ତର ଦୁର୍ଗାପ୍ରସାଦ ମିଶ୍ର, ସଭ୍ୟ ଶୁଭ୍ରପ୍ରକାଶ ପଣ୍ଡା ଏବଂ ଜ୍ୟୋତିପ୍ରକାଶ ପଣ୍ଡା ନିଜ ନିଜର ମତ ରଖିଥିଲେ। ଐତିହ୍ୟ ପରିଷଦର ଆଧାରପୁରୁଷ ନୀଳମଣି ସୁଆର ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତାଙ୍କର ଜନ୍ମଜୟନ୍ତୀ ପାଳନ କରିବାକୁ ପ୍ରସ୍ତାବ ରଖିଥିଲେ। କାଣ୍ଡଗୋଦା ମନ୍ଦିର ସଭାପତି କୈଳାସ ଚନ୍ଦ୍ର ପ୍ରଧାନ ଓ ଭକ୍ତ ମନେଇ ସେବା ପ୍ରତିଷ୍ଠାନର ସଭାପତି ଗୁରୁଚରଣ ଜେନା ସମସ୍ତଙ୍କ ମିଳିତ ପ୍ରୟାସରେ ମନେଇଙ୍କ ଅବଦାନ ସମ୍ପର୍କରେ ପ୍ରଚାର ହୋଇପାରିବ ବୋଲି କହିଥିଲେ। ଗ୍ରାମର ବିରାଟ ପୁଷ୍କରିଣୀର ଐତିହ୍ୟ ରକ୍ଷା କରିବା ପାଇଁ ଭକ୍ତ ମନେଇ ମୁଣ୍ଡରେ ମାଟିବୋହି ଦୁଇ ଦଶକ ପରେ ପୁରୀର ନରେନ୍ଦ୍ର ପୋଖରୀ ପରି ଏହାକୁ ଖୋଳିଥିଲେ ବୋଲି ମନେଇ ସେବା ପ୍ରତିଷ୍ଠାନର ଚିତ୍ରସେନ ଜେନା, ମନ୍ଦିର କମିଟିର ନିରଞ୍ଜନ ଜେନା ପ୍ରମୁଖ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିନତି ପ୍ରଧାନ, ଜୀବଧନ ରାଉତ, କାଳୁଚରଣ ପ୍ରଧାନ, ଲକ୍ଷ୍ମଣ ସାହୁ, ଯଶୋବନ୍ତ ମହାରଣା ଓ ଶ୍ରୀରାମ ରାଉତ ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ।

# 'ଶିଶୁ ଅଧିକାର, ସୁରକ୍ଷା ନେଇ ସଚେତନତା ସୃଷ୍ଟି କରାଯାଉ'

ପୁରୀ,୨୪।୧୦(ଅଜିତ କୁମାର ମହାନ୍ତି)

ପୁରୀ ଜିଲା ଆଇନସେବା ପ୍ରାଧିକରଣ ସମ୍ମିଳନୀ କକ୍ଷରେ ୭୦ ଜଣ ପାରାଲିଗାଲ ସ୍ୱେଚ୍ଛାସେବୀ ଓ ପ୍ୟାନେଲ ଆଡଭୋକେଟଙ୍କୁ ନେଇ ଶିଶୁ ଅଧିକାର ସୁରକ୍ଷା ସମ୍ପର୍କିତ ତାଲିମ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲା ପ୍ରଶାସନ ଏବଂ ଜିଲା ଆଇନସେବା ପ୍ରାଧିକରଣର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ମିଶନ ବାତ୍ସଲ୍ୟ ଯୋଜନା ଅନ୍ତର୍ଗତ ସେବାଗୁଡ଼ିକ ସମ୍ପର୍କରେ ସଚେତନତା ସୃଷ୍ଟିକରିବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଶିଶୁଙ୍କ ଅଧିକାର ଓ ସୁରକ୍ଷା ସମ୍ପର୍କିତ କାର୍ଯ୍ୟକାରୀ ହେଉଥିବା ସମସ୍ତ ଆଇନ ବିଷୟରେ ବିଶଦ ଆଲୋଚନା ଓ ତାଲିମ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ଯୋଗଦେଇ କହିଥିଲେ, ବିପଦରେ ପଡ଼ିଥିବା ବା ବିପଦ ବଳୟକୁ ଚାଲିଯିବାର ସମ୍ଭାବନା ଥିବା ଶିଶୁଙ୍କୁ ଉଦ୍ଧାର, ଥଇଥାନ ଓ ସାମାଜିକ ସମ୍ମିଶ୍ରଣ କ୍ଷେତ୍ରରେ ପାରାଲିଗାଲ ଭଲ୍ୟୁଣ୍ଟିୟରଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଏଣୁ ଶିଶୁ ଅଧିକାର ସୁରକ୍ଷା ସମ୍ପର୍କିତ ଆଇନ ସମ୍ବନ୍ଧରେ ଲୋକଙ୍କୁ ସଚେତନ କରିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡ. ଅଜିତ କୁମାର ମହାପାତ୍ର, ଜିଲା ଆଇନସେବା ପ୍ରାଧିକରଣ ସଚିବ ପରିତୋଷ କୁମାର ସେଠୀ, କିଶୋର ନ୍ୟାୟ ବୋର୍ଡ ଅଧ୍ୟକ୍ଷ ଶୋଭେନ୍ କାନୁନ୍‌ଗୋ ଯୋଗଦେଇ ଶିଶୁ ସୁରକ୍ଷାର ଆଇନଗତ ଦିଗ ଉପରେ ଆଲୋକପାତ କରିଥିଲେ। ୟୁନିସେଫ୍ ପରାମର୍ଶଦାତା ଘାସିରାମ ପଣ୍ଡା ତାଲିମଦାତା ଭାବେ ଯୋଗଦେଇ ବାଲ୍ୟବିବାହ ନିଷେଧ ଓ ଶିଶୁଙ୍କୁ ଯୌନ ଶୋଷଣରୁ ସୁରକ୍ଷା ସମ୍ବନ୍ଧରେ ଆଇନ, ଯୋଜନା ଏବଂ ପ୍ରତିଷେଧକ ବ୍ୟବସ୍ଥା ସମ୍ବନ୍ଧରେ ଆଲୋଚନା କରିଥିଲେ। ଆଇନ ପରିବୀକ୍ଷଣ ଅଧିକାରୀ ସନ୍ତୋଷ କୁମାର ସାହୁ ଆଇନ୍ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁଙ୍କ ଥଇଥାନ ସମ୍ପର୍କରେ ଆଲୋଚନା କରିଥିଲେ। ଶିଶୁ ସୁରକ୍ଷା ଅଧିକାରୀ ଶୁଭନାରାୟଣ ଶତପଥୀ ଧନ୍ୟବାଦ ଦେଇଥିଲେ।

इंडियन बैंक Indian Bank इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ. ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତନଗର, କଟକ-୭୫୩୦୧୪, zocuttack@indianbank.co.in

ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା/ବନ୍ଧକଦାତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତାଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ବନ୍ଧକଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ବନ୍ଧକଦାତାଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **କଟକ ବାଲିଚନ୍ଦ୍ରପୁର ଶାଖା /** **ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀଦତ୍ତ ଦାସ,** ପିତା: ସୁରେଶ ଚନ୍ଦ୍ର ଦାସ, **ଠିକଣା-** ସା: ନେଉଳା (ନୂଆଗାଁ), ପୋ: ବରୀକଟକ, ଥାନା: ବରୀ ରାମଚନ୍ଦ୍ରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୦୩ | ୧୬.୦୮.୨୦୨୫ ସୁଦ୍ଧା ଟ.୧୨,୦୬,୫୪୦.୦୦ ଏବଂ ସେବାବଦ ସୁଧ | ୧୬.୦୮.୨୦୨୫ / ୨୩.୧୦.୨୦୨୫ | **ଶ୍ରୀଦତ୍ତ ଦାସ,** ପିତା: ସୁରେଶ ଚନ୍ଦ୍ର ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୦୯, ପ୍ଲଟ୍ ନଂ.: ୧୩୮୬, କ୍ଷେତ୍ର: ଏକର୦.୧୭ ଡିସିମିଲି, ପ୍ରକାର: ଘରବାରି, ମୌଜା: ନେଉଳା, ତହସିଲ: ବରୀ, ଥାନା: ବିଂଝାରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ପୋଖରୀ (ପ୍ଲଟ୍ ନଂ. ୧୬୪୯), ଦକ୍ଷିଣ: ରାସ୍ତା, ପୂର୍ବ: କ୍ଷୀରୋଦ ଚନ୍ଦ୍ର ଦାସ (ପ୍ଲଟ୍ ନଂ. ୧୩୮୨), ପଶ୍ଚିମ: ଲକ୍ଷ୍ମଣ ମଲ୍ଲିକ ଏବଂ ଅନ୍ୟମାନେ (ପ୍ଲଟ୍ ନଂ. ୧୩୮୪ ଏବଂ ୧୩୮୫) |

**ସ୍ଥାନ: କଟକ, ତାରିଖ: ୨୪.୧୦.୨୦୨୫** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**

**କର୍ପୋରେଟରଙ୍କ ବିୟୋଗରେ ଶୋକସଭା**

କଟକ,(ଶିଳ୍ପା ପ୍ରିୟଦର୍ଶିନୀ): କଟକ ମହାନଗର ନିଗମ ସମ୍ମିଳନୀ କକ୍ଷରେ କର୍ପୋରେଟରଙ୍କ ବିୟୋଗରେ କଟକ ମେୟର ସୁବାସ ସିଂଙ୍କ ନେତୃତ୍ୱରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ୱାର୍ଡ ନଂ.୫ର କର୍ପୋରେଟର ସ୍ୱର୍ଗତ ପ୍ରିୟମ୍ବଦା ସ୍ୱାଇଁଙ୍କ ବିୟୋଗରେ ସମସ୍ତ କର୍ପୋରେଟର ଏବଂ କର୍ମଚାରୀ ଉପସ୍ଥିତ ରହି ନୀରବ ପ୍ରାର୍ଥନା କରିବା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ। ଏହି ଅବସରରେ ସମସ୍ତ ଷ୍ଟାଣ୍ଡିଂ କମିଟି ଅଧକ୍ଷାଅଧକ୍ଷ, ସମସ୍ତ କର୍ପୋରେଟର, ମହାନଗର ନିଗମର ସମସ୍ତ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦୁର୍ଗାପୂଜା ଭସାଣି ଗଣ୍ଡଗୋଳ ଘଟଣା: ୨୨ ଜେଲରୁ ମୁକୁଳିଲେ

ମଙ୍ଗୁଳି–ଜଗତପୁର,୨୪।୧୦(ମାନସ ସାମଲ)

କଟକ ଦୁର୍ଗାପୂଜା ଭସାଣି ସମୟରେ ସଂଘଟିତ ଗଣ୍ଡଗୋଳ ମାମଲାରେ ଗିରଫ ହୋଇ ଜେଲରେ ଥିବା ୨୨ଜଣଙ୍କୁ ଏଡିଜେ–୨ ଅଦାଲତ ଗୁରୁବାର ଜାମିନ ଦେବା ପରେ ଶୁକ୍ରବାର ଚୌଦ୍ୱାର ଜେଲରୁ ବାହାରିଛନ୍ତି। ଜେଲ ସମ୍ମୁଖରେ ସେମାନଙ୍କୁ କଟକ ନଗର ଭାଜପା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ସମ୍ବର୍ଦ୍ଧନା ସମୟରେ କଟକ ସଦର ବିଧାୟକ ପ୍ରକାଶ ସେଠୀ, ଜିଲା ସଭାପତି ସୁକାନ୍ତ ବିଶ୍ୱାଳ, ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଇଂ ଜ୍ଞାନେନ୍ଦ୍ର ସ୍ୱାଇଁ, ଜିଲା ସାଧାରଣ ସମ୍ପାଦକ ବିଶ୍ୱ ରଞ୍ଜନ ମିଶ୍ର, ଜିଲା ସମ୍ପାଦକ ବୈରାଗୀ ପ୍ରଧାନ, ରଶ୍ମି ରେଖା ଦାସ ,ସ୍ମୃତି ରଞ୍ଜନ ମିଶ୍ର, ନିରୋଦ ପଣ୍ଡା, ଅମ୍ବିକା ସାମଲ ପ୍ରମୁଖଙ୍କ ସହ ୪ଶହରୁ ଉର୍ଦ୍ଧ୍ୱ ମହିଳା ପୁରୁଷ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ। ଏଠାରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ କଟକ ଡିସିପି, ସିସିଓ ଜୋନ ୧ ଏସିପି, ଚୌଦ୍ୱାର ଥାନା ଅଧିକାରୀ, ୨ଜଣ ଏସିପି ଓ ବହୁ ପୋଲିସ ଅଫିସର ଉପସ୍ଥିତ ଥିଲେ।

### ଆଇସିଏଆର୍ ସଭ୍ୟ ହେଲେ ଆଶୁତୋଷ ଦେବତା

କଟକ,୨୪।୧୦(କାର୍ତ୍ତିକ ସାହୁ)

ଡେରାଡୁନ୍‌ସ୍ଥିତ ଆଇସିଏଆର୍ ଭାରତୀୟ ମୃତ୍ତିକା ଏବଂ ଜଳ ସଂରକ୍ଷଣ ସଂସ୍ଥାନ



ଗବେଷଣା। ପରାମର୍ଶଦାତା କମିଟି ସଭ୍ୟ ଭାବେ ବିଶିଷ୍ଟ ପରିବେଶବିତ୍ ଡ. ଆଶୁତୋଷ ଦେବତ। ସାମିଲ ହୋଇଛନ୍ତି। ସେ ଆଗାମୀ ୩ ବର୍ଷ ଅବଧି ପାଇଁ କାର୍ଯ୍ୟ କରିବେ। ବର୍ତ୍ତମାନ ଓ ଭବିଷ୍ୟତର ଜଳବାୟୁ ପରିବର୍ତ୍ତନ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରତିଷ୍ଠାନର ଲକ୍ଷ୍ୟ ହାସଲ ପାଇଁ ଗବେଷଣା କାର୍ଯ୍ୟସୂଚୀ ନିର୍ଦ୍ଧାରଣ ଲାଗି ଡ. ଦେବତା ପରାମର୍ଶଦାତା ଭାବେ ଦାୟିତ୍ୱ ତୁଲାଇବେ। ଡ. ଦେବତାଙ୍କ ଏ ଦିଗରେ ମୂଲ୍ୟବାନ ଅଭିଜ୍ଞତା ଏବଂ ନୂତନ ଜ୍ଞାନକୌଶଳ ସହିତ ପ୍ରତିଷ୍ଠାନକୁ ମାର୍ଗଦର୍ଶନ କରିବେ ବୋଲି ନିର୍ଦ୍ଦେଶକ ଡ. ଏମ. ମଧୁ ଜଣାଇଛନ୍ତି।

### ଲୁଟେରାଙ୍କ ଆକ୍ରମଣରେ ଯୁବତୀ ଗୁରୁତର

କଟକ ସଦର,୨୪।୧୦(ସୁଶାନ୍ତ କୁମାର ଜେନା)

କନ୍ଦରପୁର ଥାନା ଅନ୍ତର୍ଗତ ଆୟତପୁର ବଢେଇ ସାହିର ଜଣେ ଯୁବତୀ ଶୁକ୍ରବାର ରାତିରେ ଲୁଟରାଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ସେ ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଘଟଣାରୁ ପ୍ରକାଶ ମାମିନା ମହାରଣା ନାମ୍ନୀ ଯୁବତୀ କନ୍ଦରପୁରରୁ ରାତି ୯ଟା ବେଳେ ଘରକୁ ଫେରୁଥିବା ବେଳେ ୪ଜଣ ଯୁବକ ତାଙ୍କୁ ଭୁଜାଲିରେ ଆକ୍ରମଣ କରିବାରୁ ମୁଣ୍ଡରେ ଆଘାତ ଲାଗିଛି। ସମ୍ପୃକ୍ତ ଯୁବତୀ ଜଣକ ଏକ ଅଳଙ୍କାର ଦୋକାନରେ କାମ କରନ୍ତି। ସବୁଦିନ ଭଳି ରାତିରେ ଦୋକାନର ମାଲିକ ବାଇକ୍‌ରେ ଯୁବତୀଙ୍କୁ ଛାଡ଼ିବା ପାଇଁ ଯାଉଥିଲେ। କେଶପୁର ମଲ୍ଲିକ ସାହି–ବୁଣା ସାହି ମଝିରେ ଏକ ନିଛାଟିଆ ସ୍ଥାନରେ ଲୁଟେରାମାନେ ଭୁଜାଲି ଓ ବନ୍ଧୁକ ଦେଖାଇ ବାଇକ୍ ଚାଳକଙ୍କୁ ଅଟକାଇବା ପାଇଁ ଉଦ୍ୟମ କରିଥିଲେ। ସେ ଅଟକି ନ ଥିବା ବେଳେ ଭୁଜାଲିରେ ହାଣି ଦେବାରୁ ପଛରେ ବସିଥିବା ଯୁବତୀ ଆହତ ହୋଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଛି।



ଦେବୀଗଡ଼ା ଅଭିମୁଖେ ଭସାଣି ପାଇଁ ଯାଉଥିବା ମା' କାଳୀଙ୍କ ମେଢ଼।



ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ।



ଭସାଣି ଅଭିମୁଖେ ବାହାରିଥିବା ମେଢ଼।

# କଡ଼ା ସୁରକ୍ଷାରେ ହେଲା କାଳୀମେଢ଼ ଭସାଣି

କଟକ,୨୪।୧୦(ଶିଳ୍ପା ପ୍ରିୟଦର୍ଶିନୀ)

କଡା ସୁରକ୍ଷା ମଧ୍ୟରେ କଟକରେ ମା' କାଳୀଙ୍କ ଭସାଣି ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଦଶହରା ଭସାଣି ଗଣ୍ଡଗୋଳକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଦଶହରା ଭସାଣି ଗଣ୍ଡଗୋଳ ହୋଇଥିବା ଦରଘାବଜାର ଥାନା ଅଞ୍ଚଳ ଅଧୀନ ହାତୀପୋଖରୀ ଅଞ୍ଚଳରେ ମେଢ଼ ଅତିକ୍ରମ କରିବା ସମୟରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ପୋଲିସ ପକ୍ଷରୁ ସହରର ପ୍ରତ୍ୟେକ ଗଳିକନ୍ଦିରେ ପାଟ୍ରୋଲିଂ କରାଯାଇଥିଲା। ମା'ଙ୍କ ମୃଣ୍ମୟୀମୂର୍ତ୍ତି ମଣ୍ଡପରୁ ବାହାରି ସାହି ପରିକ୍ରମା କରି ନମ୍ବର ଅନୁଯାୟୀ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲା। ମୂର୍ତ୍ତି ବିସର୍ଜନ ପାଇଁ ଦେବୀଗଡାରେ ଅସ୍ଥାୟୀ କୃତ୍ରିମ ପୋଖରୀ କଟକ ମହାନଗର ନିଗମ ପକ୍ଷରୁ ଖନନ କରାଯାଇଥିଲା। ଭସାଣି ସମୟରେ ହାଇକୋର୍ଟଙ୍କ ନିୟମକୁ କଡାକଡି ଭାବେ ପାଳନ କରାଯାଇଥିବା ଦେଖିବାକୁ ମିଳିଥିଲା। କଟକ ଜିଲା ମୁଖ୍ୟ ଚିକିତ୍ସାଳୟର ୧୦୦ ମିଟର ଦୂରତା ଯଥା ଦରଘାବଜାର ଅଞ୍ଚଳରେ ଥିବା ବିଗ୍‌ବଜାର



ଦେବୀଗଡ଼ାରେ ମା'ଙ୍କୁ ବିସର୍ଜନ କରାଯାଉଛି।

ନିକଟରୁ ଗୌରୀଶଙ୍କର ପାର୍କ ଯାଏଁ ସାଉଣ୍ଡ ବକ୍ସଗୁଡ଼ିକୁ ପୋଲିସ ପକ୍ଷରୁ ବନ୍ଦ କରାଯାଇଥିଲା। ଅନ୍ୟପଟେ କଟକରେ ପ୍ରଥମ କରି ସହରର ଭାଇଚାରାକୁ ବଜାୟ ରଖିବା ପ୍ରୟାସ କରାଯାଇଛି। କଦମରସୁଲ ମହଲ୍ଲା କମିଟି, କଦମରସୁଲ ଯୁବକ ସଂଘ ଓ ଦରଘାବଜାର ମହାବୀର ପୂଜା କମିଟି କର୍ମକର୍ତ୍ତାମାନେ ଏକ ସଂକଳ୍ପ ନେଇଥିଲେ। ଏଥିପାଇଁ ଦରଘାବଜାର ଥାନା ସମ୍ମୁଖରେ ଏକ ସଦଭାବନା ମଞ୍ଚ କରାଯାଇଥିଲା। କର୍ମକର୍ତ୍ତାମାନଙ୍କ ପକ୍ଷରୁ ଆମେ କଟକିଆ, ଭାଇଚାରା ଆମର ଆଭୂଷଣ, କୌଣସି ପରିସ୍ଥିତିରେ ଆମ ଭାଇଚାରାକୁ ଆମେ କ୍ଷୁଣ୍ଣ କରିବାକୁ ଦିଆଯିବ ନାହିଁ ଭଳି ନିଆରା ସଂକଳ୍ପ ନିଆଯାଇଥିଲା। ଏହି ମଞ୍ଚରେ ଜାତି, ଧର୍ମ, ସମ୍ପ୍ରଦାୟ, ରାଜନୈତିକ ଦଳ ନିର୍ବିଶେଷରେ ପ୍ରଶାସନିକ ଅଧିକାରୀ, ଲୋକ ପ୍ରତିନିଧି, ଶାନ୍ତି କମିଟି କର୍ମକର୍ତ୍ତା, ବିଭିନ୍ନ ସାହି ମୁରବି, ପୂଜା କମିଟି

- ସାଇଲେନ୍ସ ଜୋନ୍ ନିୟମ ପାଳନ
- ଭାଇଚାରା ବଜାୟ ରଖିବାର ପ୍ରମୁଖ ଭୂମିକା ବହନ କଲା ସଦ୍‌ଭାବନା ମଞ୍ଚ

କର୍ମକର୍ତ୍ତାଙ୍କୁ ମଞ୍ଚରେ ସମ୍ମାନିତ କରାଯିବା ସହ ମା'ଙ୍କୁ ମିଠା ଭୋଗ ଅର୍ପଣ କରାଯାଇଥିଲା। ସେହିପରି ଭସାଣି ଯାତ୍ରାରେ ହାତବାଜା ମଧ୍ୟରେ ଟାଙ୍ଗୁ ବାଜା, ଘଣ୍ଟ ବାଦ୍ୟ, ସିଂହ ବାଦ୍ୟ ଭଳି ବିଭିନ୍ନ ବାଦ୍ୟ ଓ ବ୍ୟାଣ୍ଡ ପାର୍ଟିରେ ପ୍ରକମ୍ପିତ ହୋଇ ଉଠିଥିଲା କଟକ ସହର। ପ୍ରାୟ ୭୫ଟି କାଳୀ ମେଢ଼ ସହରରେ ପୂଜା ପାଇଥିବାବେଳେ ସନ୍ଧ୍ୟା ସୁଦ୍ଧା ୨୦ରୁ ଅଧିକ ମେଢ଼ ବିସର୍ଜନ କରାଯାଇଥିବା ଜଣାପଡ଼ିଛି। ଭସାଣି ଯାତ୍ରା ପାଇଁ କମିଶନରେଟ ପୋଲିସ ପକ୍ଷରୁ ଯାନବାହନ ଚଳାଚଳ ଉପରେ କଟକଣା ଜାରି କରାଯାଇଥିଲା। ସୁରକ୍ଷା ଦୃଷ୍ଟିରୁ କଟକ ସହରରେ ୫୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଭସାଣି ଯାତ୍ରା ପାଇଁ ଭୁବନେଶ୍ୱର କମିଶନରେଟ ପୋଲିସରୁ ୧୩ଜଣ ପୋଲିସ ଅଫିସରଙ୍କୁ କଟକ ଅଣାଯାଇଛି।



ଦରଘା ବଜାର ଦେଇ ଦେବୀଗଡ଼ାକୁ ବିସର୍ଜନ ପାଇଁ ଯାଉଥିବା ମା' କାଳୀଙ୍କ ମେଢ଼।



ଭସାଣି ପାଇଁ ବାହାରିଥିବା କାଳୀ ମେଢ଼ ଶୋଭାଯାତ୍ରା।

## ଖୁଣ୍ଟୁଣୀ ମଣ୍ଡଳର ୨ ପଞ୍ଚାୟତରେ ଭାଜପାର ଗାଁକୁ ଚାଲ କାର୍ଯ୍ୟକ୍ରମ



ଗାଁକୁ ଚାଲ କାର୍ଯ୍ୟକ୍ରମରେ ସାମିଲ ଭାଜପାର ନେତୃମଣ୍ଡଳୀ।

ଖୁଣ୍ଟୁଣୀ,୨୪।୧୦(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ୨ ନମ୍ବର ଜୋନ ଖୁଣ୍ଟୁଣୀ ମଣ୍ଡଳର ଖୁଣ୍ଟୁଣୀ ଓ ରାଧାକିଶୋରପୁର ୨ ପଞ୍ଚାୟତରେ ଭାଜପା ନେତା ଅଭୟ ବାରିକଙ୍କ ନେତୃତ୍ୱରେ ଶୁକ୍ରବାର ଗାଁକୁ ଚାଲ କାର୍ଯ୍ୟକ୍ରମରେ ଜନସମର୍ଥନ ହୋଇଥିବା ଦେଖାଯାଇଥିଲା। ସକାଳ ୯ଟାରୁ ଖୁଣ୍ଟୁଣୀ ବଜାରରେ ଥିବା ଯାତ୍ରା ପଡ଼ିଆରେ ହଜାର ହଜାର ପୁରୁଷ ଓ ମହିଳା ହାତରେ ଭାଜପା ପତାକା, କାନ୍ଧରେ ଭାଜପା ଉତ୍ତରୀ ଓ ମୁଣ୍ଡରେ ଭାଜପା ଟୋପି ପିନ୍ଧି ପହଞ୍ଚିଥିଲେ। ସାଢ଼େ ୧୧ଟାରୁ ଅଭୟ ଆସି ପଡ଼ିଆରେ ପହଞ୍ଚିବା ମାତ୍ରେ ହଜାର ହଜାର ମହିଳା ଓ ପୁରୁଷ ଜୟ ଶ୍ରୀରାମ, ଜୟ ଅଭୟ ଭାଇ, ମୋହନ ମାଝୀ ଜିନ୍ଦାବାଦ, ଧର୍ମେନ୍ଦ୍ର ପ୍ରଧାନ ଜିନ୍ଦାବାଦ, ଭର୍ତ୍ତୃହରି ମହତାବ ଜିନ୍ଦାବାଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜିନ୍ଦାବାଦ ଓ ମନମୋହନ ସାମଲ ଜିନ୍ଦାବାଦ ନାରାଦେଇ ବିରାଟ ପଟୁଆରରେ ଖୁଣ୍ଟୁଣୀ ବଜାର ଓ ଗ୍ରାମ ପରିକ୍ରମା କରିଥିଲେ। ବାଟରେ ଅଭୟ କେନ୍ଦ୍ର ସରକାର ତଥା ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ବିଷୟରେ ଲୋକଙ୍କୁ ବୁଝାଇଥିଲେ। ଆଠଗଡରୁ ଦୁର୍ନୀତି ହଟାଇବାକୁ ଲୋକଙ୍କ ସରକାର ମୋହନ ମାଝୀ ସରକାର ବ୍ୟାପକ ପଦକ୍ଷେପ ନେଉଛନ୍ତି ବୋଲି କହିଥିଲେ। ସେଠାରୁ ଏକ ବିରାଟ ଶୋଭାଯାତ୍ରାରେ ରାଧାକିଶୋରପୁର ପଞ୍ଚାୟତ ଖମାରନୂଆଗାଁ ଗ୍ରାମ ପରିକ୍ରମା କରିବା ପରେ କୋଳଥପଙ୍ଗିଠାରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

## ସୁରଭି ପୁରସ୍କାରକୁ ନେଇ ଛାତ୍ରୀଛାତ୍ରଙ୍କ ଅସନ୍ତୋଷ

କଣ୍ଟାପଡ଼ା,୨୪।୧୦(ସୁରନାରାୟଣ ସାହୁ)

କଣ୍ଟାପଡ଼ା ମଣ୍ଡଳସ୍ତରୀୟ ସୁରଭି କାର୍ଯ୍ୟକ୍ରମ ସ୍ଥାନୀୟ ବିଏମ୍ ହାଇସ୍କୁଲରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ପ୍ରତିଯୋଗିତାରେ ଆୟୋଜକ ଅନୁଷ୍ଠାନ ପ୍ରତିଯୋଗୀଙ୍କୁ ଦ୍ୱିତୀୟ ସ୍ଥାନ ଦିଆଯିବା ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ନେଇ ଛାତ୍ରୀଛାତ୍ରମାନେ ସ୍କୁଲ ମୁଖ୍ୟଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ପ୍ରତିଯୋଗିତା ପୁନର୍ବାର ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମଣ୍ଡଳସ୍ତରୀୟ ପ୍ରତିଯୋଗିତାକୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜିନା ଭୋଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଛବି ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। କଣ୍ଟାପଡ଼ା ବ୍ଲକର ୧୦ଟି କ୍ଲଷ୍ଟରରୁ ୨୪୦ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ





ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କଟକ ସଦର,୨୪।୧୦(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅଧୀନ ଝିଙ୍କିରିଆଠାରେ ଜିଲା ମିନିଟ୍ରକ୍ ମାଲିକ ସଂଘ ପକ୍ଷରୁ ଶୁକ୍ରବାର ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱଜିତ୍ ଦାଶ ଓ ଭାରତ ମସଲାର ପ୍ରତିଷ୍ଠାତା ସୁରେନ୍ଦ୍ର ନାଥ ପଣ୍ଡା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟେକ ଚାଳକ ନିୟମରେ ଗାଡ଼ି ନ ଚଳାଇଲେ ସିସିଟିଭି କ୍ୟାମେରାରେ ଧରାପଡ଼ିବ। ସେଥିପାଇଁ ପ୍ରତିବର୍ଷ ଦେଢ଼ ଲକ୍ଷ ଲୋକ ବେପରୁଆ ଗାଡ଼ି ଚାଳନା ଯୋଗୁ ମୃତ୍ୟୁବରଣ କରନ୍ତି ବୋଲି ଆରଟିଓ ଦାଶ କହିଥିଲେ। ଗାଡ଼ିକୁ ମା ଭଳି ଦେଖିଲେ ସେ ତୁମକୁ ପୁଅ ବୋଲି ଦେଖିବ ବୋଲି ଭାରତ ମସଲା ପ୍ରତିଷ୍ଠାତା ପଣ୍ଡା ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ସଂଘର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ହୋଇଥିଲା। ନିଖିଳ ଓଡ଼ିଶା ମିନିଟ୍ରକ ମାଲିକ ମହାସଂଘ ରାଜ୍ୟ ସଭାପତି ଗଣେଶ ମାହାରୀ, ଉପସଭାପତି ପ୍ରଶାନ୍ତ କୁମାର ପଟ୍ଟନାୟକ, ସନ୍ତୋଷ କର, କୋଷାଧ୍ୟକ୍ଷ ଶ୍ରୀକାନ୍ତ ଜେନା, ଉମେଶ ଚନ୍ଦ୍ର ମହାନ୍ତି, ସହ ସମ୍ପାଦକ ବିଜୟ ସେଠୀ, ଜିଲା ସଭପତି ରାଜେଶ କୁମାର ସ୍ୱାଇଁ, ଜିଲା ସମ୍ପାଦକ ଚିନ୍ମୟ ଦେବତା, ଜିଲା କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ଲେଙ୍କା ପ୍ରମୁଖ ଉପସ୍ଥିତ ରହି ସଂଘର ସମସ୍ୟା ଉପରେ ପରିବହନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

**ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫**

## ନିମନ୍ତ୍ରଣ ପତ୍ରରେ ନାଁ ନ ଥିବାରୁ ବିଇଓ ଅଟକ

**ବାତିଲ ହେଲା ଉଦ୍‌ଯାପନୀ ଉତ୍ସବ**

ମଙ୍ଗୁଳି–ଜଗତପୁର,୨୪।୧୦(ମାନସ ସାମଲ)

ଟାଙ୍ଗୀ–ଚୌଦ୍ୱାର ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି–୨୦୨୫ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଶୁକ୍ରବାର ଟାଙ୍ଗୀସ୍ଥିତ ଟେଟ୍ରାହେଡ୍ରେନ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ ହୋଇଥିଲା। ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଅଧକ୍ଷା ମିନାକ୍ଷୀ ଦାସ, ଟେଟ୍ରାହେଡ୍ରେନ କଲେଜ ଚେୟାରମ୍ୟାନ ତ୍ରିଦେବ ବେହେରା, ଚିତ୍ତରଞ୍ଜନ ସାମଲ, ଜୟଶ୍ରୀ ପ୍ରଧାନ, ଏବିଡିଓ ଶାଶ୍ୱତ ଜେନା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଷମା ଦେଇ, ଅରୁନ୍ଧତି ମିଶ୍ରଙ୍କ ସହ ପୁରସ୍କାର ବିତରଣ ଉତ୍ସବରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଚୌଦ୍ୱାର–କଟକ ବିଧାୟକ ସୌଭିକ ବିଶ୍ୱାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏଏନ ରାଜଲକ୍ଷ୍ମୀ ଓଝା, ଟାଙ୍ଗୀ ଥାନା ଭାରପ୍ରାପ୍ତ ଅଧିକାରୀ ଶିବପ୍ରସାଦ ଭଦ୍ର ପ୍ରମୁଖ ଯୋଗଦେବା ପାଇଁ ନିମନ୍ତ୍ରଣ ପତ୍ର ଛପା ଯାଇ ସମସ୍ତଙ୍କୁ ଡକାଯାଇଥିଲା। କିନ୍ତୁ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଟାଙ୍ଗୀ–ସାଲେପୁର ଭାଜପା ନେତା ଅରିନ୍ଦମ ରାୟଙ୍କ ୧୦ରୁ ଉର୍ଦ୍ଧ୍ୱ ସମର୍ଥକ ହଠାତ୍ ଏଠାରେ ପହଞ୍ଚି କାହିଁକି ଆମ ନେତାଙ୍କ ନାଁ ନିମନ୍ତ୍ରଣ ପତ୍ରରେ ଛପା ଯାଇନି। ତୁରନ୍ତ କାର୍ଯ୍ୟକ୍ରମ ବାତିଲ କର ବୋଲି ଜିଦ ଧରି ୨ ଘଣ୍ଟା ବିଇଓଙ୍କୁ ଅଟକ ରଖିଥିଲେ। ଏବିଇଓ କହିଛନ୍ତି, ମୁଁ ଫୋନ ଯୋଗେ ଅରିନ୍ଦମଙ୍କ ସହ କଥା ହୋଇଥିଲେ। ଏହା ଏକ ସରକାରୀ କାର୍ଯ୍ୟକ୍ରମ କିପରି ଆପଣଙ୍କ ନାଁ ନିମନ୍ତ୍ରଣ ପତ୍ର ରଖିବି। ପିଲାଙ୍କ କାର୍ଯ୍ୟକ୍ରମରେ ରାଜନୀତି ନ କରି ସମର୍ଥକଙ୍କୁ ଏଠାରୁ ଯିବା କୁହନ୍ତୁ। କିନ୍ତୁ ସେ ନ ଶୁଣି କାର୍ଯ୍ୟକ୍ରମ ବାତିଲ କର ନଚେତ ଭଲ ହେବନି। ତେଣୁ ବାଧ ହୋଇ ଉଦ୍‌ଯାପନୀ ଉତ୍ସବକୁ ବାତିଲ କରିଛୁ। ଅପରପକ୍ଷେ ଅଭିଭାବକ ଭାଜପା ନେତାଙ୍କ ଏଳଭି କାର୍ଯ୍ୟକୁ ନିନ୍ଦା କରି କାର୍ଯ୍ୟକ୍ରମ ଜାରି ରଖିବାକୁ ବିଇଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏ ନେଇ ଅରିନ୍ଦମଙ୍କୁ ବାରମ୍ବାର ଫୋନରେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଉ ନ ଥିବାରୁ ମତାମତ ମିଳିପାରି ନାହିଁ।

## ଚୌଦ୍ୱାର ସର୍କଲ ଜେଲରୁ ୨ କଏଦୀ ଫେରାର ପରେ ଛନକା

**ଜେଲ ଭିତରକୁ କମ୍ବଳ ମନା**

ଚୌଦ୍ୱାର,୨୪।୧୦(ଆଶୁତୋଷ ଦାସ)

ଚୌଦ୍ୱାର ସର୍କଲ ଜେଲରୁ ୨ଜଣ କଏଦୀ ଫେରାର ପରେ ଜେଲ କର୍ତ୍ତୃପକ୍ଷ ଭିତର ଓ ବାହାର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏପରିକି ଜେଲରେ ସଜା କାଟୁଥିବା କଏଦୀମାନଙ୍କୁ ଦେଖିବାକୁ ଆସୁଥିବା ପରିବାର ଲୋକେ ଦେଖା କରି ନ ପାରି ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଛି। ପୂର୍ବରୁ କଏଦୀଙ୍କ ପରିବାର ଲୋକେ ଜେଲରେ ରହୁଥିବା ତାଙ୍କ ସମ୍ପର୍କୀୟମାନଙ୍କ ପାଇଁ କମ୍ବଳ ପଠାଉଥିବାବେଳେ ଏବେ ଜେଲ କର୍ତ୍ତୃପକ୍ଷ ପକ୍ଷରୁ ତାହା ନିଷିଦ୍ଧ କରାଯାଇଛି। ଫଳରେ ଶୁକ୍ରବାର ଦେଖା କରିବା ପାଇଁ ଆସିଥିବା ଲୋକମାନେ ଆଣିଥିବା ଶୀତବସ୍ତ୍ର ଫେରାଇ ନେବାକୁ ବାଧ ହୋଇଥିଲେ। ବିଶେଷ କରି କମ୍ବଳ ବଦଳରେ ପତଳା ଚାଦର ଭିତରକୁ ନେବା ପାଇଁ ମୁଖ୍ୟ ଫାଟକରେ ଯାଞ୍ଚ ପାଇଁ ଥିବା କର୍ମଚାରୀମାନେ ପରାମର୍ଶ ଦେଇଥିଲେ। କଟକ ମହାନଦୀବିହାର ଅଞ୍ଚଳରୁ ଆସିଥିବା ଜଣେ ମହିଳା ନିଜ ନାମ ଗୋପନ ରଖି କହିଥିଲେ ମୁଁ ଆଣିଥିବା କମ୍ବଳ ଫେରାଇ ନେଉଛି, ପୁଣି ଥରେ ଆସି ପତଳା ଚାଦର ଦେଇଯିବି। ସୂଚନାଯୋଗ୍ୟ, ଗତ କିଛି ଦିନ ତଳେ କମ୍ବଳ ସାହାଯ୍ୟରେ ୨ଜଣ ଅପରାଧୀ ଜେଲର କଡା ସୁରକ୍ଷା ମଧ୍ୟରେ ପାଚେରି ଡେଇଁ ଫେରାର ହୋଇଥିଲେ। ସେମାନେ ଜେଲ ପକ୍ଷରୁ ଦିଆଯାଇଥିବା କମ୍ବଳ କାଟି ସେଥିରେ ଦଉଡି ତିଆରି କରି ଜେଲ ଉଚ୍ଚ ପାଚେରି ଡେଇଁ ଫେରାର ହୋଇଯାଇଥିବା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ସେଥିପାଇଁ ଏବେ କମ୍ବଳକୁ ନେଇ ଜେଲ କର୍ତ୍ତୃପକ୍ଷଙ୍କ ଛନକା ପଶିଥିବା ଚର୍ଚ୍ଚା ହେଉଛି।


इंडियन बैंक Indian Bank इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ. ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତନଗର, କଟକ-୭୫୩୦୧୪, zocuttack@indianbank.co.in

ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା/ବନ୍ଧକଦାତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତାଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ବନ୍ଧକଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ବନ୍ଧକଦାତାଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **କଟକ ବାଲିଚନ୍ଦ୍ରପୁର ଶାଖା /** ଋଣଗ୍ରହୀତା ଏବଂ ବନ୍ଧକଦାତା: **ଶ୍ରୀଦତ୍ତ ଦାସ,** ପିତା: ସୁରେଶ ଚନ୍ଦ୍ର ଦାସ, **ଠିକଣା-** ସା: ନେଉଳା (ନୂଆଗାଁ), ପୋ: ବରୀକଟକ, ଥାନା: ବରୀ ରାମଚନ୍ଦ୍ରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୦୩ | ୧୬.୦୮.୨୦୨୫ ସୁଦ୍ଧା ଟ.୧୨,୦୬,୫୪୦.୦୦ ଏବଂ ସେବାବଦ ସୁଧ | ୧୬.୦୮.୨୦୨୫ / ୨୩.୧୦.୨୦୨୫ | **ଶ୍ରୀଦତ୍ତ ଦାସ,** ପିତା: ସୁରେଶ ଚନ୍ଦ୍ର ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୦୯, ପ୍ଲଟ୍ ନଂ.: ୧୩୮୬, କ୍ଷେତ୍ର: ଏକର୦.୧୭ ଡିସିମିଲି, ପ୍ରକାର: ଘରବାରି, ମୌଜା: ନେଉଳା, ତହସିଲ: ବରୀ, ଥାନା: ବିଂଝାରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ପୋଖରୀ (ପ୍ଲଟ୍ ନଂ. ୧୬୪୯), ଦକ୍ଷିଣ: ରାସ୍ତା, ପୂର୍ବ: କ୍ଷୀରୋଦ ଚନ୍ଦ୍ର ଦାସ (ପ୍ଲଟ୍ ନଂ. ୧୩୮୨), ପଶ୍ଚିମ: ଲକ୍ଷ୍ମଣ ମଲ୍ଲିକ ଏବଂ ଅନ୍ୟମାନେ (ପ୍ଲଟ୍ ନଂ. ୧୩୮୪ ଏବଂ ୧୩୮୫) |

**ସ୍ଥାନ: କଟକ, ତାରିଖ: ୨୪.୧୦.୨୦୨୫** — ସ୍ୱା/- **କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**

**ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ**

ପୁରୀ,(ଅଜିତ୍ କୁମାର ମହାନ୍ତି): ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଶୁକ୍ରବାର ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ମଇଲମ ଶେଷ ହେବାପରେ ଭକ୍ତମାନେ ଭିତର କାଠ ନିକଟରେ ଦର୍ଶନ କରିଥିଲେ। ଏହି ସମୟରେ ଭିତରକାଠ ନିକଟରେ ରକ୍ତ ପଡ଼ିଥିବା ଦୃଷ୍ଟିଗୋଚର ହୋଇଥିଲା। ଫଳରେ ଦର୍ଶନ ବନ୍ଦ କରାଯାଇ ବଡ଼ ମହାସ୍ନାନ ନୀତି ଆରମ୍ଭ କରାଯାଇଥିଲା। ମହାସ୍ନାନ ନୀତି ଶେଷ ହେବା ପରେ ପୁନର୍ବାର ଦର୍ଶନ ଆରମ୍ଭ ହୋଇଥିଲା।



# ମାନବ ଚାଲାଣ ବିରୋଧରେ ଓଡ଼ିଶା ହେବ ଆଦର୍ଶ ରାଜ୍ୟ

## ରାଜ୍ୟସ୍ତରୀୟ ସମ୍ମିଳନୀରେ ଡିଜିପିଙ୍କ ଆହ୍ୱାନ

ଭୁବନେଶ୍ୱର,୨୪।୧୦(ସତ୍ୟଜିତ ରାଉତ)

ସାମ୍ପ୍ରତିକ ପରିସ୍ଥିତିରେ ମାନବ ଚାଲାଣ କେବଳ ଓଡ଼ିଶା ପାଇଁ ନୁହେଁ, ଦେଶ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ତଥା ଚିନ୍ତାଜନକ ବିଷୟ। ନ୍ୟାୟପାଳିକା, ପୋଲିସ, ମହିଳା ଓ ଶିଶୁ ସୁରକ୍ଷା ୟୁନିଟ୍, ଶ୍ରମ ବିଭାଗ, ସ୍ୱେଚ୍ଛାସେବୀ ସଙ୍ଗଠନ ଓ ସମାଜର ସମସ୍ତ ବର୍ଗର ଲୋକ ଏକାଠି ହୋଇ କାର୍ଯ୍ୟକଲେ ଏହି ଘୃଣ୍ୟ କାର୍ଯ୍ୟକୁ ରୋକିବାରେ ସଫଳ ହୋଇପାରିବା। ଆଗାମୀ ଦିନରେ ଏକାଠି ହୋଇ ଓଡ଼ିଶାକୁ ମାନବ ଚାଲାଣ ବିରୋଧରେ ଏକ ଆଦର୍ଶ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ଆହ୍ୱାନ ଦେଇଛନ୍ତି।

ଭୁବନେଶ୍ୱରସ୍ଥିତ ପୋଲିସ ଭବନଠାରେ 'ମାନବ ଚୋରା ଚାଲାଣ' ସମ୍ପର୍କିତ ରାଜ୍ୟସ୍ତରୀୟ ସମ୍ମିଳନୀକୁ ଶୁକ୍ରବାର ଡିଜିପି ଖୁରାନିଆ ଉଦ୍‌ଘାଟନକରି କହିଲେ, ମାନବ ଚାଲାଣ ମାନବିକ ଅଧିକାରକୁ ଉଲ୍ଲଂଘନ କରିଥାଏ। ମହିଳା, ଶିଶୁ ଓ ଯୁବବର୍ଗଙ୍କୁ ସେମାନଙ୍କ ସମ୍ମାନ, ସ୍ୱାଧୀନତା ଓ ଭବିଷ୍ୟତରୁ ବଞ୍ଚିତ କରିଥାଏ। ଓଡ଼ିଶାରେ ଯୌନ ଶୋଷଣ, ବାଧ୍ୟତାମୂଳକ ଶ୍ରମ, ଘରୋଇ ଶିଶୁ ଶ୍ରମ ଏବଂ ଚାକିରି କିମ୍ବା ବିବାହ ଆଳରେ ଯୁବତୀଙ୍କୁ ଚାଲାଣ ଆଦି ଦେଖିବାକୁ ମିଳିଥାଏ। ଏହାକୁ ରୋକିବାରେ ସମନ୍ୱିତ ମାନବ ଚାଲାଣ ପ୍ରତିରୋଧ ଶାଖା (ଆଇଏଏଚ୍‌ଟିୟୁ) ଓ ଜିଲା ଶ୍ରମ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଇଏଏଚ୍‌ଟିୟୁ ଅଧିକାରୀମାନେ ଅନୁସନ୍ଧାନ ଓ ଉଦ୍ଧାର କରିବାର ମେରୁଦଣ୍ଡ ଭଳି। ଆଗାମୀ ଦିନରେ ଆଇଏଏଚ୍‌ଟିୟୁକୁ ଅଧିକ ମାନବ ସମ୍ବଳ ଯୋଗାଇଦେବା ସହ ଉପଯୁକ୍ତ ତାଲିମ ପ୍ରଦାନ ଓ ବୈଷୟିକ ଜ୍ଞାନ କୌଶଳରେ ଅଧିକ ଶକ୍ତିଶାଳୀ କରିବାକୁ ଉଦ୍ୟମ କରାଯାଉଛି। ଏହାସହ ମାନବ ଚାଲାଣରେ ସମ୍ପୃକ୍ତ ଥିବା ରାଜ୍ୟଗୁଡିକ ସହ ଉପଯୁକ୍ତ ସମନ୍ୱୟ ରଖାଯାଇ ଏହାକୁ ରୋକିବାରେ ପଦକ୍ଷେପ ଗ୍ରହଣ କରାଯାଉଛି। ପ୍ରଯୁକ୍ତି ବିଦ୍ୟାର ବ୍ୟବହାର, ଡିଜିଟାଲ୍ ଟ୍ରାକିଂ, ଡାଟା ଆନାଲିଟିକ୍ସ ଓ ନିରୀକ୍ଷଣ ମାଧ୍ୟମରେ ମାନବଚାଲାଣ ନେଟ୍‌ୱର୍କକୁ ଭାଙ୍ଗିବା ଆମର ପ୍ରମୁଖ ଉଦ୍ଦେଶ୍ୟ ବୋଲି ଡିଜିପି କହିଛନ୍ତି। ଚଳିତବର୍ଷ ଓଡ଼ିଶା ପୋଲିସ ପକ୍ଷରୁ ବିଭିନ୍ନ ସମୟରେ 'ଅପରେଶନ ଅନ୍ୱେଷଣ' ଆରମ୍ଭ କରାଯାଇ ୧୨୦୯ ଜଣ ନିଖୋଜ ଶିଶୁ ଓ ୬୬୬୭ଜଣ ନିଖୋଜ ମହିଳାଙ୍କୁ ଉଦ୍ଧାର କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।



'ମାନବ ଚୋରା ଚାଲାଣ' ସମ୍ପର୍କିତ ରାଜ୍ୟସ୍ତରୀୟ ସମ୍ମିଳନୀରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ସହ ଅନ୍ୟ ଅଧିକାରୀମାନେ।

ସମ୍ମିଳନୀରେ ଏନ୍‌ଡିଆର୍‌ଏଫ୍‌ର ଅବସରପ୍ରାପ୍ତ ଡିଜି ଡ. ପି.ଏମ୍.ନାୟାର ମାନବ ଚାଲାଣର ବିଭିନ୍ନ ଦିଗ, ପରିବର୍ତ୍ତିତ ପ୍ରବୃତ୍ତି ଓ ପ୍ରତିକାର ନେଇ ଆଲୋକପାତ କରିଥିଲେ। ସ୍ୱେଚ୍ଛାସେବୀ ସଙ୍ଗଠନ ମାଇଗ୍ରେଶନ ଏବଂ ଏଜୁକେଶନର ନିର୍ଦ୍ଦେଶକ ଉମି ଡାନିଏଲ ଯୋଗଦେଇ କହିଲେ, ଶ୍ରମିକ ଚାଲାଣ ସମସ୍ୟା ଦମନ ପାଇଁ ପୋଲିସ, ଶ୍ରମ ବିଭାଗ, ଜିଲା ପ୍ରଶାସନ, ସମାଜ ସେବା ବିଭାଗ ଆଦି ମିଳି ମିଶି କାମ କରନ୍ତୁ। ଏଥିସହ ପୀଡ଼ିତ ଶ୍ରମିକଙ୍କୁ ଉଦ୍ଧାର, ପୁନର୍ବାସ ଓ ଆଇନ ସହାୟତା ଯୋଗାଇବାରେ ସ୍ୱେଚ୍ଛାସେବୀ ସଂସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂକ୍ରାନ୍ତରେ କହିଥିଲେ। ସୁପ୍ରିମକୋର୍ଟର ଆଇନଜୀବୀ ରବିକାନ୍ତ ନିଖୋଜ ଶିଶୁମାନଙ୍କୁ ଉଦ୍ଧାରକରି ପରିବାର ଓ ସମାଜ ସହିତ ଯୋଡ଼ିବା ଏବଂ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ସହ ସମ୍ପୂର୍ଣ୍ଣ ନୂଆ ଜୀବନ ଯୋଗାଇଦେବା ଆଦି ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଗୃହ ମନ୍ତ୍ରଣାଳୟ ଡେପୁଟି କମାଣ୍ଡାଣ୍ଟ ସଞ୍ଜୟ କୁମାର ପ୍ରମୁଖ ମାନବ ଚୋରା ଚାଲାଣ ରୋକିବାରେ ନାଗରିକ ସମାଜ ଯଥା ସ୍ଥାନୀୟ ସଂଗଠନ, ଏନ୍‌ଜିଓ, ସଭା ସମିତି ଓ ସଚେତନ ନାଗରିକଙ୍କ ଭୂମିକା ସମ୍ପର୍କରେ କହିଥିଲେ। କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସିଏଡବ୍ଲ୍ୟୁ ଆଣ୍ଡ୍ ସିଡବ୍ଲ୍ୟୁ ଆଇଜି ଅବିନାଶ କୁମାର ଧନ୍ୟବାଦ ଦେଇଥିଲେ।



ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଅନ୍ୟମାନଙ୍କ ଗହଣରେ 'ଗୁରୁ ଦେବପ୍ରସାଦ ଜୀବନବ୍ୟାପୀ ସାଧନା ସମ୍ମାନ' ପାଇଥିବା ଗୁରୁ ଲକ୍ଷ୍ମୀଧର ରାଉଳ (ରାମଲୀଳା), ପଣ୍ଡିତ ଲକ୍ଷ୍ମୀକାନ୍ତ ପାଳିତ (ଓଡ଼ିଶୀ ସଙ୍ଗୀତ), ଗୁରୁ ଧନେଶ୍ୱର ସ୍ୱାଇଁ (ଓଡ଼ିଶୀ ମର୍ଦ୍ଦଳ) ଏବଂ ଭି. ଭି. ରମଣୀ (କଳା ସମୀକ୍ଷକ)।

# ୪ ପାଇଲେ 'ଗୁରୁ ଦେବପ୍ରସାଦ ଜୀବନବ୍ୟାପୀ ସାଧନା ସମ୍ମାନ'

ଭୁବନେଶ୍ୱର,୨୪।୧୦ (ସୌମ୍ୟରଞ୍ଜନ ରାଉତ)

ତ୍ରିଧାରା ପକ୍ଷରୁ ୧୯ତମ 'ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବ' ଓ 'ଭାରତ-ଜାପାନ-ମାଲେସିଆ ବନ୍ଧୁତା ଉତ୍ସବ' ଶୁକ୍ରବାର ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି। ସନ୍ଧ୍ୟାର ପ୍ରଥମ ଉପସ୍ଥାପନାରେ ଟିସାଟୋ ମିଉରା ଓ ନାଗୋୟାର ତ୍ରିଧାରା ଜାପାନ ଚାପ୍ଟରର ଶିଳ୍ପୀଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ ଉପସ୍ଥିତ ଦର୍ଶକ ଓ ଅତିଥିଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସେମାନେ ଦୁର୍ଗା ତାଣ୍ଡବ ପରିବେଷଣ କରିଥିଲେ, ଯାହା ରାଗ ତ୍ରିପଟା ଓ ତାଳ ଏକତାଳୀ ଉପରେ ନିବଦ୍ଧ ଥିଲା। ଏହାର ସଙ୍ଗୀତ ସଂଯୋଜନା କରିଥିଲେ ପଣ୍ଡିତ ଲକ୍ଷ୍ମୀକାନ୍ତ ପାଳିତ, ତାଳ ସଂଯୋଜନା କରିଥିଲେ ଗୁରୁ ଧନେଶ୍ୱର ସ୍ୱାଇଁ ଓ ନୃତ୍ୟ ସଂରଚନା କରିଥିଲେ ଗୁରୁ ଡ. ଗଜେନ୍ଦ୍ର



କୁମାର ପଣ୍ଡା। ପରେ ଜାପାନର ପ୍ରଖ୍ୟାତ କୁଚିପୁଡ଼ି ନୃତ୍ୟାଙ୍ଗନା ରିକୋ କୋଜିମାଙ୍କ ଦ୍ୱାରା ପରିବେଷଣ ହୋଇଥିଲା ଏକକ କୁଚିପୁଡ଼ି ନୃତ୍ୟ। ସେ ତାଳ-ଆଦିତାଳ ଏବଂ ରାଗ-ମୋହନା ଉପରେ

### ମନ୍ତ୍ରମୁଗ୍ଧ କଲା ଜାପାନୀ ନୃତ୍ୟଶିଳ୍ପୀଙ୍କ ଏକକ ନୃତ୍ୟ

ଆଧାରିତ କ୍ରିଷ୍ଣାଶବ୍ଦମ୍ ଉପସ୍ଥାପନ କରିଥିଲେ। ଏହାର ନୃତ୍ୟ ସଂରଚନା କରିଥିଲେ ଡ. ଭେମପତି ଚିନ୍ନା ସତ୍ୟମ୍। ଶେଷ ଉପସ୍ଥାପନାରେ ତ୍ରିଧାରାର କଳାକାରଙ୍କ ଦ୍ୱାରା ଦଳଗତ ଓଡ଼ିଶୀନୃତ୍ୟ ପରିବେଷଣ ହୋଇଥିଲା। ଏହି ଅବସରରେ ନୃତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ଜୀବନବ୍ୟାପୀ ଅବଦାନ ପାଇଁ ଗୁରୁ ଲକ୍ଷ୍ମୀଧର ରାଉଳ (ରାମଲୀଳା), ପଣ୍ଡିତ ଲକ୍ଷ୍ମୀକାନ୍ତ ପାଳିତ (ଓଡ଼ିଶୀ ସଙ୍ଗୀତ), ଗୁରୁ ଧନେଶ୍ୱର ସ୍ୱାଇଁ (ଓଡ଼ିଶୀ ମର୍ଦ୍ଦଳ) ଏବଂ ଭି. ଭି. ରମଣୀ (କଳା ସମୀକ୍ଷକ)ଙ୍କୁ ପ୍ରତିଷ୍ଠିତ 'ଗୁରୁ ଦେବପ୍ରସାଦ ଜୀବନବ୍ୟାପୀ ସାଧନା ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହ ଗୁରୁ ଡ. ଗଜେନ୍ଦ୍ର କୁମାର ପଣ୍ଡାଙ୍କ ରଚିତ ପୁସ୍ତକ 'ସଖୀ ନାଟରୁ ଓଡ଼ିଶୀ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭାଜପା ନେତା ସମୀର ମହାନ୍ତି, ଭାଜପା ଓବିସି ମୋର୍ଚ୍ଚାର ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ନାଗରିକ ପ୍ରତିରକ୍ଷା ମହାନିର୍ଦ୍ଦେଶକ ପିଏମ୍ ନାୟାର, ପ୍ରସାର ଭାରତୀର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁରେଶ ଚନ୍ଦ୍ର ପଣ୍ଡା, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା, ତ୍ରିଧାରାର କାର୍ଯ୍ୟକାରୀ ସମ୍ପାଦକ ସୀମାଞ୍ଚଳ ପଣ୍ଡା ଏବଂ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଡ. ଗଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପୁଣ୍ୟ ଦର୍ଶନ ସାହୁ କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ।

# ଭୁବନେଶ୍ୱର ନୂଆ-ହାଇଦ୍ରାବାଦ ସ୍ୱତନ୍ତ୍ର ଟ୍ରେନ୍‌ର ସମ୍ପ୍ରସାରଣ

ଭୁବନେଶ୍ୱର,୨୪।୧୦ (ଅନୁରାଧା ମହାରଣା)

ଭାରତୀୟ ରେଳପଥ ହାଇଦ୍ରାବାଦ-ଭୁବନେଶ୍ୱର ନୂଆ- ହାଇଦ୍ରାବାଦ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ସେବାକୁ ପୂର୍ବ ସୂଚିତ ସମୟ, ରହଣି ଏବଂ ସଂରଚନା ସହିତ ସମ୍ପ୍ରସାରଣ କରିବାକୁ ନିଷ୍ପତ୍ତି ନେଇଛି। ୦୭୧୬୫ ହାଇଦ୍ରାବାଦ-ଭୁବନେଶ୍ୱର ନୂଆ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍ ନଭେମ୍ବର ୨୫ ପର୍ଯ୍ୟନ୍ତ ହାଇଦ୍ରାବାଦରୁ ପ୍ରତି ମଙ୍ଗଳବାର ଚାଲିବ। ୦୭୧୬୬ ଭୁବନେଶ୍ୱର ନୂଆ-ହାଇଦ୍ରାବାଦ ସ୍ୱତନ୍ତ୍ର ଟ୍ରେନ୍ ନଭେମ୍ବର ୨୬ ପର୍ଯ୍ୟନ୍ତ ଭୁବନେଶ୍ୱର ନୂଆରୁ ପ୍ରତି ବୁଧବାର ଚାଲିବା ପାଇଁ ସମ୍ପ୍ରସାରଣ କରାଯାଇଛି। ଏହି ଟ୍ରେନ୍ ଉଭୟ ପଟୁ ସିକନ୍ଦରାବାଦ, ଚାର୍ଲାପାଲ୍ଲୀ, ନାଲଗୋଣ୍ଡା, ମିରିୟାଲାଗୁଡା, ସତେନାପାଲ୍ଲୀ, ଗୁଣ୍ଟୁର, ବିଜୟୱାଡା, ଗୁଡିଭାଡା, କାଇକାଲୁରୁ, ଆକିଭିଡ୍ଡୁ, ଭୀମଭରମ, ତନୁକୁ, ରାଜମଣ୍ଡ୍ରି, ସାମଲକୋଟ, ଆନ୍ନାଭରମ, ଅନାକାପାଲେ, ଦୁଭଭଡା, କୋଟାଭାଲସା, ବିଜୟନଗରମ୍, ଶ୍ରୀକାକୁଲମ ରୋଡ୍, ପଲାସା, ଖୋର୍ଦ୍ଧା ରୋଡ୍ ଏବଂ ଭୁବନେଶ୍ୱରରେ ରହଣି କରିବ। ଏହି ଟ୍ରେନରେ ୪ଟି ୨ୟ ଶ୍ରେଣୀ ଏସି କୋଚ୍, ୮ଟି ତୃତୀୟ ଶ୍ରେଣୀ ଏସି କୋଚ, ୬ଟି ସ୍ଲିପର୍ କୋଚ, ୨ଟି ଜେନେରାଲ କୋଚ, ୨ଟି ଲଗେଜ କମ୍ ଦିବ୍ୟାଙ୍ଗଜନ କୋଚ ଏବଂ ଜେନେରେଟର ମୋଟର କାର୍ ରହିବ।

# ମହିଳାଙ୍କୁ ସଚେତନ କରିବ ସିନେମା

ଭୁବନେଶ୍ୱର, ୨୪।୧୦(ସୁଚିସ୍ମିତା ସାହୁ)

ସିନେମା ହେଉଛି ସମାଜର ପ୍ରତିଛବି। ସିନେମାର କାହାଣୀ ଦର୍ଶକଙ୍କ ଚିନ୍ତାଧାରା ଓ ଭାବନାକୁ ଦୃଢ଼ ଭାବରେ ପ୍ରଭାବିତ କରିଥାଏ। ମହିଳା ସଶକ୍ତୀକରଣ ପ୍ରତି ସଚେତନତା ସୃଷ୍ଟିକରିବା ଉଦ୍ଦେଶ୍ୟରେ ଶୁକ୍ରବାର ସନ୍ଧ୍ୟାରେ ମହିଳା ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଚିବାଳୟ ସଂଘ ସହଯୋଗରେ ରାଜ୍ୟସ୍ତରୀୟ

### ପ୍ରତି ମାସ ୩ୟ ଶନିବାର ମହିଳା ସଚେତନତା ଚଳଚ୍ଚିତ୍ର ପ୍ରଦର୍ଶନ ହେବ

ଚଳଚ୍ଚିତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବହୁ ପୁରସ୍କାରପ୍ରାପ୍ତ ମହିଳା ସଶକ୍ତୀକରଣ ଉପରେ ଆଧାରିତ ହିନ୍ଦୀ ଚଳଚ୍ଚିତ୍ର 'ଲାପତା ଲେଡିଜ' ପ୍ରଦର୍ଶନ କରାଯାଇଥିଲା। ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କ ସମେତ ବିଭାଗୀୟ ଅଧିକାରୀବୃନ୍ଦ ଏବଂ ଓଡ଼ିଶା ସଚିବାଳୟ ସଂଘର ଅଧ୍ୟକ୍ଷ ବିବେକାନନ୍ଦ ସାମଲ ଯୋଗଦେଇଥିଲେ। ପ୍ରତି ମାସର ତୃତୀୟ ଶନିବାରରେ ସାମାଜିକ ସୁରକ୍ଷା ଓ ମହିଳା ସଶକ୍ତୀକରଣ ଉପରେ ଆଧାରିତ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ ବୋଲି ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ ଲୋକସେବା ଭବନର ବିଭିନ୍ନ ବିଭାଗରେ କାର୍ଯ୍ୟରତ ୪୫୦ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ।



ଚଳଚ୍ଚିତ୍ର 'ଲାପତା ଲେଡିଜ'ର ଏକ ଦୃଶ୍ୟ।

# ଏସ୍‌ଟିଏର ୩ ଦିନିଆ ଚଢ଼ାଉ ଅଭିଯାନ ଆଜିଠାରୁ

କଟକ,୨୪।୧୦(କାର୍ତ୍ତିକ ସାହୁ)

ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ରାଜ୍ୟରେ ୩ ଦିନିଆ ସ୍ୱତନ୍ତ୍ର ଚଢ଼ାଉ ଅଭିଯାନ ଶନିବାରଠାରୁ ଆରମ୍ଭ ହେବ। ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ, ମଦ୍ୟପାନ କରି ଗାଡ଼ି ଚାଳନା ଓ ପରମିଟ୍ ବା ଫିଟ୍‌ନେସ୍ ନ ଥାଇ ଗାଡ଼ି ଚଳାଇବା ଭଳି ବେଆଇନ କାର୍ଯ୍ୟ ଧରାପଡ଼ିଲେ ସମ୍ପୃକ୍ତ ଗାଡ଼ିଗୁଡ଼ିକ ଉପରେ ଇ-ଚାଲାଣ କଟାଯିବ। ଏଥିପାଇଁ ଏସ୍‌ଟିଏ ପକ୍ଷରୁ ସମସ୍ତ ଆର୍‌ଟିଓ, ଏମ୍‌ଭିଆଇଙ୍କ ସମେତ ସମସ୍ତ କର୍ମଚାରୀ ଚଢ଼ାଉରେ ସାମିଲ ହେବା ନିମନ୍ତେ ଶୁକ୍ରବାର ଚିଠି ଦ୍ୱାରା ନିର୍ଦ୍ଦେଶ ଦିଆଯାଇଛି।

# ଓଡ଼ିଶାର ୩ଜଣଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର

ଭୁବନେଶ୍ୱର,୨୪।୧୦ (ସୌମ୍ୟରଞ୍ଜନ ରାଉତ)

କେନ୍ଦ୍ର ସାହିତ୍ୟ ଏକାଡେମୀର ଅନୁବାଦ ପୁରସ୍କାର ୨୦୨୪ ପ୍ରଦାନ ସମାରୋହ ଶୁକ୍ରବାର କୋଲକାତା ଜାତୀୟ ଗ୍ରନ୍ଥାଗାରସ୍ଥିତ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ଭାଷା ଭବନ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ୩ଜଣ ଅନୁବାଦକ ସାହିତ୍ୟ ଏକାଡେମୀର ଅନୁବାଦ ପୁରସ୍କାର ଗ୍ରହଣ କରିଛନ୍ତି। ଓଡ଼ିଆ ଭାଷା ପାଇଁ ସୁଭାଷ ଚନ୍ଦ୍ର ଶତପଥୀ, ସଂସ୍କୃତ ପାଇଁ ସୋମନାଥ ଦାଶ ଏବଂ ତେଲୁଗୁ ଭାଷା ପାଇଁ ବ୍ରହ୍ମପୁର ନିବାସୀ ତୁର୍ଲାପାଟୀ ରାଜେଶ୍ୱରୀ ପୁରସ୍କୃତ ହୋଇଛନ୍ତି। ସାହିତ୍ୟ ଏକାଡେମୀ ସଭାପତି



ସୁଭାଷ ଚନ୍ଦ୍ର ଶତପଥୀ, ସୋମନାଥ ଦାଶ ଓ ତୁର୍ଲାପାଟୀ ରାଜେଶ୍ୱରୀ 'କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର' ଗ୍ରହଣ କରୁଛନ୍ତି।

ଡ. ମାଧବ କୌଶିକ ସମାରୋହରେ ଅଧ୍ୟକ୍ଷତା କରିବା ସହ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସେ କହିଲେ, ଭାରତୀୟ ସାହିତ୍ୟରେ ଅନୁବାଦ ବିଭାଗ ଖୁବ୍ ସମୃଦ୍ଧ। ମୁଖ୍ୟ ଅତିଥି ଭାବେ ବିଦ୍ୱାନ ପ୍ରଫେସର ସୁକାନ୍ତ ଚୌଧୁରୀ ଯୋଗଦେଇ କହିଲେ, ଭାଷା ଓ ସାହିତ୍ୟର ସମୃଦ୍ଧିରେ ଅନୁବାଦର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗୋଟିଏ ଭାଷା ସହ ଆଉ ଗୋଟିଏ ଭାଷା ମଧ୍ୟରେ ଏକ ସେତୁ ଭଳି କାମ କରିଥାଏ ଅନୁବାଦ। ତେଣୁ ଅନୁବାଦ କାର୍ଯ୍ୟ ସମ୍ପାଦନ କଲାବେଳେ ଅନୁବାଦକମାନେ ଖୁବ୍ ସତର୍କ ଓ ସଚେତନ ହେବା ଆବଶ୍ୟକ। ଅନୁବାଦ କାର୍ଯ୍ୟ ସାରା ଦେଶକୁ ଯୋଡ଼ିଥାଏ ବୋଲି ସେ କହିଥିଲେ। ଏହି ପୁରସ୍କାର ସମାରୋହରେ ବିଭିନ୍ନ ଭାରତୀୟ ଭାଷାର ଲେଖକ ଲେଖିକା ଯୋଗଦେଇଥିଲେ। ଏକାଡେମୀ ଉପାଧ୍ୟକ୍ଷ ପ୍ରଫେସର କୁମୁଦ ଶର୍ମା ସମାପନୀ ଭାଷଣ ଓ ସଚିବ ଡ. କେ. ଶ୍ରୀନିବାସରାଓ ସ୍ୱାଗତ ଭାଷଣ ଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପାର୍ବତୀ



@ ଲିଜା



@ ପୁପୁ



@ ଅଶୋକ



@ ଅକ୍ଷୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓଡ଼ିଆ ନ୍ୟୁଜ୍ ଚ୍ୟାନେଲର ପୂର୍ବତନ ଆଙ୍କର ଗିରଫ

ଭୁବନେଶ୍ୱର,୨୪।୧୦(ସତ୍ୟଜିତ ରାଉତ)

## କାର୍ଯ୍ୟକାରୀ ସମ୍ପାଦକଙ୍କୁ ଗାଳି, ମାନହାନିଜନକ ପୋଷ୍ଟ

ଏକ ଘରୋଇ ଓଡ଼ିଆ ନ୍ୟୁଜ୍ ଚ୍ୟାନେଲର କାର୍ଯ୍ୟକାରୀ ସମ୍ପାଦକଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ ବିରୋଧରେ ମାନହାନିଜନକ ପୋଷ୍ଟ କରିବା ଅଭିଯୋଗରେ ଖଣ୍ଡଗିରି ପୋଲିସ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫକରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଚ୍ୟାନେଲର ପୂର୍ବତନ ଆଙ୍କର ଶ୍ରୀବତ୍ସ ଧଳ। ତାଙ୍କଠାରୁ ନିଯୁକ୍ତିପତ୍ର ଓ ସାଲାରି ସାର୍ଟିଫିକେଟ୍ ଜବତକରି ପୋଲିସ ତଦନ୍ତ କରୁଛି। ପୋଲିସ ସୂଚନା ଅନୁଯାୟୀ, ୨୦୨୦ ମସିହାରୁ ଉକ୍ତ ନ୍ୟୁଜ୍ ଚ୍ୟାନେଲରେ ଆଙ୍କର ଭାବରେ ଶ୍ରୀବତ୍ସ କାର୍ଯ୍ୟ କରୁଥିଲେ। ସେ କାର୍ଯ୍ୟକାରୀ ସମ୍ପାଦକ ଦେବନାରାୟଣ ସେଠୀଙ୍କୁ ବାରମ୍ବାର ହଇରାଣକରି ଧମକ ଦେଉଥିଲେ। ଅଗଷ୍ଟ ୧୧ରେ ଜଣେ ମହିଳା ଆଙ୍କରଙ୍କ ଅଭିଯୋଗ ବିଷୟରେ ଆଲୋଚନା ପାଇଁ ସିଇଓଙ୍କ ଚାମ୍ବରରେ ବୈଠକ ଚାଲିଥିବା ସମୟରେ ଶ୍ରୀବତ୍ସ ସେଠାକୁ ଆସି ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଅଭିଯୁକ୍ତ ଶ୍ରୀବତ୍ସ ପୂର୍ବରୁ ମଧ୍ୟ ସମାନ ପ୍ରକାର ଅସଦାଚରଣ ପାଇଁ ନିଲମ୍ବିତ ହୋଇଥିଲେ। ଫଳରେ ଅଗଷ୍ଟ ୧୫ରେ ଶ୍ରୀବତ୍ସଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ସେବେଠାରୁ ସେ ଫେସ୍‌ବୁକ୍ ଏବଂ ୟୁଟ୍ୟୁବ୍‌ରେ ଅଭିଯୋଗକାରୀଙ୍କ ବିରୋଧରେ ମାନହାନିଜନକ କଣ୍ଟେଣ୍ଟ ପୋଷ୍ଟକରି ବଦନାମ କରୁଥିଲେ। ଏନେଇ ଦେବନାରାୟଣଙ୍କ ଏତଲାକ୍ରମେ ଖଣ୍ଡଗିରି ଥାନା ଅକ୍ଟୋବର ୫ରେ ମାମଲା (ନଂ.୭୧୯/୨୦୨୫) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା।

**ଯୁବତୀଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ**

ସୁନ୍ଦରଗଡ଼,(ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ଼ ଜିଲା ଧରୁଆଡିହ ଥାନା ପୋଲିସ ଶୁକ୍ରବାର ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଘୁପଡା ଗ୍ରାମର ବୈକୁଣ୍ଠ ତାଜନ(୪୪)। ଧରୁଆଡିହ ଥାନା ପୋଲିସ ମାମଲା ନଂ. ୨୧୩/୨୫ ରୁଜୁ ସହ ତାଙ୍କୁ କୋର୍ଟ ଚାଲାଣ କରି ଘଟଣାର ତଦନ୍ତ କରୁଛି। ପୋଲିସ ସୂଚନା ଅନୁଯାୟୀ, ବିବାହିତ ତାଜନ ତାଙ୍କ ପଡ଼ୋଶୀ ଯୁବତୀଙ୍କୁ ହତ୍ୟା ଭୟ ଦେଖାଇ ୩ରୁ ୪ ଥର ବଳାତ୍କାର କରିଥିଲେ। ଏନେଇ ପୀଡ଼ିତା ଜଣକ ଗୁରୁବାର ସନ୍ଧ୍ୟାରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ।



2. **Four (04) passport size photographs tagged** with the Application Form."
3. **H.S.C. or Equivalent Certificate** in support of declaration of age."
4. Intermediate /+2 Examination/ Diploma Certificate issued by the concerned Board/Council;
5. **B.E./ B. Tech Degree Certificate** issued by the recognized University/Institution;
6. **Mark-sheets** in support of all the aforesaid Examination **(H.S.C to B.E./B.Tech Degree)** passed including fail marks, if any, issued by the concerned Board / Council /University/institution.
7. **Conversion Certificate/ Conversion Formula** in case of award of grades/ credits/ - hours in B.E./B.Tech.
8. Required **Odia Test Pass Certificate** issued within 15.02.2025.
9. **Caste Certificate by birth** in Support of claim as SCs/ STs/S.E.B.Cs (Please see and refer Note- 2 of the Advertisement) issued within 15.02.2025.
10. **SEBC Certificate** must be issued within 3 years prior to the last date of submission of online application form, wherever applicable.
11. **Release Certificates** issued **within 15.02.2025** by the Commanding Officer of the Unit last served along with affidavit/undertaking to the effect not being appointed against any civil post after retirement from military service, in case of Ex-Servicemen candidate.
12. **No Objection Certificate** issued by the Competent Authority in-case of Government servants.
13. **Permanent Disability Certificate** indicating percentage of disability (i.e., **40% and more**) issued **within 15.02.2025;** wherever applicable.
14. **Sports Identity Card/Certificate issued withing 15.02.2025** by the Director of Sports Odisha; wherever applicable.
15. **Any proof of photo Identity i.e. Aadhar/EPIC/DL/Passport/PAN Card.**
16. **Attestation Form** duly filled-in by the candidate and signed by a Gazetted Officer (to be downloaded from the website of the Commission).
17. **Bio-data Form (CIF)** (to be downloaded and pasted affixed duly filled in with passport size photograph).
18. Any other documents as per Para-11 of the Advertisement.

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date on the same**.

OIPR-12002/11/0332/2526 Sd./- Secretary

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସାଇ ସତ୍ୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଷ୍ଟଲଲାୟନ୍ସ, ୟୁବି ରକଷ୍ଟାର୍ସ ବିଜେତା

ଭୁବନେଶ୍ୱର, ୨୪।୧୦ (ତପନ ସ୍ୱାଇଁ)

ଘାଟିକିଆ ହାଇସ୍କୁଲ ପଡ଼ିଆରେ ଚାଲିଥିବା ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗ (ସିପିଏଲ)ରେ ଶୁକ୍ରବାର ଷ୍ଟଲଲାୟନ୍ସ, ୟୁବି ରକ୍‌ଷ୍ଟାର୍ସ, ଟାଇଟନ୍ସ ଓ ସିଡିଏ ଲାୟନ୍ସଦଳ ବିଜୟୀ ହୋଇଛି। ଓଡିଟେକ୍ ଏକାଦଶ ଓ ଓଡ଼ିଶା ଷ୍ଟଲଲାୟନ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ଓଡିଟେକ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ଓଭରରେ ୯ ଉଇକେଟ ହରାଇ ୮୬ ରନ୍ କରିଥିଲା। ଜବାବରେ ଷ୍ଟଲଲାୟନ୍ସ ୭.୨ ଓଭରରେ ୪ ଉଇକେଟ ହରାଇ ବିଜୟୀ ହୋଇଥିଲା। ଟାଇଟନ୍ସ ଓ ୟୁବି ରକ୍‌ଷ୍ଟାର୍ସ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଖେଳାଯାଇଥିଲା। ଟାଇଟନ୍ସ ପ୍ରଥମେ ବ୍ୟାଟିଂ କରି ୫ ଉଇକେଟ ହରାଇ ୮୯ ରନ୍ କରିଥିଲା। ରକ୍‌ଷ୍ଟାର୍ସ ୭.୨ ଓଭରରେ ୫ ଉଇକେଟ ହରାଇ ମ୍ୟାଚ ଜିତିଥିଲା। ସେହିପରି ଟାଇଟନ୍ସ ଓ ସେଫରିଷ୍କ ୱାରିୟର୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଟାଇଟନ୍ସ ୬ ଉଇକେଟ ହରାଇ ୮୭ ରନ୍ କରିଥିଲା। ଜବାବରେ ୱାରିୟର୍ସ ୭.୨ ଓଭରରେ ୪୫ ରନକରି ଅଲଆଉଟ୍ ହୋଇଥିଲା। ଅନ୍ୟ ମ୍ୟାଚ୍ ଗୁଡ଼ିକରେ ସିଡିଏ ଲାୟନ୍ସ ୨୯ ରନ୍‌ରେ ସାନ ଏକାଦଶକୁ ଏବଂ ବବ୍‌ଦେ ପୁରୁଷୋତ୍ତମ ୭ ଉଇକେଟରେ ସର୍ଜିକାଲ ଷ୍ଟ୍ରାଇକର୍ସଙ୍କୁ ପରାସ୍ତ କରିଛି। ଲିଗ୍‌ରେ ମୋଟ୍ ୧୦ଟି କର୍ପୋରେଟ୍ ଦଳ ଭାଗ ନେଇଛନ୍ତି। ସେମାନଙ୍କୁ ୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଦ୍ୱିତୀୟ ଦିବସରେ ରାଜୀବ ପଣ୍ଡା ଓ ଦରିଦ୍ର ନାରାୟଣ ନାୟକ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଆନ୍ତଃସ୍କୁଲ ଫୁଟ୍‌ବଲ: କିସ୍ ଚାମ୍ପିୟନ



ଚାମ୍ପିୟନ କିସ୍ ସ୍କୁଲ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୨୪।୧୦ (ତପନ ସ୍ୱାଇଁ)

ଭୁବନେଶ୍ୱର ଭେଟେରାନ ଫୁଟବଲ ପ୍ଲେୟର୍ସ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ୟୁନିଲାଇଟ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ କିସ୍ ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ କିସ୍ ସ୍କୁଲ ୩-୦ ଗୋଲରେ ଓଡିଏମ୍ ଗ୍ଲୋବାଲକୁ ପରାସ୍ତ କରିଛି। ବିଜୟୀ ଦଳର ସୋନାରାମ ସୋରେନ, ଉପେନ୍ଦ୍ର ଅମାନତିୟ ଓ ରାଜୁ ମାରାଣ୍ଡି ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଓଡିଏମ୍ ପବ୍ଲିକ୍ ସ୍କୁଲ ୩-୧ ଗୋଲରେ ୟୁନିଟ-୧ ହାଇସ୍କୁଲକୁ ପରାସ୍ତ କରିଛି। ଚାମ୍ପିୟନ କିସ୍ ଦଳକୁ ଟ୍ରଫି ସହ ୧୫,୦୦୦ ଓ ରନରଅପ୍ ଓଡିଏମ ଗ୍ଲୋବାଲକୁ ୧୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ବିନୋଦ କାନଦେକେଲ ଶ୍ରେଷ୍ଠ ଗୋଲକିପର, ସୋନାରାମ ସୋରେନ ଶ୍ରେଷ୍ଠ ଫରୱାର୍ଡ, ରାଜୁ ମାଡ୍ରି ଶ୍ରେଷ୍ଠ ମିଡ୍ ଫିଲ୍ଡର, ଓଜେସ ପଟାକାର ଶ୍ରେଷ୍ଠ ଡିଫେଣ୍ଡର ବିବେଚିତ ହୋଇଥିଲେ। ମଧ୍ୟାନ୍ତରରେ ନୟାପଲ୍ଲୀ ଭଗବତ ଗୀତା ବିଦ୍ୟା ମନ୍ଦିର ସ୍କୁଲ ପିଲାଙ୍କ ବ୍ୟାଣ୍ଡ ବାଦନ ଉଚ୍ଚ ପ୍ରଶଂସିତ ହୋଇଥିଲା। ବିଧାୟକ ବାବୁ ସିଂ, ଭାଜପା ନେତା ଜଗନ୍ନାଥ ପ୍ରଧାନ, ୟୁନିଲାଇଟର ଉପସଭାପତି ଦେବବ୍ରତ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆସୋସିଏଶନ ସଭାପତି ନବରଞ୍ଜନ ପଟ୍ଟନାୟକ, ଉପସଭାପତି ବିବେକାନନ୍ଦ ଦାସ, ସମ୍ପାଦକ ପ୍ରଫୁଲ୍ଲ ମିଶ୍ର ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଭାରତ-ଅଷ୍ଟ୍ରେଲିଆ ଶେଷ ଦିନିକିଆ ଆଜି

ସିଡନୀ, ୨୪।୧୦

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ଏଠାରେ ଶନିବାର ଖେଳାଯିବ। ପ୍ରଥମ ଦୁଇଟି ମ୍ୟାଚ ଜିତିବା ଦ୍ୱାରା ଘରୋଇ ଦଳ ୨-୦ରେ ଅଗ୍ରଣୀ ସହ ଗୁରୁବାର ଗୋଟିଏ ମ୍ୟାଚ ବାକିଥାଇ ଆଗୁଆ ସିରିଜ କବ୍‌ଜା କରି ନେଇଛି। ସିରିଜ ହାରିଯାଇଥିଲେ ସୁଦ୍ଧା ଶନିବାର ମ୍ୟାଚରେ ସାନ୍ତ୍ୱନାମୂଳକ ବିଜୟ ହାସଲ କରିବାକୁ ଚାହିଁବ ଭାରତ। ଏହି ସିରିଜରେ ସମସ୍ତଙ୍କ ନଜର ଉଭୟ ଟେଷ୍ଟ ଓ ଟି୨୦ରୁ ଅବସର ନେଇସାରିଥିବା ଦୁଇ ସିନିୟର ବ୍ୟାଟର ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ପ୍ରଦର୍ଶନ ଉପରେ ଥିଲା। କୋହଲି କ୍ରମାଗତ ଦୁଇଟି ମ୍ୟାଚରେ ବିନା କୌଣସି ରନରେ ଆଉଟ ହୋଇ ତାଙ୍କ ସମର୍ଥକଙ୍କୁ ନିରାଶ କରିଛନ୍ତି। ଅନ୍ୟପକ୍ଷରେ ପ୍ରଥମ ମ୍ୟାଚରେ ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିବା ରୋହିତ ୯୭ ରନରୁ ୭୩ରନ ସଂଗ୍ରହ କରିଥିଲେ, ହେଲେ ଦଳକୁ ଜିତାଇବାରେ ସହାୟକ ହୋଇପାରି ନ ଥିଲେ। ରୋହିତ ଏଠାକୁ ପ୍ରଥମେ ୨୦୦୭-୦୮ରେ ସିବି ସିରିଜ ଖେଳିବାକୁ ଆସିଥିବାବେଳେ କୋହଲି ୨୦୧୧-୧୨ ସିଜନରେ ସିନିୟର ଦଳ ସହିତ ଆସି ଆଡିଲେଡ୍‌ରେ ଏକ ଶତକ ଲଗାଇଥିଲେ। ଆସନ୍ତା ଦୁଇ ବର୍ଷ ମଧ୍ୟରେ ଅଷ୍ଟ୍ରେଲିଆରେ ଦିନିକିଆ ସିରିଜ ଖେଳାଯିବାର ଯୋଜନା ନାହିଁ, ତେଣୁ ଏହି ଦୁଇ ଖେଳାଳିଙ୍କୁ ପୁନର୍ବାର ଡାଉନ ଅଣ୍ଡରରେ ଭାରତୀୟ ଦଳ ସହିତ ଦେଖିବାକୁ ମିଳିବା ଅସମ୍ଭବ ମନେହେଉଛି। ଆଉ ଦୁଇବର୍ଷ ପରେ ଦିନିକିଆ ବିଶ୍ୱକପ୍ ହେବାର କାର୍ଯ୍ୟକ୍ରମ ରହିଥିବାରୁ କୋଚ୍ ଗୌତମ ଗମ୍ଭୀରଙ୍କ ଭାରତୀୟ ଦଳ ୦-୩ରେ ସିରିଜ ଆଣିବା ପାଇଁ ଚାହିବ ନାହିଁ। ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡର ରେକର୍ଡ ଉପରେ ନଜର ପକାଇଲେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏଠାରେ ଅନୁଷ୍ଠିତ ଗତ ୫ ଅନ୍ତର୍ଜାତୀୟ ଦିନିକିଆରେ 'ମେନ୍ ଇନ୍ ବ୍ଲୁ' ଦଳ ଥରେ ମାତ୍ର ବିଜୟ ଲାଭ କରିପାରିଛି। ଗମ୍ଭୀର ସିରିଜର ଅନ୍ତିମ ମ୍ୟାଚରେ ଉଭୟ ଅଧିନାୟକ ଶୁବମନ ଗିଲ୍ ଓ କୋହଲିଙ୍କଠାରୁ ପ୍ରଭାବୀ ବ୍ୟାଟିଂ ଆଶା କରୁଛନ୍ତି। ଆଡେଲିଡ୍ ଓଭାଲଠାରେ ଅଷ୍ଟ୍ରେଲୀୟ ବ୍ୟାଟରମାନେ ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦରଙ୍କ ବୋଲିଂ ବେଳେ ରନ ସଂଗ୍ରହ କରିବା ଲାଗି ସଂଘର୍ଷ କରୁଥିବା ଲକ୍ଷ୍ୟ କରାଯାଇଥିଲା। ଏପରି ସ୍ଥଳେ କୁଲଦୀପ ଯାଦବଙ୍କ ଭଳି ମ୍ୟାଚ ୱିନର ବୋଲରଙ୍କୁ ଅଣଦେଖା କରାଯିବା ଉଚିତ ନ ଥିଲା।

# Classified Everyday
## 0674-2580101, 9692975378




## REAL ESTATE SALE

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/Duplex ଅଛି- 8327785341 D-06

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912. D-05

Gharabari bounded plot 10000sq.ft and 2400sq.ft for sale. Adjacent to Meera's Courtyard at Kurunti near Kuranga footballfield, 200mtr. from Niali-Nakhara SH Cuttack sadar. Contact- 9861044442. D-2364

ସ୍ଥିତିବାନ୍ ପ୍ଲଟ୍ ପିତାପଲ୍ଲୀ **N.H.-16** ପାଖରେ **Litigation free 30ft. Road,** ଇଲେକ୍ଟ୍ରି, **Possession** ଥାଇ ଉପଲବ୍ଧ। **6372526344.** D-04

Bhubaneswar Gothapatna 100ft ମେନ୍‌ରୋଡକୁ ଲାଗି ଘରବାରି ପ୍ଲଟ୍ ମିଳୁଛି। 9090963952। D- 07




Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2310

Newly open Jyoti spa positively health benefits (Expert therapist). 8458067955. D-76942

### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LOST

ମୁଁ ଜ୍ୟୋତ୍ସ୍ନାରାଣୀ ଧନି ଘୋଷଣା କରୁଅଛି କି ମୋର ମୂଳ କବଲା ଓ ମୂଳପଟ୍ଟା ଯାହାର ନମ୍ବର ୫୯୦୨, ତାରିଖ ୦୧।୦୬।୨୦୦୬, ଖାତା ନମ୍ବର- ୨୭୦/୧୮୬୯, ପ୍ଲଟ୍ ନମ୍ବର- ୬୦୨/୨୭୦୬, ଏରିଆ- ୦.୦୪୪ ଡିସିମିଲ ର କାଗଜପତ୍ର କେଉଁଆଡେ ହଜିଯାଇଅଛି। ଏ ବିଷୟରେ ମୁଁ ଟମାଣ୍ଡୋ ପୋଲିସ ଷ୍ଟେସନରେ ଲିଖିତ ଅଭିଯୋଗ କରିଅଛି, ଯାହାର କେସ୍ ନମ୍ବର- ୨୦୬୫ ଓ ତାରିଖ- ୧୬।୧୦।୨୦୨୫ ଅଟେ। ଯଦି କୌଣସି ବ୍ୟକ୍ତି ପାଆନ୍ତି ତେବେ ଉକ୍ତ ନମ୍ବର-୭୦୦୮୬୪୫୫୫୪ ରେ ଯୋଗାଯୋଗ କରିବେ। ଧ- ୨୩୬୯

## AFFIDAVIT

By virtue of an affidavit sworn before Notary Public, Kantabanji, on 22.10.2025, that in my educational documents and Aadhar Card my name mentioned as "PUSPANJALI SAHOO" but in my Bank Account of Bank of Baroda my name is wrongly recorded as "PUSPANJALI SAHU" whereas PUSPANJALI SAHU and PUSPANJALI SAHOO of Village/P.O./P.S.- Kantabanji Ward No.7, Dist.Balangir, Odisha is same and one person. D-2362

I, Sri Aurobindo Das, son of Santanu Kumar Das, being the elder son of Late Kalyani Das, owner of Plot No. 129, Ashok Nagar, hereby inform the public that certain strangers, along with some of my relatives, have forcibly entered the said premises and illegally carried out construction activities on the property. Please note that Civil Suit No. CS 948/18/15 regarding this property is currently pending before the Learned Court at Bhubaneswar. Any person any illegal activity, sale, purchase, lease or construction on the aforementioned property own risk and will be liable for punishment under the law.
Sri Aurobindo Das D-2363

I, Rasmita Parhi, W/o- Srimay Kumar Panda, Resident of Block-C-1204, Falcon Crest, Shyampur, P.O.- Ghatikia, Bhubaneswar, Khorda, Odisha, PIN- 751029 declare by this affidavit No. 79AA143484, dtd.- 22.10.2025 that now onwards I shall be known as Rasmita Padhi for all future puposes. D-2365

By virtue of an affidavit sworn before Executive Magistrate, Cuttack, dated- 16-10-2025, I, Prashant Nayak, Address : Village- Telunia, P.O.- Mugagahira, Dist.- Cuttack- 754031, Odisha, declare that I have changed the name of my daughter Mamali Nayak to Chandrakanti Nayak. Henceforth, she shall be known as Chandrakanti Nayak for all purposes.
Prashant Nayak D-2366

By virtue of an affidavit sworn before Executive Magistrate, Khallikote, Ganjam, dated- 15.04.2025, I, Saraswati Mahankuda, W/o.- Pankaj Mahankuda address: At/P.O.-Kairasi, P.S./Tahasil- Khallikote, Dist.- Ganjam, Odisha, PIN- 761029 declare that I have changed my name from Buli Mahankuda to Saraswati Mahankuda. Henceforth, I shall be known as Saraswati Mahankuda for all purposes.
Saraswati Mahankuda D-2367

By virtue of an affidavit sworn before Executive Magistrate, Bhadrak, dtd. 14.10.2025, I, Urmilabala Dash (55 yrs), W/o.- Lakshman Dash, Vill.- Paitipur, P.O.- Tiadisahi, P.S- Pirahat, Dist.- Bhadrak, Odisha declare that I have changed my name in my LIC policy bearing No. 598123671 from Sashikala Dash. to Urmilabala Dash. Henceforth, I shall be known as Urmilabala Dash for all purposes. D-2370

By virtue of an affidavit sworn before Executive Magistrate, Bonth, dtd.- 09.10.2025, I, Sujata Bharati, W/o.- Kamal Kumar Bharati, Vill.- Pachhalo, P.O.- Kasimpur, P.S.- Dhusuri, Dist.- Bhadrak, PIN- 756119, Odisha declare that I have changed my minor daughter's name from Jyotir Mayee Bharati to Ankita Bharati. Henceforth, She shall be known as Ankita Bharati for all future purposes. D-2371

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



### ୰କାର୍ତ୍ତିକେଶ୍ୱର ସାହୁ
ବୟାଳିଶବାଟି,ଗୋପ, ପୁରୀ

ଚଳିତ କାର୍ତ୍ତିକମାସ କୃଷ୍ଣପକ୍ଷ ଦଶମୀ ତିଥି ଇଂରାଜୀ ତା ୧୫।୧୦।୨୦୨୫ ରିଖ (ବୁଧବାର) ଅପରାହ୍ନ ୪ ଘଟିକା ସମୟରେ ଗୋପ ବ୍ଲକ ସ୍ଥିତ ବୟାଳିଶବାଟି ବାସଭବନରେ ଆମର ପୂଜ୍ୟ କାର୍ତ୍ତିକେଶ୍ୱର ସାହୁ ଆମକୁ ଶୋକ ସାଗରରେ ଭସାଇ ଦେଇ ଇହଲୀଳା ସମ୍ବରଣ କରିଛନ୍ତି। ସେ ଜଣେ ପରୋପକାରୀ ଓ ମିଷ୍ଟଭାଷୀ ଗୁଣୀଜ୍ଞାନୀ ମଣିଷ ଭାବେ ଗୋପ ବ୍ଲକ ଅଞ୍ଚଳରେ ପରିଚିତ ଥିଲେ। ୧୯୯୭ ମସିହା ଅକ୍ଟୋବର ୨୯ ତାରିଖ ଦିନ ତାଙ୍କର ଜନ୍ମଦିବସ ଅବସରରେ ଗୋପ ବ୍ଲକ ଅନ୍ତର୍ଗତ ଶିମିଳି ପଞ୍ଚାୟତ ର ନୂଆଁ ଗାଁ ଠାରେ ଗ୍ରାମାଞ୍ଚଳରେ ଗୁଣାତ୍ମକ ଶିକ୍ଷାର ବିକାଶ ଓ ଗରିବ ପିଲାମାନଙ୍କ ଲାଗି କାର୍ତ୍ତିକେଶ୍ୱର ବିଦ୍ୟାପୀଠ ପ୍ରତିଷ୍ଠା କରିଥିଲେ। ଏବେ ଏହି ବିଶ୍ୱବିଦ୍ୟାଳୟଟି ରାଜ୍ୟରେ ନିଜର ଗରିମା ଜାହିର କରି ପାରିଛି। ତାଙ୍କର ଆତ୍ମାର ସଦଗତି କାମନାରେ ତାଙ୍କର ହତଭାଗ୍ୟ ପୁତ୍ର ବିପିନ, ନିରଞ୍ଜନ, କୃଷ୍ଣ ଓ ପୁତ୍ରୀ ଲିଲିଙ୍କ ସହିତ ପରିବାରବର୍ଗ।
ଧ-୨୩୬୧

### ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



### ୰ପୁଷ୍ପଶ୍ରୀ ସିଂହ
ନରସିଂହପୁର, ଦଶପଲ୍ଲା, ନୟାଗଡ଼
ଆବିର୍ଭାବ: ୦୫।୦୮।୧୯୬୭
ତିରୋଧାନ: ୦୪।୧୧।୨୦୨୪
(ନାଗଚତୁର୍ଥୀ)

ଚାହୁଁ ଚାହୁଁ ବର୍ଷେ ପୂରିଗଲା, ଅନୁଭବ କରିହେଉନି ତୁମେ ଆମ ପାଖରେ ନାହିଁ ବୋଲି, ସମସ୍ତଙ୍କ ମନ ନେଇ ତୁମେ ଆମ ପାଖରେ ଯେମିତି ଥିଲ, ଠିକ୍ ସେହିପରି ଆତ୍ମମାନଙ୍କ ପାଖରେ ଅଛ, ତୁମେ ଯେଉଁଠି ଥାଅ, ଭଲରେ ଥାଅ, ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ:
ସ୍ୱାମୀ- ନନ୍ଦ କିଶୋର ସିଂହ, ପୁଅ- ଅସୀମ ଅମିତାଭ ସିଂହ(ହାପି), ବୋହୂ- ଲୀନା ସିଂହ(ଲାଲି), ନାତୁଣୀ- ଗୁହି ଓ ଜୁହି।
ଧ-୨୩୬୦

## LEGAL NOTICE

Letter No. 1904
date- 17.10.2025

ମାନ୍ୟବର ଆଡିସନାଲ କମିଶନର ଶ୍ରୀ ପ୍ରଦୀପ କୁମାର ନାୟକ, (ଭାରତୀୟ ପ୍ରଶାସନିକ ସେବା), ଆଡିସନାଲ ରିଭିଜନ୍ କୋର୍ଟ ନଂ୪ମ୍ବରଙ୍କ ଅଦାଲତ, ଭୁବନେଶ୍ୱର, ଚତୁର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲଡିଙ୍ଗ, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ୯୮୩/୨୦୨୩ମ୍ବର

ଶ୍ରୀ ସୁଶାନ୍ତ କୁମାର ବେହେରା, .......ବାଦୀ/ ଦରଖାସ୍ତକାରୀ

ବନାମ

ଓଡ଼ିଶା ସରକାର ଓ ଅନ୍ୟମାନେ ...... ପ୍ରତିବାଦୀ/ ଅପରପକ୍ଷ

ପ୍ରାପ୍ତେଷୁ,

ପ୍ରତିବାଦୀ ନଂ୫(ଏ)ମ୍ବର: ନବଘନ ବେହେରା, ପିତା: ସ୍ୱର୍ଗତ ଶତ୍ରୁଘ୍ନ ବେହେରା, ପ୍ରତିବାଦୀ ନଂ୫(ବି)ମ୍ବର: ଆରତୀ ବେହେରା, ପିତା: ସ୍ୱର୍ଗତ ଶତ୍ରୁଘ୍ନ ବେହେରା, ପ୍ରତିବାଦୀ ନଂ୬(ଏ)ମ୍ବର: ଆରତୀ ବେହେରା, ସ୍ୱାମୀ: ସ୍ୱର୍ଗତ ସନାତନ ବେହେରା, ପ୍ରତିବାଦୀ ନଂ୭ମ୍ବର: ନବଘନ ବେହେରା, ପିତା: ସ୍ୱର୍ଗତ ଶତ୍ରୁଘ୍ନ ବେହେରା ଏସମସ୍ତଙ୍କର ବାସସ୍ଥାନ: ଗାଡ଼କଣ, ପୋଷ୍ଟ: ମଞ୍ଚେଶ୍ୱର ରେଲୱେ ଷ୍ଟେସନ, ଥାନା: ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା)।

ପ୍ରତିବାଦୀ ନଂ୮(ଏ)ମ୍ବର: ରମ୍ଭା ବେହେରା, ସ୍ୱାମୀ: ସ୍ୱର୍ଗତ ବସନ୍ତ ବେହେରା, ପ୍ରତିବାଦୀ ନଂ୯ମ୍ବର : ଜୟୀରାମ ବେହେରା, ପିତା: ସ୍ୱର୍ଗତ ମଥୁରୀ ବେହେରା, ପ୍ରତିବାଦୀ ନଂ୧୦(ଏ)ମ୍ବର: ପ୍ରଫୁଲ୍ଲ କୁମାର ବେହେରା, ପିତା: ସ୍ୱର୍ଗତ ଉଦ ବେହେରା, ପ୍ରତିବାଦୀ ନଂ୧୦(ବି)ମ୍ବର: ବାଙ୍କୁ ବେହେରା, ପିତା: ସ୍ୱର୍ଗତ ଭଜ ବେହେରା, ପ୍ରତିବାଦୀ ନଂ୧୧ମ୍ବର: ଜଳଧର ବେହେରା, ପିତା: ସ୍ୱର୍ଗତ ମଥୁରୀ ବେହେରା, ପ୍ରତିବାଦୀ ନଂ୧୨ମ୍ବର: କାଳୀ ବେହେରା, ପିତା: ସ୍ୱର୍ଗତ ମଥୁରୀ ବେହେରା, ପ୍ରତିବାଦୀ ନଂ୧୩ମ୍ବର: ସୁଲ ବେହେରା, ପିତା: ସ୍ୱର୍ଗତ ମଥୁରୀ ବେହେରା, ପ୍ରତିବାଦୀ ନଂ୧୪ମ୍ବର: ବୁଢ଼ୀ ବେହେରା, ସ୍ୱାମୀ: ସ୍ୱର୍ଗତ ମଥୁରୀ ବେହେରା, ଏସମସ୍ତଙ୍କର ବାସସ୍ଥାନ: ଗାଡ଼କଣ, ପୋଷ୍ଟ: ମଞ୍ଚେଶ୍ୱର ରେଲୱେ ଷ୍ଟେସନ, ଥାନା: ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା)।

ନୋଟିସ

ସି.ପି.ସି. ଅର୍ଡର- ୫, ରୁଲ-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ- ୧୯୫୮ ଧାରା ୧୫(ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଆଡିସନାଲ ରିଭିଜନ କୋର୍ଟ ନଂ୪ମ୍ବର, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ଶ୍ରୀ ସୁଶାନ୍ତ କୁମାର ବେହେରା, ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ୫(ଏ)ମ୍ବର, ନଂ୫(ବି)ମ୍ବର, ନଂ୬(ଏ)ମ୍ବର, ନଂ୭ମ୍ବର, ନଂ୮(ଏ)ମ୍ବର, ନଂ୯ମ୍ବର, ନଂ୧୦(ଏ)ମ୍ବର, ନଂ୧୦(ବି)ମ୍ବର, ନଂ୧୧ମ୍ବର, ନଂ୧୨ମ୍ବର, ନଂ୧୩ମ୍ବର, ନଂ୧୪ମ୍ବରଙ୍କ ଠିକଣାରେ ନୋଟିସ ରେଜିଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରିଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ୫(ଏ)ମ୍ବର, ନଂ୫(ବି)ମ୍ବର, ନଂ୬(ଏ)ମ୍ବର, ନଂ୭ମ୍ବର, ନଂ୮(ଏ)ମ୍ବର, ନଂ୯ମ୍ବର, ନଂ୧୦(ଏ)ମ୍ବର, ନଂ୧୦(ବି)ମ୍ବର, ନଂ୧୧ମ୍ବର, ନଂ୧୨ମ୍ବର, ନଂ୧୩ମ୍ବର, ନଂ୧୪ମ୍ବରଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛିକି ଯେ, ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ୪ମ୍ବର, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା.୨୪।୧୧।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଅଛି । ଉକ୍ତ କେସ୍‌ର ତଫସିଲ ବୃତ୍ତିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା: ଖୋର୍ଦ୍ଧା, ଥାନା: ନିଉକ୍ୟାପିଟାଲ, ତହସିଲ: ଭୁବନେଶ୍ୱର, ମୌଜା: ଗାଡ଼କଣ, ସାବିକ ଖାତା ନଂ୧୪୫ମ୍ବର, ସାବିକ ପ୍ଲଟ୍ ନଂ୨୭୬୪ମ୍ବର, ଏରିଆ: ଏ.୧.୨୦୦ ଡିସିମିଲ, ସମ୍ପନ୍ଧ କ୍ରୟବୃତ୍ତି, ଏରିଆ: ଏ.୦.୦୪୦ ଡିସିମିଲ। ସବ୍-ପଟ୍ ନଂ୧୦ମ୍ବର। ଚୌହଦୀ: ଉତ୍ତର: ସବ୍-ପ୍ଲଟ୍ ନଂ୧୦ମ୍ବର, ଦକ୍ଷିଣ: ରାସ୍ତା, ପୂର୍ବ: ସବ୍-ପ୍ଲଟ୍ ନଂ୧୧ମ୍ବର, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍। ଏହାର ହାଲ ଖାତା ନଂ୨୩୪୯ମ୍ବର, ହାଲ ପ୍ଲଟ୍ ନଂ୨୨୧୯ମ୍ବର, ଏରିଆ: ଏ.୦.୦୪୦ ଡିସିମିଲ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ୫(ଏ)ମ୍ବର, ନଂ୫(ବି)ମ୍ବର, ନଂ୬(ଏ)ମ୍ବର, ନଂ୭ମ୍ବର, ନଂ୮(ଏ)ମ୍ବର, ନଂ୯ମ୍ବର, ନଂ୧୦(ଏ)ମ୍ବର, ନଂ୧୦(ବି)ମ୍ବର, ନଂ୧୧ମ୍ବର, ନଂ୧୨ମ୍ବର, ନଂ୧୩ମ୍ବର, ନଂ୧୪ମ୍ବର କିମ୍ବା ମୃତ ପ୍ରତିବାଦୀ ହୋଇଥିଲେ ସେମାନଙ୍କର ଔରଷମାନେ ନିଜେ ବା ସେମାନଙ୍କର କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦ୍‌ବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଏସଲା କରାଯିବ ।

ଆଡିସନାଲ ରିଭିଜନ କୋର୍ଟ ନଂ୪ମ୍ବର, ଭୁବନେଶ୍ୱରଙ୍କ ଆଦେଶକ୍ରମେ
ସ୍ୱା/- କୋର୍ଟ ଅଫିସର
D-2368

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

### ମଧୁସୂଦନ ଦାସଙ୍କ ଦ୍ୱିଶତକ

# ଭୁବନେଶ୍ୱର 'ବି'ର ବୃହତ୍ ବିଜୟ

**ଭୁବନେଶ୍ୱର, ୨୪।୧୦ (ତପନ ସ୍ୱାଇଁ):** ଓସିଏ ଆନୁକୂଲ୍ୟରେ ୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍‌ମ୍ୟାଚ ଶୁକ୍ରବାର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। କଟକ ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର 'ବି' ୩୭୮ ରନରେ ଗଜପତିକୁ ହରାଇଦେଇଛି। ଭୁବନେଶ୍ୱର 'ବି' ନିର୍ଦ୍ଧାରିତ ୫୦ ଓଭରରେ ୬ ଉଇକେଟ ହରାଇ ୪୬୫ ରନ କରିଥିଲା। ଦଳ ପକ୍ଷରୁ ମଧୁସୂଦନ ଦାସ ଦ୍ରୁତ ଦ୍ୱିଶତକ (୧୨୫ ବଲ୍‌ରୁ ୨୩୦ ରନ) ହାସଲ କରିଥିଲେ। ଜବାବରେ ଗଜପତି ଦଳ ୨୯.୩ ଓଭରରେ ୮୭ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଭୁବନେଶ୍ୱର 'ବି' ବୋଲରଙ୍କ ମଧ୍ୟରେ ଅଭିଲାଷ କାନୁନ୍‌ଗୋ ୫ଟି ଓ ଅଧିନାୟକ ମୃତ୍ୟୁଞ୍ଜୟ ରାୟ ୨ଟି ଉଇକେଟ ନେଇଥିଲେ। ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ମୂଳାପଡ଼ିଆରେ କିଟ୍ ୫ ଉଇକେଟରେ ନୟାଗଡ଼, ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ସମ୍ବଲପୁର 'ଏ' ୭ ଉଇକେଟରେ ନବରଙ୍ଗପୁର, ସନ୍‌ସାଇନ୍ ପଡ଼ିଆରେ ପୁରୀ ୬ ଉଇକେଟରେ ମୟୂରଭଞ୍ଜ, ନିମପୁର କ୍ରିକେଟ ଗ୍ରାଉଣ୍ଡରେ ସୁନ୍ଦରଗଡ଼ ୫୧ ରନରେ କନ୍ଧମାଳ, ବିଜେବି ସ୍କୁଲ ପଡ଼ିଆରେ ସୋନପୁର ୭୨ ରନରେ ସମ୍ବଲପୁର 'ଏ', ଜଟଣୀ ରେଲୱେ ଗ୍ରାଉଣ୍ଡରେ କେନ୍ଦୁଝର ୩ ଉଇକେଟରେ କଟକ 'ବି', ଗଡିରାଉତ ପାଟଣା ପଡ଼ିଆରେ ଖୋର୍ଦ୍ଧା ୧୨୦ ରନରେ ରାୟଗଡ଼ା ଏବଂ ଅଡଶପୁର ଗ୍ରାଉଣ୍ଡରେ କେନ୍ଦ୍ରାପଡ଼ା ୩ ଉଇକେଟରେ ଢେଙ୍କାନାଳକୁ ହରାଇ ଦେଇଛି।



Sai Satya Patra
42 Mouza, Cuttack
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ତୋର ଜୀବନର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ ତୋର ବାପା, ବୋଉ, ପାପା, ତିତଲି, ପାପା, ମାମା, ଛୁଆ ପାପା, ଦିଦି, ଭାଇ, ଅଜା ଓ ଆଈ।
ଧ-୨୩୭୨


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

# ଚିତ୍ତରଞ୍ଜନଙ୍କ ଚିତ୍ତବିସ୍ତାରୀ ଦୃଷ୍ଟି ଓ ସୃଷ୍ଟି

**ଅବଲୋକନ**



ଡ. ବିରଜା ରାଉତରାୟ

ତାଙ୍କ ସୃଷ୍ଟିର ବଳୟ ସାହିତ୍ୟ, ଦର୍ଶନ, ସମାଜବିଜ୍ଞାନ ଓ ମନସ୍ତତ୍ତ୍ୱ ପରି ବ୍ୟାପକ ଓ ବିବିଧ ଚିନ୍ତନକୁ ସଦମ୍ଭେ ଉତ୍କୀର୍ଣ୍ଣ କରିଥାଏ। ସେଥିରେ ନିର୍ଭୀକପଣ ସହ ଥାଏ ଅସାମାନ୍ୟ ଅଙ୍ଗୀକାରବଦ୍ଧତା। ମୌଳିକ ଦୃଷ୍ଟି ଓ ବିଚାର ସହ ପ୍ରଥାସିଦ୍ଧ ଧାରଣାକୁ ପ୍ରଶ୍ନ ପଚାରି ହକାଳିବାର ଥାଏ ମଧ୍ୟ ଅନମନୀୟ ଦୃଢ଼ତା। ଗୋଟିଏ ସତ୍ୟକୁ ବହୁଧା ଦୃଷ୍ଟିରେ ଆକଳନ କରିବାର ବହୁଦର୍ଶିତା। ଗ୍ରାମ୍ୟ ମାଟିର କଥନିକାଠାରୁ ଦୂରଦିଗନ୍ତର ବର୍ଣ୍ଣବିଭା। ପ୍ରାଚ୍ୟ ବିଦ୍ୟା ସହ ପାଶ୍ଚାତ୍ୟ ଜ୍ଞାନତତ୍ତ୍ୱର ସମ୍ମିଳନ ଆଦି ବୈଚିତ୍ର୍ୟ ଓ ବିଭବରେ ଭରା। ଏହିପରି ଜଣେ ବହୁଭାଷୀ, ବହୁପାଠୀ ଏବଂ ବହୁପ୍ରସୂ ତଥା ମୁକ୍ତ ବିଚାରର ନିରାସକ୍ତ ନିର୍ଭୀକ ଲେଖକଟିଏ ଯେ ଓଡ଼ିଶା ମାଟିରେ ରକ୍ତମାଂସଧାରୀ ମଣିଷ ରୂପେ ଜନ୍ମଗ୍ରହଣ କରିଥିଲେ, ଅବିକଳ ମହାତ୍ମା ଗାନ୍ଧୀଙ୍କ ପ୍ରତି ଆଇନ୍‌ଷ୍ଟାଇନ୍ ପ୍ରୟୋଗ କରିଥିବା ଏହି ବାକ୍ୟଟିକୁ ଦୋହରାଇ ବସିଲେ ଆଦୌ ଅତ୍ୟୁକ୍ତି ହେବନାହିଁ।

ଏକବିଂଶ ଶତାବ୍ଦୀର ଉନ୍ମେଷ କାଳରେ ଚିତ୍ତରଞ୍ଜନ ଦାସଙ୍କ 'ଅଭୟଂ ଅମିତ୍ରାତ୍' ନାମକ ପ୍ରବନ୍ଧ ପୁସ୍ତକଟି ପ୍ରକାଶପାଏ। ସେଥିରେ ହସ୍ତଲିଖିତ ଉତ୍ସର୍ଗପତ୍ରରେ ସେ ଉଲ୍ଲେଖ କରିଛନ୍ତି- ଏକ ନୂଆ ଭାରତ ଆସୁଛି ଏବଂ ଯେଉଁମାନେ ତାହାକୁ ତିଆରି କରୁଛନ୍ତି, ସେଇ ସତୀର୍ଥମାନଙ୍କ ହାତରେ...। ସେଥିରେ ମଧ୍ୟ ରହିଛି ଅଥର୍ବ ବେଦରୁ ଉଦ୍ଧୃତ ଏକ ପଦ- ''ଅଭୟଂ ମିତ୍ରାତ୍ ଅଭୟଂ ଅମିତ୍ରାତ୍/ ଅଭୟଂ ଜ୍ଞାତାତ୍ ଅଭୟଂ ପୁରୋ ଯଃ।'' ଯାହାର ଓଡ଼ିଆ ଅର୍ଥ- ମିତ୍ରକୁ ଭୟ ନାହିଁ, ଅମିତ୍ରକୁ ଭୟ ନାହିଁ; ଜ୍ଞାତକୁ ଭୟ ନାହିଁ, ଆହୁରି ଆଗରେ ରହିଥିବା ଅଜ୍ଞାତକୁ ମଧ୍ୟ ଭୟ ନାହିଁ।

ଲେଖକୀୟ ଦୃଷ୍ଟି ବିଚାରର ନିର୍ଭୀକ ଓ ସତ୍ୟନିଷ୍ଠ ମୌଳିକ ଉପସ୍ଥାପନା ଚିତ୍ତରଞ୍ଜନ ଦାସଙ୍କ ଲେଖାର ଟ୍ରେଡ୍‌ମାର୍କ। ବିବିଧ ଓ ସ୍ତରୀକୃତ ସମାଜଶାସ୍ତ୍ରର ପର୍ଯ୍ୟାଲୋଚନାଠାରୁ ଆରମ୍ଭ କରି ସାହିତ୍ୟ ଓ ସଂସ୍କୃତିର ଦିଗଦିଗନ୍ତ ଯାଏଁ ଚିତ୍ତରଞ୍ଜନଙ୍କ ସୃଜନ ଆସ୍ପୃହା ପରିବ୍ୟାପ୍ତ। ପୁଣି ମନସ୍ତତ୍ତ୍ୱର ଗହନ ଗଳି ଉପଗଳିରେ ମଧ୍ୟ ତାଙ୍କର ରହିଥାଏ ଗଭୀର ପ୍ରବେଶ। ତାହା ପୁଣି ବ୍ୟାପ୍ତ ଥାଏ ଆଧ୍ୟାତ୍ମିକତାର ଅଭିମନ୍ତ୍ରଠାରୁ ଅଭୀପ୍ସାର ଉଚ୍ଚତା ଯାଏଁ। 'ନାଳ୍ପେ ସୁଖମସ୍ତି ଭୂମୈବ ସୁଖମ୍'ର ମାନ୍ତ୍ରିକ ଉଚ୍ଚାରଣରେ ସେ ଥିଲେ ମୂର୍ତ୍ତ ପ୍ରତିଭୂ। ସତ୍ୟର ବିବିଧ ପ୍ରସ୍ଥକୁ ଓ ମଣିଷ ଜୀବନର ଅନେକ ଆରେଖକୁ ଏକ ଅନୁରାଗପୂର୍ଣ୍ଣ ଅନୁସନ୍ଧିତ୍ସାରେ ଆକଳନ କରି ସେ ପାଲଟି ଯାଇଛନ୍ତି ଏକ ଅସୀମିତ ଜିଜ୍ଞାସା ପଥର ଯାତ୍ରୀ।

୧୯୫୦ ନଭେମ୍ବର ମାସରେ ଉଚ୍ଚଶିକ୍ଷା ପାଇଁ ସେ ପ୍ରଥମ ବିଦେଶ ଯାତ୍ରା କରନ୍ତି। ଆରବ ସାଗରର ପାଣି ଜାହାଜରେ ତାଙ୍କର ସେହି ଅନନ୍ୟ ଯାତ୍ରାନୁଭୂତି 'ସାଗର ଯାତ୍ରୀ' ନାମକ ପୁସ୍ତକରେ ରୂପାୟିତ। ସେଥିରେ ଯେଉଁ ଚିଠି ନିଜ ଭାଉଜଙ୍କ ଉଦ୍ଦେଶ୍ୟରେ ସେ ଲେଖିଥିଲେ, ସେଇଥିରୁ ଅନୁମିତ ହୁଏ ତରୁଣ ଚିତ୍ତରଞ୍ଜନଙ୍କର ଚିତ୍ତବିସ୍ତାରୀ ଦୃଷ୍ଟି। ପୁସ୍ତକରେ ସନ୍ନିବେଶିତ ପ୍ରଥମ ଚିଠିଟି ଥିଲା ଏହିପରି: ''ଉପରେ ସ୍ଥିର ଆକାଶର ତାରାବଳି, ତଳେ କୃଷ୍ଣ ଚିକ୍କଣ ଜଳବକ୍ଷ ; ଆଉ ମୁଁ ଯେପରି ସବୁ ଧ୍ୟାନ, ସବୁ ଅର୍ଚ୍ଚନାର ଆୟୋଜନ ଧରି ଅତି ଗଭୀରର ଅନାବିଷ୍କୃତ ପ୍ରଦେଶରେ ବିଚରଣ କରିବାରେ ଲାଗିଚି। ସେହି ଅନ୍ଧାର ଭିତରେ ମଧ୍ୟ ନିରୋଳା ଅନ୍ତରାକାଶର କେଉଁ ଉଜ୍ଜ୍ୱଳ ସୂର୍ଯ୍ୟ ଯେପରି ସକଳ ହିରଣ୍ମୟ ଆବରଣର ପରସ୍ତ ତଳୁ ଅନ୍ତରାଚ୍ଛନ୍ନ ସତ୍ୟକୁ ଅନବଗୁଣ୍ଠିତ କରି ଦେଖାଇଦେଉଛି। ଜାହାଜର ଦୋଳନ ଓ ହୃତ୍‌ପିଣ୍ଡର ସ୍ପନ୍ଦନ ସଙ୍ଗେ ସଙ୍ଗେ ସତେ ଯେପରି ମୁଁ ପାଖୁଡ଼ାକୁ ପାଖୁଡ଼ା ଫୁଟିଚାଲିଛି।'' (ପୃଷ୍ଠା-୧୦) ଗଭୀର ଅନ୍ତର୍ଦୃଷ୍ଟି କିପରି କବିତାର କୋମଳ ନ୍ୟାସରେ ଆତ୍ମପ୍ରକାଶ କରିପାରେ, ତାଙ୍କର ସେହି ସୃଜନାରମ୍ଭର ପ୍ରକାଶ କାଳରୁ ବାରି ହୋଇପଡ଼େ।

ଜୀବନ ପରୀକ୍ଷାର ଏକ ଅସରନ୍ତି ଆହ୍ୱାନ। ଆମେ ଯେଉଁମାନେ ପରୀକ୍ଷା ଫଳକୁ ଗୋଟେ ଚୂଡ଼ାନ୍ତ ଅଭୟପ୍ରଦ ଭବିଷ୍ୟତର ଚାବିକେନ୍ଦ୍ର ଭାବି ଅନ୍ଧାରେ ଖୋସିପକାଉ, ଆମର ସେହିପରି ଗତାନୁଗତିକ ଭାବନାକୁ ଆହ୍ୱାନ ଦେବା ପରି ତାଙ୍କର ଏକ ଚିଠି ଅନ୍ୟତମ ପ୍ରିୟ ସୁହୃଦ ଡ. ଅନନ୍ତ କୁମାର ଗିରିଙ୍କୁ କିପରି ଥିଲା ଦେଖନ୍ତୁ, ''ଫଳ କହିଲେ ଆମେ ଯେଉଁମାନେ କାଗଜରେ ମିଳିଥିବା ନମ୍ବରକୁ ନ ବୁଝି ନିଜ ଜୀବନରେ ଲବ୍ଧ ହୋଇଥିବା କେତେକ ନୂତନ, ଉପଲବ୍ଧି ଓ ତତ୍‌ଜନିତ ଆନନ୍ଦକୁ ବୁଝୁ। ସେମାନଙ୍କ ଲାଗି ଆହୁରି କେତେ ବାଟ ଯିବାକୁ ଅଛି, ନିଜ ଜୀବନରେ କେତେ ସମ୍ପ୍ରସାରଣ ଘଟାଇବାକୁ ରହିଛି।'' ('ପତ୍ରରେ ଆଳାପ', ପୃଷ୍ଠା-୪)

ନିଜର ପ୍ରଖର ଧୀ ଶକ୍ତି, ସତ୍ୟଶୀଳତା ଓ ଅନୁପୂରକ ଜୀବନଚର୍ଯ୍ୟା ନିମନ୍ତେ ଅନେକେ ତାଙ୍କୁ ଓଡ଼ିଶାର ସକ୍ରେଟିସ୍ ବୋଲି କହିଥାନ୍ତି। କେହି କେହି ମଧ୍ୟ ତାଙ୍କୁ ଓଡ଼ିଶାର ଜେ. କୃଷ୍ଣମୂର୍ତ୍ତି ମନେକରିଥାନ୍ତି। ତାଙ୍କର ସମସ୍ତ ଜୀବନ ଓ ସାହିତ୍ୟ ସାଧନାର ମୂଳାଧାର, କରୁଣା, ଭଲପାଇବା ଓ ସଂଯୁକ୍ତ ହେବା। ପୁଣି ଗ୍ରନ୍ଥି ଉନ୍ମୋଚନ କରିବା। ପୃଥିବୀ ପରିକ୍ରମା କରିଥିବା ଏବଂ ଅପରିସୀମ ଜ୍ଞାନ ଓ ଅଭିଜ୍ଞତାକୁ ଆତ୍ମସ୍ଥ କରିଥିବା ଏହି ସାଦାସିଧା ମଣିଷଟି ଯେ ଏକ ଚଳନ୍ତି ଜ୍ଞାନର ବଟବୃକ୍ଷ, ତାହା ସହଜରେ ଜାଣିହୁଏ ନାହିଁ। ମାତ୍ର ଯେଉଁ ପାଠକ ଏହି ବଟବୃକ୍ଷର ସାମାନ୍ୟତମ ଛାଇର ସ୍ପର୍ଶ ଲାଭ କରିଛି, ସିଏ ସେତିକି ପରିମାଣରେ ତା'ର ସଘନ ଚେତନାଦୀପ୍ତତା ସହ ପରିଚିତି ଲଭିଛି।

ସମ୍ପ୍ରତି ଓଡ଼ିଆ ଅସ୍ମିତାକୁ ନେଇ ଯେଉଁ କଳରୋଳ ଚାଲିଛି, ଅନ୍ତତଃ ପଠନ ସ୍ପୃହା ରଖୁଥିବା ପ୍ରତ୍ୟେକ ଓଡ଼ିଆ ତାଙ୍କର 'ଓଡ଼ିଶା ଓ ଓଡ଼ିଆ' ପୁସ୍ତକଟି ପାଠ କରିବା ଅବଶ୍ୟ ବାଞ୍ଛନୀୟ। ଓଡ଼ିଶାକୁ ଚିହ୍ନିବାକୁ ହେଲେ ଭାବକୁ ଭାବପ୍ରବଣତାଗୁଡ଼ାକ ମଧ୍ୟରୁ ଯଥାସମ୍ଭବ ଅଧିକ ସ୍ପଷ୍ଟ କରି ଅଲଗା କରିବାକୁ ପଡ଼ିବ। ତେବେ ଯାଇ ନିଜର ଅନୁରାଗ ଦର୍ପଣଟି ଭିତରେ ଓଡ଼ିଶାକୁ ଦେଖିହେବ। ଆପଣାକୁ ଅତ୍ୟନ୍ତ ହୀନମନ୍ୟ ଓ ଉଗ୍ରଭାବରେ ଆକଟ କରି ନ ରଖିଲେ ହିଁ ଏହା ସମ୍ଭବପର। ତାଙ୍କ ମତରେ ହୀନମନ୍ୟତା କଟିଲେ ଯାଇ ସ୍ୱାଭିମାନ ବଢ଼େ। ନିଜ ଭୂଇଁ ପ୍ରତି ଶ୍ରଦ୍ଧା, ନିଜର ଭାଷା ଲାଗି ଶ୍ରଦ୍ଧା ଏବଂ ନିଜ ଭୂଇଁର ମଣିଷମାନଙ୍କ ସହ ନିଜକୁ ଓଡ଼ିଆ ବୋଲି ଚିହ୍ନିହେବ।

ପ୍ରକୃତ ସ୍ୱାଭିମାନ ପଛରେ ମାନ ନ ଥାଏ, ସ୍ୱପ୍ନ ଥାଏ। ଏହାର ଦୃଢ଼ବିଶ୍ୱାସୀ ଥିଲେ ଚିତ୍ତରଞ୍ଜନ। ଆମେ ଯେତେ ସ୍ଥାନୀୟ ହୋଇଥିଲେ ମଧ୍ୟ ଆମର ଯେ ଏକ ସମଗ୍ରତାର ମାନବୀୟ ପରିଚୟ ରହିଛି, ସେହି ବିଷୟରେ ସେ ଆମକୁ ଏକାଧିକ ଆଲେଖ୍ୟରେ ସଚେତନ କରାଇଛନ୍ତି। 'ବିଶ୍ୱକୁ ଗବାକ୍ଷ' ପୁସ୍ତକ ତାହାର ଏକ ଅତୁଳନୀୟ ବାଙ୍ମୟ ପ୍ରତିଲିପି। ମଣିଷ ଜୀବନରେ ଯେ ଏକ ଗବାକ୍ଷ ରହିଛି ଓ ସେହି ଗବାକ୍ଷ ଯେ ବିଶ୍ୱମୁଖୀ, ଏହି ସଘନ ଅନୁଭବଟି ତାଙ୍କର ଏହି ପ୍ରସିଦ୍ଧ ଗ୍ରନ୍ଥରେ ଛତ୍ରେଛତ୍ରେ ଉନ୍ମୋଚିତ ହୋଇଛି। ପୁନଶ୍ଚ ତାଙ୍କ ତାର୍କିକ ଅନୁଶୀଳନରେ ବୁଝିବାକୁ ହେଲେ, ଏହି ଗବାକ୍ଷ ପ୍ରକୃତରେ କେଉଁଠି ନ ଥାଏ। ମଣିଷ ମନ କଲେ ଯାଇ ତାକୁ ଗବାକ୍ଷଟିଏ ମିଳେ। ତାହାପରେ ଯାଇ ଭିତର ସହ ବାହାରର ପରିଚୟ ହୁଏ ଓ ସେହି ପରିଚୟ ଯଥାର୍ଥରେ ମଣିଷର ଦୃଷ୍ଟିକୁ ପ୍ରସାରିତ କରିଥାଏ।

ମାଧପୁର, କେନ୍ଦ୍ରାପଡ଼ା
ମୋ: ୯୬୫୮୮୧୦୨୪୪



ସେଦିନ ଥାଏ ୩ ଅକ୍ଟୋବର, ୧୯୨୧ ମସିହା। ବାଗଲପୁର ଗାଁରେ ଦଶହରାର ପାର୍ବଣମୁଖର ଅବକାଶ। ରାତିରେ ଯାତ୍ରା ଚାଲିଥାଏ। ଘରର ସମସ୍ତ ପୁରୁଷଲୋକ ଓ ପ୍ରାୟ ସ୍ତ୍ରୀଲୋକ ସଭିଏଁ ସାମିଲ ହୋଇଥା'ନ୍ତି ସେହି ଯାତ୍ରା ମାହୋଲରେ। ଘରେ ରହିଯାଇଥିବା ମାତା ହୀରାମଣି ଦେବୀ ଗ୍ରାମର ସେହି ଚିତ୍ତଆନନ୍ଦମୟ ରାତିରେ ଗର୍ଭର ତୃତୀୟ ସନ୍ତାନ ରୂପେ ଯାହାକୁ ପ୍ରସବ କରନ୍ତି, ବାସ୍ତବରେ ସେ ହିଁ ପରବର୍ତ୍ତୀ ଜୀବନରେ ପାଲଟିଥିଲେ ଜଣେ ଚେତନା ଉଦ୍ରେକକାରୀ ସୃଜନସ୍ରଷ୍ଟା। ଓଡ଼ିଆ ସାହିତ୍ୟର ପ୍ରବନ୍ଧ, ସମାଲୋଚନା, ଜୀବନୀ, ଆତ୍ମଜୀବନୀ, ଭ୍ରମଣ କାହାଣୀ, ଅନୁବାଦ, ସ୍ତମ୍ଭ, ଡାଏରୀ ଓ ଅଧ୍ୟାତ୍ମ ସାହିତ୍ୟ ପରି ବିଭିନ୍ନ ବିଭାଗରେ ପାଖାପାଖି ତିନିଶହ ପୁସ୍ତକର ଅବିଶ୍ୱସନୀୟ ସ୍ରଷ୍ଟା ହେଉଛନ୍ତି ଚିତ୍ତରଞ୍ଜନ ଦାସ।

## ପୂଜା ପତ୍ରିକା - ୨୦୨୫

### ନବରାଗ



**ସମ୍ପାଦିକା: ସରସ୍ୱତୀ ନାୟକ**
**୧/୮ ଡିମାଇ ସାଇଜ୍, ପୃ:୩୪୦, ମୂଲ୍ୟ: ଟ.୧୫୦/-**

ଏଥର ଏହି ପତ୍ରିକାରେ ପ୍ରବନ୍ଧ ଲେଖିଛନ୍ତି ବ୍ରଜମୋହନ ମିଶ୍ର, ବିରଞ୍ଚି କୁମାର ସାହୁ, ଦିଗରାଜ ବ୍ରହ୍ମା, ଫଣୀନ୍ଦ୍ର ଭୂଷଣ ନନ୍ଦ, କୁଞ୍ଜବିହାରୀ ଧଳ ଓ ଶଶଧର ଦାସ। କବିତାରେ ଅବନୀ ପ୍ରଧାନ, ରବି ଶତପଥୀ, ପ୍ରଭାତ ନଳିନୀ ମହାପାତ୍ର, ଚିନ୍ତାମଣି ମହାଳିକ, ଉମାକାନ୍ତ ରାଉତ, ଶ୍ରୀ ଦେବ, ସୌଭାଗ୍ୟବନ୍ତ ମହାରଣା ଓ ଶଶାଙ୍କ ଶେଖର ପଣ୍ଡା ସ୍ଥାନିତ। କାହାଣୀରେ ଅଛନ୍ତି ଭାସ୍କର ଜେନା, ଇନ୍ଦିରା ଦାଶ, କବିତା ବାରିକ, କାଶୀନାଥ ନନ୍ଦୀ, କମଳା ଶତପଥୀ ଓ ମୌସୁମୀ ପରିଡ଼ା ପ୍ରମୁଖ। ଏହା ସହିତ ରହିଛି ଅନୁବାଦ ଓ ଶିଶୁ ସାହିତ୍ୟ। ଲେଖା ପ୍ରକାଶ ନାଁରେ ଲେଖିକାଲେଖକଙ୍କଠୁଁ ଅର୍ଥ ଆଦାୟ କରୁଥିବା ସମ୍ପାଦକଙ୍କ ଗୁମର ଖୋଲିଛନ୍ତି ସମ୍ପାଦିକା 'ସମ୍ପାଦକୀୟ'ରେ। କୁହାଯାଇଛି: ପତ୍ରିକାଟିଏ ପ୍ରକାଶ କରିବାର ଅର୍ଥ ନୁହେଁ ଏହାକୁ ନେଇ ବ୍ୟବସାୟ କରିବା। ସମ୍ପାଦକମାନଙ୍କ ସଚ୍ଚୋଟପଣିଆ ଓ ଶୁଦ୍ଧ ସାହିତ୍ୟକର୍ମ ହିଁ ହେଉଛି 'ଅସ୍ମିତା'।

### ବାଟୋଇ



**ସମ୍ପାଦକ: ଶତ୍ରୁଘ୍ନ ତରାଇ**
**୧/୪ ଡିମାଇ ସାଇଜ୍, ପୃ:୨୦୪, ମୂଲ୍ୟ: ଟ.୧୫୦/-**

ପ୍ରବନ୍ଧ-ସମାଲୋଚନା, ଫିଚର, କାବ୍ୟ-କବିତା ଓ ପୁସ୍ତକ ସମୀକ୍ଷା ଭଳି ଚିରାଚରିତ ବିଭାଗ ରହିଛି ପତ୍ରିକାରେ, ଯାହାର ନାଁ ରଖାଯାଇଛି 'ମହାପୂଜା-୨୦୨୫'। 'କବିର ଦେଶ' ଶୀର୍ଷକ ପ୍ରବନ୍ଧରେ ଆଶୁତୋଷ ପରିଡ଼ା ବିଭିନ୍ନ ଭାଷାର କେତେକ କବିଙ୍କୁ ଆଲୋଚନା ପରିସରଭୁକ୍ତ କରିଥିଲେ ବି ଏହା ମୁଖ୍ୟତଃ ବାମଗନ୍ଧୀ। ଗଳ୍ପରେ ରହିଛି ପରେଶ ପଟ୍ଟନାୟକ, ରବି ସ୍ୱାଇଁ ଓ ସଦାନନ୍ଦ ତ୍ରିପାଠୀଙ୍କ ଲେଖା ; କବିତାରେ ଫନୀ ମହାନ୍ତି, ଅମରେଶ ପଟ୍ଟନାୟକ, ଶତ୍ରୁଘ୍ନ ପାଣ୍ଡବ, ବଂଶୀଧର ଷଡ଼ଙ୍ଗୀ, ସୂର୍ଯ୍ୟ ମିଶ୍ର, ହୃଦାନନ୍ଦ ପାଣିଗ୍ରାହୀ, ପୀତାମ୍ବର ତରାଇ, ରକ୍ଷକ ନାୟକ ଓ ତୁହିନାଂଶୁ ରଥଙ୍କ ସମେତ ୯୪ଜଣ କବିଙ୍କର କବିତା। ବାବାଜି ଚରଣ ପଟ୍ଟନାୟକଙ୍କ ପ୍ରବନ୍ଧଗ୍ରନ୍ଥ 'ସାହିତ୍ୟ-ବୀକ୍ଷା-ଅନ୍ୱୀକ୍ଷା'ର ସମୀକ୍ଷା କରିଛନ୍ତି କୁମୁଦଚନ୍ଦ୍ର ଦାଶ। ପ୍ରଚ୍ଛଦ ପ୍ରତୀକାତ୍ମକ।

## କାଳକାଳକୁ



''ଯେଉଁ ବହିକୁ ପୃଥିବୀ ଅନୈତିକ କହେ, ତାହା ସେହି ବହି; ଯାହା ପୃଥିବୀକୁ ତା' ନିଜସ୍ୱ ଲଜ୍ଜା ଦେଖାଇଦିଏ।''
– ଅସ୍କର ୱାଇଲଡ୍

**ଅସ୍କର ୱାଇଲ୍‌ଡଙ୍କ** ଜନ୍ମ ୧୬ ଅକ୍ଟୋବର ୧୮୫୪ରେ ଆୟର୍ଲାଣ୍ଡର ଡବ୍‌ଲିନ୍‌ରେ ଓ ପରଲୋକ ୩୦ ନଭେମ୍ବର ୧୯୦୦ରେ ଫ୍ରାନ୍‌ସର ପ୍ୟାରିସ୍‌ରେ, ମାତ୍ର ୪୬ ବର୍ଷ ବୟସରେ। ଊନବିଂଶ ଶତାବ୍ଦୀର ଶେଷପାଦରେ ଇଂଲିଶ୍ ନାଟ୍ୟ ରଚନା କ୍ଷେତ୍ରରେ ତାଙ୍କ ପ୍ରସିଦ୍ଧି ଭୁବନବିଦିତ ହୋଇଥିଲା। ଏକାଧାରରେ କବି, ଲେଖକ ଓ ନାଟ୍ୟକାର ଏହି ସ୍ରଷ୍ଟାଙ୍କର ପ୍ରଖ୍ୟାତ ଗ୍ରନ୍ଥ ମଧ୍ୟରେ ଅନ୍ତର୍ଭୁକ୍ତ 'ଦ ହାପି ପ୍ରିନ୍‌ସ ଆଣ୍ଡ୍ ଅଦର ଷ୍ଟୋରିଜ୍' (୧୮୮୮), 'ଦ ପିକ୍‌ଚର ଅଫ୍ ଡୋରିଆନ୍ ଗ୍ରେ' (୧୮୯୦) ଓ 'ଆନ୍ ଆଇଡିଆଲ୍ ହଜ୍‌ବ୍ୟାଣ୍ଡ୍' (୧୮୯୫)। ତାଙ୍କ ମତରେ- ''ଲୋକତନ୍ତ୍ରର ମତଲବ- ଜନତା ଦ୍ୱାରା, ଜନତାଙ୍କ ପାଇଁ, ଜନତାଙ୍କ ଉପରେ ଅତ୍ୟାଚାର, ବାସ୍।''

## କବିତା

### ସବର୍ଣ୍ଣ ଇଟାରେ ଗଢ଼ା

ସୁରଞ୍ଜନ ପାତ୍ର

କୁହ ହେ ! ବର୍ଣ୍ଣର ବିଭାଜକମାନେ
ପାତାଳରୁ ଅନ୍ତରୀକ୍ଷର ଦୂରତା
କେତେ ଅସବର୍ଣ୍ଣ ଯୋଜନର ସମଷ୍ଟି
କେତେ ସବର୍ଣ୍ଣ ଇଟାରେ ଗଢ଼ା
ପୃଥିବୀର ଛାତି।

କୁହ ହେ ! କର୍ମକାଣ୍ଡର ନରପତିଗଣ
କେତେ ଘୃତ ଆହୁତି ଦେଲେ
ସୁରମ୍ୟ ଅଟ୍ଟାଳିକା ତଳେ
ଫଳପ୍ରଦ ହେବ ପୁନର୍ଜନ୍ମ
ବିଷାଦର ବୃନ୍ତ ତଳୁ
ଉଡ଼ାଣ ଭରିବ ଅସହାୟ ଡେଣା
ଅଚ୍ଛବକୁ ମିଳିବ ମନ୍ଦିରକୁ ରାସ୍ତା।

ତୁମେ ତ ନିଜ ନିଃଶ୍ୱାସକୁ
ନିଃସଙ୍ଗ ପ୍ରହାରରୁ ବର୍ତ୍ତାଇବାକୁ ଯାଇ
ଆମକୁ ବାରବାର ଉଦ୍ୟମ କରୁଛ
ଦେବାଲାଗି ଶିଥିଳ ନିର୍ବାଣ
ଅପଢ଼ା ଅଧ୍ୟାୟ ଧାଡ଼ିରେ
ପିପାସାର ଶେଷତମ ପୃଷ୍ଠା ଲାଗି
ସଜାଉଛ ଅସ୍ପୃଶ୍ୟ କାରଣ।

ତୁମ ଆଖିରୁ ଉଠାଇଦିଅ ହେ ଥରେ
ବହୁରୂପୀ ପରଦାର ଅହଂ ଆବରଣ
ଜୀବନ ଶିବିର ବେଢ଼ାରେ ଦେଖ
ତୁମ ପରି ମଣିଷଟେ ଆମେ
ଆମ ପାଦ ତଳେ ବି ଅଛି ମାଟି
ମଥାପରେ ବିଶାଳ ଆକାଶ
ତୁମେ ଯେଉଁ ଚାଉଳରୁ ଖାଉଅଛ ଭାତ
କେଉଁଠି ନା କେଉଁଠି ସେଥିରେ
ମିଶିଅଛି ଆମ ମେହନତି ରକ୍ତ।

ଯୁକ୍ତିହୀନ ବାଦ୍ୟକୁ ବଜାଇ
ଆଉ କେତେ କାଳ ଭାଙ୍ଗିବ
ନୋଳିଆ ବସ୍ତି
ଭୂମିଶୂନ୍ୟ ବାସ୍ତୁହରା ମଣିଷକୁ
ଦେଖାଇବ ନାଲି ଆଖି
ଲଗେଇବ ଦଳିତର ଦଲିଲରେ ନିଆଁ।

ଏବେ ସବୁ ଅସହିଷ୍ଣୁପଣର
ପୂର୍ଣ୍ଣଚ୍ଛେଦ ପକାଇବାର ବେଳ
ଆମକୁ ବି ଆସିଲାଣି କେମିତି
ସଜାଡ଼ି ପକାଇବାକୁ ହୁଏ ପାଦ
କେମିତି ସଜେଇବାକୁ ହୁଏ ଜୀବନର ଚିତ୍ର।

ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର, ବାଲେଶ୍ୱର
ମୋ: ୮୧୧୭୮୦୫୯୫୯

### ଜୀବନ ଖୋଜୁଥାଏ

ରୀତା ସ୍ୱାଇଁ

ଆକାଶ ତୁମେ ମାଟିକୁ
ମାଟି ଓଦା ଓଠକୁ।

ପ୍ରିୟ ପୁରୁଷ ଚାଲୁଥାଏ
ଅସରନ୍ତି ପଥରେ
ଖୋଜୁଥାଏ ଜୀବନର ଅର୍ଥ
ମାଟିର ମୁହାଁସ।

ସମୁଦ୍ରକୁ ଚିରଦିନ
ଉଦ୍‌ବେଳିତ କରେ ତରଙ୍ଗ
ଗଛର ଫୁଲ ପରି
ଫୁଟୁଥାଏ କବିତା କଲ୍ଲୋଳ
ଗାଢ଼ ନୀଳ ମୃତ୍ୟୁର ସ୍ୱପ୍ନରେ
ଶବ୍ଦଆଣେ ସାବ୍‌ଜା ଶିହରଣ।

ମାଟି ଖୋଜୁଥାଏ ଆକାଶକୁ
ଶତାବ୍ଦୀର ନିଦ ଭାଙ୍ଗି
ସ୍ୱପ୍ନକୁ ସାଉଁଳି
ଆକାଶ କବିତାର ନିଦରେ
ଶୋଇପଡ଼ିଥାଏ
ଇତିହାସର ଛାଇରେ କୁରୁଳି

ପ୍ରିୟ କେତେ ଦୂରେ
ଆକାଶ ପରି ନିର୍ଲିପ୍ତ
ମୁଁ ଖୋଜୁଛି ମାଟିରୁ ଆକାଶ
ତୁମ ପାଇଁ ହୃଦସାରା
ଅନେକ ଅବସୋସ।
ତୁମ ପାଇଁ ଅସରନ୍ତି ଶୋଷ
ଢୋକିଚାଲେ
ସମୁଦ୍ରର ହଳାହଳ ବିଷ
ତା' ଭିତରେ ଖୋଜୁଥାଏ
ଅମୃତର ସୁନୀଳ ଆଶ୍ଲେଷ।

ଖଜୁରା, କସର୍ଦ୍ଦା, କଟକ
ମୋ: ୮୯୧୭୬୯୦୮୪୯

### ତା' ପରେ

ସୁସ୍ମିତା ମହାପାତ୍ର

କେଡ଼େ ଧୁମ୍‌ଧାମ୍‌ରେ ଦୁଲୁକି ଉଠିଲା
ସାରା ସହରରୁ ଗାଆଁ ଦାଣ୍ଡ ଗଳି,
ବାସ୍ ଦି'ଦିନର ମଉଜ ପରେ
ସରିଗଲା ଦୀପାବଳି।

ଝଲସି ଉଠିଲା ଆହିମାଦ୍ରି କୁମାରିକା
ଭିଆଇ ସରଗପୁରୀର ଭ୍ରମ,
ତୁଟିଲା ନିମିଷେ ପୁଣି ଦିବା ସପନର ସମ।
ଖୁସି ତ ଥିଲା ପାଣି ଫୋଟକା ପରି,
ଦୁଃଖ ବଳିଗଲା ସୁଖଶିରୀକୁ ଝୁରି।

ଅଧାଜଳା ରୋଶଣି, ରକେଟ, ଝରଝରି,
ବରଡ଼ା, ଗରଡ଼ା, ବକ୍ଷରେ ଜାବୁଡ଼ି ଧରି,
ଗୁଳିଗୋଳା, ବାରୁଦ ଗନ୍ଧରେ ଆକ୍ରାମାକ୍ରା
ମେଦିନୀ ମା' କାନ୍ଦୁଛି ଆଜି ଗୁମୁରି ଗୁମୁରି,
ଛଟପଟ ହେଉଛି ତା' ଦରପୋଡ଼ା ଦେହ
ଅତୀତର କଅଁଳ ପରଶ ପାଇଁ।

କିଏ ବା ବୁଝୁଛି ତା' ଅନ୍ତର ବେଦନା,
କିଏ ଅନୁଭବୁଛି ସେ ଜ୍ୱାଳା ଓ ଯାତନା,
ଦସ୍ତାବିଜରେ ମୋହରଲଗା ସବୁଜ ବାଣ ତ
କେବଳ ଅନ୍ଧକୁ ଆଖିଠାର, ନିଛକ ବାହାନା।

ନିଜ ହାତେ ମଲମ ଲଗାଇ, କ୍ଷତ ଭରି
ଆଉ ଥରେ କଅଁଳେଇବ ସିଏ କଞ୍ଚାମାଂସ,
ସୁସ୍ଥ, ସତେଜ ହେବାକୁ ଅଣ୍ଟା ଭିଡ଼ିବ,
ଦମ୍ଭିଲା ପଣରେ ଛାତି ଫୁଲାଇ ଉଠିବ,
ପୁଣି ଏକ ଯୁଦ୍ଧ ପରବର୍ତ୍ତୀ ବିଭୀଷିକାକୁ
ସହଜରେ ସହନ କରିବାର
ସତ୍‌ସାହସ ନେଇ।

ସେକ୍ଟର-୬, ରାଉରକେଲା-୨
ମୋ: ୯୪୩୭୫୦୩୧୩୮

**ଗୀତି-କବିତା**

### ଅନ୍ଧାରି ଗାଁ

ଜୟନ୍ତୀ ସାହୁ

ସେପଟେ ସୂରୁଯ ଏପଟେ ଅନ୍ଧାର
ମଝିରେ ପର୍ବତ ଠିଆ
ପରବତ ତଳେ କି ଘର କଲି ମୁଁ
ଅନ୍ଧାରେ ପାଉନି ରାହା।

ଅନ୍ଧାରି ଗାଁରେ ନିତି ଲୁହ ଝାରେ
ପଥର କହୁନି ଆହା
ସେ ପଟରେ ଦିଅଁ
ପସରା ମେଲିଲେ
ମନ ହାଇଁପାଇଁ ଯାହା।

ମୋ: ୮୦୯୩୪୮୬୬୭୪

# ଜଗନା ଜାନି

**ଲଘୁ ଗଳ୍ପ**

ପ୍ରଫୁଲ୍ଲ ବାରିକ

ଆଦିବାସୀ କୁଳରେ ଜନ୍ମି କୋଉ ଶୁଭ ମୁହୂର୍ତ୍ତରେ ନାଁ ପାଇଥିଲା ବସୁନ୍ଧରା ଯେ ସାର୍ଥକ କଲା ନାଁକୁ। ତ୍ୟାଗ ସହନଶୀଳତାରେ ବସୁନ୍ଧରା ପ୍ରମାଣିତ କରିଛି ନିଜକୁ ସ୍ୱୟଂ ବସୁନ୍ଧରା।

ଗ୍ରୀଷ୍ମ ଯାଇ ଆସିଚି ବର୍ଷା। ମୌସୁମୀ ଛୁଇଁବାଠାରୁ ଅସରା ଅସରା ବର୍ଷାହେତୁ ଜଙ୍ଗଲର ଉହଡହ ପବନରେ ଆସିଚି ଆର୍ଦ୍ରତା। ମାଟି କଅଁଳିବାରୁ ଶାଳ, ଶାଗୁଆନ, ମହୁଲ, କୁରୁମ ଗଛର ଶୁଖିଲା ଡାହିରେ ଗଜୁରିଲାଣି ପତ୍ର। ସବୁଜ ରଙ୍ଗରେ ସଜେଇ ହେଲାଣି ଜଙ୍ଗଲରାଣୀ। ସବୁଠି ଆନନ୍ଦ ଉଚ୍ଛ୍ୱାସର ଢେଉ। ଅପରିବର୍ତ୍ତିତ ଜଗନା ପରିବାର। ଦି'ମାସ ଧରି ବିଛଣାରେ ଜଗନା। ଧନ୍ଦାଛାଡ଼ି ଲାଗିଛି ପଛରେ ତା' ସ୍ତ୍ରୀ ଜାନି। ଖାଇବା ପିଇବା ନାଁକୁ। ଖାଲି ଜୀବନ ବଞ୍ଚେଇବା କଥା। ସାନ ପିଲାଟା ସବୁବେଳେ କାନ୍ଦ କାନ୍ଦ। ବାପର ଅବସ୍ଥା ଦେଖି ଛାଡ଼ିଯାଉନି ବିଛଣା ପାଖ।

ଜଗନା ଜାନି ସାନ ପିଲାଟିକୁ ନେଇ ଛୋଟ ପରିବାର। ସ୍ୱାମୀ ସ୍ତ୍ରୀ ଉଭୟେ ଖଟନ୍ତି। ପ୍ରାଇଭେଟ ମାଇନ୍ସ ବନ୍ଦ ହେବାପରେ ଏବେ ଅନ୍ୟକାମ ଠିକାଦାର ପାଖରେ। କୋଉଠି ରାସ୍ତା କାମରେ ତ କୋଉଠି ଇଟାକାମରେ। ଜଗନା ମନା କରୁଛି ଜାନିକୁ କାମ ନ କରି ଘରେ ରହି ପୁଅକୁ ସମ୍ଭାଳିବାକୁ। ଜାନିର ଉତ୍ତର- ପୁଅକୁ ମଣିଷ କରିବାକୁ ଜଣଙ୍କ ପଇସା ନିଅଣ୍ଟ ହେବ। ଦି'ପଇସା ଅର୍ଜି ରଖିଥିଲେ କାମରେ ଲାଗିବ। ସିଏ କ'ଣ ହେବ ଆମପରି ? ଦି' ଅକ୍ଷର ପଢ଼େଇ କରିବା ମଣିଷ। ତେଣିକି ଭରସା ଭଗବାନ୍।

ଗତ ଦି'ମାସ ତଳେ ହେଲା ଜ୍ୱର ଜଗନାକୁ। ଜ୍ୱର ସାଧାରଣ ଭାବି ଗୁରୁତ୍ୱ ଦେଇ ନଥିଲେ। ହେଲେ ଦିନଦିନ ଧରି ନ ଛାଡ଼ିବାରୁ ଜାନି ପୂଜାର ବ୍ୟବସ୍ଥା କଲା। ଆଦିବାସୀ କୁଳର ପ୍ରଥା ପରମ୍ପରା ଅନୁଯାୟୀ କୁକୁଡ଼ା ରକ୍ତରେ କଲା ପୂଜା। ସୁଫଳ ନ ହେବାରୁ ନେଲା ପାଖ ଡାକ୍ତରଖାନା। ସେଠୁ ଜିଲା ମୁଖ୍ୟ ଚିକିତ୍ସାଳୟ। ଡାକ୍ତର କହିଲେ ଏଠି ବ୍ୟବସ୍ଥା ନାହିଁ। ନେଇଯାଅ କଟକ। ହୁଏତ ଠିକ୍ ହେବ ସେଇଠି। ଲିଭର ବ୍ୟାପାର। ଆମେ ପାରିବୁ ନାହିଁ।

ଜାନିକୁ ଅନ୍ଧାର ଦିଶିଲା ପୃଥ୍ୱୀ। ସାଙ୍ଗରେ ଚାରିବର୍ଷର ପୁଅଟିକୁ ଛାଡ଼ି ଆଉ ତୃତୀୟ ନାହାନ୍ତି। କଉଠି କଟକ, କିଏ ନେବ ? ଖର୍ଚ୍ଚ ବି ନାହିଁ ପାଖରେ। ଡାକ୍ତର ଜାନିର ଅସହାୟତା ଦେଖି ବୁଝେଇଲେ, ତମେ କୌଣସି ପ୍ରକାରେ ପହଞ୍ଚେଇ ଦିଅ। ସରକାରୀ ଡାକ୍ତରଖାନାରେ ପଇସା ଲାଗିବନି। ଜାନି ପଳେ ସାହସ ପାଇ ପଚାରିଲା, ସେଠି ସିଏ ଭଲ ହେଇଯିବେ ତ ?

ତମେ ଆଗ ନିଅ। ଧୈର୍ଯ୍ୟ ଲୋଡ଼ା ଏବେଳେ। ସବୁ ଠିକ୍ ହେଇଯିବ।

ଜାନି ଗାଡ଼ିଭଡ଼ା ଦେଇ ଆଣି ପହଞ୍ଚେଇଚି କଟକ ବଡ଼ ଡାକ୍ତରଖାନାରେ। ଚିକିତ୍ସା ହେବାର ସପ୍ତାହେ ହେବ। ଘଣ୍ଟାଘଣ୍ଟା ମିନିଟ୍ ମିନିଟ୍ ଧରି ଜାନି ଜଗିବସିଛି ଜଗନାକୁ। ଦେଖୁଚି ତା' ଆଖିରେ ହେଲା କି କିଛି ପରିବର୍ତ୍ତନ ? ପରିବର୍ତ୍ତନ ଏୟା ଦେଖୁଛି, ଭଲ ବଦଳରେ ଲାଗୁଚି କ୍ରମେ ସରିସରି ଆସୁଛି ଯେମିତି ଜୀବନ। ଢଳଢଳ ପ୍ରଦୀପଟିଏ। ସାମାନ୍ୟ ପବନରେ ଲିଭିଯିବାକୁ ଯେମିତି ଅପେକ୍ଷା। ପଚାରିଲାଣି ଡାକ୍ତରଙ୍କୁ କେତେଥର। ନିରୁତ୍ତର ଡାକ୍ତର। ଗୋଟିଏ ଉତ୍ତର, ଅପେକ୍ଷା କର। ଭଗବାନ୍‌ଙ୍କୁ ଡାକ।

ସକାଳ ଭିଜିଟ୍‌ରେ ଆସି ଡାକ୍ତର ଦେଖି ଅଳ୍ପ ସମୟରେ ଚାଲିଗଲେ। ପଚାରିବାକୁ ସାହସ ପାଇଲାନି ଜାନିର। ପଛେପଛେ ମେହେନ୍ତର ଆସି ଢାଙ୍କି ଦେଇଗଲା ଜଗନା ଉପରେ ଧଳା ଚାଦର। ଜାନି ବୁଝି ନ ପାରି ଚାହିଁଥାଏ ଜଳଜଳ। ପଚାରିଲା ରୋଗୀକୁ ଥଣ୍ଡା ଲାଗୁଛି କି ? ମେହେନ୍ତର ଅନେଇଲା ଜାନିକୁ ବଲବଲ। ଯିବାବେଳେ ଶୁଣେଇଗଲା, ରୋଗୀ ଆଉ ନାହିଁ। ଗଲାଣି କେତେବେଳୁ। ଚାଲିଗଲା ମେହେନ୍ତର। ଜାନି ବସିପଡ଼ିଲା ନଥିକରି ତଳେ। ଖଟକୁ ନ ଧରିଥିଲେ ପଡ଼ିଥାଆନ୍ତା ପିଟିହେଇ। ଅନ୍ଧାର ଦିଶିଲା ପୃଥ୍ୱୀ। ଜୁଳୁଜୁଳିଆ ବାହାରି ଆଖିରୁ ଉଡ଼ିଲେ ଘରସାରା। ବେଶ୍ ବେଳ ବସିବା ପରେ ଜାନି ଉଠି ଠିଆହେଲା। ଦେଖିଲା ପୁଅ ଠିଆହେଇଚି ତା' ଲୁଗା କାନିକୁ ଧରି। ଜାନି ତାକୁ ଟାଣିଆଣି କୋଳରେ ଜାକି ଧରିଲା। ଅନେଇଲା ଜଗନାକୁ। ଚାଦର ଉଠେଇ ଦେଖିବାକୁ ତା'ର ସାହସ ହେଲାନି। ସେଇଠି ସେମିତି ଖୁଣ୍ଟଟା ପରି ଠିଆ ହେଇଥାଏ।

କିଛିସମୟ ପରେ ମେହେନ୍ତର ଦି'ଜଣ ଆସି ପଚାରିଲେ- ଶବ ଗାଁକୁ ନେବାର ଅଛି ତ ବ୍ୟବସ୍ଥା କର। ନାଇଁ ତ ଏଇଠି କଟକ ଶ୍ମଶାନ ଘାଟରେ ସତ୍କାର କରିଦିଅ। ଜାନିକୁ ନିରୁତ୍ତର ଦେଖି ସେମାନେ କହିଲେ ଆମ୍ବୁଲାନ୍ସରେ ନେଲେ ଗାଁକୁ ଢେର୍ ଲାଗିବ ଟଙ୍କା। ଅଛି ପାଖରେ ? ଜାନି ମୁଣ୍ଡ ହଲେଇ ମନାକଲା।

ଠିକ୍ ଅଛି, ଆମେ ବ୍ୟବସ୍ଥା କରୁଛୁ। ତମେ କେବଳ ଯିବ ଆମ ସାଙ୍ଗରେ।

କିଛି ସମୟ ପରେ ଲାଗିଲା ଆମ୍ବୁଲାନ୍ସ। ଷ୍ଟ୍ରେଚରରେ ନେଇ ଶୁଆଇ ଦିଆଗଲା ଜଗନାର ଶବକୁ ସେଥିରେ। ବସାଗଲା ଜାନି ସହ ତା' ପୁଅକୁ। ଦୁଇଜଣ ମେହେନ୍ତରଙ୍କ ସହ ଗାଡ଼ି ଯାଇ ଲାଗିଲା ଶ୍ମଶାନରେ। ଯେମିତି ଚଢ଼େଇଥିଲେ ସିମିତି ଓହ୍ଲେଇ ଶୁଆଇ ଦେଲେ ନିର୍ଦ୍ଦିଷ୍ଟ ସ୍ଥାନରେ। ଜାନି ତା' ପୁଅକୁ ଧରି ଜୁଲୁଜୁଲୁ ଦେଖୁଥାଏ ଦୃଶ୍ୟକୁ ନିରବରେ, ନିର୍ବାକ୍‌ରେ। ଶେଷଦର୍ଶନ ପାଇଁ ଡାକିଲେ ଜାନିକୁ। ଜାନି ଦେଖିଲା ଜଗନା ମୁହଁ କଳାପଡ଼ିଯାଇଛି। ଦେହ ଶୁଖି କାଠ। ଫେରେଇ ଆଣିବା ପୂର୍ବରୁ ଦୃଷ୍ଟି କରାଇଲା ତା' ପୁଅକୁ ବାପର ଶେଷଦର୍ଶନ। ତା'ପରେ ସବୁଶେଷ। ତାକୁ କୁହାଗଲା ଏବେ ତମେ ଯାଅ। କାମ ସରିଗଲା। ଦଶ ବର୍ଷର ସମ୍ପର୍କ ସହ ଦେଖିଥିବା ସ୍ୱପ୍ନସବୁ ମୁହୂର୍ତ୍ତକରେ ହେଇଗଲା ଶେଷ। ଜାନି ଗୋଟିଏ ହାତରେ ବେଗ୍ ଓ ଅନ୍ୟ ହାତରେ ପୁଅକୁ କାଖେଇ ଫେରୁଥିଲା ଶ୍ମଶାନରୁ।

ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ: ୯୨୩୮୯୨୦୪୦୫



ଧରିତ୍ରୀ 51 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୫/୨୦୨୫ Bhubaneswar, Saturday, October 25/ 2025

# ‘ତୃଣମୂଳ ସ୍ତରରେ ମିଳିବ ବିଶ୍ୱସ୍ତରୀୟ କ୍ରୀଡ଼ା ସୁବିଧା’

**ଭୁବନେଶ୍ୱର, ୨୪।୧୦ (ତପନ ସ୍ୱାଇଁ)**


ସମୀକ୍ଷା ବୈଠକରେ ଉପସ୍ଥିତ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଅନ୍ୟମାନେ।

## ■ କ୍ରୀଡ଼ା ଭିତ୍ତିଭୂମି ଅଗ୍ରଗତି ନେଇ ସମୀକ୍ଷା ବୈଠକ
## ■ ପ୍ରତ୍ୟେକ ନିର୍ମାଣକୁ ଅନ୍ତର୍ଜାତୀୟ ମାନର କରିବା ଉପରେ ପୂର୍ତ୍ତ ମନ୍ତ୍ରୀଙ୍କ ଗୁରୁତ୍ୱ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚଶିକ୍ଷା ଏବଂ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉପସ୍ଥିତିରେ ଶୁକ୍ରବାର ଲୋକସେବା ଭବନଠାରେ ବିଭିନ୍ନ କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କେବଳ ରାଜ୍ୟ କିମ୍ବା ଜିଲା ସ୍ତରରେ ନୁହେଁ, କ୍ରୀଡ଼ାର ସାମଗ୍ରିକ ବିକାଶ କରିବାକୁ ହେଲେ ଆମକୁ ତୃଣମୂଳ ସ୍ତରକୁ ଯିବାକୁ ହେବ । ଓଡ଼ିଶାର ଗ୍ରାମାଞ୍ଚଳରେ ଅନେକ ପ୍ରତିଭା ଭରିରହିଛନ୍ତି । ସେମାନଙ୍କୁ ବିଶ୍ୱସ୍ତରୀୟ ଭିତ୍ତିଭୂମିରେ ତାଲିମ ସୁବିଧା ଯୋଗାଇ ଦେଇ ପାରିଲେ ଆମେ ଓଡ଼ିଶାକୁ କ୍ରୀଡ଼ା କ୍ଷେତ୍ରରେ ଗର୍ବିତ କରିପାରିବା । ତେଣୁ ରାଜ୍ୟ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ଉନ୍ନତି ନେଇ ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହାକୁ ପୂରା କରିବାକୁ ସମସ୍ତଙ୍କୁ ଏକାଠି ହୋଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସୂରଜ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମାର୍ଗଦର୍ଶନରେ ଓଡ଼ିଶା ପ୍ରଗତି ପଥରେ ଅଗ୍ରସର ହେଉଛି। କୃଷି, ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଭିତ୍ତିଭୂମି ନିର୍ମାଣ ଆଦି ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟଗୁଡ଼ିକର ଦୃଷ୍ଟି ଆକର୍ଷଣ କରିପାରିଛି। କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରି ତୃଣମୂଳସ୍ତରରୁ କ୍ରୀଡ଼ାକୁ ଆଗେଇ ନେବା ପାଇଁ ଥିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟକୁ ପୂରଣ କରିବା ଲାଗି ଅଧିକାରୀ ଏବଂ ଇଞ୍ଜିନିୟରମାନଙ୍କୁ ଆଗଭର ହୋଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ବୈଠକରେ ରାଜ୍ୟରେ ନିର୍ମାଣାଧୀନ ବିଭିନ୍ନ ସୁଇମିଂ ପୁଲ୍ କମ୍ପ୍ଲେକ୍ସ, ଯାଜପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ସମ୍ବଲପୁର ଓ ଝାରସୁଗୁଡ଼ାସ୍ଥିତ ଆଇକୋନିକ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ସହ ଇନ୍‌ଡୋର ହଲ୍ ସବୁର ନିର୍ମାଣ ଡିଜାଇନ୍, ଫୁଟବଲ୍ ଟ୍ରେନିଂ ସେଣ୍ଟର ନିର୍ମାଣ ବିଷୟରେ ଆଲୋଚନା ହୋଇଥିଲା। ଏଥି ସହ ଆଗାମୀ ଦିନରେ ପ୍ରସ୍ତାବିତ ଝାରସୁଗୁଡ଼ା ଓ ଭଦ୍ରକଠାରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ନେଇ ମଧ୍ୟ ଆଲୋଚନା ହୋଇଥିଲା। ଭବିଷ୍ୟତକୁ ଦୃଷ୍ଟିରେ ରଖି ଏବଂ ଖେଳାଳିମାନଙ୍କୁ ବିଶ୍ୱସ୍ତରୀୟ ତାଲିମ ସୁବିଧା ଦେବା ପାଇଁ ପ୍ରତ୍ୟେକ ନିର୍ମାଣ ଭିତ୍ତିଭୂମିକୁ ଅନ୍ତର୍ଜାତୀୟ ମାନର କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏଥି ସହିତ ଡିପିଆର୍ ପ୍ରସ୍ତୁତି ସମୟରେ ସବୁ ଦିଗକୁ ଗୁରୁତ୍ୱ ଦେବା ସହିତ ନିର୍ମାଣ ସମୟରେ ଆଧୁନିକ ଜ୍ଞାନକୌଶଳ ଓ ଉନ୍ନତ ଯନ୍ତ୍ରପାତିର ବ୍ୟବହାର କରିବା ନେଇ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଗୁରୁତ୍ୱ ଦେଇଥିଲେ। ବୈଠକରେ କ୍ରୀଡ଼ା ବିଭାଗର କମିଶନର ତଥା ଶାସନ ସଚିବ ସଚିନ୍ ରାମଚନ୍ଦ୍ର ଯାଦବ, ଇଆଇସି (ସିଭିଲ୍) ସତ୍ୟବ୍ରତ ବେହେରା, ଓବିସିସି ଏମ୍‌ଡି ସମୀର୍ ହୋତା, ମୁଖ୍ୟଯନ୍ତ୍ରୀ (ବିଲ୍ଡିଂ) ପ୍ରିୟବ୍ରତ ସାମନ୍ତରାୟ, କ୍ରୀଡ଼ା ବିଭାଗର ଅତିରିକ୍ତ ଶାସନ ସଚିବ ବିଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# କାନ୍‌ପୁରରେ ଆଜିଠୁ ଓଡ଼ିଶା-ଉତ୍ତର ପ୍ରଦେଶ


କାନ୍‌ପୁରର ଗ୍ରୀନ୍‌ପାର୍କରେ ଶୁକ୍ରବାର ଓଡ଼ିଶା ଖେଳାଳିଙ୍କ ଅଭ୍ୟାସ।

## ରଣ୍‌ଜୀ ଟ୍ରଫି

**ଭୁବନେଶ୍ୱର, ୨୪।୧୦ (ତପନ ସ୍ୱାଇଁ)**

ଚଳିତ ରଣଜୀ ଟ୍ରଫି କ୍ରିକେଟ ସିଜନରେ ଓଡ଼ିଶା ଏହାର ଦ୍ୱିତୀୟ ମ୍ୟାଚ ଶୁକ୍ରବାରଠାରୁ ଉତ୍ତର ପ୍ରଦେଶ ବିପକ୍ଷରେ ଖେଳିବ। କାନ୍‌ପୁରର ଗ୍ରୀନ୍‌ପାର୍କରେ ଏହି ମ୍ୟାଚ ଅନୁଷ୍ଠିତ ହେବ। ଏଲିଟ ଗ୍ରୁପ୍ ‘ଏ’ରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ ବରୋଦା ନିକଟରୁ ୭ ଉଇକେଟରେ ହାରି ସାରିଛି। ଜଣେ ଦୁଇଜଣ ଖେଳାଳିଙ୍କ ବ୍ୟକ୍ତିଗତ ପ୍ରଦର୍ଶନକୁ ଛାଡ଼ିଦେଲେ ଉଭୟ ବ୍ୟାଟିଂ ଓ ବୋଲିଂ ବିଭାଗରେ ଓଡ଼ିଶା ଫେଲ୍ ମାରିଛି। ପ୍ରଥମ ଇନିଂସରେ ୨୭୧ ରନ କରିଥିବା ଓଡ଼ିଶା ଦ୍ୱିତୀୟ ଇନିଂସରେ ମାତ୍ର ୧୭୪ ରନରେ ଅଲ୍‌ଆଉଟ ହେବା ଲଜ୍ଜାଜନକ ସ୍ଥିତି ସୃଷ୍ଟି କରିଥିଲା। ଫଳରେ ଘରୋଇ ପରିବେଶରେ ଖେଳିଥିଲେ ହେଁ ଡ୍ର ରଖିବା ମ୍ୟାଚରେ ଓଡ଼ିଶା ପରାଜୟ ସ୍ୱୀକାର କରିଥିଲା। ତେଣୁ ପଡ଼ିଆ ଭିତର ଓ ବାହାର ରଣନୀତିରେ ଓଡ଼ିଶା ବିଫଳ ରହିଥିବା ସ୍ପଷ୍ଟ ବାରି ହୋଇପଡ଼ିଥିଲା। ଅନ୍ୟପକ୍ଷରେ ଉତ୍ତର ପ୍ରଦେଶ କାନ୍‌ପୁରରେ ଆନ୍ଧ୍ର ପ୍ରଦେଶ ବିପକ୍ଷ ମ୍ୟାଚ ଡ୍ର’ ରଖି ଅଭିଯାନ ଆରମ୍ଭ କରିଛି। ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଉତ୍ତର ପ୍ରଦେଶ ୩ ପଏଣ୍ଟ ପାଇଥିଲା। ଆନ୍ଧ୍ର ପ୍ରଦେଶର ପ୍ରଥମ ଇନିଂସ ୪୭୦ ରନ ଜବାବରେ ଉତ୍ତର ପ୍ରଦେଶ ଅନ୍ତିମ ଦିବସରେ ୮ ଉଇକେଟ ହରାଇ ୪୭୧ ରନ କରିବା ସହ ମ୍ୟାଚକୁ ବନ୍ଦ ରଖାଯାଇଥିଲା। ଏହି ମ୍ୟାଚରେ ରିଙ୍କୁ ସିଂ ୧୭୩ ବଲ୍‌ରୁ ୧୬୫ ରନରେ ଅପରାଜିତ ରହି ଉତ୍ତର ପ୍ରଦେଶକୁ ଇନିଂସ ଅଗ୍ରଣୀ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମାଧବ କୌଶିକ ଓ ଆର୍ଯ୍ୟନ ଜୁୟାଲ ଅର୍ଦ୍ଧଶତକ ହାସଲ କରିଥିଲେ। ସେହିପରି ଉତ୍ତର ପ୍ରଦେଶ ବୋଲରଙ୍କ ମଧ୍ୟରେ ଭିପ୍ରଜ ନିଗମ ୪ ଉଇକେଟ ଅକ୍ତିଆର ସହ ସିଜନ ଆରମ୍ଭ କରିଛନ୍ତି।

ରେକର୍ଡ ଦେଖିବାକୁ ଗଲେ ନିକଟ ଅତୀତରେ ଉତ୍ତର ପ୍ରଦେଶ ବିପକ୍ଷରେ ଓଡ଼ିଶାର ପ୍ରଦର୍ଶନ ଭଲ ରହିନାହିଁ। ଉଭୟ ଦଳ ମଧ୍ୟରେ ଅନୁଷ୍ଠିତ ଶେଷ ୫ ମ୍ୟାଚ ମଧ୍ୟରୁ ଉତ୍ତର ପ୍ରଦେଶ ୨ଟିରେ ଜିତିଛି, ଅନ୍ୟ ୩ଟି ମ୍ୟାଚ ଡ୍ର ରହିଛି। ଶେଷଥର ପାଇଁ ୨୦୨୩ ଜାନୁଆରୀ ୧୭ରୁ ୨୦ ମଧ୍ୟରେ ଉଭୟ ଦଳ ମଧ୍ୟରେ ମ୍ୟାଚ ମେରୁଟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚଟି ଡ୍ର ରହିଥିବାବେଳେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଉତ୍ତର ପ୍ରଦେଶ ୩ ପଏଣ୍ଟ ପାଇଥିଲା।

ଓଡ଼ିଶା ଦଳ: ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ (ଉପ-ଅଧିନାୟକ), ଗୌରବ ଚୌଧାରୀ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ, ରାଜେଶ ଧୂପର, ଅନିଲ ପରିଡ଼ା, ସମ୍ବିତ ଏସ୍. ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ତରନୀ ସା’, ତାପସ ଦାସ।

ଉତ୍ତର ପ୍ରଦେଶ ଦଳ: କରନ ଶର୍ମା (ଅଧିନାୟକ), ଅଭିଷେକ ଗୋସ୍ୱାମୀ, ମାଧବ କୌଶିକ, ଆର୍ଯ୍ୟନ ଜୁୟାଲ, ରିଙ୍କୁ ସିଂ, ପ୍ରିୟମ ଗର୍ଗ, ଆରାଧ୍ୟା ଯାଦବ, ଭିପ୍ରଜ ନିଗମ, ଶିବମ୍ ଶର୍ମା, ଶିବମ୍ ମାଭି, ଆକ୍ୱିବ ଖାଁ, ସିଦ୍ଧାର୍ଥ ଯାଦବ, ପ୍ରଶାନ୍ତ ବୀର, ବିଜୟ କୁମାର, ଆଦିତ୍ୟ ଶର୍ମା, ବୈଭବ ଚୌଧାରୀ, କୁନାଲ ତ୍ୟାଗି।

# ଜୁନିୟର ହକି ବିଶ୍ୱକପ୍‌ରୁ ପାକିସ୍ତାନ ଓହରିଲା

**ନୂଆଦିଲ୍ଲୀ, ୨୪।୧୦ (ପି.ଟି.)**

ଭାରତରେ ନଭେମ୍ବର-ଡିସେମ୍ବରରେ ହେବାକୁଥିବା ଜୁନିୟର ହକି ବିଶ୍ୱକପ୍‌ରୁ ଓହରିଯାଇଛି ପାକିସ୍ତାନ। ପାକିସ୍ତାନ ହକି ମହାସଂଘ(ପିଏଚ୍‌ଏଫ୍) ଏହାର ନିଷ୍ପତ୍ତି ସମ୍ପର୍କରେ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍)କୁ ଅବଗତ କରାଇଛି। ଏଫ୍‌ଆଇଏଚ୍ ତରଫରୁ ଶୁକ୍ରବାର ଏବିଷୟରେ ସ୍ପଷ୍ଟ କରିଦିଆଯାଇଛି। ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଚେନ୍ନାଇ ଓ ମଦୁରାଇରେ ହେବାକୁଥିବା ଏହି ଇଭେଣ୍ଟରେ ପାକିସ୍ତାନ ବଦଳରେ କେଉଁ ଦଳ ଖେଳିବ, ତାହା ଶୀଘ୍ର ଘୋଷଣା କରାଯିବ ବୋଲି ଏଫ୍‌ଆଇଏଚ୍ କହିଛି। ପ୍ରତିଯୋଗିତାର ଗ୍ରୁପ୍ ‘ବି’ରେ ଭାରତ, ଚିଲି ଓ ସୁଇଜରଲାଣ୍ଡ ସହ ପାକିସ୍ତାନ ସ୍ଥାନ ପାଇଥିଲା। ପାକିସ୍ତାନ ସ୍ଥାନରେ କେଉଁ ଦଳକୁ ଗ୍ରୁପ୍ ‘ବି’ରେ ସ୍ଥାନ ମିଳୁଛି ତାହାକୁ ଅପେକ୍ଷା କରାଯାଇଛି। ପାକିସ୍ତାନ ଏହାକୁ ମିଶାଇ ଭାରତରେ ଅନୁଷ୍ଠିତ ଦ୍ୱିତୀୟ ଇଭେଣ୍ଟରୁ ଓହରିଲା। ଏହାପୂର୍ବରୁ ଚଳିତବର୍ଷ ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୭ପର୍ଯ୍ୟନ୍ତ ବିହାରର ରାଜଗିରିରେ ଅନୁଷ୍ଠିତ ପୁରୁଷ ଏସିଆ କପ୍‌ରୁ ମଧ୍ୟ ପାକିସ୍ତାନ ଓହରି ଯାଇଥିଲା। ଏପ୍ରିଲ ୨୨ରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତର ଅପରେଶନ ସିନ୍ଦୂର କାର୍ଯ୍ୟାନୁଷ୍ଠାନ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ କ୍ରୀଡ଼ା ସମ୍ପର୍କରେ ତିକ୍ତତା ଦେଖାଦେଇଛି। ଭାରତ ସରକାର ନିକଟରେ ଏକ ନୂଆ ନୀତି ଗ୍ରହଣ କରିଛନ୍ତି। ତଦନୁସାରେ ପାକିସ୍ତାନ ସହ ଦ୍ୱିପାକ୍ଷିକ କ୍ରୀଡ଼ାକୁ ବନ୍ଦ ରଖାଯାଇଛି, କିନ୍ତୁ ବହୁରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଭାରତ ଅଂଶଗ୍ରହଣ କରିବ। ନିକଟରେ ଅନୁଷ୍ଠିତ ଏସିଆକପ୍‌ରେ ଭାରତ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପାକିସ୍ତାନ ପ୍ରତିପକ୍ଷଙ୍କ ସହ କରମର୍ଦ୍ଦନ କରିବାକୁ ମନା କରିଦେଇଥିଲେ।

### ହକି ଇଣ୍ଡିଆକୁ ଜଣାନାହିଁ

କୌତୂହଳର ଟୁର୍ନାମେଣ୍ଟରୁ ପାକିସ୍ତାନ ଓହରିଯିବା ଲାଗି ନିଷ୍ପତ୍ତି ନେଇଥିବା ବିଷୟରେ ହକି ଇଣ୍ଡିଆ ପାଖରେ କୌଣସି ଖବର ନାହିଁ। ହକି ଇଣ୍ଡିଆ ସେକ୍ରେଟାରୀ ଜେନେରାଲ ଭୋଳାନାଥ ସିଂ କହିଛନ୍ତି, ଦେଢ଼ ମାସ ପୂର୍ବେ ସେ ପାକିସ୍ତାନ ହକି ମହାସଂଘ ଅଫିସିଆଲଙ୍କ ସହ ଆଲୋଚନା କରିଥିଲେ। ସେମାନେ ଜୁନିୟର ହକି ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପାକିସ୍ତାନ ଟୁର୍ନାମେଣ୍ଟରୁ ଓହରିଯାଇଥିବା ବିଷୟ ଏବେ ଏଫ୍‌ଆଇଏଚ୍‌ଠାରୁ ଶୁଣିବାକୁ ମିଳୁଛି ବୋଲି ସେ କହିଛନ୍ତି।

## ବାଗ୍‌ନିଶଙ୍କ ସ୍ୱେଚ୍ଛାକୃତ ସାମୟିକ ନିଲମ୍ବନ ନିଷ୍ପତ୍ତି

**ଲଣ୍ଡନ, ୨୪।୧୦ (ଏପି):** ଆର୍ଜେଣ୍ଟିନା ଟେନିସ ଖେଳାଳି ଫାକୁଣ୍ଡୋ ବାଗ୍‌ନିସ ଏକ ଆଣ୍ଟି ଡୋପିଙ୍ଗ ମାମଲାରେ ସ୍ୱେଚ୍ଛାକୃତ ସାମୟିକ ନିଲମ୍ବନ ପାଳନ ନିଷ୍ପତ୍ତି ନେଇଛନ୍ତି। ୟୁଏସ୍ ଓପନ କ୍ୱାଲିଫାଇଂ ବେଳେ ୩୫ବର୍ଷୀୟ ବାଗନିସଙ୍କ ଡୋପ୍ ଟେଷ୍ଟ ହୋଇଥିଲା।

## ମହିଳା ବିଶ୍ୱକପ୍

### ଶ୍ରୀଲଙ୍କା-ପାକିସ୍ତାନ ମ୍ୟାଚ ବାତିଲ

**କଲମ୍ବୋ, ୨୪।୧୦ (ପି.ଟି.):** ବର୍ଷା ଯୋଗୁ ଶୁକ୍ରବାର ଶ୍ରୀଲଙ୍କା ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ଆଇସିସି ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍ ମ୍ୟାଚକୁ ଅଧାରୁ ବାତିଲ କରିଦିଆଯାଇଛି। ଏହି ଭେନ୍ୟୁରେ ବର୍ଷା କାରଣରୁ ବିନା ଫଳାଫଳରେ ଶେଷ ହୋଇଥିବା ଏହା ହେଉଛି ୫ମ ମ୍ୟାଚ। ଭାରତ ସହିତ ଚଳିତ ରାଜନୈତିକ ଉତ୍ତେଜନା ପାଇଁ ପାକିସ୍ତାନକୁ ନେଇ ମ୍ୟାଚଗୁଡ଼ିକ ଆର୍. ପ୍ରେମାଦାସା ଷ୍ଟାଡିୟମରେ ଆୟୋଜନ କରାଯାଇଛି। କହିବାକୁ ଗଲେ ଟୁର୍ନାମେଣ୍ଟର ଅଧିକାଂଶ ମ୍ୟାଚ ଶ୍ରୀଲଙ୍କାରେ ଖେଳାଯାଉଛି। ମ୍ୟାଚ ବାତିଲ ନିଷ୍ପତ୍ତି ନେବା ପୂର୍ବରୁ ଦୁଇ ଫିଲ୍ଡ ଅମ୍ପାୟର ଉଭୟ କ୍ୟୁରେଟର ଓ ତୃତୀୟ ଅମ୍ପାୟରଙ୍କ ସହିତ ଆଲୋଚନା କରିଥିଲେ। ବର୍ଷା ଯୋଗୁ ମ୍ୟାଚ ସ୍ଥଗିତ ରଖାଯିବା ବେଳକୁ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ଦଳ ୪.୨ ଓଭରରେ ବିନା କୌଣସି ଉଇକେଟରେ ୧୮ରନ କରିଥିଲା। ବର୍ଷା ଯୋଗୁ ୩ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପରେ ଖେଳ ଆରମ୍ଭ ହେବାରୁ ମ୍ୟାଚକୁ ୩୪ ଓଭର ବିଶିଷ୍ଟ କରାଯାଇଥିଲା।







1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ